ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୩/୨୦୨୩ (୧୪ ପୃଷ୍ଠା) Bhubaneswar, Monday, February 13/2023 Page 14 ₹ 7.00 SAMBALPUR
୪୯ଶ ଭାଗ ୮୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 81 ମୂଲ୍ୟ₹୭/-



**ଜେମିମା ପ୍ଲେୟର ଅଫ୍ ଦି ମ୍ୟାଚ**
ପାକିସ୍ତାନ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଭାରତର ଜେମିମା ରୋଡ୍ରିଗୁଏଜ୍।
୧୨

୧୧
**ଟେକ ରଖିଲେ ମାଧବନଙ୍କ ପୁଅ**
ବଲିଉଡ ଅଭିନେତା ଆର. ମାଧବନଙ୍କ ପୁଅ ବେଦାନ୍ତ ସନ୍ତରଣରେ ୫ଟି ସ୍ୱର୍ଣ୍ଣ ପଦକ ଏବଂ ଦୁଇଟି ରୌପ୍ୟ ପଦକ ଜିତି ବାପାଙ୍କ ଟେକ ରଖିଛନ୍ତି।



# ବୋଲ ମାନିଲେ ରାଜ୍ୟପାଳ: କଂଗ୍ରେସ

## ଜଷ୍ଟିସ୍ ନାଜିରଙ୍କୁ ଆନ୍ଧ୍ରରେ ନିଯୁକ୍ତି

ନୂଆଦିଲ୍ଲୀ,୧୨।୨
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ପାଇଁ କାମ କରୁଛନ୍ତି। ଯେଉଁମାନେ ମୋଦିଙ୍କ ପାଇଁ କାମ କରୁଛନ୍ତି, ସେମାନଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି ମିଳୁଛି ବୋଲି ରବିବାର କଂଗ୍ରେସ ଟାର୍ଗେଟ କରିଛି। ବିମୁଦ୍ରୀକରଣ, ତିନି ତଲାକ୍, ପ୍ରିଭେସି ଓ ଅଯୋଧ୍ୟା ବିବାଦ ଭଳି ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଅନେକ ମାମଲାର ରାୟ ଦେଇଥିବା ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ୍ ଏସ୍. ଅବ୍ଦୁଲ ନାଜିର ଜାନୁୟାରୀ ୪ରେ ଅବସର ନେବା ପରେ ରବିବାର ତାଙ୍କୁ କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଭାବେ ନିଯୁକ୍ତି ପ୍ରଦାନ କରିଥିବାରୁ କଂଗ୍ରେସ ଏହି ଅଭିଯୋଗ ଆଣିଛି।

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ନାଜିରଙ୍କୁ ଆନ୍ଧ୍ର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯିବା ପରେ ବିରୋଧୀ କଂଗ୍ରେସ ଓ ଶାସକ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଏହି ଅବସରରେ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଅଭିଷେକ ମନୁ ସିଂଘଭି ପୂର୍ବତନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟ୍‌ଲୀଙ୍କ ୨୦୧୨ର ଏକ ଭିଡିଓକୁ ଟୁଇଟରରେ ପୋଷ୍ଟ କରିଛନ୍ତି। ଅବସର ପୂର୍ବ ରାୟଗୁଡ଼ିକ ଅବସର ପରବର୍ତ୍ତୀ ନିଯୁକ୍ତି ଦ୍ୱାରା ପ୍ରଭାବିତ ବୋଲି ଏଥିରେ ଜେଟ୍‌ଲୀ କହୁଥିବା ଦେଖିବାକୁ ମିଳିଛି। ଗତ ୩-୪ ବର୍ଷ ମଧ୍ୟରେ ଜେଟ୍‌ଲୀଙ୍କ ମନ୍ତବ୍ୟର ଯଥେଷ୍ଟ ପ୍ରମାଣ ମିଳିସାରିଥିବା ରମେଶ ଟୁଇଟ୍ କରିଛନ୍ତି। ଜଷ୍ଟିସ୍ ନଜିର ନିଜ କାର୍ଯ୍ୟକାଳରେ ଅନେକ ସମ୍ବେଦନଶୀଳ ମାମଲାର ରାୟ ଦେଇଥିଲେ, ଯାହାକି ରାଜନୈତିକ ଦୃଷ୍ଟିରୁ ଅତି ସମ୍ବେଦନଶୀଳ ଥିଲା। ସେଗୁଡ଼ିକ ହେଲା ଅଯୋଧ୍ୟା ଜମି ବିବାଦ, ତିନି ତଲାକ, ବିମୁଦ୍ରୀକରଣ ଓ ପ୍ରିଭିସିକୁ ମୌଳିକ ଅଧିକାର ଘୋଷଣା। ୨୦୧୭ ଫେବୃୟାରୀ ୧୭ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ନାଜିର ଅନେକ ସାମ୍ବିଧାନିକ ପୀଠରେ ସାମିଲ ଥାଇ ୨୦୧୬ରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ କେନ୍ଦ୍ର ସରକାର ଅଚଳ କରିବା ସପକ୍ଷରେ ରାୟ ଦେଇଥିଲେ। ସେହିପରି ସରକାରୀ ନିଯୁକ୍ତିରେ ମରାଠାମାନଙ୍କୁ ସଂରକ୍ଷଣ, ଅଭିବ୍ୟକ୍ତି ସ୍ୱାଧୀନତାକୁ ମୌଳିକ ଅଧିକାର ଭାବେ ଅଭିହିତ କରିବା ଏବଂ ଉଚ୍ଚପଦସ୍ଥ ନେତା ଓ ଅଧିକାରୀଙ୍କ ବାକ୍ ସ୍ୱାଧୀନତା ଉପରେ ରାୟ ଦେଇଥିଲେ। ୨୦୧୯ ନଭେମ୍ବରରେ ୫ ଜଣିଆ ସାମ୍ବିଧାନିକ ପୀଠ ଅଯୋଧ୍ୟା ଜମି ବିବାଦ ମାମଲାର ରାୟରେ ରାମମନ୍ଦିର ନିର୍ମାଣର ପଥ ସୁଗମ କରିବା ସହ ସୁନ୍ନି ୱାକ୍‌ଫ ବୋର୍ଡକୁ ମସ୍‌ଜିଦ ନିର୍ମାଣ ଲାଗି ୫ ଏକର ପରିମିତ ଏକ ପ୍ଲଟ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କୁ ସୁହାଇଲା ଭଳି ରାୟ ଦେଇଥିବାରୁ ଜଷ୍ଟିସ୍ ନଜିରଙ୍କୁ ପୁରସ୍କାର ସ୍ୱରୂପ ରାଜ୍ୟପାଳ ପଦବୀ ଦିଆଯାଇଛି ବୋଲି କଂଗ୍ରେସ ଏମ୍‌ପି ମାଣିକମ୍ ଟେଗୋର କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ରଶିଦ୍ ଅଲ୍‌ଭି କହିଛନ୍ତି, ବିଚାରପତିମାନଙ୍କୁ ସରକାରୀ ନିଯୁକ୍ତି ଦିଆଯିବା ଦୁର୍ଭାଗ୍ୟଜନକ। ଏକ ରିପୋର୍ଟ ଅନୁସାରେ ସରକାର ପ୍ରାୟ ୫୦% ଅବସରପ୍ରାପ୍ତ ବିଚାରପତିଙ୍କୁ ବିଭିନ୍ନ ପଦପଦବୀରେ ଥଇଥାନ କରୁଥିବାରୁ ନ୍ୟାୟପାଳିକା ପ୍ରତି ଲୋକଙ୍କ ଆସ୍ଥା କମିବାରେ ଲାଗିଛି। ଏହା ପୂର୍ବରୁ ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କୁ ସରକାର ରାଜ୍ୟ ସଭାରେ ଆସନ ଦେଇଛନ୍ତି। ନ୍ୟାୟପାଳିକା ସ୍ୱାଧୀନ ଓ ନିରପେକ୍ଷ ହେବା ଉଚିତ ବୋଲି ଅଲ୍‌ଭି ମତ ଦେଇଛନ୍ତି। ପ୍ରକାଶ ଯେ, ପୂର୍ବତନ ସିଜେଆଇ ପି. ସଥାଶିବମ୍‌ଙ୍କୁ ୨୦୧୪ରେ ଏନ୍‌ଡିଏ ସରକାର କେରଳ ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଥିଲେ। ସୁପ୍ରିମକୋର୍ଟର ପ୍ରଥମ ମହିଳା ବିଚାରପତି ଜଷ୍ଟିସ୍ ଫତିମା ବିବି ୧୯୯୨ରେ ଅବସର ନେବା ପରେ ୧୯୯୭ରୁ ୨୦୦୧ ପର୍ଯ୍ୟନ୍ତ ତାମିଲନାଡୁ ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେତେବେଳେ ଏଚ୍.ଡି. ଦେବେଗୌଡ଼ା ପ୍ରଧାନମନ୍ତ୍ରୀ ଥିଲେ।


ଜଷ୍ଟିସ୍ ଏସ୍. ଅବ୍ଦୁଲ ନାଜିର


ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ୍ ପରିସରରେ ରବିବାର ଉଦ୍‌ଘାଟିତ 'ସ୍ପେସ୍ ଅନ୍ ହୁଇଲ୍' ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ଏକ ପ୍ରକଳ୍ପ। **(ଫଟୋ- ବିକାଶ)**

# ଭାରତର ଲିଥିୟମ ନିର୍ଭରଶୀଳତା କମିବ

- **କଶ୍ମୀରରେ ଲିଥିୟମ ଖଣିର ସନ୍ଧାନ**
- **୫.୯ ନିୟୁତ ଟନ୍ ମହଜୁଦ୍**
- **ବ୍ୟବହାରଯୋଗ୍ୟ କରିବା ପାଇଁ ୧୦ ବର୍ଷ ଲାଗିବ**

ନୂଆଦିଲ୍ଲୀ,୧୨।୨
ଭାରତ ଲିଥିୟମ ପାଇଁ ବାହାର ଦେଶ ଉପରେ ନିର୍ଭର କରିଆସୁଥିବାବେଳେ ଦେଶର ପ୍ରଥମ ଲିଥିୟମ ଖଣି ଜମ୍ମୁ-କଶ୍ମୀରର ରିଆସି ଜିଲାରେ ଠାବ ହେବା ଗୁରୁତ୍ୱପୂର୍ଣ୍ଣ ଘଟଣା। ସ୍ୱଚ୍ଛ ଇନ୍ଧନକୁ ଆପଣାଇବା ଯୋଜନା ରଖିଥିବା ଏବଂ ବିଦ୍ୟୁତଚାଳିତ ଯାନ ବ୍ୟବହାର ବଢ଼ାଉଥିବା ଭାରତ ପାଇଁ ଲିଥିୟମ ଖଣିର ସନ୍ଧାନ ଅନେକ ଆଶା ସଞ୍ଚାର କରିଛି। ଜମ୍ମୁ-କଶ୍ମୀରରେ ଠାବ ହୋଇଥିବା ଖଣିରେ ୫.୯ ନିୟୁତ ଟନ୍ ଲିଥିୟମ ରହିଥିବା କୁହାଯାଉଛି। ଏହା ଏକ ବିରଳ ତଥା ଅତ୍ୟଧିକ ତେଜସ୍କ୍ରିୟ ଖଣିଜ ପଦାର୍ଥ। ଏହା ହାଲୁକା ଏବଂ ସ୍ୱଳ୍ପ ସ୍ଥାନରେ ପ୍ରଚୁର ପରିମାଣର ଶକ୍ତିକୁ ଗଚ୍ଛିତ କରି ରଖାଯାଇପାରୁଥିବାରୁ ବ୍ୟାଟେରିରେ ଏହାକୁ ମୁଖ୍ୟ ଉପାଦାନ ଭାବେ ବ୍ୟବହାର କରାଯାଇଥାଏ।

କାର୍ବନ ଉତ୍ସର୍ଜନ କମାଇବା ନିମନ୍ତେ ବିଶ୍ୱବ୍ୟାପୀ ଦେଶଗୁଡ଼ିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିଥିବାବେଳେ ସ୍ୱଚ୍ଛ ଇନ୍ଧନ ଦିଗରେ ଅଧିକାଂଶ ରାଷ୍ଟ୍ର ଅଗ୍ରସର ହେଉଛନ୍ତି। ଏଥିପାଇଁ ଶକ୍ତି ଗଚ୍ଛିତ ☞ପୃଷ୍ଠା-୪

## ଆଜି ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୧୨।୨(ବ୍ୟୁରୋ): ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ଅନୁଷ୍ଠିତ ହେବ। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅପରାହ୍ନ ୫ଟା ୪୫ ମିନିଟ୍‌ରେ ଏହି ବୈଠକ ଅନୁଷ୍ଠିତ ହେବ। ବୈଠକରେ ୧୨ରୁ ଅଧିକ ପ୍ରସ୍ତାବ ଉପରେ ମୋହର ଲାଗିବ। ☞ପୃଷ୍ଠା-୪

## ଧରଣୀଧର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା

କେନ୍ଦୁଝର,୧୨।୨ (ସ୍ୱ.ପ୍ର.): କେନ୍ଦୁଝରସ୍ଥିତ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ (ଡିଡି କଲେଜ)କୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ର ଧାରା ୩୨ର ଉପଧାରା (୧), (୨) ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଲୋଭର ଅନ୍ତ ନାହିଁ**









# ମହାକାଶ ବିଜ୍ଞାନ ସମ୍ପର୍କରେ ଜାଣିବାର ସୁଯୋଗ

## 'ସ୍ପେସ୍ ଅନ୍ ହୁଇଲ୍' ପ୍ରଦର୍ଶନୀ ଉଦ୍‌ଘାଟିତ

- ବିଜ୍ଞାନ ଜିଜ୍ଞାସା ପୂରଣରେ ସହାୟକ ହେବ: ମନ୍ତ୍ରୀ
- ଆଜି ସମସ୍ତ ରୂପାନ୍ତରିତ ସ୍କୁଲରେ ସିଧାପ୍ରସାରଣ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ)ର ଅନ୍ତରୀକ୍ଷ ଉପଯୋଗ କେନ୍ଦ୍ର(ଏସ୍ଏସି)-ବିକ୍ରମ ସରାଭାଇ ମହାକାଶ ପ୍ରଦର୍ଶନୀ(ଭିଏସ୍ଏସ୍ଇ), ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ କ୍ୟାପିଟାଲ ହାଇସ୍କୁଲ୍ ପରିସରରେ ଆରମ୍ଭ ହୋଇଛି 'ସ୍ପେସ୍ ଅନ୍ ହୁଇଲ୍' ପ୍ରଦର୍ଶନୀ। ରବିବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମହାକାଶ ଓ ମହାକାଶ ବିଜ୍ଞାନ ସମ୍ପର୍କରେ ଜ୍ଞାନ ଆହରଣ ନିମନ୍ତେ ଏହି ପ୍ରଦର୍ଶନୀ ସୁଯୋଗ ଦେଇଛି। ଛାତ୍ରୀଛାତ୍ରଙ୍କ ବିଜ୍ଞାନ ସମ୍ପର୍କିତ ଜିଜ୍ଞାସା ପୂରଣ ଦିଗରେ ଏହା ଯଥେଷ୍ଟ ସହାୟକ ହେବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏହି ପ୍ରଦର୍ଶନୀ ବିଦ୍ୟାର୍ଥୀଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ। ଏହି ତିନିଦିନିଆ ପ୍ରଦର୍ଶନୀରେ ସ୍ଥାନୀୟ ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର ଯୋଗଦେଇ 'ଇସ୍ରୋ'ର କାର୍ଯ୍ୟକ୍ରମ ଓ ମହାକାଶ ବିଜ୍ଞାନ ସମ୍ପର୍କରେ ଅବଗତ ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। 'ଇସ୍ରୋ'ର ଗ୍ରୁପ୍ ଡାଇରେକ୍ଟର ଡ. ପରୁଲ୍ ପଟେଲ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦେଶରେ ବିଜ୍ଞାନର ଅଗ୍ରଗତି ଏବଂ ଜୀବନରେ ବିଜ୍ଞାନର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏପରି ପ୍ରଦର୍ଶନୀରେ ଛାତ୍ରୀଛାତ୍ର ସାମିଲ ହେବା ସହିତ 'ଇସ୍ରୋ'ରୁ ଆସିଥିବା ବୈଜ୍ଞାନିକଙ୍କଠାରୁ ଆବଶ୍ୟକ ଜ୍ଞାନ ଆହରଣ ସହ ବିଜ୍ଞାନ ବା ମହାକାଶ ବିଜ୍ଞାନ ସଂକ୍ରାନ୍ତ ସନ୍ଦେହ ଦୂର କରିପାରିବେ। ସୋମବାର ରାଜ୍ୟର ୩,୯୦୬ଟି ୫-'ଟି' ରୂପାନ୍ତରିତ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀକୁ ଦେଖିପାରିବେ। ଏ ସମସ୍ତ ସ୍କୁଲରେ 'ୟୁ-ଟ୍ୟୁବ୍ ଲାଇଭ୍' ମାଧ୍ୟମରେ ସିଧାପ୍ରସାରଣ ବ୍ୟବସ୍ଥା କରାଯାଉଛି ବୋଲି ଜିଲାପାଳ କହିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ କୁମାର ରାଉତ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀ ତଥା ବିଜ୍ଞାନକୁ ନେଇ ମତ ରଖିଥିଲେ। ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସରେ ପ୍ରାୟ ୧,୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଏକ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକ ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ପରିଦର୍ଶନ କରି ମହାକାଶ ବିଜ୍ଞାନ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ। ସୋମବାର ଛାତ୍ରୀଛାତ୍ରଙ୍କ ପାଇଁ ଏହି ପ୍ରଦର୍ଶନୀ ସକାଳ ୯ଟା ୩୦ରୁ ଅପରାହ୍ନ ୪ଟା ଏବଂ ମଙ୍ଗଳବାର ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲାରହିବ। ସୋମବାର ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଏହି ପ୍ରଦର୍ଶନୀ ଖୋଲା ରହିବ ବୋଲି ସୂଚନା ଦିଆଯାଇଛି।

# ୨ ପର୍ଯ୍ୟଟକଙ୍କ ସମେତ ୩ ମୃତ: ୧୩ ଆହତ

ପୁରୀ ଅଫିସ, ୧୨।୨

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ର ମୁଦୁଲି ଛକଠାରେ ରବିବାର ବାଇକ୍, ଅଟୋ ଓ ଟାଭେରା ମଧ୍ୟରେ ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ଅଟୋଚାଳକ ଓ ୨ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାବେଳେ ୧୩ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତ ଅଟୋ ଡ୍ରାଇଭର ହେଲେ ପୁରୀ ପେଣ୍ଠକଟା ଧୋବାଖାଲ ଅଞ୍ଚଳର ରାଜେଶ ରେଡ୍ଡୀ। ସେହିପରି ଦୁର୍ଘଟଣାରେ ଆନ୍ଧ୍ରପ୍ରଦେଶ ଚିତ୍ତୋର ଜିଲାର ୫୦ବର୍ଷୀୟା ଆମୁଲୁଙ୍କ ଜୀବନ ଯାଇଛି। ଅନ୍ୟପଟେ ପୁରୀରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର ହେଉଥିବାବେଳେ ଅନ୍ୟ ଜଣେ ପର୍ଯ୍ୟଟକ ପିପିଲି ନିକଟରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ତେବେ ତାଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ମେରାଇନ୍ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶର ଚିତ୍ତୋର ଓ ନେଲୋର୍ ଜିଲାରୁ ପ୍ରାୟ ୮ଜଣ ପର୍ଯ୍ୟଟକ କୋଣାର୍କ ବୁଲିବାକୁ ଆସିଥିଲେ। ସେମାନେ ପ୍ରଥମେ କୋଣାର୍କରେ ସୂର୍ଯ୍ୟମନ୍ଦିର ବୁଲି ଦେଖିଥିଲେ। ପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଳାଭୂମି ବୁଲିବାକୁ ଏକ ଅଟୋ (ନଂ. ଓଡି ୧୩ ଡି-୨୦୬୬) ଯୋଗେ ପୁରୀ ଆସୁଥିଲେ। ସେହିପରି ଏକ ବାଇକ୍ (ନଂ. ଓଡି ୦୨ ଜି-୦୫୦୯)ରେ କୋଣାର୍କ ମାଧିପୁର ଅଞ୍ଚଳର ବାଦଲ ରାଉତ ତାଙ୍କ ପୁଅ ବିଶାଲଙ୍କୁ ନେଇ ପୁରୀ ଅଭିମୁଖେ ଆସୁଥିଲେ। ବିଶାଲ ପୁରୀର ଏକ ସ୍କୁଲରେ ନବମ ଶ୍ରେଣୀରେ ପଢନ୍ତି। ଅନ୍ୟପଟେ ଏକ ଟାଭେରା (ନଂ. ଓଆର୍ ୧୩ ଜି-୯୦୬୦)ରେ କେତେଜଣ ବଙ୍ଗୀୟ ପର୍ଯ୍ୟଟକ ପୁରୀରୁ କୋଣାର୍କ ଅଭିମୁଖେ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୯ଟାରେ ମୁଦୁଲି ଛକଠାରେ ଉକ୍ତ ବାଇକ୍‌ର ଚକ ଫାଟିଯାଇଥିଲା। ଫଳରେ ବାଇକ୍‌ଟି ଭାରସାମ୍ୟ ହରାଇ ଅଟୋ ସହ ପିଟିହୋଇଯାଇଥିଲା। ସେହିପରି ଅଟୋଟି ନିୟନ୍ତ୍ରଣ ହରାଇ ସମ୍ମୁଖ ପଟୁ ଆସୁଥିବା ଟାଭେରା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ପ୍ରାୟ ୧୬ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅଟୋ ଡ୍ରାଇଭର ରାଜେଶ ଓ ମହିଳା ପର୍ଯ୍ୟଟକ ଆମାଲୁଙ୍କର ଜୀବନ ଚାଲିଯାଇଥିଲା। ପରେ ସଙ୍କଟାପନ୍ନ ଅବସ୍ଥାରେ ଥିବା ୩ଜଣଙ୍କୁ କଟକ ସ୍ଥାନାନ୍ତରବେଳେ ପିପିଲି ନିକଟରେ ଜଣଙ୍କର ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ଲୋକେ ପ୍ରଥମେ ଦୁର୍ଘଟଣା ସମ୍ପର୍କରେ ପୋଲିସ ଏବଂ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ହସ୍ପିଟାଲରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ସମୟରେ ଟାଭେରା ଚକା ପଙ୍କ୍‌ଚର ହୋଇଯିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ଅଟୋ ଓ ବାଇକକୁ ଧକ୍କା ଦେଇଥିବା କୁହାଯାଉଛି। ଅନ୍ୟପଟେ ବ୍ୟବଚ୍ଛେଦ ପରେ ମୃତଦେହକୁ ଆମୁଲୁ ଓ ରାଜେଶଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



ଦୁର୍ଘଟଣାଗ୍ରସ୍ତ ଅଟୋ, ଟାଭେରା ଏବଂ ବାଇକ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ଆହତ।

- ପୁରୀ, କୋଣାର୍କ ବୁଲିବାକୁ ଆନ୍ଧ୍ର ଓ ପଶ୍ଚିମବଙ୍ଗରୁ ଆସିଥିଲେ
- ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ସିରିଜ୍ ଦୁର୍ଘଟଣା

# ଆଠଗଡ଼ ଜେନାପଦାରେ ଗୁଳିମାଡ଼: ୩ ଗୁରୁତର

ଆଠଗଡ଼,୧୨।୨(ସ୍ୱ.ପ୍ର.)



କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ଜେନାପଦା ମଝି ସାହିରେ ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଗୁଳିମାଡ଼ ହୋଇଛି। ଏଥିରେ ଗୋଟିଏ ପରିବାରର ୩ ସଦସ୍ୟ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଂଶୀଧର ନାୟକ, ଜିତେନ୍ଦ୍ର ନାୟକ, ଦୀନବନ୍ଧୁ ନାୟକ। ବଂଶୀଧର ଓ ଜିତେନ୍ଦ୍ର ସମ୍ପର୍କରେ ବାପ, ପୁଅ ହୋଇଥିବାବେଳେ ଦୀନବନ୍ଧୁ ସେମାନଙ୍କ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ସେମାନଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଗୁଳି ଚଳାଇଥିବା ଯୁବକଙ୍କ ଘର ତିଗିରଆ ଥାନା ଅନ୍ତର୍ଗତ ଅଚଳକୋଟ ଗ୍ରାମରେ ବୋଲି ଜଣାପଡ଼ିଛି। ସେ ବାଙ୍କୀ ଥାନା ଅନ୍ତର୍ଗତ ଘୋଳପୁର ଗ୍ରାମରେ ବାହା ହୋଇଛନ୍ତି। ଘଟଣା ପରେ ସେ ଫେରାର ହୋଇଯାଇଛନ୍ତି। ଏନେଇ ଜେନାପଦା ମଝିସାହିରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଏଡ଼ାଇବା ପାଇଁ ଫୋର୍ସ ମୁତୟନ କରିଛି। ଅନୈତିକ ସମ୍ପର୍କକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଘଟଣାର ଖବର ଲେଖାହେବାବେଳକୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ପୋଲିସ ବିଶେଷ କିଛି ସୂଚନା ଦେବାକୁ ମନା କରିଦେଇଛି।

# ମାଟ୍ରିକ, ଯୁକ୍ତ୨ ପରୀକ୍ଷା ପ୍ରସ୍ତୁତି ଶେଷ: ମନ୍ତ୍ରୀ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ମାର୍ଚ୍ଚ ୧୦ରୁ ଆରମ୍ଭ ହେବ। ଏଥିପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଥିବା ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାଟ୍ରିକ ସମ୍ମେଟିଭ୍ ଆସେସ୍‌ମେଣ୍ଟ-୧ ସୁରୁଖୁରୁରେ ପରିଚାଳନା ହୋଇଥିଲା। ତେଣୁ ସମ୍ମେଟିଭ୍ ଆସେସ୍‌ମେଣ୍ଟ-୨ ମଧ୍ୟ ଭଲରେ ଶେଷ ହେବ ବୋଲି ଆମେ ଆଶା ରଖିଛୁ। ଅଧିକାଂଶ ପରୀକ୍ଷା କେନ୍ଦ୍ର ପୂର୍ବରୁ ଯେଉଁସବୁ ସ୍ଥାନରେ ହେଉଥିଲା ସେଠାରେ ରହିଥିବାବେଳେ କିଛି ପରୀକ୍ଷା କେନ୍ଦ୍ର ବଦଳାଯାଇଛି।

ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଶେଷ ହୋଇଥିବାବେଳେ ଲିଖିତ ପରୀକ୍ଷା ଆସନ୍ତା ମାର୍ଚ୍ଚ ୧ରୁ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୫ ପର୍ଯ୍ୟନ୍ତ ଏହି ପରୀକ୍ଷା ଚାଲିବ। ଏଥିପାଇଁ ମଧ୍ୟ ପ୍ରସ୍ତୁତି ସରିଛି। ଅପରପକ୍ଷେ ଆସନ୍ତା ୨୦ ତାରିଖରେ ଆରମ୍ଭ ହେବାକୁ ଥିବା ନବମ ପରୀକ୍ଷା ପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ମାଟ୍ରିକ ପରୀକ୍ଷା ପାଇଁ ଏଥର ୧,୧୪୪ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ମନୋନୀତ କରାଯାଇଛି। ସେହିପରି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଲାଗି ପ୍ରଶ୍ନପତ୍ର ସୁରକ୍ଷାକୁ ଗୁରୁତ୍ୱ ଦେଇ ୨୦୨ଟି ହବ୍ କେନ୍ଦ୍ର ପ୍ରସ୍ତୁତ କରାଯାଇଛି। ସେହିଭଳି ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ ୩ଲକ୍ଷ ୫୮ହଜାର ୪୯୯ଜଣ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେବେ।

# କେନାଲକୁ ବାଇକ୍ ଖସି ୩ ମୃତ

କରଞ୍ଜିଆ/ଠାକୁରମୁଣ୍ଡା,୧୨।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ ହାତୀବାରିର ହୁଡ଼ିସାହିଠାରେ ଦେଓ କେନାଲ ମଧ୍ୟକୁ ଖସିପଡ଼ି ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ କରଞ୍ଜିଆ ବ୍ଲକ ତାଟୋ ପଞ୍ଚାୟତ ଅନ୍ତର୍ଗତ ଷଡ଼ଙ୍ଗୀ ଟାଇଁସିରା ଗ୍ରାମର ମୁରଲୀ ନାଏକ, ଜଗବନ୍ଧୁ ନାଏକ ଓ ବିରେଶ ନାଏକ। ଆହତ ଦେବବ୍ରତ ନାଏକଙ୍କୁ ଚିକିତ୍ସା ଲାଗି କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ରାତି ୮ଟାରେ ଗୋଟିଏ ବାଇକ୍‌ରେ ୪ ଯୁବକ ହାତୀବାରିରୁ ଖେଳ ଦେଖି ଫେରୁଥିଲେ। ହୁଡ଼ିସାହିଠାରେ ଭାରସାମ୍ୟ ହରାଇ ଦେଓ କେନାଲର ପ୍ରାୟ ୧୫ଫୁଟ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। କରଞ୍ଜିଆ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଚିଲିକାରେ ଫସିଲା ଭସାପୋଲ



କୃଷ୍ଣପ୍ରସାଦ,୧୨।୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରୁ ପୁରୀ ଯିବା ପାଇଁ ଜହ୍ନିକୁଦା-ସାତପଡ଼ା ହୋଇ ଚିଲିକା ରାସ୍ତାଟି ପାଲଟିଛି ଯାତ୍ରୀଙ୍କ ମୃତ୍ୟୁ ପଥ। ଯାତ୍ରା ବେଳେ ଯେକୌଣସି ସମୟରେ ହଠାତ୍ ଘନେଇ ଆସୁଛି ବିପଦ। କେବେ ଡଙ୍ଗା ତ କେବେ ଭସାପୋଲ ଚିଲିକାରେ ଅଟକି ଯାତ୍ରୀଙ୍କ ଚିନ୍ତା ବଢ଼ାଉଛି। ଏହି ପରିପ୍ରେକ୍ଷୀରେ ରବିବାର ମଧ୍ୟ ଯାତ୍ରୀ ନେଇ ଯାଉଥିବା ଏକ ଭସାପୋଲ ଚିଲିକାରେ ଫସିଯାଇଥିଲା। ସକାଳ ୭ଟା ୩୦ ମିନିଟରେ ୨ଟି ଯାତ୍ରୀବାହୀ ବସ୍, ୧୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ, ୧୦ଟି ବାଇକ୍ ନେଇ ଏକ ଭସାପୋଲ ସାତପଡ଼ାରୁ ଜହ୍ନିକୁଦା ଅଭିମୁଖେ ବାହାରିଥିଲା। ହେଲେ ଯିବାର ପ୍ରାୟ କିଛି ବାଟ ପରେ ଅଚାନକ ଘନ କୁହୁଡ଼ି ମାଡ଼ି ଆସିଯାଇଥିଲା। ଫଳରେ ଭସାପୋଲଟି ବାଟବଣା ହୋଇ ବ୍ରହ୍ମପୁର -ସାତପଡ଼ା ଚିଲିକା ମଝିରେ ଏକ କୁଦରେ ଫସିଯାଇଥିଲା। ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ସେଭଳି ଭସାପୋଲଟି ଥିବାବେଳେ ପରେ ଖବରପାଇ ସାତପଡ଼ାଠାରୁ ଅନ୍ୟ ଏକ ଭସାପୋଲରେ ଜେସିବି ଆସି ଫସିଯାଇଥିବା ଯାତ୍ରୀବାହୀ ଭସାପୋଲଟିକୁ ପାଣି ମଧ୍ୟକୁ ଟାଣି ଆଣିଥିଲା। ଏହିଭଳି ଘଟଣା ପ୍ରତି ମାସରେ ଘଟୁଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଜହ୍ନିକୁଦ। ଏପରିକି ସାତପଡ଼ାରୁ ଜହ୍ନିକୁଦାକୁ ନିୟମିତ ଯାତ୍ରୀ ଯାତାୟାତ କରୁଥିବାରୁ କିଛିବାଟ ପର୍ଯ୍ୟନ୍ତ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ସ୍ତ୍ରୀ, ଝିଅକୁ ମାରି ସ୍ୱାମୀଙ୍କ ଆତ୍ମହତ୍ୟା

କୋରାପୁଟ/ଲକ୍ଷ୍ମୀପୁର, ୧୨।୨(ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକରେ ରବିବାର ସନ୍ଧ୍ୟାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଗୋଟିଏ ପରିବାରର ୩ଜଣ ସଦସ୍ୟଙ୍କ ମୃତଦେହ ଗୋଟିଏ ଘର ଭିତରୁ ମିଳିଛି। ସେମାନଙ୍କ ମଧ୍ୟରେ ଗ୍ରାମର ଟଙ୍କଧର ବିଷୋୟୀଙ୍କ ପୁଅ ଲିଙ୍ଗରାଜ (୩୨) ତାଙ୍କ ସ୍ତ୍ରୀ ଜ୍ୟୋସ୍ନାରାଣୀ (୨୭) ଏବଂ ୨ବର୍ଷର ଝିଅ ରହିଛନ୍ତି। ଲିଙ୍ଗରାଜ ସ୍ତ୍ରୀ ଓ ଝିଅକୁ ମାରିବା ପରେ ନିଜେ ବେକରେ ରଶିବାନ୍ଧି ଝୁଲିପଡିଥିବା କୁହାଯାଉଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳିଯାଇଛି। ବ୍ଲକର ତାୟାପୁଟ ଗ୍ରାମରେ ଘଟିଥିବା ଏହି ଘଟଣାର ଅନୁଧ୍ୟାନ ଲାଗି କୋରାପୁଟରୁ ଏକ ସାଇଣ୍ଟିଫିକ୍ ଟିମ୍ ରାତିରେ ଲକ୍ଷ୍ମୀପୁର ଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ଲକ୍ଷ୍ମୀପୁର ଥାନା ଅଧିକାରୀ ଶ୍ୱେତପଦ୍ମା ସେଠ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଖବର ଲେଖା ହେବାଯାଏ ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସେଠ୍ କହିଛନ୍ତି। ଅତ୍ୟଧିକ ଋଣଭାର ଯୋଗୁ ଲିଙ୍ଗରାଜ ଏପରି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ସନ୍ଧ୍ୟାରେ ଲିଙ୍ଗରାଜ ରହୁଥିବା ଘରର କବାଟ ଦୀର୍ଘ ସମୟ ଧରି ନ ଖୋଲିବାରୁ ତାଙ୍କ ବାପା ଟଙ୍କଧର କିଛି ଅଘଟଣ ଘଟିଥିବା ଆଶଙ୍କା କରିଥିଲେ। ସେ ଲିଙ୍ଗରାଜଙ୍କ ଘରକୁ ଯାଇ କବାଟ ଖୋଲିଦେବାରୁ ପୁଅ,ବୋହୂ ଓ ନାତୁଣୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ।




ଜଳିଯାଇଥିବା ବାଇକ୍

# ଥାନା ପରିସରରେ ଜଳିଗଲା ଜବତ ଗାଡ଼ି

ଠାକୁରମୁଣ୍ଡା,୧୨।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ପରିସରରେ ଜବତ ହୋଇ ରହିଥିବା ୨୦ରୁ ଊର୍ଦ୍ଧ୍ୱ ଗାଡ଼ି ନିଆଁ ଲାଗି ଜଳି ଯାଇଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ୯ଟା ସମୟରେ ଥାନା ପରିସରରେ ଜବତ ହୋଇ ରହିଥିବା ୧୮ ବାଇକ୍, ୨ଟି ଅଟୋ, ଗୋଟିଏ କାର ଓ ୪ ସାଇକେଲରେ ନିଆଁ ଲାଗି ଯାଇଥିଲା। ଖବରପାଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ସେଠାରେ ଥିବା ଆଉ ୩୪ଟି ବାଇକ୍ ଓ ଗୋଟିଏ ଅଟୋ ଅଗ୍ନିକାଣ୍ଡରୁ ରକ୍ଷା ପାଇଯାଇଛି। ଏନେଇ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ ଅଧିକାରୀ ସୁଶାନ୍ତ ସାହୁଙ୍କୁ ପଚାରିବାରୁ ଶୁଖିଲା ପତ୍ରରେ କୌଣସି କାରଣରୁ ନିଆଁ ଲାଗି ଜବତ ଗାଡ଼ିଗୁଡ଼ିକ ଜଳି ଯାଇଥିବା କହିଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

## ଧରଣୀଧର ମେଡିକାଲ କଲେଜ ଓ ଡାକ୍ତରଖାନା ଲୋକାର୍ପଣ କରିବେ

କେନ୍ଦୁଝର,୧୨।୨(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିନିକିଆ କେନ୍ଦୁଝର ଗସ୍ତରେ ଆସିବେ। ଏହି ଅବସରରେ ଧରଣୀଧର ମେଡିକାଲ କଲେଜ ଓ ଡାକ୍ତରଖାନାର ଲୋକାର୍ପଣ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଥିବା ଜିଲା ପ୍ରଶାସନ ସୂଚନା ଦେଇଛି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୧୫ରେ କେନ୍ଦୁଝରରେ ପହଞ୍ଚିବେ। ୧୧ଟା ୨୦ରେ ମୁଖ୍ୟମନ୍ତ୍ରୀ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଉଦ୍‌ଘାଟନ କରିବେ। ସୂଚନାଯୋଗ୍ୟ, ୨୦୧୬ରେ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଥିଲେ। ୩୮୧ କୋଟି ଟଙ୍କା ବ୍ୟୟରେ ମେଡିକାଲ କଲେଜ ନିର୍ମିତ ହୋଇଛି। ୨୫ଟି ବ୍ଲକ୍ ଓ ୧୮ଟି କୋଠା ନିର୍ମାଣ କରାଯିବା ସହିତ କଲେଜ ପାଇଁ ଅଲଗା ଓ ହସ୍ପିଟାଲ ପାଇଁ ୩ଟି ବ୍ଲକ୍ ନିର୍ମାଣ କରାଯାଇଛି। ସମସ୍ତ ବିଭାଗ କାର୍ଯ୍ୟକ୍ଷମ ହେବା ସହିତ, ଆଦିବାସୀ ବହୁଳ କେନ୍ଦୁଝର ଜିଲାର ଜନସାଧାରଣଙ୍କୁ ଏବେ ଉନ୍ନତମାନର ସ୍ୱାସ୍ଥ୍ୟସେବା ମିଳିପାରିବ। ପ୍ରଥମ ବର୍ଷ ୧୦୦ଟି ସିଟ୍‌ରେ ପାଠପଢ଼ା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମେଡିକାଲ କଲେଜ ପରିଦର୍ଶନ କରିବା ସହ ଅଡିଟୋରିୟମରେ କଲେଜର ଛାତ୍ରୀଛାତ୍ର, ଶିକ୍ଷକମାନଙ୍କ ସହିତ ବାର୍ତ୍ତାଳାପ କରିବେ। ସେଠାରୁ ମେଡିକାଲ ନିକଟସ୍ଥ ପଡ଼ିଆରେ ଆୟୋଜିତ ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ତଥା ସାଧାରଣ ସଭାରେ ଯୋଗଦେବେ। ପରେ ଶଙ୍କରପୁରସ୍ଥିତ ଧରଣୀଧର ଟ୍ରାଇବାଲ ସ୍ପୋର୍ଟସ କମ୍ପ୍ଲେକ୍ସ, ପୁରୁଣା ସହର ବଳଦେବଜୀଉ ମନ୍ଦିର ପରିସରରେ ନବ ନିର୍ମିତ ଭୋଗମଣ୍ଡପ, ହାଡ଼ବନ୍ଧ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମୁଦାୟ ୪୭୦୦ କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଜିଲାପାଳ ଆଶିଷ ଠାକ୍‌ରେ ସୂଚନା ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ଫୋର୍ସ ମୁତୟନ କରାଯିବ ବୋଲି ପୋଲିସ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ସ୍ଥାନୀୟ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଥିବା ବେଳେ ମୁଖ୍ୟମନ୍ତ୍ରୀ ବିଧିବଦ୍ଧ ଭାବରେ ଘୋଷଣା କରିବେ ବୋଲି ସୂଚନା ମିଳିଛି।

# ଫେବୃୟାରୀରେ ଅସମ୍ଭାଳ ତାତି

## ୩୬ ଡିଗ୍ରୀ ଡେଇଁଲାଣି ଭୁବନେଶ୍ୱର

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ରାଜ୍ୟରେ ଶୀତ ଗାଏବ ହୋଇଯାଉଥିବାବେଳେ ତାତି ବଢ଼ି ଚାଲିଛି। ଉତ୍ତର ଓଡ଼ିଶାର କିଛି ସ୍ଥାନରେ ଶୀତ ହେଉଥିଲେ ମଧ୍ୟ ବାକି ସବୁ ସ୍ଥାନରେ ଗରମ ଅନୁଭୂତ ହେଉଛି। ଫେବୃୟାରୀରୁ ଗ୍ରୀଷ୍ମର ଅନୁଭବ ହେଉଛି। ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୩୨ଡିଗ୍ରୀ ଉପରେ ରହୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ତାତି ଅସମ୍ଭାଳ ହେଉଛି। ଅପରାହ୍ନରେ ଘରୁ ବାହାରିବା ବି କଷ୍ଟ ହୋଇପଡୁଛି। ଫେବୃୟାରୀ ଆରମ୍ଭରୁ ସହରରେ ଯେଉଁଭଳି ତାତି ଅନୁଭୂତ ହେଉଛି, ଲାଗୁଛି ଶେଷବେଳକୁ ଭୁବନେଶ୍ୱର ୪୦ ବର୍ଷର ରେକର୍ଡ ଭାଙ୍ଗିବ। ୧୯୮୩ ଫେବୃୟାରୀରେ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୨.୭ ଡିଗ୍ରୀ ରେକର୍ଡ ହୋଇଥିଲା। ତେବେ ୨୦୨୩ରେ ଏହି ରେକର୍ଡ ଟପିଯିବ ବୋଲି ପାଣିପାଗ ବିଭାଗ ଅନୁମାନ କରୁଛି। ଦକ୍ଷିଣ ପଶ୍ଚିମ ଦିଗରୁ ପ୍ରବାହିତ ହେବାକୁ ଥିବା ବାୟୁ ପାଇଁ ଆଗକୁ ତାପମାତ୍ରା ଆହୁରି ବଢ଼ିବ ବୋଲି ପାଣିପାଗ ବିଜ୍ଞାନୀ ଆକଳନ କରିଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଜେଏନ୍‌ୟୁ ପ୍ରଫେସରଙ୍କୁ ମାଡ଼


ଥାନାରେ ଦ୍ୱାରସ୍ଥ ହୋଇଥିବା ସିଟିଜେନ୍ ଫୋରମ୍‌ର ସଦସ୍ୟ।


ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଏବିଭିପି ସଦସ୍ୟମାନେ ଦେଇଥିବା ଧାରଣା।

## ସେମିନାରବେଳେ ଉତ୍ତେଜନା

- ସିଟିଜେନ୍ସ ଫୋରମ କର୍ମକର୍ତ୍ତାଙ୍କ ସହ ଅନ୍ୟ ଅତିଥି ଆହତ
- ଏବିଭିପି ସଦସ୍ୟଙ୍କ ନାଁରେ ଥାନାରେ ଅଭିଯୋଗ
- ଦେଶବିରୋଧୀ ମନ୍ତବ୍ୟ ନେଇ ପାଲଟା ଅଭିଯୋଗ
- ପୃଥକ ମାମଲା ରୁଜୁ, ବାଣୀବିହାର ମୁଖ୍ୟଫାଟକ ସାମ୍ନାରେ ଧାରଣା

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ବୈଠକ ହଲ୍‌ରେ ରବିବାର ସିଟିଜେନ୍ସ ଫୋରମ୍ ପକ୍ଷରୁ ସେମିନାର ଚାଲିଥିବାବେଳେ ଉତ୍ତେଜନା ଦେଖାଦେଇଛି। ଦେଶ ବିରୋଧୀ ମନ୍ତବ୍ୟ ଦିଆଯାଉଥିବା ଅଭିଯୋଗ ଆଣି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସଦସ୍ୟମାନେ ସେମିନାରକୁ ବିରୋଧ କରିବା ସହ ସିଟିଜେନ୍ସ ଫୋରମର କର୍ମକର୍ତ୍ତା, ଜେଏନ୍‌ୟୁ ପ୍ରଫେସର ଓ ଅନ୍ୟ ଅତିଥିଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଉଭୟ ପକ୍ଷରୁ ଧସ୍ତାଧସ୍ତି ହେବା ସହ ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ପହଞ୍ଚି ସିଟିଜେନ୍ସ ଫୋରମ କର୍ମକର୍ତ୍ତା ଓ ଅତିଥିଙ୍କୁ ଉଦ୍ଧାର କରିଛି। ଏପରିକି ଗାଳିଗୁଲଜ ଓ ମାଡ଼ ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେତେଜଣ ଯୁବକ ବିଧା, ଚାପୁଡ଼ା, ଧକ୍କା ମାରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିବାବେଳେ ଆକ୍ରମଣରେ ଏକାଧିକ ଆହତ ହୋଇଥିବା ଜଣାପଡିଛି। ଏନେଇ ସିଟିଜେନ୍ସ ଫୋରମ୍‌ର ଆବାହକ ପ୍ରଦୀପ୍ତ ନାୟକ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଏବିଭିପି ସଦସ୍ୟ ମାନସ କୁମାର ସାହୁ ଏବଂ ଅନ୍ୟ କେତେଜଣଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଆଇପିସି ଦଫା ୩୪୧, ୩୨୩, ୨୯୪, ୫୦୬, ୪୨୭, ୩୪ରେ ମାମଲା (ନଂ.୫୯/୨୦୨୩) ରୁଜୁ କରିଛି। ଅପରପକ୍ଷରେ ଏବିଭିପି ପକ୍ଷରୁ ମଧ୍ୟ ସେମାନଙ୍କୁ ଆକ୍ରମଣ କରାଯାଇଥିବା ପାଲଟା ଅଭିଯୋଗ ହୋଇଛି। ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୨୭, ୩୪ରେ ମାମଲା (ନଂ.୬୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ସନ୍ଧ୍ୟାରେ ବାଣୀବିହାର ମୁଖ୍ୟଫାଟକ ସାମ୍ନାରେ ଏବିଭିପି ପକ୍ଷରୁ ତ୍ରିରଙ୍ଗା ଧରି ବିକ୍ଷୋଭ କରାଯାଇଥିଲା। ଧାରଣା ଦିଆଯିବା ସହ ଟାୟାର ଜାଳି ପ୍ରତିବାଦ କରାଯାଇଥିଲା। ସେମିନାର ଆଳରେ ଦେଶବିରୋଧୀ ଓ ହିଂସାତ୍ମକ କାର୍ଯ୍ୟକ୍ରମ ଆୟୋଜନକୁ ବିରୋଧ ସହ ବିଶ୍ୱବିଦ୍ୟାଳୟରେ ଦେଶବିରୋଧୀ ଗତିବିଧି ଆଦୌ ଗ୍ରହଣୀୟ ନୁହେଁ ବୋଲି ଏବିଭିପି ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

ସୂଚନା ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ବୈଠକ ହଲ୍‌ରେ ସିଟିଜେନ୍ସ ଫୋରମ ପକ୍ଷରୁ 'ଭାରତ ସମ୍ବିଧାନ ଏବଂ ଶିକ୍ଷାନୀତି' ଉପରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ କଲେଜର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷାବିତ୍ ଏବଂ ଫୋରମ୍ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଦିଲ୍ଲୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସୁର୍‌ଜିତ ମଜୁମ୍‌ଦାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ପ୍ରାଧ୍ୟାପକ ଲକ୍ଷ୍ମୀଧର ପଙ୍ଗାରି, ବିଶିଷ୍ଟ ଶିକ୍ଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ଅମିୟ ମହାନ୍ତି, ପୁରୀ ସୁରଜ ମଲ ସାହା କଲେଜର ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେମିନାର୍‌ର ପ୍ରଥମ ଅଧିବେଶନରେ 'ଭାରତ ସମ୍ବିଧାନ ଏବଂ ଶିକ୍ଷା' ବିଷୟରେ ଜେଏନ୍‌ୟୁ ପ୍ରାଧ୍ୟାପକ ସୁର୍‌ଜିତ ମଜୁମ୍‌ଦାର ଆଲୋଚନା କରୁଥିଲେ। ସମ୍ବିଧାନରେ ୪ର୍ଥ ଧାରାରେ ଥିବା ରାଷ୍ଟ୍ରନିର୍ଦ୍ଦେଶମୂଳକ ନୀତିରେ ଆମ୍ବେଦକରଙ୍କ ଆଭିମୁଖ୍ୟ କ'ଣ ଥିଲା ସେନେଇ ସୁର୍‌ଜିତ ବକ୍ତବ୍ୟ ରଖୁଥିଲେ। ଏହି ସମୟରେ ପଛରେ ବସିଥିବା ଏବିଭିପିର ସଦସ୍ୟମାନେ ବଡ଼ପାଟି କରିବା ସହ ତାଙ୍କ ବକ୍ତବ୍ୟକୁ ବିରୋଧ କରିଥିଲେ। ଏବିଭିପି ସଦସ୍ୟ ମାନସ କୁମାର ସାହୁ ଜଣେ ସହଯୋଗୀଙ୍କ ସହ ସେମିନାର ମଧ୍ୟଭାଗରେ ପହଞ୍ଚି ଦେଶ ବିରୋଧୀ ମନ୍ତବ୍ୟ ଦିଆଯାଉଥିବା ଅଭିଯୋଗ ଆଣି ସେମିନାରକୁ ବନ୍ଦ କରିବାକୁ ଧମକ ଦେଇଥିଲେ। ସେମିନାର କିଏ କରିବାକୁ ଅନୁମତି ଦେଲା ବୋଲି ପ୍ରଶ୍ନ କରିଥିଲେ। ଫଳରେ ଉପସ୍ଥିତ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ସେମାନଙ୍କୁ ବିରୋଧ କରିଥିଲେ। ଯାହା ପ୍ରଶ୍ନ ଅଛି ପ୍ରଶ୍ନୋତ୍ତର ସମୟରେ ପଚାରିବ ବୋଲି ଅତିଥି ତଥା ସିଟିଜେନ୍ସ ଫୋରମର ଆବାହକ ପ୍ରଦୀପ୍ତ ନାୟକ ସେମାନଙ୍କୁ କହିଥିଲେ। ହେଲେ ସେମାନେ ଏବିଭିପିର ଅନ୍ୟ ସଦସ୍ୟଙ୍କୁ ସେଠାକୁ ଡାକି ଗଣ୍ଡଗୋଳ ଆରମ୍ଭ କରିଦେଇଥିଲେ। ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ପ୍ରଦୀପ୍ତ ଓ ଅନ୍ୟ ଅତିଥିଙ୍କୁ ମାଡ଼ ମାରିଥିଲେ। ଏପରିକି ଜେଏନ୍‌ୟୁ ପ୍ରଫେସର ସୁର୍‌ଜିତ ମଜୁମ୍‌ଦାରଙ୍କୁ ମଧ୍ୟ ଧକ୍କା ଦେଇଥିଲେ। ଫଳରେ ଉଭୟ ପକ୍ଷରୁ ଠେଲାପେଲା ଓ ଧସ୍ତାଧସ୍ତି ହୋଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।

ତେବେ ବିଶ୍ୱବିଦ୍ୟାଳୟରେ ମାଡ଼ ଘଟଣାକୁ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଏହାକୁ ନିନ୍ଦା କରିବା ସହ ଏକ ଶିକ୍ଷାୟତନରେ ଛାତ୍ରମାନଙ୍କ ଅତିଥିଙ୍କ ଉପରେ ଏଭଳି ଆଚରଣ ଠିକ୍ ନୁହେଁ ବୋଲି ସେ କହିଛନ୍ତି।

# କାର୍ ଭିତରେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

## ଅଭିଯୁକ୍ତ ଠିକାଦାର ଗିରଫ

କେନ୍ଦୁଝର,୧୨।୨(ସ୍ୱ.ପ୍ର)

କେନ୍ଦୁଝର ଜିଲା ଟାଉନ ଥାନା ଅଧୀନ ନୂତନ ମେଡିକାଲ କଲେଜ ନିକଟ ଏନ୍‌ଏଚ୍ ୪୯ କଡ଼ରେ କାର ଭିତରେ ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ପୋଲିସ ଘଟଣାସ୍ଥଳରୁ ୧୪ ବର୍ଷୀୟ ନାବାଳିକାଙ୍କୁ ଉଦ୍ଧାର କରି ଓପନ ସେଣ୍ଟର ପଠାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଟାଉନ ଥାନା ଅଞ୍ଚଳର ଫୁକୁ ପଣ୍ଡା (୫୯)। ସେ ଜଣେ ଠିକାଦାର ହୋଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ନାବାଳିକା ଅଭିଯୁକ୍ତଙ୍କ ଘରେ ସହାୟିକା ଭାବେ କାର୍ଯ୍ୟ କରୁଥିଲେ। ଶନିବାର ଠିକାଦାର ଫୁକୁ ତାଙ୍କୁ କୌଣସି ବାହାନା କରି କାର ଯୋଗେ ନୂତନ ମେଡିକାଲ କଲେଜ ନିକଟ ଏନ୍‌ଏଚ୍ ୪୯ କଡ଼କୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣଙ୍କ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଠିକାଦାରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ନାବାଳିକାଙ୍କୁ ପ୍ରଥମେ ଓପନ ସେଣ୍ଟରକୁ ପଠାଇଥିଲା। ସେଠାରେ କାଉନ୍‌ସେଲିଂ ବେଳେ ସମ୍ପୂର୍ଣ୍ଣ ଘଟଣା ଜାଣିବା ପରେ ଫୁକୁଙ୍କୁ ଗିରଫ କରିଥିଲା। ରବିବାର ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୁନୀଲ କର କହିଛନ୍ତି। ନାବାଳିକାଙ୍କୁ ନିୟମାନୁଯାୟୀ ଶିଶୁ ସୁରକ୍ଷା ସମିତି ନିକଟରେ ହାଜର କରାଯାଇ ଆଇନ ଅନୁଯାୟୀ ଥଇଥାନ କରାଯିବ। ଏନେଇ (ନଂ.୫୮/୨୦୨୩, ଦଫା ୩୭୬/୫୧୧/୮) ପୋକ୍‌ସୋ ଆକ୍ଟ ଓ ଏସ୍‌ଟି/ଏସ୍‌ସି ଧାରାରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କର କହିଛନ୍ତି।

ଅନ୍ୟପକ୍ଷେ ସୋମବାର ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ କାର୍ଯ୍ୟକ୍ରମ ରହିଛି। ଫଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ମାତ୍ର କାର୍ଯ୍ୟକ୍ରମ ସ୍ଥଳଠାରୁ କିଛି ଦୂରରେ ଠିକାଦାର ଜଣଙ୍କ ନାବାଳିକାଙ୍କୁ ନେଇ ବଳାତ୍କାର ଉଦ୍ୟମ କରିବା ସମସ୍ତଙ୍କୁ ଚକିତ କରିଛି।




# ଆଜି କୋର୍ଟରେ ହାଜର ହେବେ ଗୋପାଳ





## ନବ ଦାସ ହତ୍ୟା ମାମଲା

- ଗାନ୍ଧୀନଗରରୁ ଅଭିଯୁକ୍ତଙ୍କୁ ନେଇ ଫେରିଲା କ୍ରାଇମ୍‌ବ୍ରାଞ୍ଚ
- ରିମାଣ୍ଡରେ ଆଉ ଆସିବେନି

କଟକ ଅଫିସ,୧୨।୨

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କ ୫ ଦିନିଆ ରିମାଣ୍ଡ ଅବଧି ରବିବାର ଶେଷ ହୋଇଛି। ୩ଟି ପର୍ଯ୍ୟାୟରେ କ୍ରାଇମବ୍ରାଞ୍ଚ ଗୋପାଳଙ୍କୁ ରିମାଣ୍ଡରେ ଆଣି ଜେରା କରିବା ସହ ସତ ବାହାର କରିବା ପାଇଁ ପଲିଗ୍ରାଫ ଟେଷ୍ଟ ଓ ନାର୍କୋ ଟେଷ୍ଟ କରିସାରିଛି। ଏଥିପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଗୋପାଳଙ୍କୁ ସାଙ୍ଗରେ ନେଇ ଗୁଜରାଟର ଗାନ୍ଧୀନଗରଠାରେ ଡେରା ପକାଇଥିଲା। ତେବେ ଗୋପାଳଙ୍କ ରିମାଣ୍ଡ ଅବଧି ଶେଷ ହେବା ସହ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟା ମଧ୍ୟ ଇତିମଧ୍ୟରେ ଅନେକ ବାଟ ଆଗେଇଛି। ନିର୍ଦ୍ଧାରିତ ଟେଷ୍ଟଗୁଡ଼ିକ ଶେଷ କରି କ୍ରାଇମବ୍ରାଞ୍ଚ ଟିମ୍ ଗୋପାଳଙ୍କୁ ସାଙ୍ଗରେ ନେଇ ରବିବାର ରାତିରେ ଓଡ଼ିଶାରେ ପହଞ୍ଚିଥିବା ଜଣାପଡିଛି। ସୋମବାର ଗୋପାଳଙ୍କୁ ଝାରସୁଗୁଡା ଜେଏମ୍‌ଏଫ୍‌ସିରେ ହାଜର କରାଯିବ। ତେବେ ଆଇନ ବ୍ୟବସ୍ଥା ଅନୁଯାୟୀ ଅଭିଯୁକ୍ତଙ୍କୁ ଆଉ ରିମାଣ୍ଡରେ ଅଣାଯାଇପାରିବ ନାହିଁ ବୋଲି କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା କହିଛନ୍ତି। ସୋମବାର ଖବରଦାତା ସମ୍ମିଳନୀରେ ନବ ଦାସଙ୍କ ହତ୍ୟା ମାମଲାର ତଦନ୍ତ ସମ୍ପର୍କିତ ସବିଶେଷ ସୂଚନା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ନବ ଦାସଙ୍କ ହତ୍ୟା ରହସ୍ୟ ଉନ୍ମୋଚନ କରିବା ପାଇଁ କ୍ରାଇମବ୍ରାଞ୍ଚ ବିଭିନ୍ନ ଉପାୟ ଅବଲମ୍ବନ କରିଛି। ନୂଆଦିଲ୍ଲୀର ଫୋରେନ୍‌ସିକ ବିଶେଷଜ୍ଞଙ୍କ ଦ୍ୱାରା ଝାରସୁଗୁଡ଼ାଠାରେ ଗୋପାଳଙ୍କ ଫୋରେନ୍‌ସିକ ସାଇକୋଲୋଜିକାଲ ଆସେସ୍‌ମେଣ୍ଟ ଓ ଏଲଭିଏ ଟେଷ୍ଟ କରାଯାଇଛି। ସେହିପରି ଅଦାଲତଙ୍କ ଅନୁମତିକ୍ରମେ ଗୁଜରାଟର ଗାନ୍ଧୀନଗରସ୍ଥିତ ଡାଇରେକ୍ଟୋରେଟ ଅଫ୍ ଫୋରେନ୍‌ସିକ ସାଇନ୍ସ ସର୍ଭିସେସ୍ ଲାବୋରେଟୋରିରେ ପଲିଗ୍ରାଫ ଟେଷ୍ଟ ଓ ନାର୍କୋ ଟେଷ୍ଟ କରାଯାଇଛି। ନାର୍କୋ ଟେଷ୍ଟ ପାଇଁ ୨ ଦିନ ଧରି କ୍ରାଇମବ୍ରାଞ୍ଚକୁ କସରତ କରିବାକୁ ପଡ଼ିଥିଲା। ତେବେ ଗୋପାଳଙ୍କଠାରୁ ସତ ବାହାର କରିବା ପାଇଁ କେଉଁ ପ୍ରଶ୍ନ ପଚରାଯାଇଛି, ସେସବୁର ଉତ୍ତର କ'ଣ ମିଳିଛି ତାହାର ଭିଡିଓ ରେକର୍ଡିଂ ହୋଇଛି। ସେସବୁକୁ ଅଦାଲତରେ ଉପସ୍ଥାପନ କରାଯିବ। ଲଗାତର ମାରାଥନ ଜେରା ଓ କ୍ରାଇମବ୍ରାଞ୍ଚର ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ କରି ତଦନ୍ତର ଫଳ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଏବେ ବି ନୀରବ ରହିଛି। ପ୍ରକୃତ ରହସ୍ୟ ଉନ୍ମୋଚନ ଦିଗରେ କ୍ରାଇମବ୍ରାଞ୍ଚକୁ କେତେ ସଫଳତା ମିଳିଛି ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। ସୋମବାର କ୍ରାଇମବ୍ରାଞ୍ଚ ଏହି ମାମଲା ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗଣମାଧ୍ୟମରେ ପ୍ରକାଶ କରିପାରେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ବିଭିନ୍ନ ସ୍ଥାନରେ ହୋଇଥିବା ତଦନ୍ତ କାର୍ଯ୍ୟ କ୍ରାଇମବ୍ରାଞ୍ଚ ଏଡିଜିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଛି। ଏହାବାଦ୍ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଅବସରପ୍ରାପ୍ତ ବିଚାରପତି ଜେ. ପି. ଦାସଙ୍କୁ ପୂରା ମାମଲାର ତଦନ୍ତ ପ୍ରକ୍ରିୟା ତଦାରଖ ଭାର ଅର୍ପଣ କରାଯାଇଛି।



**ଆଜିର ମନ୍ତବ୍ୟ**

“ପାକିସ୍ତାନୀ ସୁରକ୍ଷା ବଳର ଗୋଇନ୍ଦା ବିଫଳତା ଯୋଗୁ ବର୍ତ୍ତମାନ ଦେଶରେ ଆତଙ୍କବାଦୀ ଆକ୍ରମଣ ବଢ଼ିଚାଲିଛି। ଆମ ସରକାର ଅମଳରେ ତେହରିକ୍-ଇ-ତାଲିବାନ୍‌କୁ ପ୍ରତିହତ କରିବା ପାଇଁ ଆଫଗାନିସ୍ତାନ ସହ ମିଶି ଅଭିଯାନ ଚଳାଇଥିଲୁ।
–ଇମ୍ରାନ୍ ଖାନ୍, ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଇଁଷି ମନ୍ତର, କାଇଁଷି ମନ୍ତର,**
**ପିଠାକୁ ମନ୍ତର ଜୁଆଣି;**
**ତୁମେ ଯହିଁ ପାଇଁ ନସର ପସର,**
**ଆମେ ସେ କଥାଟି ଜାଣି।**

ଯିଏ ଯେଉଁଥିପାଇଁ ଆଳେଇ ପାଳେଇ ହୁଏ, ତାକୁ ଜାଣିଥିବା ଲୋକ ଠିକ୍ ଭାବେ ଠଉରାଇ ନେଇଥାଏ। ଅତି ପାଖ ଲୋକ ହିଁ ମନର ଗହୀର କଥା ନ କହିଲେ ବି ବେଶ୍ ଭଲ ଭାବେ ଜାଣି ପାରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗେ ଉଦର;**
**ପଛେ ସୋଦର।**

ଆଗେ ପେଟ ଚିନ୍ତା, ପଛେ ଆତ୍ମୀୟସ୍ୱଜନଙ୍କ ଚିନ୍ତା। ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ନିଜ ସ୍ୱାର୍ଥ ପୂରଣ ଲାଗି ସଦା ଚେଷ୍ଟିତ। ନିଜେ କିପରି ସୁଖ ସୁବିଧାରେ ରହିବେ, ଭଲରେ ଖାଇପିଇ ଚଳିବେ ତାହାକୁ ଅଧିକ ଗୁରୁତ୍ୱ ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଅମଳ ପୂର୍ବରୁ ହସୁଛି ସୋରିଷ କ୍ଷେତ



**ଜଳେଶ୍ୱର, ୧୨।୨(ଡି.ଏନ୍.ଏ.)**

- ■ ଜଳେଶ୍ୱର ବ୍ଲକର ୪୦୦ ହେକ୍ଟର ଜମିରେ ଚାଷ
- ■ ପରିଦର୍ଶନ କଲେ କୃଷି ଅଧିକାରୀ

ବାଲେଶ୍ୱର ଜିଲାର କୃଷି ପ୍ରଧାନ ବ୍ଲକ ଭାବେ ଜଳେଶ୍ୱର ପରିଚୟ ଲାଭ କରିଛି। ଚଳିତବର୍ଷ ୪ଶହ ହେକ୍ଟର ଜମିରେ ହସୁଛି ସୋରିଷ ଚାଷ। ଫସଲ ଅମଳ ହେବା ପରେ ଅଭାବୀ ବିକ୍ରିର ଆଶଙ୍କା ଥିବାରୁ ବହୁ ସୋରିଷ ଚାଷୀ ଚିନ୍ତାରେ ରହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ରବିବାର ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ବ୍ଲକ କୃଷି ଅଧିକାରୀ ସଞ୍ଜୀବ କୁମାର ରାଉତ, ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି, ଗ୍ରାମ କୃଷି ଅଧିକାରୀ କମଳ ମାଝି ଓ ସେକ୍ ଅବଦୁଲ ରାଜ ପ୍ରମୁଖ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଇଥିବା ସୋରିଷ ଚାଷ ବୁଲି ଦେଖିଛନ୍ତି।

ଜଳେଶ୍ୱର ବ୍ଲକ ବାଇଗଣବାଡ଼ିଆ, ଝାଡ଼ପିମ୍ପଳ, ପଶ୍ଚିମବାର୍ଡ଼, ପାଇକସିଦା, ଗଡ଼ସାହି ବାଲିଆପାଳ, ରାୟାଁରାମଚନ୍ଦ୍ରପୁର, ଶିଖରପୁର, ଶ୍ରୀରାମପୁର, ଦକ୍ଷିଣପ୍ରହରାଜପୁର, ମାକିଡିଆ ଓ ଓଲମରା ପଞ୍ଚାୟତ ନଈକୂଳିଆ ହୋଇଥିବାରୁ ଏଠାରେ ସୋରିଷ ଚାଷ ହୋଇଥାଏ। ବାଲିମିଶା ପଟୁମାଟିରେ ଶୀତଋତୁ ପ୍ରାରମ୍ଭରେ ସୋରିଷ ବୁଣାଯାଇଥାଏ। ଶୀତ ଓ ଉତ୍ତର ପବନ ଯୋଗୁ ସୋରିଷ ଭଲ ବଢ଼େ ଓ ଫଳେ। ଚଳିତବର୍ଷ ବିଭାଗ ପକ୍ଷରୁ ୯୦ହେକ୍ଟର ଜମିରେ ଡେମନଷ୍ଟ୍ରେସନ୍ ମାଧ୍ୟମରେ ସୋରିଷ ଚାଷ ଲାଗି ବ୍ୟବସ୍ଥା କରାଯାଇଥିଲା। ପ୍ରାୟ ୩୫୦ ଚାଷୀଙ୍କୁ ୨ କି.ଗ୍ରା. କିଟ୍ ଯୋଗାଇ ଦିଆଯାଇଥିଲା। ଏହା ବାଇଗଣବାଡ଼ିଆ, ପାଇକସିଦା, ରାୟାଁରାମଚନ୍ଦ୍ରପୁର, ଶ୍ରୀରାମପୁର ଓ ଦକ୍ଷିଣ ପ୍ରହରାଜପୁରରେ ଏପରି ଫାଉଣ୍ଡେସନ ବିହନ ଦିଆଯାଇଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି। ଅଦ୍ୟାବଧି ଶୀତ ଓ ଥଣ୍ଡା ରହିଥିବାରୁ ଚଳିତବର୍ଷ ଭଲ ସୋରିଷ ଫଳିଛି। ଡେମନଷ୍ଟ୍ରେସନରେ ପାଇଥିବା ୩୫୦ ଚାଷୀଙ୍କୁ ହେକ୍ଟର ପ୍ରତି ୧୨ଶହ ଟଙ୍କା ଲେଖାଏଁ ଡିବିଟି ଜରିଆରେ ଅର୍ଥ ଯୋଗାଇ ଦିଆଯାଇଛି। ଚାଷୀ କୀଟମରା ଔଷଧ କିଣିଲେ ୧୨ଶହ ଟଙ୍କା ସବ୍‌ସିଡି ପାଇବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ସରକାରୀ କାର୍ଯ୍ୟାଳୟରୁ କୀଟମରା ଔଷଧ ୫୦ଭାଗ ରିହାତିରେ ମିଳୁଥିଲା। ଏବେ ଔଷଧର ମୂଲ୍ୟ ଶତପ୍ରତିଶତ ଦେଇ କିଣିବାକୁ ପଡୁଥିବାରୁ ବହୁ ଚାଷୀ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜଳେଶ୍ୱର ଅଞ୍ଚଳରେ ପ୍ରାୟ ୧୦ହଜାର ହେକ୍ଟର ଜମିରେ ରବିଋତୁରେ ଚାଷ ହୋଇପାରୁଥିବାରୁ ସେଥିମଧ୍ୟରୁ ମାତ୍ର ୪ଶହ ହେକ୍ଟର ଜମିରେ ଚାଷୀମାନେ ସୋରିଷ ଚାଷ ଉପୁଜାଇଥାନ୍ତି। ସରକାରୀ କିଟ୍, କୀଟମରା ଔଷଧ, ଜଳସେଚନ ବ୍ୟବସ୍ଥା ଏବଂ ଗୋଷ୍ଠୀଭିତ୍ତିକ ଚାଷ ଆରମ୍ଭ ହେଲେ କୃଷକମାନେ ଅଧିକ ଲାଭପ୍ରଦ ହୁଅନ୍ତେ ଓ ଧାନଚାଷ ବଦଳରେ ସୋରିଷ ଭଳି ଅର୍ଥକାରୀ ଫସଲକୁ ଆଦରି ନିଅନ୍ତେ ବୋଲି ଚାଷୀମାନେ କହିଛନ୍ତି। ଚାଷୀ ବିଜୟ କୁମାର ବାଗ, କାହ୍ନୁଚରଣ ରଣା, ରଘୁନାଥ ସାହୁ, ସଞ୍ଜୟ କୁମାର ସାହୁ ଓ ଜୟନ୍ତ କୁମାର ପାଳ ପ୍ରମୁଖ କୃଷି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଏକାଦଶ ସ୍ଥାନରେ ରବି ସଂକ୍ରମଣ ହେତୁ ପ୍ରତ୍ୟେକ କାମରେ ଜୟଯୁକ୍ତ ହେବେ। ସ୍ୱାସ୍ଥ୍ୟ, ପରିବାର ଓ ସନ୍ତାନବର୍ଗଙ୍କ ପାଇଁ ପ୍ରତ୍ୟେକ ଦିଗରୁ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ଅତୀତ କଥା ସ୍ମରଣ କରି ଭାବପ୍ରବଣ ହେବେ। ଅତ୍ୟଧିକ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସନ୍ନ ଅନୁଭବ କରିପାରନ୍ତି।

**ବୃଷ**
କର୍ମକ୍ଷେତ୍ରରେ ଶନି ଓ ଶୁକ୍ରଙ୍କ ସଂଯୋଗ ହେତୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଅଫିସରେ ଆଲୋଚନା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପାଖ ପଡ଼ୋଶୀଙ୍କ ଘରୋଇ କଳହକୁ ନେଇ ନିଜ ଘରେ ଅଶାନ୍ତି ଲାଗିରହିବ। କଚେରି ମାମଲା, ନିର୍ମାଣ, ଅର୍ଥ ସମ୍ପର୍କୀୟ କଥା ନେଇ ଟେନ୍ସନ ଲାଗି ରହିବ।

**ମିଥୁନ**
ଅଷ୍ଟମସ୍ଥ ରବି ଓ ବୁଧଙ୍କ ଯୋଗୁ ଆର୍ଥିକ ସମସ୍ୟାକୁ ସୁଧାରିବା ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ବନ୍ଧୁଙ୍କ ସହାୟତାରେ ସଭାସମିତିରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ ଫାଇଲ କାମ ବଢ଼ିଯାଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ବହୁତ ଭଲରେ ଚାଲିବ।

**କର୍କଟ**
ଆଜି ଶାରୀରିକ ସ୍ୱାସ୍ଥ୍ୟ ଅପେକ୍ଷା ମାନସିକ ସ୍ୱାସ୍ଥ୍ୟ ବିଶେଷ ପ୍ରଭାବିତ ହୋଇପାରେ। ବିଶ୍ୱସ୍ତ କର୍ମଚାରୀଟି ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରତିଶ୍ରୁତିରୁ ଓହରିଯାଇପାରେ। ଏକ ସାଧାରଣ ଘଟଣାକୁ କେନ୍ଦ୍ର କରି ବନ୍ଧୁମାନଙ୍କ ସହ ଉଚ୍ଚବାଚ ଘଟିପାରେ। ସାହିପଡ଼ୋଶୀଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ**
ବହୁ ଆଶା କରି ବନ୍ଧୁଙ୍କ ନିକଟକୁ ଯିବେ, ମାତ୍ର ଶୂନ୍ୟ ହସ୍ତରେ ଫେରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ସହଯୋଗ ପାଇବେ। ଆଜି ସ୍ୱଗୃହକୁ ମଙ୍ଗଳ ଦେଖୁଥିବାରୁ ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**କନ୍ୟା**
ଦ୍ୱିତୀୟରେ କେତୁ ଯୁକ୍ତ ଚନ୍ଦ୍ର ହେତୁ ବାକ୍ ଅସଂଯମତା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇପାରେ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଅପୂରଣୀୟ ଆଶା ମନରେ ଦୁଃଖ ପ୍ରଦାନ କରିବ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି, ମାତ୍ର କିଛି ଅସୁବିଧା ହେବ ନାହିଁ। ଅସୁବିଧାବଶତଃ ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ।

**ତୁଳା**
ମଧ୍ୟମ ପ୍ରକାରର ଗ୍ରହସ୍ଥିତି କାରଣରୁ ପୂର୍ବ ନିର୍ଦ୍ଧାରିତ କାମ ଠିକ୍ ସମୟରେ ହେବା କଷ୍ଟକର ହୋଇପଡ଼ିବ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ନ ହୋଇପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ଆଜି କର୍ମକ୍ଷେତ୍ରରୁ ଫେରିବା ସମୟରେ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ବିଛା**
ଦୈହିକ ସୁସ୍ଥତା ଥିଲେ ମଧ୍ୟ ବିଭିନ୍ନ ବିଷୟରେ ଚିନ୍ତା କରି ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପ୍ରଶାସନିକ, ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ଦିଗଟି ମଧ୍ୟମ ପ୍ରକାରର ରହିବ। ଈର୍ଷା ମନୋଭାବ ନେଇ ଖଳଲୋକ ଅପପ୍ରଚାର କଲେ ମଧ୍ୟ କିଛି କରିପାରିବେ ନାହିଁ। ପଡ଼ୋଶୀ ସ୍ୱାର୍ଥ ହାସଲ ପାଇଁ ଚେଷ୍ଟା କରି କିଛି ପାଇବେ ନାହିଁ।

**ଧନୁ**
ଆଜି ମାନସିକ ସ୍ଥିତି ଠିକ୍ ନ ରହିବା କାରଣରୁ ଭଲକୁ ଭଲ ରୂପେ ବିବେଚନା କରିପାରିବେ ନାହିଁ। ସଭାସମିତିରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ପ୍ରତ୍ୟେକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର**
କର୍ମକ୍ଷେତ୍ରର ସମସ୍ୟାଗୁଡ଼ିକ ଶିଥିଳତା ପଡ଼ିଯିବା କାରଣରୁ ମନରେ ଉତ୍ସାହ ବୃଦ୍ଧି ପାଇବ। କିନ୍ତୁ ଭୁଲ୍ ବୁଝାମଣା ହେତୁ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପୂର୍ବର ସୁଚିନ୍ତିତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**କୁମ୍ଭ**
ସ୍ୱଗୃହୀ ଶନିଶ୍ଚର ହେତୁ ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ରହିବ। ଦିନ ଭିତରେ ଖର୍ଚ୍ଚାନ୍ତ ହେବେ ସିନା କୌଣସି କାମ ଅଟକିବ ନାହିଁ। ଅଫିସ୍ କାମରେ କୌଣସି ଘଟଣା ମନକୁ ବାରମ୍ବାର ଆଲୋଡିତ କରିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ**
ଆଜି ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଆଗାମୀ କୌଣସି କାମ ସକାଶେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ ହେବ। ଯାହାକୁ ଅତି ନିଜର ବୋଲି ବିଶ୍ୱାସ କରୁଛନ୍ତି ସେହି ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ।

ଆଜି କୁମ୍ଭ ସଂକ୍ରାନ୍ତି, ଫାଲଗୁନ କୃଷ୍ଣ ସପ୍ତମୀ ଯୁକ୍ତ ଅଷ୍ଟମୀ ସୋମବାର, ଫେବୃୟାରୀ ୧୩ ତାରିଖ, ବିଶ୍ୱ ରେଡିଓ ଦିବସ, ରାଶି ନକ୍ଷତ୍ର- ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬/୨୦ ଗତେ, ଘ.୦୭/୪୫ ମଧ୍ୟେ, ଘ.୧୦/୫୨ଗତେ,ଘ. ୦୧/୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭/୪୫ ଗତେ, ଘ.୦୯/୧୦ ମଧ୍ୟେ ରାହୁକାଳ।

# ସମଲିଙ୍ଗୀ ଯୌନସମ୍ପର୍କର ଅପରାଧୀକରଣ ଅନ୍ୟତମ ଅନ୍ୟାୟ: ସିଜେଆଇ

**ନାଗପୁର,୧୨।୨**

ସମଲିଙ୍ଗୀ ଯୌନସମ୍ପର୍କର ଅପରାଧୀକରଣ ଆମ ସମାଜରେ ଅନ୍ୟତମ ଅନ୍ୟାୟ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଧନଞ୍ଜୟ ଚନ୍ଦ୍ରଚୂଡ଼ କହିଛନ୍ତି। ୭ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ସମଲିଙ୍ଗୀ ଯୌନସମ୍ପର୍କକୁ ଅପରାଧମୁକ୍ତ କରାଯାଇଥିଲା। ମହାରାଷ୍ଟ୍ର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୱାରାଙ୍ଗ କ୍ୟାମ୍ପସରେ ଶନିବାର ଅନୁଷ୍ଠିତ ପ୍ରଥମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ସିଜେଆଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସିଜେଆଇ ଶରଦ ଅରବିନ୍ଦ ବୋବ୍‌ଡେ, ଏମ୍‌ଏନ୍‌ଏଲ୍‌ୟୁର ପ୍ରତିଷ୍ଠାତା କୁଳାଧିପତି ଏବଂ ସୁପ୍ରିମକୋର୍ଟ ବିଚାରପତି ତଥା ଚାନ୍‌ସେଲର ଜଷ୍ଟିସ ଭୂଷଣ ଗଭାଇ ଯୋଗ ଦେଇଥିଲେ।



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

ନଭଜେତ୍ ସିଂ ଜୋହର ମାମଲାରେ ସିଜେଆଇ ଦେଇଥିବା ନିଜର ଐତିହାସିକ ରାୟର ଅବତାରଣା କରି କହିଥିଲେ, ଆଇପିସିର ଧାରା ୩୭୭ କାଳଦୋଷଯୁକ୍ତ ଉପନିବେଶୀୟ ଆଇନ ଥିଲା। ଉକ୍ତ ଧାରା ସମାନତା, ବାକ୍ ସ୍ୱାଧୀନତା, ଜୀବନ ଧାରଣ ଓ ଗୋପନୀୟତା ଅଧିକାରର ଉଲ୍ଲଂଘନ। ସମ୍ବିଧାନ ସମାନତା ଓ ଭେଦଭାବଶୂନ୍ୟ ଅଧିକାରର ଗ୍ୟାରେଣ୍ଟି ଦେଇଥିବାବେଳେ ଉକ୍ତ ଆଇନ ଏହାକୁ ଦୁର୍ବଳ କରିଦେଉଥିବାରୁ ସିଜେଆଇ ରାୟ ପ୍ରଦାନ ବେଳେ ଉପରୋକ୍ତ ଟିପ୍ପଣୀ ଦେଇଥିଲେ ବୋଲି କହିଛନ୍ତି।

# ମଞ୍ଚ ଛାଡ଼ିଲେ ଧର୍ମୀୟ ନେତା

**ନୂଆଦିଲ୍ଲୀ,୧୨।୨**

ଜମାଏତ୍ ଉଲେମା-ଇ-ହିନ୍ଦ୍‌ର ୩୩୪ତମ ସାଧାରଣ ଅଧିବେଶନ ଚାଲିଥିବାବେଳେ ଏହାର ଅଧ୍ୟକ୍ଷ ସୟେଦ ଅର୍ଶାଦ ମଦାନି ଏକ ବିବାଦୀୟ ମନ୍ତବ୍ୟ ଦେବାରୁ ଅନେକ ଧର୍ମୀୟ ନେତା ମଞ୍ଚ ଛାଡ଼ି ଚାଲିଯାଇଛନ୍ତି। ମଞ୍ଚରେ ଉପସ୍ଥିତ ଥିବା ଜୈନ ମୁନି ଆଚାର୍ଯ୍ୟ ଲୋକେଶ ମୁନି ପ୍ରମୁଖ ମଦାନିଙ୍କ ମନ୍ତବ୍ୟରେ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, କେବଳ ସଦ୍‌ଭାବର ସହ ବଞ୍ଚିବା ଉପରେ ଆମେ ସହମତ ; କିନ୍ତୁ ଓଁ, ଆଲ୍ଲା ଏବଂ ମନୁ ଆଦିକୁ ନେଇ କାହାଣୀ ବେକାର କଥା। ମଦାନି ଅଧିବେଶନର ବାତାବରଣକୁ ନଷ୍ଟ କରିଦେଲେ ବୋଲି ସେମାନେ ମତ ଦେଇଛନ୍ତି। ଏହା ପୂର୍ବରୁ ଜମାଏତ୍ ଉଲେମା-ଇ-ହିନ୍ଦ୍‌ର ମୁଖ୍ୟ ମଦାନି ଧର୍ମଗୁରୁମାନଙ୍କୁ ପ୍ରଶ୍ନ କରିଥିଲେ, ଯେତେବେଳେ ଶ୍ରୀରାମ କିମ୍ବା ବ୍ରହ୍ମା କି ଶିବ ନ ଥିଲେ, ସେତେବେଳେ ମନୁ କାହାକୁ ପୂଜା କରୁଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ମଦାନି କହିଥିଲେ, ସେ ଶୁଣିଛନ୍ତି, ସେମାନେ ଓଁକୁ ପୂଜା କରୁଥିଲେ। ଏହା କେବଳ ଓଁ, ଯାହାଙ୍କୁ ଆମେ ଆଲ୍ଲା ଏବଂ ପାର୍ସି ଭାଷାଭାଷୀମାନେ ଖୁଦା ଏବଂ ଇଂଲିଶ କହୁଥିବା ଲୋକେ 'ଗଡ୍' କହିଥାନ୍ତି। ତେଣୁ ଓଁ ଏବଂ ଆଲ୍ଲା ଉଭୟ ସମାନ। ମନୁ କେବଳ ଏହାକୁ ହିଁ ଉପାସନା କରୁଥିଲେ ବୋଲି ମଦାନି କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିଲା।

**ଇସ୍‌ଲାମୀୟ ମୁଖ୍ୟଙ୍କ 'ଓଁ ଆଲ୍ଲା' ମନ୍ତବ୍ୟ**



ସୟେଦ ଅର୍ଶାଦ ମଦାନି

# ମିସ୍ କୁଇନ୍ ଅଫ୍ ଏସିଆ ଟାଇଟଲ ଜିତିଲେ ରାଉରକେଲା ଝିଅ




ମିସ୍ କୁଇନ ଅଫ୍ ଏସିଆ ଡି. ପୂଜା।

**ରାଉରକେଲା ଅଫିସ,୧୨।୨**

ଏସିଆ ସୁନ୍ଦରୀ ପ୍ରତିଯୋଗିତାରେ ଭାଗ ନେଇ ରାଉରକେଲା ସେକ୍ଟର-୪ ଅଞ୍ଚଳର ଡି. ପୂଜା ମିସ୍ କୁଇନ ଅଫ୍ ଏସିଆ ଟାଇଟଲ ଜିତି ସୁନ୍ଦରଗଡ ଜିଲା ତଥା ରାଉରକେଲା ପାଇଁ ଗୌରବ ଆଣିଛନ୍ତି। ଗତ ୩ତାରିଖରେ ବମ୍ବେ ଅନ୍ଧେରୀ ଇଷ୍ଟରେ ମିସ୍ କୁଇନ ଅଫ୍ ଏସିଆ ଟାଇଟଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜା ଅନ୍‌ଲାଇନ ମାଧ୍ୟମରେ ଆବେଦନ କରି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଥିଲେ। ପ୍ରତିଯୋଗିତାରେ ଏସିଆର ବିଭିନ୍ନ ଦେଶରୁ ୪୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପୂଜା ପ୍ରଥମ ରାଉଣ୍ଡରେ ୪୦, ଦ୍ୱିତୀୟ ରାଉଣ୍ଡରେ ୨୦ ଏବଂ ଶେଷ ରାଉଣ୍ଡରେ ୩ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ଟାଇଟଲ ହାସଲ କରିଛନ୍ତି। ପୂଜା ତାଙ୍କର ସୌନ୍ଦର୍ଯ୍ୟ ଓ ବୁଦ୍ଧିମତାର ଦକ୍ଷତା ଦେଖାଇ ଏହି ଟାଇଟଲ ଅର୍ଜନ କରିଥିଲେ। ଏହା ପୂର୍ବରୁ ସେ ଭୁବନେଶ୍ୱରରେ ଆୟୋଜିତ ମିସ୍ ଭୁବନେଶ୍ୱର, ମିସ୍ ପଶ୍ଚିମାଞ୍ଚଳ, ଗ୍ଲୋରି ଅଫ୍ ଇଣ୍ଡିଆ, ଗ୍ଲୋରି ଅଫ୍ ଚାର୍ମିଙ୍ଗ, ମିସ୍ କଳିଙ୍ଗ ଟାଇଟଲ ଜିତିଥିଲେ। ପୂଜା ସେକ୍ଟର-୧୪ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ଏକାଦଶ ଶ୍ରେଣୀର ବାଣିଜ୍ୟ ଛାତ୍ରୀ ଅଟନ୍ତି। ସେ ତାଙ୍କର ଏହି ସଫଳତାର ଶ୍ରେୟ ଗୁରୁଶ୍ରୀ ଲିନା ବିଶ୍ୱାଳ, ପରିବାର ଓ ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦେଇଛନ୍ତି। ଏ ନେଇ ଡି. ପୂଜାଙ୍କୁ ପଚାରିବାରୁ ସେ କହିଥିଲେ, ପିଲାବେଳୁ ଓଡିଶୀ ନୃତ୍ୟ ଶିଖୁଥିଲି। ୩ ବର୍ଷ ତଳେ ମୁ ଏହି ଲାଇନକୁ ଆସି ମଡେଲିଂ ଶିକ୍ଷା ଆରମ୍ଭ କଲି। କୌଣସି କ୍ଷେତ୍ରରେ ସଫଳତା ପାଇବାକୁ ହେଲେ ନିଷ୍ଠାର ସହ କଠୋର ପରିଶ୍ରମ କଲେ ନିଶ୍ଚିତ ସଫଳ ମିଳିବ ବୋଲି ସେ କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଭାରତର ଲିଥିୟମ ...

ରଖିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ଲିଥିୟମ ଚାହିଦା ବଢ଼ିଚାଲିଛି। ଏବେ ଲିଥିୟମ, ନିକେଲ ଏବଂ କୋବାଲ୍ଟ ଭଳି ଅନେକ ଖଣିଜ ପାଇଁ ଭାରତ ଆମଦାନୀ ଉପରେ ନିର୍ଭରଶୀଳ। ଦେଶ ଆତ୍ମନିର୍ଭର ହେବା ଲାଗି ଜଟିଳ ଖଣିଜ ଖୋଜି ବାହାର କରିବା ଏବଂ ତାହାର ପ୍ରକ୍ରିୟାକରଣ ଗୁରୁତ୍ୱପୂର୍ଣ୍ଣ। ଏହିସବୁ ସାମଗ୍ରୀ ଆମଦାନୀ ହ୍ରାସ ପାଇପାରିଲେ ଭାରତ ଆତ୍ମନିର୍ଭର ହୋଇପାରିବ। ଲିଥିୟମ ଖଣିର ସନ୍ଧାନ ଇଲେକ୍ଟ୍ରିକ୍ ଯାନ, ମୋବାଇଲ୍ ଫୋନ୍, ସୋଲାର ପ୍ୟାନେଲ ପାଇଁ ଭାରତରେ ବ୍ୟାଟେରି ନିର୍ମାଣ କରିବାରେ ସହାୟକ ହେବ ବୋଲି ଖଣି ସଚିବ ବିବେକ ଭରଦ୍ୱାଜ କହିଥିଲେ।



ହାତରେ ଲିଥିୟମ ସହ ଜଣେ ବ୍ୟକ୍ତି।

ଇଲେକ୍ଟ୍ରିକ୍ ଯାନ ନିର୍ମାଣ ବଜାରରେ ଭାରତ ଅଗ୍ରଣୀ ଭୂମିକା ନିଭାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଘରୋଇ ଲିଥିୟମ ଉତ୍ପାଦନ ଲାଗି ସୁଯୋଗ ଖୋଜିବା ନିମନ୍ତେ କେନ୍ଦ୍ର ସରକାର ଏକ ଟାସ୍କଫୋର୍ସ ଗଠନ କରିଥିଲେ।

ଆବିଷ୍କାର ହୋଇଥିବା ଲିଥିୟମ ଖଣିରୁ ଏହାକୁ ସଂଗ୍ରହ କରି ବ୍ୟବହାର ଉପଯୋଗୀ କରାଇବା ଏକ ଦୀର୍ଘମିଆଦୀ ପ୍ରକ୍ରିୟା। ପରିବେଶ ଅନୁମତି ଏବଂ ଖଣିର ବିକାଶ ପାଇଁ ୧୦ ବର୍ଷରୁ ଅଧିକ ସମୟ ଲାଗିଯିବ ବୋଲି ଅନ୍ତର୍ଜାତୀୟ ଅଭିଜ୍ଞତାରୁ ଜଣାପଡ଼ିଛି। ତେଣୁ ୨୦୩୦ ସୁଦ୍ଧା ସ୍ୱଚ୍ଛ ଇନ୍ଧନ ଏବଂ ଇଭି ପାଇଁ ଭାରତ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ନିମନ୍ତେ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିବ। ଦିଲ୍ଲୀର ଗବେଷଣା ସଂସ୍ଥା କ୍ଲାଇମେଟ୍ ଟ୍ରେଣ୍ଡ୍‌ସର ନିର୍ଦ୍ଦେଶକ ଆରତୀ ଖୋସଲାଙ୍କ ମତରେ ଲିଥିୟମର ସନ୍ଧାନ ଉତ୍ସାହଜନକ ହୋଇଥିଲେ ମଧ୍ୟ ଏହାର ମାନ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଖନନ କରି ଏହା କେତେ ଉପଯୋଗୀ ଏବଂ ଉତ୍ତୋଳନଯୋଗ୍ୟ ତାହା ଯାଞ୍ଚ ତଥା ଆକଳନ କରିବାକୁ ପଡ଼ିବ।

ଆମେରିକା ଭୂତାତ୍ତ୍ୱିକ ସର୍ଭେ (ୟୁଏସ୍‌ଜିଏସ୍) ରିପୋର୍ଟ ଅନୁଯାୟୀ ବିଶ୍ୱରେ ୮୦ ନିୟୁତ ଟନ୍ ପରିମାଣର ଲିଥିୟମ ଖଣି ଚିହ୍ନଟ ହୋଇଥିବାବେଳେ ସେଥିରୁ ମାତ୍ର ୨୨ ନିୟୁତ ଟନ୍ ଖଣି ଉତ୍ତୋଳନ ଉପଯୋଗୀ ହୋଇପାରିଛି। ବିଶ୍ୱର ଲିଥିୟମ ରିଜର୍ଭର ଅଧାରୁ ଅଧିକ ୩ଟି ଦକ୍ଷିଣ ଆମେରିକୀୟ ଦେଶରେ ରହିଥିବାବେଳେ ଲିଥିୟମ-ଆୟନ ବ୍ୟାଟେରି ଉତ୍ପାଦନରେ ଚାଇନା ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ବିଶ୍ୱର ତିନିଚତୁର୍ଥାଂଶ ବ୍ୟାଟେରି ଚାଇନା ଉତ୍ପାଦନ କରୁଛି। ଲିଥିୟମ ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହେଉଥିଲେ ହେଁ ମୋବାଇଲ ଫୋନ, ଲାପ୍‌ଟପ, ବିଦ୍ୟୁତଚାଳିତ ଏବଂ ହାଇବ୍ରିଡ୍ ଯାନର ବ୍ୟାଟେରି ପ୍ରସ୍ତୁତିରେ ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏହା ବ୍ୟତୀତ କାଚ ଏବଂ ସେରାମିକ୍‌କୁ ସୁଦୃଢ଼ ଓ ତାପ ପ୍ରତିରୋଧୀ କରିବାକୁ ସେଥିରେ ଲିଥିୟମ ମିଶ୍ରଣ କରାଯାଇଥାଏ। ଆଲୁମିନିୟମ ଏବଂ ତମ୍ବା ସହ ଲିଥିୟମ ମିଶାଇ ବିମାନ, ମହାକାଶ ଯାନ ନିର୍ମାଣରେ ବ୍ୟବହାର କରାଯାଇଥାଏ। ଭାରତ ଆବଶ୍ୟକତାର ୮୦ ପ୍ରତିଶତ ଲିଥିୟମ ଅଷ୍ଟ୍ରେଲିଆ ଏବଂ ଆର୍ଜେଣ୍ଟିନାରୁ ଆମଦାନି କରିଥାଏ। ୨୦୨୧ରେ କର୍ଣ୍ଣାଟକରେ ମଧ୍ୟ ସ୍ୱଳ୍ପ ପରିମାଣର ଲିଥିୟମ ଭଣ୍ଡାରର ସନ୍ଧାନ ମିଳିଥିଲା।

**ପ୍ରଥମ ପୃଷ୍ଠାରୁ...**

## ଧରଣୀଧର କଲେଜକୁ ...

(ଓଡ଼ିଶା ଆଇନ ୧୯୮୯ର ଧାରା ୫) କ୍ଷମତା ବଳରେ ରାଜ୍ୟ ସରକାର ବାରିପଦାସ୍ଥିତ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କ୍ଷମତା ପରିସୀମାରୁ ଅଲଗା କରି ଧରଣୀଧର ବିଶ୍ୱବିଦ୍ୟାଳୟ ଘୋଷଣା କରିଛନ୍ତି। ଓଡ଼ିଶା ଗେଜେଟରେ ପ୍ରକାଶିତ ହେବା ଦିନଠାରୁ ଏହା କାର୍ଯ୍ୟକାରୀ ହେବ ବୋଲି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ବହୁ ବର୍ଷ ହେଲା ଜିଲାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ହୋଇଆସୁଥିବା ଜିଲାବାସୀଙ୍କ ଦାବି ପୂରଣ ହୋଇଛି। ଏହା ଦ୍ୱାରା ଜିଲାର ଛାତ୍ରୀଛାତ୍ରମାନଙ୍କୁ କୌଣସି ସମସ୍ୟା ପାଇଁ ବାରିପଦା ଯିବାକୁ ପଡ଼ିବ ନାହିଁ। ଏଥିରେ ଅଧିକ ପିଜି ପାଠ୍ୟକ୍ରମ ସାମିଲ, ଭିତ୍ତିଭୂମିର ବିକାଶ କରିବା ନେଇ ପଦକ୍ଷେପ ନିଆଗଲେ ଜିଲାର ପିଲାମାନେ ଉପକୃତ ହେବେ ବୋଲି ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ଅଜୟ ସାହୁ କହିଛନ୍ତି। ସେହିପରି ଡିଡି କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଥିବାରୁ ଆମେ ବହୁତ ଖୁସି। ଏହା ଦ୍ୱାରା ଆମର ବହୁତ ସମସ୍ୟା ଦୂର ହୋଇ ପାରିବ। ଭିତ୍ତିଭୂମିର ବିକାଶ ହେବା ସହ ବିଭିନ୍ନ ବିଷୟରେ ଉଚ୍ଚ ଶିକ୍ଷା ସୁବିଧା ମିଳିବ। ଆଉ ଅନ୍ୟ ଅଞ୍ଚଳକୁ ଯିବାକୁ ପଡ଼ିବ ନାହିଁ ବୋଲି ଛାତ୍ରୀ ଚିତ୍ରଲେଖା ମହାନ୍ତ କହିଛନ୍ତି। ସୂଚନାଯୋଗ୍ୟ, ୧୯୫୭ରେ କେନ୍ଦୁଝରର ବିଜ୍ଞାନ କଲେଜ ଭାବରେ ଧରଣୀଧର କଲେଜ ପ୍ରତିଷ୍ଠିତ ହୋଇଥିଲା। ୧୯୬୨ରେ ଏହାକୁ ରାଜ୍ୟ ସରକାର ହାତକୁ ନେବା ପରେ ୧୯୬୭ରେ କଳା ବିଭାଗକୁ ସାମିଲ କରାଯାଇ କେନ୍ଦୁଝର କଲେଜ ଭାବରେ ନାମିତ ହେଲା। ୧୯୮୩-୮୪ରେ ଏହାକୁ ବିପ୍ଳବୀ ଧରଣୀଧର ନାଏକଙ୍କ ନାମରେ ନାମିତ କରାଯାଇଥିଲା। ୧୯୯୯ରେ ଏହା ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଲଗା ହୋଇ ବାରିପଦାସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଦୂରତ୍ୱ ଦୃଷ୍ଟି କୋଣରୁ ନାନା ସମସ୍ୟା ସୃଷ୍ଟି ହେବାରୁ ଜିଲାରେ ବିଶ୍ୱବିଦ୍ୟାଳୟର ସ୍ଥାପନ ନେଇ ଦାବି ହେଉଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ ମଧ୍ୟ ହୋଇଥିଲା। ପରେ ୨୦୦୪ରେ ମହାବିଦ୍ୟାଳୟ ସ୍ୱୟଂଶାସିତ ମାନ୍ୟତା ପାଇଥିଲା। ରବିବାର ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଛି।

## ଆଜି ରାଜ୍ୟ ...

ସମ୍ଭାବନା ରହିଛି। ପଞ୍ଚାୟତିରାଜ, ସମବାୟ, କୃଷି, ସ୍ୱାସ୍ଥ୍ୟ, ଶିଳ୍ପ ଓ ଜଳସମ୍ପଦ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରସ୍ତାବଗୁଡିକୁ ବୈଠକରେ ଅନୁମୋଦନ ମିଳିବ। ସେହିଦିନ ମନ୍ତ୍ରୀ ପରିଷଦ ବୈଠକ ମଧ୍ୟ ଅନୁଷ୍ଠିତ ହେବ। ଫେବୃୟାରୀ ୨୧ରେ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ୨୪ ତାରିଖରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗୃହରେ ବଜେଟ ଉପସ୍ଥାପନ ହେବ। ଏହା ପୂର୍ବରୁ ବଜେଟକୁ ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ ମିଳିବ ବୋଲି ଜଣାପଡ଼ିଛି।

## ଷୋହଳ ପ୍ରହର ନାମଯଜ୍ଞ

ଖପ୍ରାଖୋଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜୀପାଲି ଗାଁରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ନାମ ସଂକୀର୍ତ୍ତନ ହୋଇଥିଲା। ରଘୁମଣି ସାହୁ ପୂଜା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଏହି ଅବସରରେ ପୂଜା କମିଟି ସଭାପତି ଭାଗବତିଆ ସାହୁ, ସମ୍ପାଦକ ହିମାଂଶୁ ସାହୁ, କୋଷାଧକ୍ଷ ଶ୍ରୀମନ୍ତ ନାଏକ ସମେତ ପୂଜାକମିଟି ଓ ଗ୍ରାମବାସୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ନାମ ସଂକୀର୍ତ୍ତନ ପାଇଁ ୧୧ ଟି ଦଳ ଅଂଶଗ୍ରହଣ କରିଥିଲେ।

# ୫ ମାସର ପିଡିଏସ୍ ଚାଉଳ ହଡ଼ପ



ଚାଉଳ ପାଇ ନ ଥିବା ନୂଆପଡ଼ା ଜିଲା ସିନାପାଲି ବ୍ଲକ ଖଇରପଦର ପଞ୍ଚାୟତର ହିତାଧିକାରୀମାନେ ।

**ଖଇରପଦର ପଞ୍ଚାୟତ**

■ପିଇଓ, ଯୋଗାଣ ସହାୟକଙ୍କୁ ଘେରିଲେ ହିତାଧିକାରୀ

**ସିନାପାଲି,୧୨।୨(ଡି.ଏନ.ଏ.)**

ନୂଆପଡା ଜିଲା ଅନ୍ତର୍ଗତ ସିନାପାଲି ବ୍ଲକ ଖଇରପଦର ପଞ୍ଚାୟତରେ ପିଡିଏସ ଚାଉଳ ହଡପ ହୋଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକ ମିଶି ଚଞ୍ଚକତା କରିଥିବା ସୂଚନା ମିଳିଛି। ଏ ନେଇ ହିତାଧିକାରୀମାନେ ଉଭୟଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଘେରି ଅଟକ ରଖିଥିବା ଜଣାପଡ଼ିଛି। ୫ ମାସର ଚାଉଳ ହିତାଧିକାରୀଙ୍କୁ ତୁରନ୍ତ ପ୍ରଦାନ କରା ନ ଗଲେ ବ୍ଲକ ଅଫିସ ସମ୍ମୁଖରେ ଧାରଣାରେ ବସି ଆନ୍ଦୋଳନ କରିବୁ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି। ପ୍ରାପ୍ତ ଖବର ଅନୁସାରେ ଖଇରପଦର ପଞ୍ଚାୟତ ଅନ୍ତର୍ଗତ ଫୁଲଚି ଓ ଥିପାଖୋଲ ଗ୍ରାମର ପ୍ରାୟ ୧ ଶହ ୨୦ କାର୍ଡଧାରୀ ପରିବାରକୁ ଗତ ଅଗଷ୍ଟରୁ ପିଡିଏସ ଚାଉଳ ଓ ମାଣ୍ଡିଆ ପ୍ରଦାନ କରାଯାଇ ନାହିଁ। ବାରମ୍ବାର ସରପଞ୍ଚ ତଥା ବିଭାଗୀୟ ଅଧିକାରୀ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଚାଉଳ ହଡପ ଘଟଣା ନେଇ ଯୋଗାଣ ନିରୀକ୍ଷକଙ୍କୁ ମଧ ପୂର୍ବରୁ ଅବଗତ କରାଯାଇଥିବା ନେଇ ହିତାଧିକାରୀ ପ୍ରକାଶ କରିଛନ୍ତି। ଫୁଲଚି ଓ ଥିପାଖୋଲ ଗ୍ରାମର ଶତାଧିକ ରାଶନ କାର୍ଡଧାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଚାଉଳ ପାଇଁ ହୋହାଲ୍ଲା କରିଥିଲେ। ଦୀର୍ଘ ସମୟ ଧରି ରାଶନରୁ ବଞ୍ଚିତ ହିତାଧିକାରୀଙ୍କ ସହ ଆଲୋଚନା ପରେ ନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକ ଆଗାମୀ ୧୪ ତାରିଖରେ ଚାଉଳ ପ୍ରଦାନ କରିବୁ ବୋଲି ଏକ ଚୁକ୍ତିନାମା ମାଧମରେ ଘୋଷଣା ପରେ ଉତ୍ତ୍ୟକ୍ତ ହିତାଧିକାରୀ ଶାନ୍ତ ହୋଇପଡ଼ିଥିଲେ। ହେଲେ ନିର୍ଦ୍ଧାରିତ ଦିନ ବକେୟା ଚାଉଳ ନ ପାଇଲେ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ କରି ଧାରଣାରେ ବସିବୁ ବୋଲି ସ୍ଥାନୀୟ ହିତାଧିକାରୀ ରାମେଶ୍ୱର ମାଝି, ରାଇସିଙ୍ଗ ମାଝି, ବଳରାମ ମାଝି, ବନ ମାଝି, ଜୟରାମ ମାଝି, ଟିକେମଣି ମାଝି, ରେମଣି ମାଝି, ତୁଳେଶ୍ୱରୀ ମାଝି, ଅଞ୍ଜୁଳ ମାଝି, ନୁର ମାଝି, ପଦ୍ମନୀ ମାଝି, ନୂଆଦି ମାଝି, ଗୋମତି ମାଝି, ବିଳାସ ମାଝି, ଜାନକୀ ମାଝି, ତୁଳସେ ମାଝି, ଶୋଭନୀ ମାଝି, ଦେବକୀ ରାଉତ, କନ ଘିଭେଲା, ବିଶଦେ ମାଝି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଟ୍ରେନ୍‌ରେ କଟିଲା ମହିଳାଙ୍କ ଗୋଡ଼

**ଗୁରୁତର ଅବସ୍ଥାରେ ବଲାଙ୍ଗୀର ସ୍ଥାନାନ୍ତର**

**ସଇଁତଳା,୧୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ପିତାମହୁଲ ରେଳୱେ ଫାଟକ ନିକଟରେ ରବିବାର ଜଣେ ମହିଳାଙ୍କ ଗୋଡ ଟ୍ରେନରେ କଟିଯାଇଛି। ମହିଳା ଜଣକ ହେଲେ ସଇଁତଳା ଗିରିଗୋବର୍ଦ୍ଧନ ପାଖ କଲୋନୀ ପଡ଼ାର ସୀମା ପୁଟେଲ(୩୨)। ଗୁରୁତର ଅବସ୍ଥାରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମଧାହ୍ନରେ ସୀମା ରେଳଲାଇନ ପାରି ହୋଇ ଆରପାଖରେ ଥିବା ଜଳାଶୟକୁ ଗାଧୋଇବାକୁ ଯାଉଥିବା ସମୟରେ ବଲାଙ୍ଗୀର ପଟୁ ଆସୁଥିବା ମାଲଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଟ୍ରେନ ଚାଳକ ବାରମ୍ବାର ହର୍ଣ୍ଣ ବଜାଇଥିଲେ ହେଁ ଅନ୍ୟମନସ୍କ ହୋଇ ସମ୍ପୃକ୍ତ ମହିଳା ଜଣକ ଏହା ଶୁଣି ପାରି ନ ଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

### ପ୍ରହରୀ ମଣ୍ଡପର ରତ୍ନମୁଦ ସ୍ଥାପନ



**ଖପ୍ରାଖୋଲ,୧୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ରେଙ୍ଗାଲି ସାପ୍ତାହିକ ହଟ ପଡିଆରେ ଗୋଣ୍ଡ ସାଂସ୍କୃତିକ ସମାଜ ତରଫରୁ ବନ୍ଧୁମିଳନ ସହ ପ୍ରହରୀ ମଣ୍ଡପର ରତ୍ନମୁଦ ସ୍ଥାପନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋଣ୍ଡ ସମାଜର ବ୍ଲକ ସଭାପତି ଚୌବନ ମାଝିଙ୍କ ନେତୃତ୍ୱରେ ଇଷ୍ଟ ଦେବତା ବୁଢ଼ାଦେଓଙ୍କ ପୂଜା ପାଠ ପରେ ରତ୍ନମୁଦ ସ୍ଥାପନ କରାଯାଇଥିଲା। ପୂଜା କର୍ତ୍ତାଭାବେ ବଳ ଧରୁଆ କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ କପୂର୍ଚନ ଦାଶ ଓ ସୁଲଭ ଦାଶ ରତ୍ନମୁଦ ସ୍ଥାପନ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ରେଙ୍ଗାଲି ଗୋଣ୍ଡ ସାଂସ୍କୃତିକ ସମାଜର ଘନ ଧରୁଆ, ଆନନ୍ଦ ଧରୁଆ, ତନୁଜ ଧରୁଆ, ବନ ଧରୁଆ, ଖଣ୍ଡ ମାଝି, ନରେନ୍ଦ୍ର ମାଝି, ସନ୍ୟାସୀ ଧରୁଆ, ରାମ ଧରୁଆ, ଧରମ ସିଂହ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ପାଟଣାଗଡ ବିଧାୟକ ସରୋଜ ମେହେର, ଖପ୍ରାଖୋଲ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ଉପାଧକ୍ଷ ସୁଖୀରାମ ସାଣ୍ଡ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର ଯୋଗଦେଇ ଥିଲେ। ଏହି ଉତ୍ସବରେ ବଲାଙ୍ଗୀର, ନୂଆପଡ଼ା ଓ ବରଗଡ଼ ଜିଲା ଗୋଣ୍ଡ ସମାଜର ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ।

### ବ୍ଲକ ଶୌଣ୍ଡିକ ସମାଜର ବୈଠକ

**ଟିଟିଲାଗଡ଼,୧୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକସ୍ତରୀୟ ଦକ୍ଷିଣା ଶୌଣ୍ଡିକ ସମାଜର ଏକ ବୈଠକ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭିମନ୍ୟୁ ସାହୁଙ୍କ ଅନୁପସ୍ଥିତିରେ ପରମେଶ୍ୱର ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶୌଣ୍ଡିକ ସମାଜର ଇଷ୍ଟଦେବୀ ପୂଜନ, ବିଭିନ୍ନ ସାମାଜିକ ସମସ୍ୟାର ନିରାକରଣ, ସମାଜ ସଦସ୍ୟଙ୍କ ଆର୍ଥିକ ଅଭିବୃଦ୍ଧି, ଆସନ୍ତା ଏପ୍ରିଲରେ ଲଡୁଗାଁଠାରେ ହେବାକୁ ଥିବା ମହାସଂଘ ବୈଠକରେ ଯୋଗଦାନ ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ସମାଜର ବରିଷ୍ଠ ସଦସ୍ୟ ଦୟାନିଧି ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଟିଟିଲାଗଡଠାରେ ସମାଜର କଲ୍ୟାଣ ନିର୍ମାଣ ମଣ୍ଡପ ନିର୍ମାଣ ନେଇ ପାଣ୍ଠିର ବ୍ୟବସ୍ଥା କରିବାକୁ ସମାଜ ସଦସ୍ୟ ତଥା ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା ପ୍ରତିଶ୍ରୁତି ଦେଇଥିଲେ। ସମାଜର ଜିଲା ଉପସଭାପତି ତୁଳସିରାମ ସାହୁ, ପ୍ରଦୀପ ସାହୁ, ଜିଲା ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ଆଶିଷ ସାହୁ, କବିରାଜ ସାହୁ, ନବିନ ବେହେରା, ଅଲେଖ ବେହେରା, ରାଜେନ୍ଦ୍ର ସାହୁ, ହୃଷୀକେଶ ସାହ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ




ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦ୍‌ଘାଟନୀ ଅବସରରେ ପ୍ରତିଯୋଗୀଙ୍କ ସହ ଅତିଥି।

**ବଲାଙ୍ଗୀର ଅଫିସ, ୧୨।୨**

ବଲାଙ୍ଗୀର ଟାଉନ ହଲଠାରେ କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଇମ୍ପେରିଆଲ କ୍ଲାସିକ-୨୩ ରବିବାର ଉଦ୍‌ଘାଟିତ ହୋଇଛି। ବିଧାୟକ ନରସିଂହ ମିଶ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ମିଶ୍ର କହିଥିଲେ ଯେ, ସ୍ୱାସ୍ଥ୍ୟ ହିଁ ସବୁଠୁଁ ମୂଲ୍ୟବାନ ସମ୍ପଦ। ସୁନ୍ଦର ସ୍ୱାସ୍ଥ୍ୟ ମନକୁ ପ୍ରଫୁଲ୍ଲିତ କରିଥାଏ। ସୁସ୍ଥ ଶରୀର ସଶକ୍ତ ସମାଜର ପରିଚାୟକ। ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବା ସହ ନିରୋଗୀ ହେବାର ପ୍ରେରଣା ପାଉଛନ୍ତି ବୋଲି ବିଧାୟକ ମିଶ୍ର ମତବ୍ୟକ୍ତ କରିଛନ୍ତି। କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନ ତଥା ଇଣ୍ଡିଆନ ବଡି ବିଲ୍ଡିଂ ଏଣ୍ଡ ଫିଟନେସ ଫେଡେରେସନ ସଭାପତି ଗୋପାଳକୃଷ୍ଣ ବାଗଙ୍କ ସଭାପତିତ୍ୱ ଏବଂ ସାଙ୍ଗଠନିକ ସମ୍ପାଦକ ବାଳକୃଷ୍ଣ ବାଗଙ୍କ ପରିଚାଳନାକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର କେନ୍ଦ୍ରୀୟ ପୋଲିସ ବଳ କମାଣ୍ଡାଣ୍ଟ ପବନ କୁମାର ତିୱାରୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦୀର୍ଘ ୬ ବର୍ଷ ହେବ କଳିଙ୍ଗ ବଡି ବିଲ୍ଡିଂ ଆସୋସିଏଶନ ରାଜ୍ୟସ୍ତରରେ ଉଭୟ ମହିଳା ଓ ପୁରୁଷ ବିଭାଗ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଆୟୋଜନ କରିବା ସହ ନୂତନ ପ୍ରତିଭାକୁ ସୁଯୋଗ ଦେଇଆସୁଛି। ସଭାରେ ବିଧାୟକ ମିଶ୍ର ସଂଘ କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ବଛାବଛା ପ୍ରତିଯୋଗୀ ଭାଗ ନେଇ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଛନ୍ତି।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଆବିର୍ଭାବ ଦିବସ

**ଖଡ଼ିଆଳ,୧୨।୨(ଡି.ଏନ.ଏ.)**

ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଆବିର୍ଭାବ ଦିବସ ତଥା ଖଡ଼ିଆଳ ସତସଙ୍ଗ କେନ୍ଦ୍ର ସାନଦୋହେଲର ପଞ୍ଚମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଖଡ଼ିଆଳ କୋଶଳେଶ୍ୱର ମନ୍ଦିରଠାରୁ ସମଲେଶରୀ ମନ୍ଦିର ପର୍ଯ୍ୟନ୍ତ ଏକ ଭବ୍ୟ ରଥରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଫଟୋଚିତ୍ର ରଖି ସତା ଧିକ ଠାକୁରଙ୍କ ଅନୁଗାମୀ ଦୀକ୍ଷା ପ୍ରାପ୍ତ ଗୁରୁ ଭାଇ ଓ ଗୁରୁ ମା'ମନେ କୀର୍ତ୍ତନ କରି ଖଡ଼ିଆଳ ସହର ପରିକ୍ରମା କରିଥିଲେ। ସତସଙ୍ଗ କେନ୍ଦ୍ର ବାର୍ଷିକ ଉତ୍ସବରେ ନୂଆପଡ଼ା ସତସଙ୍ଗ ବିହାରର ଅଧକ୍ଷ ରିତକ ଦେବ୍, ବିଭୁଦତ୍ତ ଗୁରୁ ସଭାପତିତ୍ୱ କରିଥିଲେ। ଗୁରୁଭାଇ ଅରୁଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଗଡର ରିତିକ ଦେବ, ରଜନୀକାନ୍ତ ପଣ୍ଡା ଯୋଗଦେଇ ଅନୁକୂଳ ଚନ୍ଦ୍ରଙ୍କ ଜୀବନୀ ଓ ସେ ଲେଖି ଥିବ ବାଣୀ ଉପରେ ବର୍ଣ୍ଣନା କରିଥିଲେ। ଖଡ଼ିଆଳ ସତସଙ୍ଗ କେନ୍ଦ୍ର ଅଧକ୍ଷ ଅଧୂର୍ଯ୍ୟ ଦେବ, ରାଜକିଶୋର ନାୟକ ଅଭିଭାଷଣ ରଖିଥିଲେ। ଖଡ଼ିଆଳ ସତସଙ୍ଗ କେନ୍ଦ୍ରର ସମସ୍ତ ଗୁରୁ ଭାଇ ଓ ଗୁରୁ ମା' ସହଯୋଗ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com




@ ମାନଭଞ୍ଜନ



@ ନିକିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱଚ୍ଛ ଭାରତ, ନିଶାମୁକ୍ତ ଅଭିଯାନ ସଚେତନତା ରାଲି



ସରପଞ୍ଚଙ୍କ ନେତୃତ୍ୱରେ ଯୋଗୀସର୍ଡାରେ ସଚେତନତା ଶୋଭାଯାତ୍ରା ପରିକ୍ରମା କରୁଛି ।

**ଲୋଇସିଂହା,୧୨।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମରେ ସ୍ଥାନୀୟ ପଞ୍ଚାୟତ ଓ ଉପସ୍ୱାସ୍ଥ୍ୟ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ବିପର୍ଯ୍ୟସ୍ତ ପରିମଳ, ତମାଖୁ ବର୍ଜନ ଓ ନିଶାମୁକ୍ତ ଅଭିଯାନ ସଚେତନତା ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି। ସୋମବାରରୁ ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଗ୍ରାମର ପ୍ରସିଦ୍ଧ ଯୋଗେଶ୍ୱର ଧାମ ପୀଠରେ ମହାଶିବରାତ୍ରି ମେଳା ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ବସ୍ତିରାସ୍ତା ସଫେଇ କାର୍ଯ୍ୟ ହାତକୁ ନିଆଯାଇଛି। ସରପଞ୍ଚ ବିଜୁଳି ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଶା, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ମହିଳା ସିଆରପିଙ୍କୁ ନେଇ ଗ୍ରାମରେ ପରିମଳ ଉପରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ମହିଳାମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ମଶା, ମାଛି ଉପଦ୍ରବ ଏବଂ ନାନାରୋଗରୁ ମୁକ୍ତ ପାଇଁ ବସ୍ତି ରାସ୍ତା ସଫା ରଖିବା ଏବଂ ଘରୁ ବାହାରୁ ଥିବା ବର୍ଯ୍ୟବସ୍ତୁକୁ ସ୍ୱଚ୍ଛ ଭାରତ ଅଭିଯାନର ଆବର୍ଜନା କୁଣ୍ଡରେ ପକାଇବାକୁ ସଚେତନ କରାଯାଇଥିଲା। ଏହି ଅବସରରେ ଗ୍ରାମକୁ ନିଶାମୁକ୍ତ ଉପରେ ସଚେତନ କରିଥିଲେ। ସେହିପରି ସ୍ଥାନୀୟ ଉପସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଜୟନ୍ତୀରାଣୀ ସେଠଙ୍କ ନେତୃତ୍ୱରେ ସଚେତନ କରାଯାଇଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଲୋଇସିଂହା,୧୨।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡାର ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମପ୍ରସାଦ ତ୍ରିପାଠୀଙ୍କ ରବିବାର ପରଲୋକ ହୋଇଯାଇଛି । ମତୃ୍ୟ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ୧୯୮୬ରେ ଚାକିରୀ ଜୀବନ ଆରମ୍ଭ କରି ୨୦୧୭ରେ ବ୍ଲକର ବୁଢୀପଦର ପଞ୍ଚାୟତ ପିପିଲିପାଲି ସ୍କୁଲରୁ ଅବସରଗ୍ରହଣ କରିଥିଲେ। ଗତକିଛି ମାସ ହେଲା ସେ ଅସୁସ୍ଥ ଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନେଉଥିବା ବେଳେ ଖୋର୍ଦ୍ଧାଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ, ପୁଅ ଶ୍ରୀଦତ୍ତ, ଝିଅଜ୍ୱାଇଁ ଓ ସମ୍ପକୀୟ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟବ୍ୟକ୍ତି ଶେଷ ଦର୍ଶନ କରି ଶବାଧାରରେ ସାମିଲ ହୋଇଥିଲେ। ଅପରାହ୍ନରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଶ୍ରୀଦତ୍ତ ମୁଖାଗ୍ନି ଦେଇଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

**କଣ୍ଟାବାଞ୍ଜି, ୧୨।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ରବିବାର ଚୟନ କରାଯାଇଛି । ସ୍ଥାନୀୟ ମଙ୍ଗଳ ଭବନରେ କ୍ରିସ୍ତାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକର ଏନପିଏସ ଶିକ୍ଷକମାନଙ୍କୁ ନେଇ ଗଠିତ ସଂଘର ସଭାପତିଭାବେ ଅମରେନ୍ଦ୍ର ବାଗ, କାର୍ଯ୍ୟକାରୀ ସଭାପତିଭାବେ ବିବେକ ରାୟ, ବିଜୟ ତାଣ୍ଡି, ତାପସ ମଲ୍ଲିକ, ସମ୍ପାଦକ ଅର୍ଜୁନ ଧରୁଆ, ସହସମ୍ପାଦକ ଦୀପକ ବେହେରା ଓ ଜେନାରାମ ମାହାର, କୋଷାଧକ୍ଷ ବିମଳ କୁମାର ହାତୀ, ସାମାଜିକ ସଂଯୋଜକଭାବେ ମନୋଜ ତାଣ୍ଡିଙ୍କୁ ସର୍ବସମ୍ମତକ୍ରମେ ମନୋନୟନ କରାଯାଇଛି। ସଂଘର ଉପଦେଷ୍ଟାଭାବେ ଦାୟିତ୍ୱ ତୁଲାଇବେ ଜାନକିରାମ ସମବେଦମ। ଆଗାମୀ ଦିନରେ ଏନପିଏସ ଶିକ୍ଷକ ମାନଙ୍କ ବିଭିନ୍ନ ଦାବି ସରକାରଙ୍କଠାରେ ଉପସ୍ଥାପନ କରିବା ପାଇଁ ସବୁମତେ ଉଦ୍ୟମ କରାଯିବ ବୋଲି ନୂତନ ସଭାପତି ବାଗ ପ୍ରକାଶ କରିଛନ୍ତି।



ପ୍ରାଥମିକ ଶିକ୍ଷକ ସଂଘର ସଦସ୍ୟ ଓ କର୍ମକର୍ତ୍ତା।

# ବଲାଙ୍ଗୀରକୁ ହରାଇ କଟକ ଚାମ୍ପିୟନ

**ସଇଁତଳା, ୧୨।୨(ଡି.ଏନ.ଏ.)**




ବିଜେତା ଦଳ ସହ ଅତିଥିମାନେ।

**ବଧିର ଟି୨୦ ଓଡ଼ିଶା କ୍ରିକେଟ ଚାମ୍ପିୟନଶିପ**

ବଲାଙ୍ଗୀର ଜିଲା ସଇଁତଳା ବଡ଼ମାଳ ଗୋଳାବାରୁଦ କାରଖାନାସ୍ଥିତ ସ୍ପୋର୍ଟସ ଷ୍ଟାଡ଼ିୟମରେ ବଧିର ଟି୨୦ ଓଡ଼ିସିଏ ପ୍ରଥମ ଓଡ଼ିଶା କ୍ରିକେଟ ଚାମ୍ପିୟନଶିପ ରବିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ କଟକ ଓ ବଲାଙ୍ଗୀର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୧୪୩ ରନ କରିଥିଲା। ଜବାବରେ କଟକ ୧୮ ଓଭରରେ ୫ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଫାଇନାଲ ଖେଳରେ ସୁରେନ୍ଦ୍ର ମହାନନ୍ଦ ଓ ବିଚିତ୍ର ରାଉତ ଅମ୍ପେୟାର, ନିମାଇଁ ଚରଣ ମଲ୍ଲିକ ଓ ବୀରେନ୍ଦ୍ର ମୁନା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବଡ଼ମାଳ ଗୋଳାବାରୁଦ କାରଖାନାର ମହାପ୍ରବନ୍ଧକ ପ୍ରଦୀପ ଦାସ ମୁଖ୍ୟ ଅତିଥି, ସିନିୟର ସିକ୍ୟୁରିଟି ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣେଲ ଜନ୍ମେଜୟ ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜୟୀ କଟକ ଦଳକୁ ଟ୍ରଫିସହ ନଗଦ ୨୦ହଜାର ଏବଂ ରନର୍ସଅପ ବଲାଙ୍ଗୀର ଦଳକୁ ନଗଦ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। କଟକର ରାଜେଶ ମୁଦୁଲି ଖେଳର ଶ୍ରେଷ୍ଠ ଖେଳାଳି ଏବଂ ମ୍ୟାନ ଅଫ ଦି ସିରିଜ ହାତେଇଥିଲେ। ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଗଞ୍ଜାମ, ବଲାଙ୍ଗୀର ଓ କଟକ ଦଳ ଭାଗନେଇଥିଲେ। ଓଡ଼ିଶା ମୂକ ବଧିର କ୍ରିକେଟ ଆସୋସିଏଶନ ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ବଲାଙ୍ଗୀର ମୂକ ବଧିର କ୍ରିକେଟ ଆସୋସିଏଶନ ଆୟୋଜନ କରିଥିଲା।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟକୁ ପିଟିଲା ବାଇକ୍, କଲେଜ ଛାତ୍ର ମୃତ

**ରାଉରକେଲା ଅଫିସ,୧୨।୨:** ରାଉରକେଲା ସେକ୍ଟର-୫ ଅଞ୍ଚଳରେ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯିବାରୁ ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରଞ୍ଜିତ ମୁଣ୍ଡା(୧୮)। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଛାତ୍ର ଗୁରୁତର ହୋଇ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଛନ୍ତି। ସେକ୍ଟର-୭ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ରବିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୯।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ଟେନସା ଅଞ୍ଚଳର ରଞ୍ଜିତ ମୁଣ୍ଡା ଏବଂ ବରସୁଆଁର ଅମିତ ବାର୍ଲା ଓ କୁତ୍ରାର ସୁମିତ ଆଇଣ୍ଡ ଶକ୍ତିନଗରର ଏକ ଭଡା ଘରେ ମେସ୍ କରି ରାଉରକେଲା ମ୍ୟୁନିସିପାଲ କଲେଜରେ ଯୁକ୍ତ ୩ରେ ପଢୁଥିଲେ। ଶନିବାର ରାତି ସାଢେ ୧୧ଟାରେ ଉକ୍ତ ଛାତ୍ରମାନେ ଏକ ହୋଣ୍ଡା ଗ୍ଲାମର ବାଇକ୍ (ନଂ.ଓଡି୧୪ଜେ/୭୨୦୪) ଯୋଗେ ରାଉରକେଲା ସେକ୍ଟର-୫ ଅଞ୍ଚଳରେ ବୁଲୁଥିଲେ। ରଞ୍ଜିତ ବାଇକ ଚଳାଉଥିବାବେଳେ ସେକ୍ଟର-୫ ସ୍ଥିତ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଭାରସାମ୍ୟ ହରାଇ ରାସ୍ତାକଡ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲେ। ପୋଲିସ ନାଇଟ ପାଟ୍ରୋଲିଂ ଟିମ୍ ଉକ୍ତ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ରଞ୍ଜିତଙ୍କୁ ମୃତ ଘୋଷଣା କରିଥିଲେ।

### ଅଜଣା ଯୁବକଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ,୧୨।୨:** ରାଉରକେଲା ଜିଆର୍‌ପି ପୋଲିସ ବିଶ୍ରା ରେଲୱେ ଓଭରବ୍ରିଜ ରେଳ ଧାରଣାରୁ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ରବିବାର ଜବତ କରିଛି। ମୃତକଙ୍କ ବୟସ ପାଖାପାଖି ୩୦ ବର୍ଷ ହେବ ଏବଂ ତାଙ୍କ ପରିଚୟ ମିଳିନାହିଁ। ରବିବାର ଅପରାହ୍ନ ସାଢେ ୨ଟାରେ ଉକ୍ତ ଯୁବକଙ୍କ ମୃତଦେହ ରେଳ ଧାରଣାରେ ପଡିଥିବା ମଛଲି ବସ୍ତିର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଟ୍ରେନରୁ ଦମ୍ପତିଙ୍କ ବ୍ୟାଗ୍ କାଟି ଚୋରି, ୩ ଗିରଫ

**ରାଉରକେଲା ଅଫିସ,୧୨।୨:** ଚଳନ୍ତି ଟ୍ରେନରୁ ଏକ ଦମ୍ପତିଙ୍କ ବ୍ୟାଗ୍‌କାଟି ଚୋରି ଅଭିଯୋଗରେ ରାଉରକେଲା ଜିଆର୍‌ପି ପୋଲିସ ୩ଜଣଙ୍କୁ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ହରିୟାନା ଅଞ୍ଚଳର ଫୁଲ କୁମାର(୪୨), ଦିନେଶ ସିଂ(୩୫) ଓ ପବନ କିଷାନ(୩୧)। ସେମାନଙ୍କଠାରୁ ୫୩୭୨ ଟଙ୍କା ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ ରବିବାର କୋର୍ଟଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ.୨୩।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ଗତ ୮ ତାରିଖରେ ସେକ୍ଟର-୨୧ ନୟାବଜାର ଅଞ୍ଚଳର ଆନନ୍ଦ ପ୍ରସନ୍ନ ମହାପାତ୍ର ସପରିବାର ଭେଲୋରରୁ ଯଶବନ୍ତପୁର-ହାଟିଆ ଟ୍ରେନ ଯୋଗେ ରାଉରକେଲା ଫେରୁଥିଲେ। ଟ୍ରେନ୍ ସମ୍ବଲପୁର ଷ୍ଟେଶନରେ ପହଞ୍ଚିବା ପରେ ସେମାନେ ଷ୍ଟେଶନରେ କିଛି ସମୟ ଲାଗି ଓହ୍ଲାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ତାଙ୍କ ବ୍ୟାଗ୍ କାଟି ୭ ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ଆନନ୍ଦ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚି ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରବିବାର ସକାଳ ସାଢେ ୧୧ଟାରେ ୩ ଅଭିଯୁକ୍ତଙ୍କୁ ଟାଟା ରେଳ ଷ୍ଟେଶନରୁ ଗିରଫ କରିଥିଲା।

### ଦୁର୍ଘଟଣାଗ୍ରସ୍ତ ମହିଳା ଚିକିତ୍ସାଧୀନ ଅବସ୍ଥାରେ ମୃତ

**ରାଉରକେଲା ଅଫିସ,୧୨।୨:** ଡମ୍ଫର ଧକ୍କାରେ ଗୁରୁତର ହୋଇ ରାଉରକେଲା ଜେପି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ରବିବାର ସକାଳ ୯ଟାରେ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଜୟନ୍ତୀ ସେଠୀ(୩୨)। ଏ ନେଇ ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୧।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ଗତ ୮ତାରିଖରେ ତେହେରାଇ ଅଞ୍ଚଳର ଜୟନ୍ତୀ କୋଇଡାରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ କୋଇଡା ବାଇପାସ୍ ରୋଡ୍ ଉପରେ ଏକ ଡମ୍ଫର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୋଇଡା ସରକାରୀ ଡାକ୍ତରଖାନା ଓ ପରେ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରବିବାର ତାଙ୍କର ମୃତ୍ୟୁ ହୋଇଛି।

# ଶିକ୍ଷାରେ ମାନବ ଜୀବନ କେନ୍ଦ୍ରୀଭୂତ

## ଶ୍ରୀଅରବିନ୍ଦ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା ଅଫିସ,୧୨।୨**

ରାଉରକେଲା ସେକ୍ଟର-୫ ସ୍ଥିତ ଶ୍ରୀଅରବିନ୍ଦ ସ୍କୁଲରେ ଗତ ୯ତାରିଖରୁ ଆରମ୍ଭ ହୋଇଥିବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ରାଉରକେଲା ବିଧାୟକ ସାରଦା ନାୟକ ଯୋଗଦେଇ କହିଥିଲେ, ଶ୍ରୀଅରବିନ୍ଦଙ୍କ ନୀତି, ଆଦର୍ଶ ଅତୁଳନୀୟ। ଅରବିନ୍ଦ ଶିକ୍ଷା ପ୍ରତିଷ୍ଠାନ କେବଳ ବୈଷୟିକ ଶିକ୍ଷା ମଧ୍ୟରେ ସୀମିତ ନାହିଁ। ପିଲାଙ୍କୁ ଭାରତୀୟ ବୈଦିକ ସଂସ୍କୃତି ଭିତ୍ତିକ ଜ୍ଞାନ ପ୍ରଦାନ କରିବାର ଏହା ପ୍ରମୁଖ ମୁଖଶାଳା ବୋଲି ନାୟକ କହିଥିଲେ। ଏନ୍‌ସିଆର୍‌ଟି ନିର୍ଦ୍ଦେଶକ ତଥା ପ୍ରଫେସର ଏଚ୍. କେ. ଶତପଥି ଏବଂ ପ୍ରଫେସର ପ୍ରସାଦ ତ୍ରିପାଠୀ ବିଶେଷ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣରେ ଶିକ୍ଷାରେ ହିଁ ମାନବ ଜୀବନ କେନ୍ଦ୍ରୀଭୂତ ଏବଂ ମହାନ ଲକ୍ଷ୍ୟ ହାସଲ କରିବାକୁ ହେଲେ ଦିବ୍ୟ ସଙ୍ଗତି ନିହାତି ଆବଶ୍ୟକ ବୋଲି କହିଥିଲେ। ଡଃ ଯୋଗେଶ ମୋହନ, ସେଲ୍ ଇଡି ୱାର୍କ୍ସ ବିଭାଗର ଅଧିକାରୀ ଏସ୍. ଆର. ସୂର୍ଯ୍ୟବଂଶୀ, ଶିଶୁରୋଗ ବିଶେଷଜ୍ଞ ପ୍ରଶାନ୍ତ ପାତ୍ର, ଭାଗରଥି ପାତ୍ର ଏବଂ ଗଦାଧର ମିଶ୍ର ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି ଶ୍ରୀଅରବିନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଏହାପରେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡଚେରୀର ସାଧକ ଡଃ ଆଲୋକ ପାଣ୍ଡେଙ୍କ ଦ୍ୱାରା ଶ୍ରୀଅରବିନ୍ଦଙ୍କ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ସ୍କୁଲର ସଭାପତି ଡଃ ଜ୍ୟୋତ୍ସ୍ନା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଡଃ କିଶୋରୀ ଦାଶ ଓ ଡଃ ପ୍ରଶାନ୍ତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍କୁଲର ଅଧକ୍ଷା ଗୋଦାବରିଶ ବଢେଇ ଧନ୍ୟବାଦ ଅର୍ପଣ କରିଥିଲେ।




ଦେବଗଡ଼ ପୌରପାଳିକା ନିକଟରେ ଥିବା ଥଣ୍ଡା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଦୀର୍ଘ ଦିନ ଧରି ଅଚଳ ହୋଇପଡ଼ିଥିବାବେଳେ ଆଗକୁ ଗ୍ରୀଷ୍ମଋତୁ ଥିବାରୁ ଏଥିପ୍ରତି ଦୃଷ୍ଟି ପଡୁନି।

## କଂଗ୍ରେସରେ ମିଶିଲେ ଯୁବନେତା

**ରାଉରକେଲା ଅଫିସ,୧୨।୨**

ରାଉରକେଲାର ପୂର୍ବତନ ଛାତ୍ରନେତା ଏସ୍. ଅଶୋକ କୁମାର, ଛେଣ୍ଡ ଅଞ୍ଚଳର ଯୁବନେତା ଦେବେନ୍ଦ୍ର ବାରିକ ଏବଂ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ରବିବାର ବିଧିବଦ୍ଧ ଭାବେ କଂଗ୍ରେସ ଦଳରେ ସାମିଲ ହେବା ସହିତ ସଦସ୍ୟତା ଗ୍ରହଣ କରିଛନ୍ତି। ନୂତନ ଭାବେ ସାମିଲ ହୋଇଥିବା ୨ ଛାମୁଆ ଯୁବନେତା ଓ ଜଣେ ଅବସରପ୍ରାପ୍ତ କର୍ମଚାରୀ କଂଗ୍ରେସ ଦଳରେ ଯୋଗଦେବା ଛେଣ୍ଡ ବ୍ଲକ ସମେତ ରାଉରକେଲା କଂଗ୍ରେସ ସଙ୍ଗଠନକୁ ମଜବୁତ କରିବା ଦର୍ଶାଇଛନ୍ତି ରାଉରକେଲା ଜିଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ ଓ ପ୍ରାକ୍ତନ କଂଗ୍ରେସ ବିଧାୟକ ବିରେନ ସେନାପତି। ଏହି ପରିପ୍ରେକ୍ଷୀରେ ନବାଗତମାନଙ୍କୁ ଦଳୀୟ ଟୋପି ପିନ୍ଧାଇ ଜିଲା କଂଗ୍ରେସ ପକ୍ଷରୁ ସ୍ୱାଗତ କରାଯାଇଥିଲା।

# ଗୁରୁ ଆଜ୍ଞା ମାନିଲେ ସଫଳତା ନିଶ୍ଚିତ

## କବିବର ରାଧାନାଥ ରାୟ ବିଦ୍ୟାପୀଠରେ ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୨।୨**

ରାଉରକେଲା ସେକ୍ଟର-୬ ସ୍ଥିତ କମ୍ୟୁନିଟି ସେଣ୍ଟରରେ ରବିବାର କବିବର ରାଧାନାଥ ରାୟ ବିଦ୍ୟାପୀଠର ୩୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି କ୍ରୀଡ଼ା, ସମାଜ କଲ୍ୟାଣ ବିଭାଗ ପ୍ରବନ୍ଧକ ବିଜୟ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଗୁରୁ ବିନା ଜ୍ଞାନ ଚକ୍ଷୁ ଉଦୟ ଅସମ୍ଭବ। ଏଣୁ ଗୁରୁଙ୍କ ଆଦେଶକୁ ପାଥେୟ କରି ଅଗ୍ରସର ହେଲେ ସଫଳତା ସୁନିଶ୍ଚିତ ବୋଲି ସେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଉତ୍ସବରେ ବିଶେଷ ଅତିଥି ଭାବେ ସର୍ବଭାରତୀୟ କାର୍ଯ୍ୟନିର୍ବାହୀ ସଙ୍ଗଠକ ତଥା ସେଲ୍‌ର ପୂର୍ବତନ ସଭାପତି ବିମଳ ବିଶି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ହୃଷୀକେଶ ରାୟ କଲେଜ ଅଧକ୍ଷ ଭବେଶ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ଗ୍ରହଣର ପ୍ରକୃତ ଯଥାର୍ଥତା ଉପରେ ଆଲୋକପାତ କରିଥିଲେ। ରାଧାନାଥ ରାୟ ବିଦ୍ୟାପୀଠ ସଭାପତି ଶରତ କୁମାର ଦାଶ ଉପସ୍ଥିତ ଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଲେଙ୍କା ବାର୍ଷିକ ବିବରଣୀ ପଠନ କରିଥିଲେ। କମ୍ୟୁନିଟି ସେଣ୍ଟର ସମ୍ପାଦକ ଦେବଦତ୍ତ ଜେନା ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସସ୍ମିତାରାଣୀ ପୋଥାଲ ଓ ସରିତାରାଣୀ ପୋଥାଲଙ୍କ ନିର୍ଦ୍ଦେଶନା କ୍ରମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୀତାଞ୍ଜଳି ଦାଶ ଓ ସରିତା ଥୋପାଲ ସଭାମଞ୍ଚ ପରିଚାଳନା କରିଥିବା ବେଳେ ଅଶୋକ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

## ବିଜେଡି ରୌପ୍ୟ ଜୟନ୍ତୀରେ କମ୍ବଳ ବଣ୍ଟନ

**ରାଉରକେଲା ଅଫିସ,୧୨।୨**

ବିଜେଡିର ରୌପ୍ୟ ଜୟନ୍ତୀ ଅବସରରେ ରାଉରକେଲା ବିଜେଡି ପକ୍ଷରୁ ବନ୍ଧମୁଣ୍ଡା ସ୍ଥିତ ବଙ୍ଗଭାରତୀ ପରିସରରେ ରବିବାର ଗରିବ ଜନସାଧାରଣଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଜେଡ଼ି ଜିଲା ସଭାପତି ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଯୋଜନା ଓ ନୀତି ସାଧାରଣ ଜନତା ନିକଟରେ ପହଞ୍ଚାଇବା ପ୍ରତି କର୍ମୀଙ୍କ ଦାୟିତ୍ୱ ବୋଲି କହିଥିଲେ। ଉପସଭାପତି ସୁଦାମ ଦାସ, ଟାଉନ ସଭାପତି ଗଗନ ପଣ୍ଡା, ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ଯୁବ ସଭାପତି ସୁଶାନ୍ତ ରାଉତ ଓ ଛାତ୍ର ନେତା ଡ଼ି ଅଭିକ କୁମାର ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com




@ ମାନଭଞ୍ଜନ




@ ନିକିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଣ୍ଡପ କାର୍ଯ୍ୟରେ ଅନିୟମିତତା, ତଦନ୍ତ ଦାବି



ମଣ୍ଡପ କାର୍ଯ୍ୟରେ ନିମ୍ନମାନର ଇଟା ବ୍ୟବହାର।

**ସୁନ୍ଦରଗଡ଼, ୧୨।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ମୁଖ୍ୟ ଡାକଘର ସମ୍ମୁଖରେ ଥିବା ଦୁର୍ଗା ମଣ୍ଡପ ନିକଟରେ ବିଧାୟିକା ପାଣ୍ଠିରୁ ୫ଲକ୍ଷ ଟଙ୍କା ଏବଂ ଏନଟିପିସି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ୩୦ଲକ୍ଷ ଟଙ୍କା ବିନିମୟରେ ନିର୍ମାଣାଧୀନ ଏକ ମଣ୍ଡପ କାର୍ଯ୍ୟରେ ଅନିୟମିତତା ହୋଇଛି। ଅନୁମୋଦିତ ନୂଆ ଇଟା ବଦଳରେ ପୁରୁଣା ଇଟା ବ୍ୟବହାର କରାଯାଇ ସରକାରୀ ଅର୍ଥ ବାଟମାରଣା ପାଇଁ ଉଦ୍ୟମ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସହରର ମଧ୍ୟସ୍ଥଳରେ ଏହାର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ, ପୁରୁଣା ଇଟାସବୁ କେତେକ କାନ୍ଥରେ ବ୍ୟବହାର କରାଯାଇଛି। ଅଧିକାଂଶ ଇଟା ଏହାର ଭିତ୍ତିଭୂମିରେ ଜାଣିଶୁଣି ବ୍ୟବହାର କରାଯାଇଛି। ଯାହା ନିର୍ମାଣାଧୀନ ମଣ୍ଡପ ତଳେ ରହିଯାଇଛି। ଏହି ଜନଗହଳିପୂର୍ଣ୍ଣ ଜାଗାରେ ସମସ୍ତେ ଦେଖୁଥିଲେ ମଧ ବେଧଡକ ଭାବେ ଚାଲିଛି ଏହାର ନିର୍ମାଣ କାର୍ଯ୍ୟ। ଅଭିଯୋଗ ଅନୁସାରେ କିଛି ମାସ ପୂର୍ବରୁ ପୁରୁଣା ସର୍କିଟ ହାଉସକୁ ଭଙ୍ଗା ଯାଇଥିଲା। ଏହି ଭଙ୍ଗା ଘରୁ ବାହାରିଥିବା ଇଟାରେ ଏହି ମଣ୍ଡପର ଭିତ୍ତିଭୂମି କାର୍ଯ୍ୟ କରାଯାଇଛି। ଏହି ମଣ୍ଡପର ଅଧା କାନ୍ଥ ବେଆଇନ ଭାବେ ଅତି ସାଧାରଣ ଇଟାରେ କାର୍ଯ୍ୟ କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ସଦର ବ୍ଲକ ଦ୍ୱାରା ତଦାରଖ ହେଉଛି କିନ୍ତୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁ ମନ୍ଦିର ଓ ମଣ୍ଡପ ଭଳି ପବିତ୍ର ସ୍ଥାନରେ ମଧ ଦୁର୍ନୀତି କରିବାକୁ ପଛଘୁଞ୍ଚା ଦେଉନାହାନ୍ତି ଠିକାଦାର ଓ ସରକାରୀ କର୍ମଚାରୀ। ଏ ନେଇ ଅନେକ ବୁଦ୍ଧିଜୀବୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରୁଥିଲେ ମଧ ଏ ନେଇ ସରକାରୀ ଅଧିକାରୀମାନେ କର୍ଣ୍ଣପାତ କରୁ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

## ମାଟି ଅଡଡ଼ା ଖସି ଟ୍ରାକ୍ଟର ଚାଳକ ମୃତ

**ବେଲପାହାଡ,୧୨।୧(ଡି.ଏନ.ଏ.)**

ମାଟିଲୋଡିଂ କରିବାକୁ ଟ୍ରାକ୍ଟର ନେଇ ଯାଇଥିଲେ। ହେଲେ ମାଟି ଅଡଡା ଖସି ପଡିବାରେ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଏହିଭଳି ଘଟଣା ଘଟିଛି ଝାରସୁଗୁଡା ଜିଲା ବେଲପାହାଡ ଥାନା ଅଞ୍ଚଳରେ। ମୃତକ ପିପିଲିମାଲ ପଞ୍ଚାୟତ କଟୁଯୋର ଗ୍ରାମର ମାଧବ ରକ୍ସା (୪୦)। ଶନିବାର ମାଧବ ମାଟି ଆଣିବା ପାଇଁ କଟୁଯୋର ନାଳକୁ ଯାଇଥିଲେ। ଲୋଡିଂ କରିବାକୁ ଟ୍ରାକ୍ଟର ରଖି ମାଟି ଗଦା ଉପରକୁ ଚଢିବା କ୍ଷଣି ଏହା ଧସିଥିଲା। ଏଥିରେ ମାଧବ ମାଟିରେ ପୋତି ହୋଇ ଯାଇଥିଲେ। ଖବର ପାଇ ବେଲପାହାଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଟିତଳେ ପୋତି ହୋଇଥିବା ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

## ଜିଲା ଭାଜପାର ବୈଠକ

**ବେଲପାହାଡ,୧୨।୧(ଡି.ଏନ.ଏ.)**

ବେଲପାହାଡଠାରେ ଝାରସୁଗୁଡ଼ା ଜିଲା ଭାରତୀୟ ଜନତା ପାର୍ଟିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମଙ୍ଗଳ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସାଙ୍ଗଠନିକ ଦିଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ନୂତନ ଭାବେ ସାଙ୍ଗଠନିକ ଦାୟିତ୍ୱ ପାଇଥିବା ପଦାଧିକାରୀଙ୍କୁ ସ୍ୱାଗତ କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ବିମଳେନ୍ଦୁ ଭୋଲ ଉପସଭାପତି ସଞ୍ଜୟ ସିଂହ, ନେତାଜୀ ପଟ୍ଟନାୟକ, ସାମଲ ନାୟକ, ସଞ୍ଜୟ ଭୋଇ, ମଞ୍ଜରୀ ପୃଷ୍ଟି, ଏକାଦଶିଆ ରଣା, ପିତାମ୍ବର ମିଶ୍ର, ସମ୍ପାଦକ ସୋନୁ ଥିରଣି, ରଘୁ ପାଲ ଓ ଆଇଟି ସଂଯୋଜକ ବିଶାଳ ପତି ଉପସ୍ଥିତ ଥିଲେ।

# ସାଇନିଂ ଷ୍ଟାରକୁ ହରାଇଲା ପ୍ରୋଗ୍ରେସିଭ

## କିଶୋର ମହାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ବେଲପାହାଡ,୧୨।୧(ଡି.ଏନ.ଏ.)**

ଝାରସୁଗୁଡା ଜିଲା ବେଲପାହା ପେନ୍ଥର କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ ଟିଆରଏଲ ଷ୍ଟାଡିୟମରେ ସର୍ବଭାରତୀୟ କିଶୋର ମହାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ରବିବାର ପ୍ରଥମ ଦିନରେ ଝାରସୁଗୁଡା ପ୍ରୋଗ୍ରେସିଭ ଦଳ ଓ ଝାରସୁଗୁଡା ସାଇନିଂ ଷ୍ଟାର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରୋଗ୍ରେସିଭ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ ରନ କରିଥିଲା। ଜବାବରେ ସାଇନିଂ ଷ୍ଟାର ୧୪.୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୧ ରନ କରି ୬୦ ରନରେ ପରାଜିତ ହୋଇଥିଲା। ପ୍ରୋଗ୍ରେସିଭ ଦଳର ଏମଡି କୁରେଶି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଆସନ୍ତା ୧୯ ତାରିଖ ଫାଇନାଲ ଖେଳ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ୫୧ ହଜାର ଓ ଉପବିଜେତା ଦଳକୁ ୩୧ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ଦେଇ ପୁରସ୍କୃତ କରାଯିବ।

ଖେଳ ପୂର୍ବରୁ ମୁଖ୍ୟ ଅତିଥିଭାବେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ପୁରୁଷୋତ୍ତମ ମହାନ୍ତି, ଜିଲା କ୍ରିକେଟ ସଂଘ ସଭାପତି ପ୍ରଜ୍ୱଳ ପଟେଲ, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ନାଏକ, ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ସ୍ମୃତି ରଞ୍ଜନ ପ୍ରଧାନ, କ୍ରୀଡ଼ା ସଂଗଠକ ହମିଦ ମହାପାତ୍ର, ସୁବାସ ପ୍ରଧାନ ଓ ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ ପେନ୍ଥର କ୍ରିକେଟ କ୍ଲବ ବରିଷ୍ଠ ସଦସ୍ୟ ହମିଦ କୁମାର ମହାପାତ୍ର ସ୍ୱାଗତ ଭାଷଣପ୍ରେଦନ କରିଥିଲେ। ଯୁବରାଜ ସିଂହ ମଞ୍ଚ ପରିଚାଳନା ତଥା ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ ସଭାପତି ସୁନୀଲ ଅଗ୍ରୱାଲ, ସମ୍ପାଦକ ସୁଶାନ୍ତ ଲେଙ୍କା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରୁଛନ୍ତି।




ଉଦ୍‌ଘାଟନ ଅବସରରେ ଅତିଥି ଓ ଆୟୋଜକ।

# ଲୋଭର ଅନ୍ତ ନାହିଁ

ଏବେ ଆଦାନୀ ଘଟଣା ଦେଶକୁ ମାଡ଼ି ବସିଛି। ତାହାର ପ୍ରଭାବ ଭାରତୀୟ ଅର୍ଥନୀତି ଉପରେ ସୁନିଶ୍ଚିତ ପଡ଼ିବ ବୋଲି ଦେଶର ଶିକ୍ଷିତ ନାଗରିକ ବୁଝିସାରିଲେଣି। ଦେଖିବାକୁ ଗଲେ, ଭାରତର ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିବାର ସବୁ ଲକ୍ଷଣ ଦେଖାଯାଉଛି। କେବଳ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଉଥିବା ଏକମାତ୍ର ଦୃଷ୍ଟାନ୍ତ ନୁହେଁ। ଶତ୍ରୁ ସାଜିଥିବା ଚାଇନାର ଏକତରଫା ବ୍ୟବସାୟ ବୃଦ୍ଧି ଭଳି ଅନେକ ଅସଙ୍ଗତି ଦୃଶ୍ୟମାନ ହେଉଥିବା ବେଳେ ବିମୁଦ୍ରୀକରଣ ଯୋଗୁ ଭାରତର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବ୍ୟବସାୟ ଧ୍ୱଂସ ହୋଇଯାଇଥିବାରୁ ସବୁ ହିସାବ ତ୍ରୁଟିପୂର୍ଣ୍ଣ ପ୍ରମାଣିତ ହେଉଛି। ୫ ଟ୍ରିଲିୟନରୁ ଅଧିକ ଆମେରିକୀୟ ଡଲାରକୁ ଭାରତୀୟ ଅର୍ଥନୀତି ପହଞ୍ଚିବ ବୋଲି ଯାହା କୁହାଯାଉଥିଲା, ତାହା ଏବେ ଧୂଆଁବାଣ ବୋଲି ସମସ୍ତେ ବୁଝିଲେଣି। ତଥାପି ମୋଦି ଏବଂ ଭାଜପା ପ୍ରତି ରହିଥିବା ସମର୍ଥନ ପଛରେ କେବଳ ମୁସଲମାନ ଧର୍ମ ପ୍ରତି ଘୃଣା ଭୋଟଦାତାଙ୍କୁ ଏକଜୁଟ କରୁଛି।

ଆଦାନୀ ଘଟଣାଠାରୁ ଦୃଷ୍ଟି ହଟାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଥିବା ହେତୁ ପ୍ରଥମେ ୧୪ ଫେବୃୟାରୀ ଭାଲେଣ୍ଟାଇନ୍ସ ଦିବସକୁ ୬ ଫେବୃୟାରୀରେ 'ଗାଈକୁ ଆଲିଙ୍ଗନ ଦିବସ' ଭାବେ ପାଳନ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରାଣୀଧନ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତିକୁ ବିରୋଧ ପରିବର୍ତ୍ତେ ସାମାଜିକ ଗଣମାଧ୍ୟମରେ ପ୍ରବଳ ମାତ୍ରାରେ ଥଟ୍ଟାମଜା କରାଗଲା। ଏହା ଅସହ୍ୟ ହୋଇପଡ଼ିବା ହେତୁ କେନ୍ଦ୍ର ସରକାର ବିଧିବଦ୍ଧ ଭାବେ ତାଙ୍କର ପୂର୍ବ ଘୋଷଣାକୁ ୧୦ ଫେବୃୟାରୀରେ ପ୍ରତ୍ୟାହାର କରିନେଲେ। ତାହା କାମ ଦେଇ ନ ଥିବା ଫଳରେ ନୂତନ କୌଶଳ ଚିନ୍ତା କରାଗଲା। ଘାଣ୍ଟ ତରକାରିକୁ ବହଳିଆ କରିବା ପାଇଁ ମାଟିଆଳୁ ପକାଯାଇଥାଏ। ସେହିଭଳି ପରିସ୍ଥିତିକୁ ଭିନ୍ନ ମୋଡ଼ ଦେଇ ବହଳିଆ କରିବା ପାଇଁ ମୁସଲମାନ ସମ୍ପ୍ରଦାୟକୁ ସମ୍ପୃକ୍ତ କରିବା ଅତ୍ୟନ୍ତ ଆବଶ୍ୟକ ହେଉଥିବାର ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତି ସୃଷ୍ଟି କରାଯିବାର ଆବଶ୍ୟକତା ପଡ଼ିଲାଣି ଯେଉଁଥିରେ କେହି ଥଟ୍ଟାମଜା କରିପାରିବେ ନାହିଁ। ଧର୍ମନିରପେକ୍ଷ ଓ ତଥାକଥିତ ଉଦାରବାଦୀ ଗୋଷ୍ଠୀ ନୀରବ ପଡ଼ିଯିବେ, ତତ୍‌ସହିତ ଆଦାନୀ ପଛକୁ ଠେଲି ହୋଇଯିବେ। ଭାବୁ ଭାବୁ ମନକୁ ଆସିଲା ରାଜ୍ୟପାଳ ପ୍ରସଙ୍ଗ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୨ ଫେବୃୟାରୀ ୨୦୨୩ରେ ୧୩ ରାଜ୍ୟ ପାଇଁ ରାଜ୍ୟପାଳ ନିଯୁକ୍ତି ସଂକ୍ରାନ୍ତ କାଗଜପତ୍ରରେ ଦସ୍ତଖତ କରିଛନ୍ତି। ଏମାନଙ୍କ ମଧ୍ୟରେ କେତେକ ରାଜ୍ୟର ରାଜ୍ୟପାଳଙ୍କ ହିନିମାନିଆ ଭାବେ ସରକାରୀ କର୍ମଚାରୀଙ୍କ ଭଳି ବଦଳି ହୋଇଥିବା ବେଳେ ଆଉ କିଛି ନୂଆ ଭାବେ ନିଯୁକ୍ତି ପାଇଛନ୍ତି। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଥିବା ବିଶ୍ୱଭୂଷଣ ହରିଚନ୍ଦନ ଛତିଶଗଡ଼ ରାଜ୍ୟପାଳ ହେବା ପରେ ତାଙ୍କ ସ୍ଥାନରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅବଦୁଲ ନାଜିରଙ୍କୁ ଅବସ୍ଥାପିତ କରାଯାଇଛି। ୪ ଜାନୁୟାରୀରେ ଚାକିରିରୁ ଅବସର ନେଇଥିବା ଜଣେ ବ୍ୟକ୍ତିଙ୍କୁ ୩୮ ଦିନ ପରେ ରାଜ୍ୟପାଳ କରାଯାଇଥିବାରୁ ଏହାକୁ ନେଇ ବିବାଦ ଉପୁଜିଲାଣି। କୁହାଯାଉଛି ଚାକିରି କାଳରେ ସେ କେନ୍ଦ୍ର ସରକାରଙ୍କୁ ସୁହାଇଲା ଭଳି ପ୍ରଦାନ କରାଯାଇଥିବା ରାୟର ମୁଖ୍ୟ ପୁରୋଧା ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଅଯୋଧ୍ୟା ବିବାଦଠାରୁ ଆରମ୍ଭକରି ତିନି ତଲାକ୍ ଏବଂ ୨ ଜାନୁୟାରୀ ୨୦୨୩ରେ ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ ବୈଧ ବୋଲି ଦିଆଯାଇଥିବା ରାୟରେ ନାଜିରଙ୍କ ପ୍ରମୁଖ ଭୂମିକା ଥିଲା। ସମ୍ଭବତଃ ସେଥିପାଇଁ ତାଙ୍କୁ ପୁରସ୍କାର ସ୍ୱରୂପ ରାଜ୍ୟପାଳ ପଦବୀ ଦିଆଯାଇଛି ବୋଲି ଆଲୋଚନା ହେଉଛି। ବିରୋଧୀ କଂଗ୍ରେସ କହିଛି, ନାଜିରଙ୍କ ନିଯୁକ୍ତି ନ୍ୟାୟବ୍ୟବସ୍ଥା ପାଇଁ ବିପଦ ସୃଷ୍ଟି କରିଛି। ଏହି ସନ୍ଧିକ୍ଷଣରେ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟ୍‌ଲୀଙ୍କ ଉକ୍ତିକୁ ଉଦ୍ଧାର କରିଛନ୍ତି। ସେ କହିଛନ୍ତି ଯେ, ଜେଟ୍‌ଲୀ ୨୦୧୨ରେ କହିଥିଲେ–ବିଚାରପତିଙ୍କ ଅବସର ଗ୍ରହଣର ପୂର୍ବ ରାୟ ଅବସର ପରବର୍ତ୍ତୀ ପଦବୀ ଦ୍ୱାରା ପ୍ରଭାବିତ ହୋଇଥାଏ ଏବଂ ତାହା ନ୍ୟାୟପାଳିକା ପ୍ରତି ବିପଦ ହୋଇଥାଏ। ଏବେ ସେହି ଭାଜପା ସରକାର ବିଚାରପତିମାନଙ୍କୁ ଅଗୁଆ ଲୋଭ ଦେଖାଇ ନିଜ କାର୍ଯ୍ୟ ହାସଲ କରୁଛି ବୋଲି କୁହାଯାଉଛି।

ଭାଜପାର ରଣନୀତି ଦିନକୁ ଦିନ ଅଧିକ ଶାଣିତ ହେବାରେ ଲାଗୁଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) କିମ୍ବା ଦଳୀୟ ପ୍ରାର୍ଥୀଙ୍କୁ ରାଜ୍ୟପାଳ ପଦବୀ ଦିଆଯାଇ ଆସୁଥିବା ବିଷୟ ସରକାରଙ୍କୁ ଅସୁବିଧାରେ ପକାଉଛି। ସେଥିରୁ ବର୍ତ୍ତିବା ଲାଗି ପ୍ରଶାସନିକ ଅଧିକାରୀ, ବିଚାରପତି ଓ ସ୍ଥଳବିଶେଷରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରାଯାଉଛି। କେନ୍ଦ୍ରରେ ଭାଜପା ସରକାର ହେବାଠାରୁ ସରକାରୀ ଆଭିମୁଖ୍ୟ ସଂଖ୍ୟାଲଘୁ ବିରୋଧୀ ପାଲଟିଥିବା ସମାଲୋଚନା ହେଲା। ବିରୋଧୀମାନେ ଭାଜପାର ଧର୍ମନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଲେ। ତେଣୁ ସଂଖ୍ୟାଲଘୁଙ୍କ ମନ ଜିଣିବା ଲାଗି ଅରିଫ୍ ମହମ୍ମଦ ଖାନ୍‌ଙ୍କୁ କେରଳ ରାଜ୍ୟପାଳ କରାଯାଇ ସମାଲୋଚନା କରୁଥିବା ବ୍ୟକ୍ତିଙ୍କ ମୁହଁ ଚୁପ୍ କରାଯିବାର ଚେଷ୍ଟା କରାଯାଇଥିଲା। ଅନୁରୂପ ଭାବେ କେନ୍ଦ୍ର ସରକାର ନିଜ ଶାସନକୁ ସୁହାଇଲା ଭଳି ରାୟ ନାଜିରଙ୍କ ତୁଣ୍ଡରୁ ଶୁଣାଇବାର ଚେଷ୍ଟା କରି ସେଥିରେ ସଫଳ ହୋଇଛନ୍ତି। ଫଳରେ ତାଙ୍କ ଅବସର ପରେ ରାଜ୍ୟପାଳ ପଦବୀ ଭେଟି ଦେବା ଏକ ସେଟିଂ ବୋଲି ମନେହେଉଛି। ଆଜିର ସ୍ଥିତି ଦେଖିଲେ ତଫସିଲଭୁକ୍ତ ଜାତି, ଉପଜାତି କିମ୍ବା ସଂଖ୍ୟାଲଘୁ ବର୍ଗର ଲୋକ ଉପରକୁ ଉଠିଗଲେ ସେମାନେ ନିଜ ଜାତି ବା ଭାଇ ବନ୍ଧୁଙ୍କୁ ଅଣଦେଖା କରୁଛନ୍ତି। ଅନେକ ସମୟରେ ସେମାନେ ଘୃଣା ମଧ୍ୟ କରିଥାନ୍ତି। 'ନିଜେ ବଞ୍ଚିଲେ ବାପର ନାଁ' ନୀତି ଅନୁସରଣ କରୁଥିବା ଏହି ସୁବିଧାବାଦୀମାନେ ଅନ୍ୟସବୁ ବିଷୟକୁ ପଛରେ ପକାଇ ଦେଇଥାଆନ୍ତି। କେବଳ ଆରିଫ ମହମ୍ମଦ ଖାନ୍ ନୁହେଁ, ଏବେ ଅବଦୁଲ ନାଜିର ମଧ୍ୟ ପ୍ରମାଣ କରିଦେଇଛନ୍ତି ଯେ, ମୁସଲମାନ କିମ୍ବା ହିନ୍ଦୁ ହେଲେ ମଣିଷର ଜଘନ୍ୟ ଚିନ୍ତାଧାରାରେ ପରିବର୍ତ୍ତନ ଆସେ ନାହିଁ। ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ଦେଶର ଅମଙ୍ଗଳ ପାଞ୍ଚି ଏହି ବ୍ୟକ୍ତି ନିଜର ଭବିଷ୍ୟତ ପାଇଁ ମସୁଧା କରିଆସୁଥିଲେ ବୋଲି ଆଜି ବୁଝାପଡୁଛି। ନାଜିର ପ୍ରମାଣ କରିଦେଇଛନ୍ତି ଯେ ଲୋଭର ଅନ୍ତ ନାହିଁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | 8 | | 1 | | 4 | |
| | | 6 | | 5 | | 8 | | |
| | | 5 | | 3 | 7 | | | |
| | | | | | | | | |
| | 8 | 9 | 7 | | | | 5 | 1 |
| | | | | | 8 | 7 | 9 | |
| | 5 | | | | | | 1 | 7 |
| 6 | | | | | 4 | | 8 | |
| | | | | | 6 | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 5 | 3 | 1 | 6 | 7 | 9 | 4 |
| 1 | 7 | 9 | 8 | 2 | 4 | 3 | 6 | 5 |
| 3 | 4 | 6 | 7 | 5 | 9 | 1 | 8 | 2 |
| 6 | 9 | 1 | 5 | 4 | 2 | 8 | 7 | 3 |
| 8 | 5 | 2 | 6 | 3 | 7 | 4 | 1 | 9 |
| 4 | 3 | 7 | 1 | 9 | 8 | 5 | 2 | 6 |
| 9 | 6 | 8 | 4 | 7 | 3 | 2 | 5 | 1 |
| 7 | 1 | 4 | 2 | 6 | 5 | 9 | 3 | 8 |
| 5 | 2 | 3 | 9 | 8 | 1 | 6 | 4 | 7 |

ଗତକାଲିର ଉତ୍ତର

# ଅନୁଶାସନ ଅପରାଧ ନୁହେଁ



ଯଦୁମଣି ପାଣିଗ୍ରାହୀ

ସରକାରୀ ସ୍ତରରେ ଯେଉଁଦିନଠାରୁ ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରି ନିୟମ ପ୍ରଣୟନ କରାଗଲା ଅନେକ ମାତାପିତା ଓ ଅଭିଭାବକ ଏଥିରେ କିଛିଟା ଖୁସିବ୍ୟକ୍ତ କରିଥିଲେ। ସେମାନଙ୍କ ପିଲାଙ୍କୁ ଆଉ ଏଥର ଶିକ୍ଷକମାନେ ମାରି ପାରିବେନି। ପିଲାମାନେ ଭୟ ତଥା ଚାପମୁକ୍ତ ହୋଇ ପାଠ ପଢ଼ିବାର ସୁଯୋଗ ଲାଭ କରିବେ ବୋଲି ସେମାନଙ୍କ ମନରେ ଏକପ୍ରକାର ଧାରଣା ମଧ୍ୟ ସୃଷ୍ଟି ହୋଇଥିଲା। ତେବେ ଆଉ କେତେଜଣ ମାତାପିତା ଓ ଅଭିଭାବକ ବି ଦଣ୍ଡପ୍ରଦାନ ସପକ୍ଷରେ ବା ବିପକ୍ଷରେ ସେମାନଙ୍କ ମତାମତ ଏଯାଏ ସ୍ପଷ୍ଟ କରିନାହାନ୍ତି। ସେ ଯାହାହେଉ ଏହି ନିୟମ ଏବେ ବି ବଳବତ୍ତର ରହିଛି ଓ ଅନେକ ବିଦ୍ୟାଳୟରେ ଏହାକୁ କଡ଼ା କଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି। ମାତ୍ର ଏସବୁ ଭିତରେ କିଛି ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଶିକ୍ଷକ ଗାଳି କିମ୍ବା ଅପମାନିତ କରିବା ଅଥବା ମାଡ଼ ମାରୁଥିବା ଅଭିଯୋଗ ଆଗତ ହେଉଛି। ଶିକ୍ଷକ-ଅଭିଭାବକ ମୁହାଁମୁହିଁ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଛି ଆଉ ମାମଲା ଥାନା ଓ କୋର୍ଟକଚେରି ଯାଏ ଯାଉଥିବା ନଜିର ଦେଖିବାକୁ ମିଳୁଛି। ଏସବୁକ୍ଷେତ୍ରରେ ଜଣେ ଶିକ୍ଷକର ସମ୍ମାନହାନି ଘଟୁଛି। ସେ ଭୟଭୀତ ହୋଇପଡିବା ସହ ନିଜକୁ ଜଣେ ଅପରାଧୀ ବୋଲି ବିବେଚନା କରୁଛନ୍ତି। ଏହାଦ୍ୱାରା ଉଭୟ ପିଲା ଓ ତା'ର ମାତାପିତା ତଥା ଅଭିଭାବକଙ୍କ ପ୍ରତି ତାଙ୍କର ଆନ୍ତରିକତା କମିଯିବା ସହ ଖରାପ ଧାରଣା ସୃଷ୍ଟି ହେଉଛି। ଅନ୍ୟପକ୍ଷେ ବିଦ୍ୟାଳୟ ପରିବେଶକୁ ଶୃଙ୍ଖଳିତ ଓ ଶିକ୍ଷାଦାନ କାର୍ଯ୍ୟକୁ ଅବ୍ୟାହତ ରଖିବାରେ ଘୋର ଅସୁବିଧା ଦେଖାଯାଉଛି। ପିଲାଟିଏ ବିଦ୍ୟାଳୟରେ ଦିନର ଅଧିକାଂଶ ସମୟ ରହୁଥିବାରୁ ତା'ର ଗତିବିଧି ଓ ଆଚରଣ ଉପରେ ଦୃଷ୍ଟି ରଖିବା ତଥା ତାକୁ ମାର୍ଜିତ ଓ ଶୃଙ୍ଖଳିତ କରିବାର ଦାୟିତ୍ୱ ହେଉଛି ଜଣେ ଶିକ୍ଷକଙ୍କର। ମାତ୍ର ବୟସଗତ ଅପରିପକ୍ୱତା କାରଣରୁ ସେ ଯେବେ କିଛି ଭୁଲ୍ କରିବସେ ତେବେ ତାକୁ ବାଟକୁ ଆଣିବାକୁ କିଛିଟା ଅନୁଶାସନର ଆବଶ୍ୟକତା ରହିଛି। ନ ହେଲେ ଏହାର ଅଭାବରେ ପିଲାଟିର ଆଚରଣରେ କିଛିଟା ଅସ୍ୱାଭାବିକତା ଦେଖାଦେବା ସ୍ୱାଭାବିକ। ତା'ର ଦୁଷ୍ଟାମି ବଢ଼ିଯିବ। ଶିକ୍ଷକଙ୍କ କଥା ବା ନିର୍ଦ୍ଦେଶକୁ ସେ ହେୟଜ୍ଞାନ ମନେକରିବ। ଏବେ ବୋଧେ ଏସବୁ ଘଟଣା ପ୍ରାୟତଃ ସବୁ ବିଦ୍ୟାଳୟରେ ଦେଖିବାକୁ ମିଳୁଛି। ଉତ୍ତମ ଶିକ୍ଷାଦାନ ସହିତ ଶୃଙ୍ଖଳିତ, ସଂଯମୀ ଓ ସଚ୍ଚରିତ୍ରବାନ୍ ହେବାର ସମସ୍ତ କଳାକୌଶଳ ବିଦ୍ୟାଳୟରେ ହିଁ ଶିକ୍ଷା ଦିଆଯାଇଥାଏ। ଏହିଠାରେ ହିଁ ପିଲାଏ ସେମାନଙ୍କ ଭବିଷ୍ୟତ ନିର୍ମାଣର ସୁରକ୍ଷିତ ଓ ସୁଚିନ୍ତିତ ମାର୍ଗଦର୍ଶନ ପାଇଥା'ନ୍ତି। ଶିକ୍ଷକମାନେ ପିଲାଙ୍କ ଭିତରେ ଥିବା କୁଅଭ୍ୟାସ ଓ କୁପ୍ରବୃତ୍ତିକୁ ଦୂର କରି ସେମାନଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବାର ଦାୟିତ୍ୱ ନିର୍ବାହ କରିଥା'ନ୍ତି। ମୋଟ ଉପରେ ଭଲ ମଣିଷ ତିଆରି ହେବାର ପ୍ରକୃଷ୍ଟ ସ୍ଥାନ ହେଉଛି ବିଦ୍ୟାଳୟ ଏକଥା ଭୁଲିଯିବା ଉଚିତ ନୁହେଁ। ଶିକ୍ଷକମାନଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦରଯୁକ୍ତ ଆଚରଣ ପିଲାଙ୍କୁ ବେଶ୍ ପ୍ରଭାବିତ କରିବା ସହ ଭଲ ବାଟରେ ଚାଲିବାକୁ ପ୍ରେରଣା ଦେଇଥାଏ। ତେବେ ସବୁ ପିଲା ତ ସମାନ ନୁହନ୍ତି। କେତେକ କ୍ଷେତ୍ରରେ ଆବଶ୍ୟକ ଅନୁଶାସନ ଓ ଆକଟ ବ୍ୟତିରେକ ଏଭଳି ପିଲାଙ୍କୁ ମାର୍ଜିତ ଓ ଶୃଙ୍ଖଳିତ ଧାରାରେ ପକାଇବା ସମ୍ଭବପର ନୁହେଁ। ଏସବୁ କ୍ଷେତ୍ରରେ ମାତାପିତା ଓ ଅଭିଭାବକ କ୍ରୋଧିତ କି ବିବ୍ରତ ହେବା ସହିତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦୌ ଯୁକ୍ତିସଙ୍ଗତ ନୁହେଁ। ଏଥିପାଇଁ ସେମାନେ ସେମାନଙ୍କ ପାଠପଢ଼ା ବେଳର କଥାକୁ ସ୍ମରଣ କରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି।



ଜଣେ ଶିକ୍ଷକ ବିଦ୍ୟାଳୟର ଶୃଙ୍ଖଳା ବଜାୟ ରଖିବା ପାଇଁ ଜଣେ ଛାତ୍ରକୁ ଗାଳିଦେବା କିମ୍ବା କିଛି ଯୁକ୍ତିଯୁକ୍ତ ଦଣ୍ଡଦେବା ଏକ ଅପରାଧ ନୁହେଁ ବୋଲି ନିକଟରେ ବମ୍ବେ ହାଇକୋର୍ଟ ଗୋଆ ବେଞ୍ଚ ରାୟ ଦେଇଛନ୍ତି। ଏଥିସହ ଦୁଇଜଣ ସ୍କୁଲପିଲାଙ୍କୁ ବାଡ଼ିରେ ବାଡ଼େଇବା ଅଭିଯୋଗରେ ଦିନକ ପାଇଁ ଜେଲ ଦଣ୍ଡ ଓ ୧ ଲକ୍ଷ ଟଙ୍କାର ଜରିମାନାରେ ଦଣ୍ଡିତ ହୋଇଥିବା ଜଣେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଦଣ୍ଡାଦେଶକୁ ଖାରଜ କରିଦେଇଛନ୍ତି କୋର୍ଟ। ଏକ ପ୍ରାଥମିକ ବିଦ୍ୟାଳୟରେ ଘଟିଥିବା ଏହି ଘଟଣା ସମ୍ପୂର୍ଣ୍ଣ ସ୍ୱାଭାବିକ। ଛାତ୍ରମାନଙ୍କୁ ଶୃଙ୍ଖଳିତ କାରିବା ଓ ସେମାନଙ୍କ ମଧ୍ୟରେ ଭଲ ଅଭ୍ୟାସ ସୃଷ୍ଟି କରିବା ପାଇଁ ଶିକ୍ଷକ ସେହି ଅନୁସାରେ କାର୍ଯ୍ୟ କରିବାକୁ ବାଧ୍ୟ ବୋଲି ବମ୍ବେ ହାଇକୋର୍ଟ ଗୋଆ ବେଞ୍ଚର ଏକକ ବିଚାରପତି ଜଷ୍ଟିସ ଭାରତ ଦେଶ ପାଣ୍ଡେ ରାୟ ଦେଇଛନ୍ତି। ଛାତ୍ରମାନଙ୍କୁ କେବଳ ଶିକ୍ଷାଦାନ ଉଦ୍ଦେଶ୍ୟରେ ନୁହେଁ ବରଂ ଜୀବନର ଅନ୍ୟାନ୍ୟ ଦିଗ ଶିଖିବା ପାଇଁ ବିଦ୍ୟାଳୟରେ ଭର୍ତ୍ତି କରାଯାଏ। ଯେଉଁଥିରେ ଅନୁଶାସନ ଅନ୍ତର୍ଭୁକ୍ତ। ବିଦ୍ୟାଳୟର ଉଦ୍ଦେଶ୍ୟ ମାତ୍ର ଶୈକ୍ଷିକ ବିଷୟ ଶିକ୍ଷା ଦେବା ନୁହେଁ ବରଂ ଜୀବନର ସମସ୍ତ ଦିଗରେ ଏହିପରି ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରିବା ଯାହାଦ୍ୱାରା ଭବିଷ୍ୟତରେ ସେ ଜଣେ ଉପଯୁକ୍ତ ଓ ଆଦର୍ଶ ବ୍ୟକ୍ତି ହେବେ ଓ ଭଲ ଆଚରଣ ପ୍ରଦର୍ଶନ କରିବେ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି।

ଆଜିକାଲି କେବଳ ପ୍ରାଥମିକ କି ମାଧ୍ୟମିକ ବିଦ୍ୟାଳୟର ପିଲାମାନେ ଯେ ଉଚ୍ଛୃଙ୍ଖଳିତ ହୋଇ ପଡିଛନ୍ତି ତା' ନୁହେଁ ବରଂ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅଧିକାଂଶ ଛାତ୍ରୀଛାତ୍ରମାନେ ବି ଏଥିରୁ ବାଦ୍ ପଡିନାହାନ୍ତି। ଏସବୁ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଚାଲିଚଳନ, ଆଚରଣ ଓ କାର୍ଯ୍ୟକଳାପ ଏବେ ଏତେ ବିଶୃଙ୍ଖଳିତ ହୋଇ ପଡିଛି ଯେ, ଯାହାକୁ ନେଇ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ମାତାପିତା ଓ ଅଭିଭାବକମାନେ ବେଶ୍ ବିବ୍ରତ ଓ ଚିନ୍ତିତ ମଧ୍ୟ। ଆବଶ୍ୟକ ଅନୁଶାସନ ଅଭାବରୁ ପିଲାଏ ଆଉ କାହାକୁ ମାନିବା ଅବସ୍ଥାରେ ନାହାନ୍ତି। ଏଭଳି ବୟସର ପିଲାମାନଙ୍କ କ୍ଷେତ୍ରରେ ଶିକ୍ଷକମାନେ ସେମାନଙ୍କୁ ତାଗିଦ କରିବା କିମ୍ବା ସେମାନଙ୍କ ବିରୋଧରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବ୍ୟତୀତ ଆଉ କ'ଣ ବା ପଦକ୍ଷେପ ନେଇପାରିବେ।

ଏବେ ତ ପରିବାର ଭିତରେ ବି ପିଲାମାନେ ଆଉ ମାତାପିତା ଓ ଅଭିଭାବକଙ୍କ ନିୟନ୍ତ୍ରଣରେ ନ ରହି ମୁକ୍ତ ଓ ଅବାଧ ଜୀବନ ଜିଇବାକୁ ଇଚ୍ଛାପ୍ରକଟ କରୁଛନ୍ତି। ତେଣୁ କେବଳ ବିଦ୍ୟାଳୟ ନୁହେଁ ବରଂ ପରିବାରରେ ପିଲାମାନଙ୍କୁ ଯୁକ୍ତିଯୁକ୍ତ ଅନୁଶାସନର ଆବଶ୍ୟକତା ରହିଛି। ମାତାପିତା ଓ ଗୁରୁଜନ ଭିତରେ ନରମ ରହି ବାହାରକୁ କଠୋର ମନୋଭାବ ପୋଷଣ କରିବା ଉଚିତ। ଛୋଟ ବୟସରୁ ସେମାନଙ୍କୁ ଶୃଙ୍ଖଳା ଓ ସଂସ୍କାରର ଶିକ୍ଷା ଦିଆ ନ ଗଲେ ବଡ଼ ହେଲେ ସେମାନଙ୍କ ପାଖରୁ ଆମେ ଆଉ କି ଆଶା କରିବା। ତେଣୁ ଘରେ ମାତାପିତା ଓ ଗୁରୁଜନ ଏବଂ ବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରତି ସେମାନଙ୍କ ମନରେ ଭୟ ଓ ସମ୍ମାନ ରହିବା ଏକାନ୍ତ ଅପରିହାର୍ଯ୍ୟ। ଏଥିପ୍ରତି ସମସ୍ତେ ସଚେତନ ଓ ଯତ୍ନବାନ୍ ହେବା ବର୍ତ୍ତମାନ ସମୟରେ ଏକ ଆହ୍ୱାନ।

**ଶଂଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ-୯୯୩୭୫୬୫୫୨୭**

# ଜ୍ଞାନ ଅଜ୍ଞାନ



ରିତେଶ କୁମାର ଶିଶୁ

ସାରା ସଂସାରରେ ଯେତେସବୁ ଜ୍ଞାନ ଅଛି, ତାହା ଏ ମାନବ ଜାତିର ଏକ ସାମୂହିକ ସଫଳତା। ପିଢ଼ି ପରେ ପିଢ଼ି ଅନେକ ବ୍ୟକ୍ତିଙ୍କର ଲବ୍ଧ ଜ୍ଞାନ ମିଶି ଆଜି ମାନବ ସମାଜର ସାମଗ୍ରିକ ବିକାଶ ହୋଇଛି। ଏମିତି ଦେଖିଲେ ସଂସାରର ସମସ୍ତ ବ୍ୟକ୍ତି କିଛି ନା କିଛି ଜ୍ଞାନର ଅଧିକାରୀ। ହେଲେ ସେହି ଲବ୍ଧ ଜ୍ଞାନ ମଧ୍ୟରୁ ଅଧିକାଂଶ ଜୀବନରେ ଅନ୍ୟମାନଙ୍କୁ ଅନୁସରଣ, ଅନୁକରଣ ଓ ପଠନ ପୂର୍ବକ ମିଳିଥାଏ ତ କିଞ୍ଚିତ୍ ଜ୍ଞାନ ନିଜସ୍ୱ ଓ ମୌଳିକ ଥାଏ। ସେଥିମଧ୍ୟରୁ ବ୍ୟକ୍ତିର ନିଜସ୍ୱ ଓ ମୌଳିକ ଜ୍ଞାନ ସମାଜରେ ନୂତନ ପରିବର୍ତ୍ତନର କାରଣ ହୋଇଥାଏ। ହେଲେ ଏହି ଜ୍ଞାନର ଜଡ଼ ଆଗରୁ ପ୍ରକୃତି ମଧ୍ୟରେ ଲୁକ୍କାୟିତ ଥାଏ ଓ ମଣିଷ ଏହାକୁ ଉନ୍ମୋଚନ କରିବାର ଏକ ମାଧ୍ୟମ ମାତ୍ର। ଉଦାହରଣ ସ୍ୱରୂପ ବିଜୁଳି ଶକ୍ତି ଆଗରୁ ପ୍ରକୃତିରେ ଥିଲା। କିନ୍ତୁ ବେଞ୍ଜାମିନ୍ ଫ୍ରାଙ୍କ୍‌ଲିନ ଥିଲେ ପ୍ରଥମ ବ୍ୟକ୍ତି, ଯିଏ ବିଜୁଳି ଶକ୍ତିକୁ ଉଦ୍ଭାବନ କରି ମଣିଷ ସମାଜକୁ ଜଣାଇଲେ। ସେହିପରି ଆଜିଯାଏ ଯେତେସବୁ ସାମାଜିକ, ବୈଜ୍ଞାନିକ ବା ବୈଷୟିକ ଆବିଷ୍କାର ଓ ଉଦ୍ଭାବନ ହୋଇଛି, ସବୁ ଏହି ପ୍ରକୃତିରେ ଲୁକ୍କାୟିତ ଥିଲା, ଯାହା କାଳକ୍ରମେ ଆମେ ଉନ୍ମୋଚନ କରି ଆମ କାର୍ଯ୍ୟରେ ଲଗାଇପାରିଛେ।

ଜ୍ଞାନ ପ୍ରାପ୍ତି ପାଇଁ ଯେଉଁ ଧୀଶକ୍ତି, ସାଧନା, ଅଧ୍ୟବସାୟ ଓ ଜିଜ୍ଞାସା ଆବଶ୍ୟକ, ତାହା ଆସିଥାଏ ମାନସିକ ଏକାଗ୍ରତାରୁ ଓ ଏହି ମାନସିକ ଏକାଗ୍ରତା ଦୃଢ଼ କରିବାକୁ ଆବଶ୍ୟକ ହୋଇଥାଏ ଜପ, ଧ୍ୟାନ ଆଦି ଆଧ୍ୟାତ୍ମିକ ମାର୍ଗ। ଏକ ପ୍ରଚଣ୍ଡ ମାନସିକ ଶକ୍ତିସମ୍ପନ୍ନ ବ୍ୟକ୍ତି ହିଁ ବେଦ, ଉପନିଷଦ ଆଦିକୁ ମନେରଖିପାରିବ, ଅନ୍ୟଥା ଲିଖନ ପଦ୍ଧତିର ଆବିଷ୍କାର ପୂର୍ବରୁ ଏହିସବୁ ଗ୍ରନ୍ଥଗୁଡ଼ିକୁ ପିଢ଼ି ପରେ ପିଢ଼ି ମନେରଖିବା ହୁଏତ ଅସମ୍ଭବ ହୋଇଥାଆନ୍ତା। ଆଜି ଲିଖନ ଓ ମୁଦ୍ରଣ ପଦ୍ଧତିର ଆବିଷ୍କାର ପରେ ବୋଧହୁଏ ସେହି ପ୍ରଚଣ୍ଡ ମାନସିକ କସରତର ଆଉ ବିଶେଷ ଆବଶ୍ୟକତା ପଡୁନାହିଁ। ତେବେ ଆଜି ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ଅନେକ ଆବିଷ୍କାର ଓ ଉଦ୍ଭାବନ ହୋଇଛି, କିନ୍ତୁ ଏହି ଜ୍ଞାନ ବିଶାଳ ବିଶ୍ୱବ୍ରହ୍ମାଣ୍ଡର ଅଜ୍ଞତା ତୁଳନାରେ ଅତି ସୀମିତ। ଅଜ୍ଞାନ ତ ଏହି ସୀମାହୀନ ବିଶ୍ୱ ପରି ଅସୀମ, ଯାହାର କିଛି କିଛି ଅଂଶ ଆମେ ଅନାବୃତ କରି ଚାଲିଛେ। ଆଜି ଅନାବୃତ ଜ୍ଞାନ ଆସନ୍ତାକାଲି ପରିବର୍ତ୍ତନ ମଧ୍ୟ ହୋଇଯାଉଛି। ଜ୍ଞାନର ସତ୍ୟତା ଆଜି ଯାହା କାଲି ତାହା ଆଉ କିଛି ପ୍ରମାଣିତ ହୋଇଯାଉଛି। ଯେପରି କି କିଛି ଶତାବ୍ଦୀ ପୂର୍ବରୁ ମଣିଷର ଜ୍ଞାନ ଥିଲା ଯେ ସମସ୍ତ ଗ୍ରହ ନକ୍ଷତ୍ର ତଥା ସୂର୍ଯ୍ୟ ପୃଥିବୀ ଚାରିପଟେ ଘୂରି ବୁଲୁଛନ୍ତି, କିନ୍ତୁ ଆଜି ସେହି ଜ୍ଞାନ ଅସତ୍ୟ ପ୍ରମାଣିତ। ଜ୍ଞାନ ପରିବର୍ତ୍ତନଶୀଳ ଓ ଆଜିର ଜ୍ଞାନ କାଲି ଅଜ୍ଞତାରେ ପରିଣତ ହୋଇଯାଉଛି।

ସେହିପରି ଏ ଜଗତରେ ଯେତିକି ବସ୍ତୁ ବା ଶକ୍ତି ମାନବକୁ ଦୃଶ୍ୟମାନ, ତାହାଠାରୁ ଅନେକ ଗୁଣ ଅଧିକ ଅଦୃଶ୍ୟ ହୋଇ ରହିଛି। ଆମେ ଦେଖୁଥିବା ଆଲୋକ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ଆୟାମର ମାତ୍ର ୦.୦୦୩୫%, ଯାହାଦ୍ୱାରା ଆମେ ଦୃଶ୍ୟମାନ ଜଗତକୁ ଦେଖିପାରୁଛେ। ଆଲୋକର ଏହି ଦୃଶ୍ୟମାନ ତରଙ୍ଗ ବାହାରେ ବେତାର ତରଙ୍ଗ, ଇନ୍‌ଫ୍ରାରେଡ୍ ତରଙ୍ଗ, ଅଲଟ୍ରା ଭାଓଲେଟ ତରଙ୍ଗ, ଏକ୍ସ-ରେ, ଗାମା-ରେ ଭଳି ଅନେକ ଅଦୃଶ୍ୟ ଆଲୋକ ତରଙ୍ଗ ଅଛି, ଯାହାକୁ ମଣିଷ ଚର୍ମଚକ୍ଷୁରେ ଦେଖିବା ଅସମ୍ଭବ; କିନ୍ତୁ ମଣିଷ ବ୍ୟତୀତ ଅନେକ ଏମିତି ଜୀବ ଅଛନ୍ତି, ଯେଉଁମାନେ ଏହି ଅଦୃଶ୍ୟ ତରଙ୍ଗର



କେତେକ ଆୟାମକୁ ଦେଖିପାରନ୍ତି। ଯେମିତି କି ପେଚା ଇନ୍‌ଫ୍ରାରେଡ ତରଙ୍ଗକୁ ଦେଖିପାରେ। ସେହିପରି ଆମେ ସମସ୍ତେ ନିଃଶ୍ୱାସ ପ୍ରଶ୍ୱାସରେ ନେଉଥିବା ବାୟୁ ଆମକୁ ଅଦୃଶ୍ୟ ଓ ସେଥିରେ ବିଜ୍ଞାନ ଦୃଷ୍ଟିକୋଣରୁ ଅନେକ ପ୍ରକାରର ବାୟୁକଣିକା ଭରି ରହିଛି; ଯେପରିକି ଯବକ୍ଷାରଯାନ, ଅମ୍ଳଜାନ, ଅଙ୍ଗାରକାମ୍ଳ ଇତ୍ୟାଦି ଯାହା ଦିନେ ଆମକୁ ଅଜଣା ଥିଲା। ଏ ସବୁ ବଖାଣିବାର ତାତ୍ପର୍ଯ୍ୟ ହେଲା, ସାରା ଜଗତରେ ଏମିତି ଅନେକ କିଛି ଅଦୃଶ୍ୟ ଓ ଅଜଣା ଜିନିଷ ଅଛି, ଯାହା ଖୋଜି ବାହାର କରିବା ବେଳକୁ ହୁଏତ ଏ ମଣିଷ ସଭ୍ୟତା ବିଲୁପ୍ତ ହୋଇଯାଇଥିବ। ଆଉ ମଣିଷ ସଭ୍ୟତା ବ୍ୟତୀତ ଯେତେସବୁ ଲବ୍ଧ ଜ୍ଞାନ, ପୁଣି ଉଭେଇଯାଇ ଜଗତର ବିଶାଳତା ଭିତରେ ପୁଣି ହଜିଯିବ। ଅର୍ଥାତ୍ ଜ୍ଞାନର ସ୍ୱରୂପ ଓ କାୟା କେବଳ ମଣିଷଦ୍ୱାରା ହିଁ ପରିପୁଷ୍ଟ ହୁଏ।

ଏଠାରେ ମହାଭାରତରେ ବର୍ଣ୍ଣିତ ଯକ୍ଷ ଓ ଯୁଧିଷ୍ଠିରଙ୍କ ମଧ୍ୟରେ ହୋଇଥିବା କାଳଜୟୀ ପ୍ରଶ୍ନୋତ୍ତରର ଏକ ଅଂଶ ବିଶେଷ ପ୍ରାସଙ୍ଗିକତା ବହନ କରେ। ଯକ୍ଷଙ୍କ ପ୍ରଶ୍ନ ଥିଲା 'ଏ ସାରା ସଂସାର ବା ବିଶ୍ୱକୁ କ'ଣ ଢାଙ୍କି ରଖିଛନ୍ତି' ଓ ଏହାର ଉତ୍ତର ସ୍ୱରୂପ ଯୁଧିଷ୍ଠିର କହିଲେ, 'ଏ ସାରା ସଂସାରକୁ ଅଜ୍ଞାନ ଢାଙ୍କି ରଖିଛନ୍ତି।' ଉଲ୍ଲେଖଯୋଗ୍ୟ ଯେ ମଣିଷସମାଜ ଯେତେ ଉନ୍ନତି କରୁଛି, ତାହା ସେହି ଅଜ୍ଞାନରୁ ଜ୍ଞାନ ଆଡ଼କୁ ହିଁ ତ ଅଗ୍ରସର ହେବାର ଏକ ପ୍ରୟାସମାତ୍ର। ଅର୍ଥାତ୍ ଜନ୍ମରୁ ମରଣଯାଏ, ସଭ୍ୟତାର ବିକାଶରୁ ବିନାଶ ଯାଏ ଆମେ ସମସ୍ତେ ଅଜ୍ଞାନରୁ ଜ୍ଞାନ ଆଡ଼କୁ ଧାବମାନ। ସେଥିପାଇଁ ବୋଧେ ଗୀତାରେ ଜ୍ଞାନକୁ ସବୁଠାରୁ ପବିତ୍ର କୁହାଯାଇଛି। ଆଉ ଜ୍ଞାନ ପ୍ରତି ଶ୍ରଦ୍ଧା ରଖୁଥିବା ଲୋକମାନେ ଏହାର ବିଶେଷ ଅଧିକାରୀ ହୁଅନ୍ତି, ଆଉ ଜ୍ଞାନ ଦ୍ୱାରା ସମାହିତ କର୍ମ ମଧ୍ୟ ସର୍ବଦା ସମାଜର ହିତ ସାଧନ କରେ। କେତେକ କ୍ଷେତ୍ରରେ ଜଣକର ଜ୍ଞାନ ଅନ୍ୟମାନଙ୍କର ଈର୍ଷାର କାରଣ ବି ହୁଏ, କିନ୍ତୁ ଯେ ପ୍ରକୃତ ଜ୍ଞାନୀ ସେ ଅନ୍ୟର ଜ୍ଞାନକୁ ସମ୍ମାନଦିଏ ଓ ଏହାକୁ ଅଧିକ ସମୃଦ୍ଧ କରିବାକୁ ଚେଷ୍ଟା କରେ।

ଆଜିକାଲି କେତେକେ ସ୍ୱାର୍ଥସାଧନ ପାଇଁ ଜ୍ଞାନର ଅସଦ୍ ଉପଯୋଗ କରୁଥିବାର ଦେଖାଯାଏ। ଯେପରି କି କିଛି ଦେଶ ନିଜର ଜ୍ଞାନକୁ ଅଧିକ ପରିପୁଷ୍ଟ କରି ଅନ୍ୟ ଦେଶର ଜନତାଙ୍କୁ ଶୋଷଣ କରିବା, ପ୍ରକୃତିର ଭାରସାମ୍ୟକୁ ବ୍ୟାହତ କରିବା, ଯୁଦ୍ଧରେ ମାରାତ୍ମକ ଅସ୍ତ୍ର ବ୍ୟବହାର କରି ବିଶ୍ୱରେ ଶାନ୍ତି ଭଙ୍ଗ କରିବା ଇତ୍ୟାଦି। କିନ୍ତୁ ପ୍ରକୃତି ଏହିସବୁ ସମସ୍ୟାକୁ ପ୍ରଶମିତ କରିବା ପାଇଁ ନିଜ ଶକ୍ତି ମାଧ୍ୟମରେ ପୁଣି ଅଜ୍ଞାନକୁ ଆଚ୍ଛାଦିତ କରି ଏପରି କଳୁଷିତ ଜ୍ଞାନକୁ ପରାହତ କରିବାର କ୍ଷମତା ରଖେ ଓ ଏହା ଅତୀତର ଇତିହାସକୁ ପର୍ଯ୍ୟାଲୋଚନା କଲେ ଜାଣିପାରିବା। ବିଶ୍ୱ ବିଜୟ ପାଇଁ ଆଲେକ୍‌ଜାଣ୍ଡାର କେତେ ସ୍ୱପ୍ନ ଦେଖି ନଥିଲେ! ହେଲେ ଭୟଙ୍କର ରୋଗରେ ଆକ୍ରାନ୍ତ ହୋଇ ଏହାର ନିଦାନ ସମ୍ପର୍କରେ ତାଙ୍କର ଅଜ୍ଞତା ହିଁ ତ ଥିଲା ତାଙ୍କର ଏତେ କମ୍ ବୟସରେ ମୃତ୍ୟୁର କାରଣ। ସେହିପରି ନିଜକୁ ସର୍ବଜ୍ଞାତା ଭାବୁଥିବା କେତେକ ମଣିଷ ପ୍ରକୃତିର ଅସୀମ ଅଜ୍ଞତା ଆଗରେ ଦିନେ ନତମସ୍ତକ ହେବେ ଆଉ ଏହି ପ୍ରକୃତି କୋଳରେ ସେହି ଅଜ୍ଞତା ଭିତରେ କୁଆଡ଼େ ଉଭେଇଯିବେ। ପ୍ରକୃତି ସର୍ବଦା ଜ୍ଞାନକୁ ସଦ୍‌ମାର୍ଗରେ ପରିଚାଳିତ କରୁଥିବା ବ୍ୟକ୍ତି ବା ସମାଜକୁ ପରିପୁଷ୍ଟ କରିଥାଏ, ଅନ୍ୟଥା ପୁଣି ଟାଣି ନେଇ ସେହି ବିଶାଳ ଅଜ୍ଞତା ଭିତରେ ହଜାଇଦିଏ।

**ସାଇଲୋ ବଡ଼ବିଲ, କଟକ**
**ମୋ: ୮୦୧୮୮୩୪୭୩୪**

## ଏଇ ଭାରତରେ

ସ୍କୁଲ ଦୁଆରମୁହଁ ମାଡ଼ି ନ ଥିଲେ ବି ବହୁ ସମୟରେ ତୃଣମୂଳସ୍ତରରେ ବହୁ ମହିଳା ନିଜର ନିଷ୍ଠା ଓ ଇଚ୍ଛାଶକ୍ତି ବଳରେ ନୂତନତ୍ୱ ହାସଲ କରିଥା'ନ୍ତି, ଯାହାର ଏକ ଦୃଷ୍ଟାନ୍ତ ହେଉଛନ୍ତି ଲହରି ବାଈ। ମଧ୍ୟପ୍ରଦେଶର ବଇଗା ଆଦିବାସୀ ମହିଳା ଲହରି ୧୫୦ରୁ ଊର୍ଦ୍ଧ୍ୱ କିସମର ଦୁର୍ଲଭ ମିଲେଟ (ଯଅ, ମାଣ୍ଡିଆ, ବାଜରା ଆଦି ଶସ୍ୟ) ମଞ୍ଜି ସଂରକ୍ଷଣ କରି ରଖିଛନ୍ତି। ସେ ଏଥିପାଇଁ ଏକ 'ବିଜ୍ ବ୍ୟାଙ୍କ' ବା 'ବିହନ ବ୍ୟାଙ୍କ' କରିଛନ୍ତି। ୨୭ ବର୍ଷୀୟା ଲହରି ତାଙ୍କ ଆଇ ମା'ଙ୍କଠାରୁ ମିଲେଟ୍‌ର ଉପକାରୀ ଗୁଣ ସମ୍ପର୍କରେ ଜାଣିବା ପରେ ଏହାର ସଂରକ୍ଷଣ ପାଇଁ ମନ ବଳାଇଥିଲେ। ୧୮ ବର୍ଷ ବୟସରୁ ସେ ମିଲେଟ ସଂଗ୍ରହ ଆରମ୍ଭ କରିଦେଇଥିଲେ। ସେ ରହୁଛନ୍ତି ଡିଣ୍ଡୋରି ଜିଲା ସିଲପଦି ଗାଁରେ ଓ ବିଭିନ୍ନ ଗାଁ ବୁଲି କୃଷକମାନଙ୍କଠାରୁ ଏପରିକି ଜଙ୍ଗଲରୁ ମିଲେଟ ସଂଗ୍ରହ କରିଛନ୍ତି। ଲହରି ମଧ୍ୟ ଲୋପ ପାଇଯାଇଥିବା ମିଲେଟ ବିହନ ଚାଷୀଙ୍କୁ ଦେଉଛନ୍ତି। ସେ ୧ କେ.ଜି. ବିହନ ବଦଳରେ ସେମାନଙ୍କଠାରୁ ଅମଳ ପରେ ସେହି କିସମର ୧.୫ କେଜି ବିହନ ଆଣୁଛନ୍ତି। ଅଧିକ ଚାଷୀଙ୍କୁ ବିହନ ଦେବା ଲାଗି ସେ ଏହା କରୁଛନ୍ତି ବୋଲି କହନ୍ତି ଲହରି। ଦିନ ମଜୁରିଆ ଭାବେ କାମ କରି ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ସେ ଜୀବିକା ନିର୍ବାହ କରୁଛନ୍ତି। ଲହରିଙ୍କୁ ଯୋଧପୁରସ୍ଥିତ ଆଇସିଏଆର୍ ୧୦ ଲକ୍ଷ ଟଙ୍କାର ସ୍କଲାରଶିପ୍ ଲାଗି ନାମ ସୁପାରିସ କରିଛି। ଏହା ପାଇଲେ ସେ ଛାତ୍ରମାନଙ୍କୁ ମିଲେଟ ଉପରେ ମାର୍ଗଦର୍ଶନ କରିପାରିବେ। କେବଳ ଏତିକି ନୁହେଁ, ଲହରିଙ୍କୁ ଇଣ୍ଟରନ୍ୟାଶନାଲ ଇୟର ଅଫ ମିଲେଟର ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଫେବୃୟାରୀ ୧୯୯୮

- ପଶ୍ଚିମ ତ୍ରିପୁରାର ଗଙ୍ଗନଗର ଥାନା ଅନ୍ତର୍ଗତ ଅକ୍ଷାମ୍ପରାଇ ପଡ଼ାଠାରେ ଏକ ପହରାଦାର ନିରାପତ୍ତା ବାହିନୀର ଦଳ ସହ ଗେରିଲା ବାହିନୀର ସଂଘର୍ଷ ଘଟି ୬ ଜଣ ଯବାନଙ୍କ ସହିତ ୨୦ ଜଣଙ୍କ ମୃତ୍ୟୁ।
- ଜାତିସଂଘ ଅସ୍ତ୍ରଶସ୍ତ୍ର ତଦାରଖକାରୀ କମିଟି ଦ୍ୱାରା ରାଷ୍ଟ୍ରପତି ଭବନର କେତେକ ସ୍ଥାନ ସୀମିତ ସମୟ ନିମନ୍ତେ ତଦାରଖ ପାଇଁ ଅନୁମତି ଦେବାକୁ ଇରାକର ନୂଆ ପ୍ରସ୍ତାବକୁ ଆମେରିକା ପ୍ରତ୍ୟାଖ୍ୟାନ।

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଜୀ କାର୍ ଝାଡ଼ଖଣ୍ଡରୁ ଅଣାଯାଉ

ମହାଶୟ,

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ କାର ଝାଡ଼ଖଣ୍ଡରୁ ଉଦ୍ଧାର କରାଯାଉ। ଧାନବାଦର ଅତିଥିଶାଳାରେ ଏହା ଅଚଳ ହୋଇ ପଡ଼ିରହିଛି। କେନ୍ଦ୍ର-ରାଜ୍ୟ ସରକାର ମିଳିତ ପ୍ରଚେଷ୍ଟା କରାଯାଉ। ନେତାଜୀ ସଂଗ୍ରହାଳୟରେ ଏହା ଶୋଭାବର୍ଦ୍ଧନ କରିପାରିବ। ଏହି କାର ୧୯୪୧ ପର୍ଯ୍ୟନ୍ତ ବ୍ୟବହାର ହେଉଥିଲା। ତା'ପରେ ଅକାମୀ ହୋଇଗଲା। ଏହା ଦ୍ୱାରା ଜାନକୀନାଥ ଭବନ ସାର୍ଥକ ହୋଇପାରିବ। ଏଥିପାଇଁ ଝାଡ଼ଖଣ୍ଡ ସରକାରଙ୍କ ସହିତ କଥାବାର୍ତ୍ତା ଚାଲୁରହୁ। ଡାକୋଟା ଓଡ଼ିଶାକୁ ଅଣାଯାଇପାରିଲା। ସେହିପରି ଉଚ୍ଚସ୍ତରରେ ଉଦ୍ୟମ କରି ଏହି କାରକୁ ଓଡ଼ିଶାକୁ ଅଣାଯାଉ। ନେତାଜୀଙ୍କ ସନ୍ତକ ସର୍ବସାଧାରଣରେ ରଖାଯାଇ ସମ୍ମାନ ଦିଆଯାଉ, ଯାହା ନେତାଜୀଙ୍କ ପ୍ରତି ସମ୍ମାନ ହୋଇପାରିବ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ପାରେଁ ବୁଝି କିଏ ସେ ମୁହିଁ
କିଏ ବା ତୁମେ ଛଇଳ-ମୁହୀ
ନ ପାରେଁ ବୁଝି ଏକ କି ଦୁଇ ସଙ୍ଗିନୀ
ଆସ ଗୋ ଆସ, ହୁଅ ପରାଣ-ବନ୍ଦିନୀ।
-(ବର୍ଷା ନାୟିକା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଜଣଙ୍କୁ ଗିରଫ କଲା ପୋଲିସ

**ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ହାଣିବା ଘଟଣା**

**ବଲାଙ୍ଗୀର ଅଫିସ, ୧୨।୨:** ବଲାଙ୍ଗୀର ରେଲୱେ ଷ୍ଟେଶନ୍ ରାସ୍ତାରେ ଥିବା ଇନ୍ଦ୍ରପ୍ରସ୍ଥ ହୋଟେଲ ସମ୍ମୁଖ ଛକରେ ପାନ ଦୋକାନ କରିଥିବା ନିଗମ ଓରଫ ପ୍ରେମ ପ୍ରକାଶ ନାଏକ (୩୦)ଙ୍କୁ ଶନିବାର ଖଣ୍ଡାରେ ହାଣି ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ପ୍ୟାଲେସ ଲାଇନ୍‌ର ମନ ବାହାଦୁର ମଟାରୀ(୫୩)ଙ୍କୁ ରବିବାର ଗିରଫ କରିଛି। ଶନିବାର ୫/୬ ଜଣ ଯୁବକ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଧରି ପ୍ରେମ ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ପ୍ରେମ ପ୍ରକାଶଙ୍କ ଗୋଟିଏ ଗୋଡ ଏବଂ ହାତ ଭାଙ୍ଗି ଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୋଲିସ ପିସିଆର ତାଙ୍କୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନଇଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ଏବେ ତାଙ୍କ ଚିକିତ୍ସା ଚାଲିଛି। ମନ ବାହାଦୁର ମଟାରୀଙ୍କ ଗିରଫ ପରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି। ବଲାଙ୍ଗୀର ସହରରେ ଦିନକୁ ଦିନ ଆପରାଧିକ ଘଟଣା ବୃଦ୍ଧି ପାଇବା ପାଇବା ପରେ ସାଧାରଣରେ ଲୋକେ ପୋଲିସ ଭୂମିକାକୁ ନେଇ ପ୍ରଶ୍ନ କରୁଛନ୍ତି।



### ରାଷ୍ଟ୍ରୀୟ ଲୋକ ଅଦାଲତ

**ଅମରପାଲି,୧୨।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତାଲୁକ ଆଇନ ସେବା କମିଟି ତରଫରୁ ବର୍ଷ ୨୦୨୩ ପାଇଁ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଦେୱାନୀ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ସବ୍‌ଜଜ ମୋନାଲିସା ପଟ୍ଟନାୟକ, ଏସ୍‌ଡିଜେଏମ୍ ସଂଘମିତ୍ରା ବିଶ୍ୱାଳ ମାମଲାଗୁଡିକର ବିଚାର କରିଥିଲେ। ଦୁଇଟି ଫୌଜଦାରୀ ମାମଲାର ଫଇସଲା ହୋଇଥିଲା। ବୀରମହାରାଜପୁର ଉତ୍କଳ ଗ୍ରାମ୍ୟବ୍ୟାଙ୍କର ୨ଟି ମାମଲାକୁ ଆଇନଜୀବୀ ସୂର୍ଯ୍ୟନାରାୟଣ ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବୀରମହାରାଜପୁର ଓକିଲ ସଂଘ ସଭାପତି ଜତିନ କୁମାର ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ମହାକୁର, ବଳଦେବ ପ୍ରସାଦ ବେଦବାକ, ସମୀର ସ୍ୱାଇଁ, ଚିତ୍ତରଞ୍ଜନ ସେଠୀ, ଶଙ୍କର ପଣ୍ଡା, ସଞ୍ଜୀବ ପଧାନ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ମାର୍ଟ ଲାଇବ୍ରେରୀକୁ ୧୦ଟି ଚେୟାର ପ୍ରଦାନ

**ବିନିକା,୧୨।୨(ଡି. ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବ ପରିସରରେ ଖୋଲିଥିବା ସ୍ମାର୍ଟ ଲାଇବ୍ରେରୀକୁ ବିନିକା ଏନଏସି ଅଧିନ ଉର୍ଲ୍ଲେ ଗ୍ରାମର ଯୁବ ଉଦ୍ୟୋଗୀ ମମତାଜ ପଣ୍ଡା ୧୦ଟି ଚେୟାର ପ୍ରଦାନ କରିଛନ୍ତି। ଏଠାକୁ ପାଠ୍ୟ ପୁସ୍ତକ ଅଧ୍ୟୟନ ପାଇଁ ଆସୁଥିବା ଛାତ୍ରୀଛାତ୍ର, ସଚେତନ ନାଗରିକ, ଅବସରପ୍ରାପ୍ତ କର୍ମଚାରୀଙ୍କ ଏହା ବ୍ୟବହାରରେ ଆସିବ। ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଆଇନଜୀବୀ ବୃନ୍ଦାବନ ମିଶ୍ର, ସ୍ପୋର୍ଟସ କ୍ଲବ ସଭାପତି ସୋମନାଥ ମିଶ୍ର, ବିଜେଡ଼ି ବ୍ଲକ ସଭାପତି ଦ୍ୱାରିକାନାଥ ସାହୁ, ସମିତି ସଭ୍ୟ ମାନସ ବେହେରା, ସ୍ୱେଚ୍ଛାସେବୀ ଧର୍ମେନ୍ଦ୍ର ଥନାପତି, ପୀତବାସ ମେହେର, ସନ୍ତୋଷ ସାହୁ, କେଦାର ପଣ୍ଡା, ବିଶେଶ୍ୱର ଦଣ୍ଡସନା, ପ୍ରତାପ ସାହୁ, ଲାଇବ୍ରେରୀ ଇନଚାର୍ଜ ହିମାଂଶୁ ଶେଖର ପୁଟେଲ ଉପସ୍ଥିତ ଥିଲେ।

# ନାଟକ ସମାଜକୁ ଦିଗ୍‌ଦର୍ଶନ ଦିଏ

**ସୋନପୁର,୧୨।୨(ନି.ପ୍ର.)**


ସିନେ ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କୁ ନାଟ୍ ସମ୍ମାନ ପ୍ରଦାନ କରାଯାଉଛି।

ସୁବର୍ଣ୍ଣପୁରର ନାଟକ, ସାହିତ୍ୟ ଓ ସମାଜସେବା ପାଇଁ ସମର୍ପିତ ଅନୁଷ୍ଠାନ ନାଟ୍ ପକ୍ଷରୁ ସହରସ୍ଥିତ ଭୀମ ଭୋଇ କଳାମଣ୍ଡପରେ ଚାଲିଥିବା ରାଷ୍ଟ୍ରୀୟ ନାଟ୍ ମେଳା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସାଂସ୍କୃତିକ ସନ୍ଧ୍ୟାରେ ଅତିଥିଭାବେ ଯୋଗ ଦେଇଥିଲେ ବିଶିଷ୍ଟ ସିନେ ନିର୍ମାତା ଡ. ସବ୍ୟସାଚୀ ମହାପାତ୍ର, ବିଶିଷ୍ଟ ନାଟ୍ୟକାର ଡକ୍ଟର ଦ୍ୱାରିକା ନାୟକ, ହରିହର ପଧାନ, ସୁଧାଂଶୁ ପଟ୍ଟନାୟକ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ବଲାଙ୍ଗୀର ଏମ୍‌ପିଙ୍କ ଜିଲା ପ୍ରତିନିଧି ତଥା ଯୁବନେତା ଶରତ ଶତପଥୀ। ନାଟକ ସମାଜକୁ ଦିଗ୍‌ଦର୍ଶନ ଦିଏ। ନାଟକ ମାଧ୍ୟମରେ କଳାକାରଟିଏ ସତ୍ୟ ପରିପ୍ରକାଶ କରେ। ଯାହା ସମାଜକୁ ଚେତେଇ ଦେଲା ଭଳି କାମ କରେ ବୋଲି ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ନାଟ୍‌ର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ସାହୁ, ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା, ନରେନ୍ଦ୍ର ଭୋଇ ଓ ଅବିନାଶ ହୋତା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ନାଟ୍ ମେଳା ୨୦୨୩ ବିଶେଷାଙ୍କ ନେପଥ୍ୟକୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ସେହିଭଳି


ନାଟକ ଉଲଟା ଭାରତ୍‌ର ଏକ ଦୃଶ୍ୟ।

**ରାଷ୍ଟ୍ରୀୟ ନାଟ୍ ମେଳା ଉଦ୍‌ଯାପିତ**

**■ସବ୍ୟସାଚୀ ମହାପାତ୍ରଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନ**

ବିଶିଷ୍ଟ ସିନେ ନିର୍ମାତା ଡ. ସବ୍ୟସାଚୀ ମହାପାତ୍ରଙ୍କୁ ରାଷ୍ଟ୍ରୀୟ ନାଟ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଗାମୀ ୧ବର୍ଷ ପାଇଁ ଡ. ମହାପାତ୍ର ନାଟ୍‌ର ରାଷ୍ଟ୍ରୀୟ ଅଧକ୍ଷ ଭାବେ କାର୍ଯ୍ୟ କରିବେ।

ସାଂସ୍କୃତିକ ସଭା ପରେ ନାଟ୍ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ତଥା ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ନାଟକ ଉଲଟା ଭାରତ୍ ମଞ୍ଚସ୍ଥ ହୋଇଥିଲା। ନାଟକର ସାରାଂଶ ଥିଲା ଭାରତ ହେଉଛି ଦେବଭୂମି। ଏଠାରେ ମହାତ୍ମା ଗାନ୍ଧୀ ଓ ସୁବାଷ ବୋଷଙ୍କ ଭଳି ମହାପୁରଷମାନେ ଜନ୍ମ ନେଇଛନ୍ତି। ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥ ରଚନା ହୋଇଛି। ତେବେ ଏହି ମହାନ ଦେଶ ସ୍ୱାଧୀନ ହେବାର ଦୀର୍ଘବର୍ଷ ବିତିଯାଇଥିଲେ ବି ମହାତ୍ମା ଗାନ୍ଧୀ ଓ ସୁବାଷ ବୋଷଙ୍କ ସ୍ୱପ୍ନ ଏଯାଏ ପୂରଣ ହୋଇପାରିନି। ସମସ୍ତଙ୍କ ନିଷ୍ଠା ଓ ସହଯୋଗ ରହିଲେ ମହାପୁରୁଷଙ୍କ ସୁନାର ଭାରତ ଗଠନ ସ୍ୱପ୍ନ ପୂରଣ ହୋଇପାରିବ ବୋଲି ନାଟକ ଜରିଆରେ ସମାଜକୁ ବାର୍ତ୍ତା ଦିଆଯାଇଥିଲା। ନାଟକ ପରିବେଷଣ ପରେ ଶ୍ରେଷ୍ଠ ନାଟକ, ଶ୍ରେଷ୍ଠ ନିର୍ଦ୍ଦେଶକ, ଅଭିନେତ୍ରୀ, ଅଭିନେତାଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ ଅନୁଷ୍ଠାନର କର୍ମକର୍ତ୍ତାମାନେ ମେଳା ଆୟୋଜନରେ ସହଯୋଗ କରିଥିଲେ।

# ଡିସିଏ ଖୋର୍ଦ୍ଧା ଚାମ୍ପିୟନ

**ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ**

**ବୌଦ୍ଧ,୧୨।୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଜିଲା ଷ୍ଟାଡିୟମରେ ଚାଲିଥିବା ବୌଦ୍ଧ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ଡିସିଏ ଖୋର୍ଦ୍ଧା ଓ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଯୋଗଦେଇଥିଲେ। ରାଇଜିଂ ଷ୍ଟୁଡେଣ୍ଟ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ବିନିମୟରେ ୧୩୮ ରନ କରିଥିଲା। ଖୋର୍ଦ୍ଧା ଦଳ ୧୮.୬ ଓଭରରେ ୬ ଉଇକେଟ ହରାଇ ୧୪୪ ରନ୍ କରି ଚାମ୍ପିୟନ ହୋଇଥିଲା। ମ୍ୟାଚକୁ ଅମ୍ପାୟାର ଭାବେ ବିଶ୍ୱଜିତ ପୁରୋହିତ ଓ ବିଶ୍ୱମ୍ବର ମହାକୁଡ ପରିଚାଳନା କରିଥିଲେ। ସ୍କୋରର ଭାବେ ମହେଶ କୁମାର ମଲ୍ଲିକ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚର ଧାରା ବିବରଣୀ ଶ୍ରୀଧର ବିଭାର ଓ ସୌରଭ ପତି ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଜୟୀ ଦଳ ଖୋର୍ଦ୍ଧାକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ଉପ-ବିଜେତା ଦଳ କଟକକୁ ୩୦ ହଜାର ଟଙ୍କା ମୁଖ୍ୟଅତିଥି ଓ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ସୂର୍ଯ୍ୟମୟୀ ଉପସ୍ଥିତ ରହି ଖେଳାଳି ଓ ସମସ୍ତ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ବେଷ୍ଟ ପ୍ଲେୟାର ଭାବେ ଖୋର୍ଦ୍ଧାର ଜ୍ୟୋତିରଞ୍ଜନ ବେହେରା, ମ୍ୟାନ ଅଫ ଦି ସିରିଜ ବିଶ୍ୱଭୂଷଣ ବିହାରୀ ଓ ଅଧିକ ଛକା ମାରିଥିବା ଖେଳାଳି ରାକେଶ ପଟ୍ଟନାୟକ ଓ ଅମରଜିତ ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଥିଲା।



ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**ADVERTISEMENT**

Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.

**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**

# ଜଣଙ୍କୁ ବାନ୍ଧିଲା ପୋଲିସ

**ଠିକାଦାର ଦମ୍ପତି ଆକ୍ରମଣ ଘଟଣା**

**■ପୂର୍ବରୁ ଜଣେ ଆତ୍ମସମର୍ପଣ କରିଥିଲେ**

**ବଲାଙ୍ଗୀର ଅଫିସ, ୧୨।୨**


ଶ୍ରୀପତି ସିଂ

ବଲାଙ୍ଗୀର ସହର ଶାସ୍ତ୍ରୀନଗର ଠିକାଦାର ଦମ୍ପତି ଆକ୍ରମଣ ଘଟଣାର ଫେରାର ଅଭିଯୁକ୍ତ ଶ୍ରୀପତି ସିଂ(୩୫)ଙ୍କୁ ଟାଉନ ପୋଲିସ ରବିବାର ଗିରଫ କରିଛି। ଗତ ଜାନୁୟାରୀ ୧୫ ତାରିଖରେ ଶାସ୍ତ୍ରୀନଗର ସ୍ଥିତ ଠିକାଦାର ଭବାନୀ ଶଙ୍କର ଦୀପଙ୍କ ଘରକୁ ଦୁଇଟି ବାଇକ ଯୋଗେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ଧରି ପଶିଥିଲେ। ସେଠାରେ ପଶିବା କ୍ଷଣି ଠିକାଦାର ଭବାନୀଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଖଣ୍ଡା, ଭୁଜାଲି ଭଳି ମାରଣାସ୍ତ୍ରରେ ତାଙ୍କୁ ହାଣିବା ବେଳେ ତାଙ୍କ ସ୍ତ୍ରୀ ଯଶୋବନ୍ତୀ ତାଙ୍କୁ ବଞ୍ଚାଇବା ପାଇଁ ଆସିବାରୁ ତାଙ୍କୁ ମଧ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଏହା ପରେ ସେଠାରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ଏହି ଆକ୍ରମଣ ଘଟଣାର ଭିଡିଓ ଭାଇରାଲ ହୋଇଥିଲା। ଆକ୍ରମଣକାରୀ ମାରଣାସ୍ତ୍ର ଧରି ଘର ଭିତରକୁ ପଶି ଆକ୍ରମଣ କରିଥିଲେ ତାଙ୍କ ଭାଇରାଲ ଭିଡିଓ ଲୋକଙ୍କ ଭିତରେ ଆତଙ୍କ ଖେଳାଇ ଦେଇଥିଲା। ପୂର୍ବରୁ ଏହି ଘଟଣାର ଅଭିଯୁକ୍ତ ବବଲୁ ମହାନନ୍ଦ ସଇଁତଳା କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତେବେ ମୁଖ୍ୟ ଅଭିଯୁକ୍ତ ଶ୍ରୀପତି ସିଂଙ୍କୁ ପୋଲିସ ଖୋଜୁଥିଲା। ବହୁ ଆପରାଧିକ ଘଟଣାରେ ଅଭିଯୁକ୍ତ ଥିବା ଶ୍ରୀପତି ଗିରଫ ହେବା ପରେ ଅନ୍ୟମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

# ୪ ଦିନ ହେବ ଜଳନ୍ଧର ଦରବାର

**ମହାଶିବରାତ୍ରି ମେଳା ପ୍ରସ୍ତୁତି ଚୂଡାନ୍ତ**

**ଲୋଇସିଂହା,୧୨।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ପ୍ରସିଦ୍ଧ ମହାଶିବରାତ୍ରି ମେଳା ଫେବୃୟାରୀ ୧୩ରୁ ୧୯ତାରିଖ ପର୍ଯ୍ୟନ୍ତ ହେବ। ଏଥିପାଇଁ ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମେଳା ପାଇଁ ସୋମବାର ସକାଳ ୯ ଟାରେ କଳସ ଶୋଭାଯାତ୍ରା ଓ ଅଧିବାସ ହେବ। ସୋମବାରଠାରୁ ଶିବପୁରଣ, ଶ୍ରୀମଦ ଭାଗବତ ପଠନ, ସନ୍ଧ୍ୟାରେ ଭଜନ ସମାରୋହ ହେବ। ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ଜଳନ୍ଧର ଦରବାର କାର୍ଯ୍ୟକ୍ରମ ହେବ। ୧୮ ଫେବୃୟାରୀରେ ଜାଗର ଯାତ୍ରା ଓ ୧୯ରେ ପୂର୍ଣ୍ଣାହୁତି ସହ ନଗର ପରିକ୍ରମା ହେବ। ଶ୍ରଦ୍ଧାଳୁଙ୍କ ଆକୃଷ୍ଟ କରିବା ପାଇଁ ମୀନାବଜାର, ପ୍ରତ୍ୟହ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଆଇନଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ ସହ ଭକ୍ତଙ୍କ ସେବା ପାଇଁ ଯୁବ ରେଡକ୍ରସ ତରଫରୁ ପ୍ରାଥମିକ ଚିକିତ୍ସା ଓ ସେବା କାର୍ଯ୍ୟ ହାତକୁ ନିଆଯାଇଛି।

# ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ବରିଷ୍ଠ ଦେୱାନୀ ତଥା ସହକାରୀ ଦୌରାଜଜଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

**ଅମରପାଲି,୧୨।୨(ଡି.ଏନ.ଏ.)**

ବରିଷ୍ଠ ଦେୱାନୀ ତଥା ସହକାରୀ ଦୌରାଜଜ ମୋନାଲିସା ପଟ୍ଟନାୟକଙ୍କୁ ବୀରମହାରାଜପୁର ଓକିଲ ସଂଘଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ ସଭାପତି ଜତିନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ସବଜଜ୍‌ଭାବେ ପଟ୍ଟନାୟକ ବୀରମହାରାଜପୁରରେ କାର୍ଯ୍ୟ କରିଥିବା ଦିନର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ସନ୍ତୋଷ ଚାନ୍ଦ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ମହାକୁର, ବଳଦେବ ପ୍ରସାଦ ବେଦବାକ, ବିଷ୍ଣୁଚରଣ ପଣ୍ଡା, ସମିର ସ୍ୱାଇଁ, ଚିତ୍ତରଞ୍ଜନ ସେଠୀ, ଶଙ୍କର ପଣ୍ଡା, ସଞ୍ଜୀବ ପଧାନ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧରେ କଂଗ୍ରେସ ପକ୍ଷରୁ ହାତ୍ ସେ ହାତ୍ ଜୋଡ କାର୍ଯ୍ୟକ୍ରମ

**ବୌଦ୍ଧ,୧୨।୨ (ସ୍ୱ.ପ୍ର.)**

ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ପଞ୍ଚାୟତସ୍ତରରେ ହାତ ସେ ହାତ ଯୋଡ କାର୍ଯ୍ୟକ୍ରମ ଶନିବାର ଠାରୁ ଆରମ୍ଭ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ ରବିବାର ଦିନ ବୌଦ୍ଧ ବ୍ଲକର ମୁର୍ଷୁଣ୍ଡି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମ ପଞ୍ଚାୟତ ସ୍ତରରେ ଆସନ୍ତା ମାର୍ଚ୍ଚ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲା ସଂଯୋଜକ ଶାନ୍ତନୁ ମହାପାତ୍ର, ସମ୍ପାଦକ ଅର୍ଜୁନ ମହାନନ୍ଦିଆ, ସୁଶିଲ ହୋତା, ବିକ୍ରମ ପ୍ରଧାନ, ରାୟ


କଂଗ୍ରେସ ପକ୍ଷରୁ ହାତ୍ ସେ ହାତ ଜୋଡ କାର୍ଯ୍ୟକ୍ରମ।

ସଞ୍ଜୀବ କୁମାର ଦେଓ, ତାରିଣୀ ଜେନା, ଶିବ ବେହେରା, ଚିତ୍ତ ବେହେରା, ଅଭିଳାଷ ସ୍ୱାଇଁ, କ୍ରିଷ୍ଣା ରାଓ, ପ୍ରମୋଦ ପ୍ରଧାନ, ଓ ଜୟନ୍ତ ପାଣୀଗ୍ରାହୀ ପ୍ରମୁଖ ସାମିଲ ଥିଲେ।

# ନବଜ୍ୟୋତି କପ୍ କ୍ରିକେଟ: ଦର୍ଲିପାଲି ଚାମ୍ପିୟନ

**ଖପ୍ରାଖୋଲ,୧୨।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ଝାକ୍ରିପାଲି ଗାଁରେ ଚାଲିଥିବା ନବଜ୍ୟୋତି କପ



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବେନକେରା ଓ ଦର୍ଲିପାଲି ମଧ୍ୟରେ ହୋଇଥିଲା । ବେନକେରା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ହରାଇ ୧୪୨ରନ କରିଥିଲା। ଜବାବରେ ଦର୍ଲିପାଲି ୧୧ ଓଭରରେ ୬ ଉଇକେଟ ହରାଇ ୧୪୩ ରନ କରି ଚାମ୍ପିୟନ ହୋଇଥିଲା। ଖେଳକୁ ମାନସ ପଧାନ ଓ ବିଜୟ ବରିହା ପରିଚାଳନା କରିଥିଲେ। ରାଜେଶ ସଗଡିଆ ସ୍କୋରର କାର୍ଯ୍ୟ ସମ୍ପାଦନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ନବଜ୍ୟୋତି କ୍ରିକେଟ କ୍ଲବ କ୍ୟାପଟେନ ରିଙ୍କୁ ନନ୍ଦ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଘୁନସର ସରପଞ୍ଚ ଅନୁସୟା ସାହୁ, ସମ୍ମାନିତ ଅତିଥି ପରଖିତ ମାଝି, ନରସିଂହ ଗଡତ୍ୟା, କିଶୋର ସାହୁ, ସୁରେଶ ବରିହା, ମୁକ୍ତା ମାଝି ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୨ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ଗଡତ୍ୟା, ତପସ୍ୱିନୀ ସାହୁ, ବିଳାସ ତାଣ୍ଡି, ରବୀନ୍ଦ୍ର ଗଡତ୍ୟା, ହରିବୋଲ ପୋଡ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ।

# ଭୈରବୀ ନକ୍‌ଆଉଟ କ୍ରିକେଟ: ଚଣାଲିମାକୁ ଟାଇଟଲ

**ଲାଞ୍ଜିଗଡ଼,୧୦।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ଖେଳପଡ଼ିଆଠାରେ ଚାଲିଥିବା ମା' ଭୈରବୀ ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଚଣାଲିମା ଓ ବାଣିପଙ୍ଗା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବାଣିପଙ୍ଗା ଟସ ଜିତି ବ୍ୟାଟିଂ କରି ୧୫ ଓଭରେ ବିନିମୟରେ ୧୨୭ ରନ କରିଥିବା ବେଳେ ଚଣାଲିମା ଦଳ ୧୫ ଓଭରରେ ଆବଶ୍ୟକ ୧୨୮ ରନ ସଂଗ୍ରହ କରି ବିଜୟ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗଦେଇଥିବା ବେଳେ ସାମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ବେନଗାଁ ସରପଞ୍ଚ ପୁରାଣା ମାଝି, ସମିତି ସଭ୍ୟା ପ୍ରତିନିଧି ଦିଲୀପ ହରିଜନ, ନାଏବ ସରପଞ୍ଚ ପ୍ରତିନିଧି ଉତ୍ତର ନାଏକ, ହିମାଦ୍ରୀ ପେସନିଆ, ଅଗସ୍ତି ହରିଜନ,ପାହାଡ଼ପଡ଼ର ସରପଞ୍ଚୟତ ସରପଞ୍ଚ ଲକ୍ଷ୍ମଣ ମାଝି ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚରେ ଶୁଭମ ଖରା ଓ ହରିସ ସାହୁ ଖେଳ ପରିଚାଳନା କରିଥିଲେ। ନିତ୍ୟ ନନ୍ଦ ସାହୁ ଓ କାହ୍ନୁ ଚରଣ ସାହୁ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋର ବୋର୍ଡରେ ଜିରାଣା ମାଝି, ଜୟନ୍ତ ମାଝି ସହଯୋଗ କରିଥିଲେ। ବେନଗାଁ ମା' ଭୈରବୀ ନକଆଉଟ କ୍ରିକେଟ କ୍ଲବ ପକ୍ଷରୁ ଶୁଭମ ଖରା, ମଳୟରଞ୍ଜନ ବେହେରା, କପିଳ ଦୋରା, ମିଳନ ସାହୁ, ବଳିଆ ସାହୁ, ଚିରଞ୍ଜିବି ଦୋରା ପ୍ରମୁଖ ସହଯୋଗ କରିଥିଲେ।


ଫାଇନାଲ ମ୍ୟାଚରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

## ସଂକ୍ଷେପରେ

### ବୁର୍ଲାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ସମ୍ବଲପୁର,୧୨।୨(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ବୁର୍ଲା ସତସଙ୍ଗ ବିହାର ପରିସରରେ ଆବାହକ କୈଳାଶ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସକାଳ ସମୟରେ ଉଷା କୀର୍ତ୍ତନ କରାଯାଇଥିଲା। ଏଥିରେ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମାତୃ ସମ୍ମିଳନୀ ଓ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଇଶ୍ୱର ଚନ୍ଦ୍ର ଦାସ, ପ୍ରଦୀପ ଶତପଥୀ, ଆନନ୍ଦ ବେହେରା, ଅନିରୁଦ୍ଧ ସାହୁ, ସୁଶାନ୍ତ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ଚୋରି ଅଭିଯୋଗରେ ଯୁବକ ଗିରଫ

କୁଚିଣ୍ଡା, ୧୨।୨ (ଡି.ଏନ.ଏ.): ଚୋରି ଅଭିଯୋଗରେ କୁଚିଣ୍ଡା ଥାନା ଅନ୍ତର୍ଗତ ଲସା ଗ୍ରାମର ମଧୁସୂଦନ ଡନସନାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। କୁଚିଣ୍ଡା ପଞ୍ଚମୁଖୀ ଛକରେ ତେଜରାତି ଦୋକାନ କରିଥିବା ରାହୁଲ ଅଗ୍ରୱାଲଙ୍କ ଦୋକାନରୁ ଚୋରି ହୋଇଥିଲା । ଏନେଇ ସେ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲା । ତାଙ୍କ ଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।

# ପୁସ୍ତକର ଆଦର କେବେ କମିବ ନାହିଁ

ସମ୍ବଲପୁର,୧୨।୨(ବ୍ୟୁରୋ)



ସମ୍ବଲପୁର ପୁସ୍ତକ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**୨୩ ତମ ସମ୍ବଲପୁର ପୁସ୍ତକ ମେଳା ଆରମ୍ଭ**

■ ଛାତ୍ରମାନେ ବହି ପଠନ ପରିବର୍ତ୍ତେ ଗୁଗୁଲ ରିଡର ସାଜୁଛନ୍ତି

ସମ୍ବଲପୁରର ଅଗ୍ରଣୀ ସାମାଜିକ ଶୈକ୍ଷିକ ସଂସ୍ଥା ସେତୁ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୨୩ ତମ ସମ୍ବଲପୁର ପୁସ୍ତକ ମେଳା ଶନିବାର ରାତ୍ରିରୁ ଆରମ୍ଭ ହୋଇଛି । ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟଅତିଥି, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଏବଂ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫିତା କାଟି ପୁସ୍ତକ ମେଳା ଉଦ୍‌ଘାଟନ କରିଥିଲେ। ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ପ୍ରଫେସର ମାଝୀ କହିଥିଲେ ଯେ, ସମ୍ବଲପୁରର ବରିଷ୍ଠ ନାଗରିକମାନେ ବିଭିନ୍ନ ଅନୁଷ୍ଠାନରେ ରହି ଅତ୍ୟନ୍ତ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନର ଛାତ୍ରମାନେ ବହି ପଢିବା ପରିବର୍ତ୍ତେ ଗୁଗୁଲ ରିଡର ସାଜୁଛନ୍ତି, ମାତ୍ର ସମୟ ଆସିବ ସେମାନେ ନିଶ୍ଚୟ ପୁସ୍ତକ ଅଧ୍ୟୟନର ଗୁରୁତ୍ୱକୁ ହୃଦୟଙ୍ଗମ କରିବେ। ମୁଖ୍ୟବକ୍ତା ପ୍ରଫେସର ଶତପଥୀ କହିଥିଲେ ଯେ, ସମ୍ବଲପୁରର ପ୍ରାଚୀନ ନାମ ହେଉଛି, ହୀରାଖଣ୍ଡ। କାରଣ ଏଠାରେ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ହୀରା। ସମ୍ବଲପୁର ଅଞ୍ଚଳରେ ପ୍ରକୃତ ଜୀବନାନନ୍ଦର ହୀରା ଅଛି। ଏହି ଭୂମି ହେଉଛି ପ୍ରତିଭାର ଭୂମି। ଆମକୁ ସେଇ ଅଦୃଶ୍ୟ ଶକ୍ତି ସହିତ ଯୋଡି ହେବାକୁ ପଡିବ। ସେଥିପାଇଁ ସେତୁର ଆବଶ୍ୟକ ରହିଛି। କାରଣ ସେତୁ ଯୋଡିବା କାର୍ଯ୍ୟ କରେ। ଯେଉଁଠି ସେତୁ ନାହିଁ ସେଠି ସାହିତ୍ୟ ନାହିଁ। ଏହି ମାଟିର ସନ୍ତାନ ଗଙ୍ଗାଧର ମେହେର ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ସେ ସମର୍ପଣର ଭାବ ନେଇ ବ୍ରହ୍ମାଣ୍ଡୀୟ ଶକ୍ତି ସହ ଯୋଗ କରିବାର ମାର୍ଗ ଆମକୁ ବତାଇଛନ୍ତି। ଅତିରିକ୍ତ ଜିଲାପାଳ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ ଯେ, ପୁସ୍ତକର ଆଦର କେବେ କମି ନାହିଁ। ଭବିଷ୍ୟତରେ ମଧ କମିବ ନାହିଁ। କୋଭିଡ ଦୁଇବର୍ଷ ପରେ ଆମେ ସମସ୍ତେ କର୍ମ ଚଞ୍ଚଳ ହୋଇ ପଡିଛୁ । ଏହାର ପ୍ରଭାବ ପ୍ରଶାସନ ଉପରେ ମଧ୍ୟ ପଡିଛି। ଗତ ଏକ ମାସ ଭିତରେ ଜିଲା ପ୍ରଶାସନ ପକ୍ଷରୁ ବହୁ କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରାଯାଇଛି। ଆସନ୍ତା ବର୍ଷରୁ ଅଧିକ ବ୍ୟବସ୍ଥିତ ଭାବରେ ଏହି ପୁସ୍ତକ ମେଳା ଆୟୋଜିତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ କରାଯିବ। ବରିଷ୍ଠ ସଦସ୍ୟ ହରିନାରାୟଣ ପଣ୍ଡା ସଭା ସଂଯୋଜନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସଦସ୍ୟ ସଚ୍ଚିଦାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ମେଳାରେ ସମୁଦାୟ ୧୪୦ଟି ଷ୍ଟଲ ଖୋଲାଯାଇଛି। ପୁସ୍ତକ ମେଳା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅପରାହ୍ନ ୨ଟାରୁ ରାତି ୯ ଟା ଯାଏ ଖୋଲା ରହିବ।

# ପୁଣି ଚର୍ଚ୍ଚାରେ ଡାକ୍ତର ରାମଚନ୍ଦାନୀ

ସମ୍ବଲପୁର,୧୨।୨(ବ୍ୟୁରୋ)

**ରୋଗୀ ସେବାରେ ନିୟୋଜିତ କଲେ ନିଜ କାର୍**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାସ୍ଥିତ ଭିମସାରର ମେଡିସିନ ବିଭାଗ ବିଶେଷଜ୍ଞ ଡା. ଶଙ୍କର ରାମଚନ୍ଦାନୀ ରବିବାର ପୁଣି ଚର୍ଚ୍ଚାକୁ ଆସିଛନ୍ତି। ସେ ଟଙ୍କିକିଆ କ୍ଲିନିକ ସକାଶେ ରାଜ୍ୟ, ଦେଶ ଓ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଏବେ ନିଜେ ଚଳାଉଥିବା କାରକୁ ରୋଗୀଙ୍କ ସେବାରେ ନିୟୋଜିତ କରି ପୁଣି ଚର୍ଚ୍ଚାରେ। ଅବଶ୍ୟ ଆଗରୁ ନିଜର ଛୋଟିଆ ମାରୁତି କାରରେ ମଧ ରୋଗୀଙ୍କୁ କେବେ କେବେ ନେଇଛନ୍ତି। ଚିକିତ୍ସକର ଧର୍ମ ରୋଗୀ ଦେଖି ନିଦାନ ପାଇଁ ଉଦ୍ୟମ କରିବା । ଖାଲି ଟଙ୍କା ରୋଜଗାର କରି ବ୍ୟାଙ୍କ ବାଲାନ୍ସ ବଢେଇବା ଡାକ୍ତରଙ୍କ ଉଦ୍ଦେଶ୍ୟ ନୁହେଁ । ଏଣୁ ବାଟରେ ଗଲା ବେଳେ ରୋଗୀ ତାଙ୍କୁ ଅଟକାଇ ସାହାଯ୍ୟ କିମ୍ବା ପରାମର୍ଶ ନେଇପାରିବେ। ତେଣୁ ସେ ତାଙ୍କ ନୂଆ କାର ପଛରେ ‘ ଜରୁରୀ ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ମତେ ଅଟକାଇ ପାରିବେ’ ଲେଖି ଜଣେ ଆଦର୍ଶ ଚିକିତ୍ସକର କର୍ତ୍ତବ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସବୁ ଚିକିତ୍ସକ ଯଦି ରାମଚନ୍ଦାନୀଙ୍କ ପରି ମହତ୍ କାର୍ଯ୍ୟ କରବାକୁ ଆଗେଇ ଆସିବେ ତେବେ ଗରିବ ରୋଗୀଙ୍କ ସମସ୍ୟା ସେତେଟା ରହିବ ନାହଁ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ, ରୋଗୀଙ୍କ ସେବାକୁ ସେ ବ୍ରତ ଭାବି କାର୍ଯ୍ୟ କରୁଛନ୍ତି। ପ୍ରକୃତ ପକ୍ଷେ କହିବାକୁ ଗଲେ ଗରିବ, ନିଷ୍ପେସିତ ରୋଗୀମାନଙ୍କ ବନ୍ଧୁ ପାଲଟିଛନ୍ତି। ଏକ ଟଙ୍କିଆ କ୍ଲିନିକ, ଏକ ଟଙ୍କିଆ ଔଷଧ, ଜୁନାପାଣି କୁଷ୍ଠ କଲୋନୀକୁ ପୌଷ୍ୟ ଭାବେ ଗ୍ରହଣ, କୁଷ୍ଠ ରୋଗଙ୍କ ସହ ଜନ୍ମଦିନ ପାଳନ କରି ଏକାଠି ବସି ଭୋଜନ କରିବା ନେଇ ସେ ଅନ୍ୟର ହୃଦୟ ଜିଣିଛନ୍ତି।




ଡା. ଶଙ୍କର ରାମଚନ୍ଦାନୀ ରୋଗୀଙ୍କ ସେବା ପାଇଁ ଉତ୍ସର୍ଗ କରିଥିବା ନିଜ କାର ।

# ଅସହାୟ ଝିଅର ବାହାଘର କଲେ ମନ୍ଦିର କମିଟି ସଦସ୍ୟ

ଜମନକିରା,୧୨।୨(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସୁବର୍ଣ୍ଣପାଲି ପଞ୍ଚାୟତ ଅନ୍ତର୍ଗତ ନୂଆଗାଁର ବାପ ଛେଉଣ୍ଡ ଝିଅ ଦୀପା ରାଉତ(୨୪)ଙ୍କ ବିବାହ ସାଗଡେଶ୍ୱର ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ କରାଇଛନ୍ତି। ଦୀପା ଓ ତାଙ୍କ ଅନ୍ୟ ୫ ଭଉଣୀଭାଇ ଛୋଟ ଥିବା ବେଳେ ନିଜ ପିତାଙ୍କୁ ହରାଇ ଥିଲେ। ଫଳରେ ସେ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିଲେ। ନିକଟରେ ଦେବଗଡ ଜିଲା ବାରକୋଟ ବ୍ଲକ ବଳାନି ନିବାସୀ ଜୟକୃଷ୍ଣ ମହାକୁଲଙ୍କ ସହିତ ତାଙ୍କ ବିବାହ ସ୍ଥିର ହୋଇଥଲା। ମାତ୍ର ବିବାହ ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିଲା। ଏଭଳି ସ୍ଥିତିରେ ସହାୟତା ପାଇଁ ସ୍ଥାନୀୟ ସାଗଡେଶ୍ୱର ମନ୍ଦିର ପରିଚାଳନା କମିଟି ଆଗେଇ ଆସିଥିଲା। ସ୍ଥାନୀୟ ଲୋକେ ମଧ ସହାୟତାର ହାତ ବଢ଼ାଇଥିଲେ । ଫଳରେ ରବିବାର ମନ୍ଦିର ପରିସରରେ ଦୀପାଙ୍କ ବିବାହ ଜୟକୃଷ୍ଣଙ୍କ ସହ ସମ୍ପନ୍ନ ହୋଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ରୁଦ୍ର ନାରାୟଣ ବେହେରା, ସୁମନ୍ତ ବେହେରା, ଗଣେଶ ଗୁପ୍ତା, ଶଶୀ ଭୂଷଣ ବଢେଇ, ମଳୟ ବେହେରା, ବିକାଶ ମାହାକୁଲ, ଏନ.ପଳେଇ, କରୁଣାକର କିସନ, ମିତ୍ର ରାଏ,ବାବୁନି ମହାନ୍ତି ପ୍ରମୁଖସହଯୋଗ କରିଥିବା ବେଳେ ପୂଜକ ଜୟନ୍ତ ଶର୍ମା ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ।



ମନ୍ଦିର ପରିସରରେ ଦୀପାଙ୍କ ବିବାହ।

# ଶ୍ରମିକଙ୍କ ଜୀବନ ଜୀବିକାର ଅଧିକାର ପାଇଁ ସଂଘର୍ଷ ଜାରି ରହିବ



ରାଜ୍ୟ ପରିଷଦର ଖୋଲା ଅଧିବେଶନରେ ନେତୃବୃନ୍ଦ ।

ସମ୍ବଲପୁର,୧୨।୨(ବ୍ୟୁରୋ)

**ଏଆଇଟିୟୁସିର ଦୁଇଦିନିଆ ପରିବର୍ଦ୍ଧିତ ରାଜ୍ୟ ପରିଷଦର ଖୋଲା ଅଧିବେଶନ**

ସମ୍ବଲପୁର ମହାନଗର ନିଗମ ହୀରାକୁଦ କଲ୍ୟାଣ ମଣ୍ଡପଠାରେ ଏଆଇଟିୟୁସିର ଦୁଇଦିନିଆ ପରିବର୍ଦ୍ଧିତ ରାଜ୍ୟ ପରିଷଦର ଖୋଲା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ଅଶୋକ ଦାଶ ଅଧକ୍ଷତା କରିଥିଲେ। ଜାତୀୟ ସମ୍ପାଦକ ସୁକୁମାର ଦାମଲେ ଯୋଗଦେଇ ସରକାର ୪୪ଟି ଶ୍ରମ ଆଇନକୁ ବାତିଲ କରିବାକୁ ଦାବି କରିଥିଲେ। ଏଥିସହ କର୍ପୋରେଟ ହାଉସଙ୍କ ଶ୍ରମିକ ଶୋଷଣକୁ ସମର୍ଥନ ଦେଇ କ୍ରୀତଦାସ ପ୍ରଥାର ପୁନଃ ପ୍ରଚଳନ ପାଇଁ ଯେଉଁ ୪ଟି ଶ୍ରମ କୋଡ ପ୍ରଣୟନ କରାଯାଇଛି ତାହା ପ୍ରତ୍ୟାହାର, ନୂଆ ପେନସନ ନୀତି ପ୍ରତ୍ୟାହାର କରି ପୁରୁଣା ପେନସନ ସ୍କିମ୍ ଲାଗୁ , ଇପିଏଫ ପେନସନ ସର୍ବନିମ୍ନ ୧୦ହଜାର ପ୍ରଦାନ ସମେତ ଦର ବୃଦ୍ଧି ବନ୍ଦ କରିବାକୁ ସେ କହିଥିଲେ । କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡିକୁ ନେଇ ଜୁନ ଓ ଜୁଲାଇରେ ଜିଲା ଓ ରାଜ୍ୟ ସ୍ତରରେ ମିଳିତ କନଭେନଶନ, ଅଗଷ୍ଟ ୯ କ୍ରାନ୍ତି ଦିବସରେ ରାଜ୍ୟସ୍ତରୀୟ ମହାସମାବେଶ, ନଭେମ୍ବର ପ୍ରଥମାର୍ଦ୍ଧରେ ଦେଶ୍ୟାପୀ ହରତାଳ କରିବାକୁ ନିଷ୍ପତ୍ତି ହୋଇଥିଲା । ଏହାସହ ନୂଆପଡା, ମାଲକାନଗିରି, ରାୟଗଡା, ଗଜପତି, ମୟୂରଭଞ୍ଜ ସମେତ ରାଜ୍ୟର ବିଭିନ୍ନ ଜିଲାର ପ୍ରବାସୀ ଓ ଦାଦନ ଶ୍ରମିକ ସମସ୍ୟା ସମାଧାନ ସହ ଓଡିଶାରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ରାଜ୍ୟର ସର୍ବନିମ୍ନ ମଜୁରି ମାସିକ ୨୬ହଜାର ଟଙ୍କାକୁ ବୃଦ୍ଧି କରିବା ନେଇ ଖୋଲା ଅଧିବେଶନରେ ଆଲୋଚନା ହୋଇଥିଲା। ସମସ୍ତ ଘରୋଇ ଶିଳ୍ପ କଳ କାରଖାନାରେ ସଂରକ୍ଷଣ ଆଇନକୁ କଡାକଡି ଲାଗୁ କରିବା, ପ୍ରଦୂଷଣ ନିୟନ୍ତ୍ରଣ ଆଇନ ନ ମାନି ଓଡିଶାର ଖଣିଜଭିତ୍ତିକ ଶିଳ୍ପ ସଂସ୍ଥା ଯେଭଳି ବାୟୁ, ଜଳ ଓ ପରିବେଶକୁ ବିଷାକ୍ତ କରୁଛନ୍ତି, ସେନେଇ ନେତୃବୃନ୍ଦ ମତ ଉପସ୍ଥାପନ କରିଥିଲେ । ଶ୍ରମିକ ଆନ୍ଦୋଳନର ପୁରୋଧା ପ୍ରସନ୍ନ ପଣ୍ଡାଙ୍କ ଜନ୍ମ ଶତବାର୍ଷିକୀ ରାଜ୍ୟ ବ୍ୟାପୀ ସମସ୍ତ ୟୁନିୟନ, ସମସ୍ତ ଜିଲା ସ୍ତରରେ କରିବା ପରେ ରାଜ୍ୟସ୍ତରୀୟ ଉଦ୍‌ଯାପନ ଉତ୍ସବ ବ୍ରଜରାଜନଗରଠାରେ କରିବାକୁ ନିଷତ୍ତି ହୋଇଛି। ଦଣ୍ଡପାଣି ସାମଲ, ମାତିଲଦା କୁଲୁ, ସୋମନାଥ ଗିରି, ତ୍ରୈଲୋକ୍ୟ ନାଥ, ହରିହର ମହାନ୍ତି, ତୀର୍ଥ ପ୍ରଧାନ, ପ୍ରମୋଦ ମହାନ୍ତି, ହିଣ୍ଡାଲକୋ ପାୱାର ଏମ୍ପ୍ଲଇଜ ୟୁନିୟନର ଆଶିଷ ଦାସ, ହିଣ୍ଡାଲକୋ ପାୱାର କଣ୍ଟ୍ରାକ୍ଟ ୟୁନିୟନର ଅଶୋକ କୁମାର ଘଡେଇ, ସିକୁରିଟି ୟୁନିୟନର କ୍ଷୀରୋଦ ନାୟକ, ହିଣ୍ଡାଲକୋ ସ୍ମେଲଟର ମଜଦୂର ୟୁନିୟନର ନାରାୟଣ ସୁନା, ଇଣ୍ଡିଆନ ଆଲୁମିନିୟମ ହୀରାକୁଦ ୱାର୍କସ ଏମ୍ପ୍ଲଇଜ ୟୁନିୟନର ସୁରେନ୍ଦ୍ର ପ୍ରଧାନ, ସଦାନନ୍ଦ ସାହୁ, ପଞ୍ଚାନନ ସାହୁ, ନର୍ମଦା ନାହାକ, ସୌଦାମିନୀ ଦାଶ, କାହ୍ନୁ ଚରଣ ସାମଲ, ଅକ୍ଷୟ ମେହେର ପ୍ରମୁଖ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ଦିବଙ୍ଗତ ନେତାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

**ADVERTISEMENT**

Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.

**Qualification:** LL.M. with 55% marks LLD/Ph.D./D.Lit.

**Age Limit:** 50 years and above.

The incumbents should have at least 20 years experience in Teaching, Research and Administration.

**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.

**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**

# ଅମଲା ସଂଘ ସମ୍ବଲପୁର ଜିଲା ଶାଖାର ସାଧାରଣ ପରିଷଦ ସଭା




କଳାକେନ୍ଦ୍ର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସାଧାରଣ ପରିଷଦ ସଭା ।

ସମ୍ବଲପୁର,୧୨।୨(ବ୍ୟୁରୋ)

ଓଡିଶା ରାଜ୍ୟ ଅମଲା ସଂଘ ସମ୍ବଲପୁର ଜିଲା ଶାଖାର ସାଧାରଣ ପରିଷଦ ସଭା ରବିବାର ଜେଲ ଛକସ୍ଥିତ କଳାକେନ୍ଦ୍ର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ୪୨୦୦ ଗ୍ରେଟ ପେ ରେ ଦରମା ପ୍ରଦାନ କରିବାକୁ ସଭାରେ ଦାବି କରାଯାଇଥିଲା। ରାଜ୍ୟ ସରକାର ଅଣଦେଖା କରୁଥିବାରୁ ଉଦବେଗ ପ୍ରକାଶ ପାଇଥିଲା । ଆଗାମୀ ଦିନରେ ଦାବି ପୂରଣ ପାଇଁ ଅମଲା ସଂଘ ପକ୍ଷରୁ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ସୁବ୍ରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଓ ସଂଘ ଆବାହକ ପ୍ରହଲ୍ଲାଦ ରୋହିଦାସଙ୍କ ପରିଚାଳନାରେ ସଭା ହୋଇଥିଲା। ସଭ୍ୟ ଦିଲିପ କୁମାର ଦେବ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହମ୍ମଦ ସାହିଦ ହୁସେନ, ତ୍ରିନାଥ ବଡପଣ୍ଡା, ପ୍ରତିମାରାଣୀ ସାମଲ, ଡୋକୋରିନ ବିଶ୍ୱାଳ, ସଞ୍ଜୟ ଦେହୁରୀ, ଅମର ତାଣ୍ଡିଆ, ଜ୍ୟୋତି ବେହେରା, ସୁଶାନ୍ତ ପାଢ଼ୀ ଓ ରିଙ୍କି ଗୋଚ୍ଛାୟତ ବକ୍ତବ୍ୟ ପ୍ରଦାନ କରିଥିଲେ।

# ସାଧାରଣ ଲୋକଙ୍କୁ ଭେଟି ସମସ୍ୟା ବୁଝିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ

ନାକଟିଦେଉଳ,୧୨।୨(ଡ଼ି.ଏନ.ଏ.)

ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ଇଂ ରୋହିତ ପୂଜାରୀ ରବିବାର ଦିନ ସରକାରୀ କର୍ମଚାରୀଙ୍କ ସହ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡ଼ଇଁଚା ପଞ୍ଚାୟତ ଗସ୍ତ କରି ବିଭିନ୍ନ ଗ୍ରାମ ବୁଲିଛନ୍ତି । ଏହି ଅବସରରେ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭାବ ଅସୁବିଧା ଏବଂ ଗ୍ରାମର ସମସ୍ୟା ପଚାରି ବୁଝିଥିଲେ। ଉଚ୍ଚ ଶିକ୍ଷାମନ୍ତ୍ରୀ ଇଂ ପୂଜାରୀ ତେରବଡ଼ା, ଡ଼ଇଁଚା, ହିନତରାଇ, ତଣ୍ଡାବିରା ଏବଂ ପାଇକମାଳ ଗ୍ରାମ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରି ଏହାର ସୁଫଳ ସାଧାରଣ ଲୋକେ ଯେପରି ପାଇ ପାରିବେ ସେନେଇ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଯୋଜନାରୁ ଯେପରି ପ୍ରକୃତ ହିତାଧିକାରୀ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେଇ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ ସମୟରେ ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳ, ପୂର୍ବତନ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ଡ଼ଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନ, ଡ଼ଇଁଚା ଗ୍ରାପର ବିଜେଡି ସଭାପତି ଗଗନ ବିହାରୀ ଧଳ, ସୌଭାଗ୍ୟ ପ୍ରଧାନ, ପ୍ରମୋଦ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉଦିତ ଶେଖର ସାହୁ,ଯୋଗାଣ ନିରୀକ୍ଷକ ତନୁରଞ୍ଜନ ସିଂ, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ବେହେରା , ଡ଼ଇଁଚା ପଞ୍ଚାୟତର କୃଷି ପରିଦର୍ଶକ ଦକ୍ଷ ପ୍ରଜାପତି ଧଳ ଓ ପଞ୍ଚାୟତର କାର୍ଯନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ୟାକୁ ଛାଡ଼ି ଫେରିବା ବେଳେ ପିକ୍‌ଅପ୍ ଓଲଟିଲା: ୮ ଗୁରୁତର

ସମ୍ବଲପୁର,୧୨।୨(ବ୍ୟୁରୋ)

ଶନିବାର ମଧ୍ୟରାତ୍ରରେ ବିବାହ ଉତ୍ସବ ଆନନ୍ଦ ଉଲ୍ଲାସରେ ଶେଷ ହେଲା । ଝିଅକୁ ବିଦାୟ ଦେବା ପାଇଁ ପରିବାର ଲୋକେ, ସାଙ୍ଗସାଥୀ ତା’ର ଶାଶୁଘର ଗାଁକୁ ଯାଇଥିଲେ। ସେଠାରେ ହସଖୁସିରେ ଜମିଥିଲା ଭୋଜିଭାତର ଆସର । ରବିବାର ସନ୍ଧ୍ୟାରେ କନ୍ୟାପକ୍ଷର ଲୋକେ ଏକ ପିକଅପ୍ ଭ୍ୟାନରେ ଘରକୁ ଫେରୁଥିଲେ। ହେଲେ ଫେରିବା ବେଳେ ବାଟରେ ଘଟିଗଲା ଅଘଟଣ। ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା ପିକଅପ୍ । ଫଳରେ କନ୍ୟା ପକ୍ଷର ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮ଜଣ ଗୁରୁତର ଥିବା ଜଣାଯାଇଛି। ସମ୍ବଲପୁର ୫୫ ନଂ ଜାତୀୟ ରାଜପଥର ଧନୁପାଲି ଥାନା ଅନ୍ତର୍ଗତ ନକ୍ସାପାଲି ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ପ୍ରକାଶ ଯେ, ଯୁଯୁମୁରା ଥାନା ଅନ୍ତର୍ଗତ ନାରଙ୍ଗିପାଲିରୁ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଝିଅ ଛାଡିବାକୁ ସଦର ଥାନା ଅଧୀନ ସିନ୍ଦୂରପଙ୍କ ଗ୍ରାମକୁ ଏକ ପିକ୍‌ଅପ୍ (ନଂ ଓଡି୨୮ଏ୨୨୨୧)ରେ ଆସିଥିଲେ। ଫେରିବା ବାଟରେ ସନ୍ଧ୍ୟା ପ୍ରାୟ ୭ଟାରେ ଗାଡିଟି ଓଲଟି ପଡିବାରୁ ସ୍ଥାନୀୟ ଗୋପାଳଜୀ କ୍ଲବ ସଭ୍ୟମାନେ ଆହତଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେମାନଙ୍କ ମଧ୍ୟରୁ ଦିଲୁ ତାଣ୍ଡିଆ, ବାଦଲ ଦିପ, ରବୀନ୍ଦ୍ର ରଣଦିପ, ଶିବ ଦିପ, ପୂର୍ଣ୍ଣ ଦିପ, ରାଜୁ ଛୁରିଆ, ଦୁଆରୁ ଭଞ୍ଜ, ପୁରନ୍ଦର ତାଣ୍ଡିଆ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଯୁଯୁମୁରା ଝିଅ ଘର ଓ ସିନ୍ଦୂରପଙ୍କ ବର ଘରେ ଶୋକର ଛାୟା ଖେଳିଯାଇଛି। ଗାଡିରେ ବସିଥିବା ଯାତ୍ରୀ ନରୋତ୍ତମ ତାଣ୍ଡିଆ କହିଛନ୍ତି, କନ୍ୟା ଛାଡିବାକୁ ଯାଇ ପିକଅପ୍‌ରେ ଆସୁଥିଲୁ । ଗାଡିଟି ଅଳ୍ପ ବାଟ ଆସିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କେହି ମୃତାହତ ହୋଇନାହାନ୍ତି । ପୋଲିସ ପିକ୍‌ଅପ୍‌କୁ ଜବତ କରି ତଦନ୍ତ ଚଳାଇଛି।

# ସମ୍ବଲପୁର ରେଲୱେରେ ଶ୍ରମିକ ଶୋଷଣ

ସମ୍ବଲପୁର,୧୨।୨(ବ୍ୟୁରୋ)



ଶ୍ରମିକମାନଙ୍କୁ ଶୋଷଣ ନେଇ ପ୍ରତିବାଦ ଜଣାଇବାକୁ ହିନ୍ଦ ମଜଦୁର ସଭା କର୍ମକର୍ତ୍ତାମାନେ ଯାଉଛନ୍ତି ।

**ପ୍ରତିବାଦ କଲା ହିନ୍ଦ ମଜଦୁର ସଭା**

ସମ୍ବଲପୁର ରେଳ ବିଭାଗରେ କାର୍ଯ୍ୟରତ ଠିକା ସଂସ୍ଥା ଦ୍ୱାରା ଶ୍ରମିକମାନଙ୍କୁ ଶୋଷଣ କରାଯାଉଛି । ଏନେଇ ବରିଷ୍ଠ ଉପଖଣ୍ଡ ଯନ୍ତ୍ରୀ (ଡିଏମଇ) ଦୀପକ ପର୍ଶୁରାମ ପୁରିଆଙ୍କ ସହ ହିନ୍ଦ ମଜଦୂର ସଭା କର୍ମକର୍ତ୍ତାମାନେ ରବିବାର ଆଲୋଚନା କରିଛନ୍ତି। ଆଗକୁ ଶ୍ରମିକମାନଙ୍କୁ ଶୋଷଣ କରାଗଲେ ଆନ୍ଦୋଳନ ଦୁର୍ବାର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଠିକା ସଂସ୍ଥା ଦ୍ୱାରା କ୍ଷେତରାଜପୁର ରେଲୱେ ଷ୍ଟେଶନ ସହ ଏହାର ଅନ୍ତର୍ଗତ ଷ୍ଟେଶନର ପରିମଳ ବ୍ୟବସ୍ଥା ପାଇଁ ୯୦ ଜଣ ସଫେଇ କର୍ମଚାରୀ ଏବଂ ସୁପରଭାଇଜର କାର୍ଯ୍ୟ କରି ଆସୁଥିଲେ । ନୂତନ ଭାବେ ସଫେଇ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା କେବଳ ୪୦ଜଣ ସଫେଇ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛି । ୯୦ ଜଣଙ୍କ କାର୍ଯ୍ୟକୁ ୪୦ ଜଣଙ୍କ ଦ୍ୱାରା କରାଇ ଲାଭଖୋର ମନୋବୃତ୍ତି ରଖି କର୍ମଚାରୀ ଛଟେଇ ଏବଂ କମ କର୍ମଚାରୀଙ୍କୁ ଅଧିକ କାମ କରାଇ ଶ୍ରମିକ ଶୋଷଣ କରୁଥିବା ଅଭିଯୋଗ ହେଉଛି । ପୂର୍ବରୁ ଯେତିକି ସ୍ଥାନର ସଫେଇ କାର୍ଯ୍ୟର ଦାୟିତ୍ୱ ୯୦ ଜଣ ଶ୍ରମିକ କରୁଥିଲେ, ସେତିକି ସ୍ଥାନର କାର୍ଯ୍ୟକୁ ୪୦ ଜଣ ଶ୍ରମିକଙ୍କ ଦ୍ୱାରା ବାଧ ବାଧକତାରେ କରାଇବା ପାଇଁ ଚେଷ୍ଟା କରିବା ସହ କାର୍ଯ୍ୟ ନ କଲେ ଛଟେଇ ଧମକ ଦିଆ। ଯାଉଛି ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା କାର୍ଯ୍ୟ ବନ୍ଦ କରିବା ପୂର୍ବରୁ ଛଟେଇ ଜନିତ ଅନୁକମ୍ପା ରାଶି ନ ଦେଇ ଶ୍ରମିକ ବିରୋଧୀ କାର୍ଯ୍ୟ କରିଛି । ଉଭୟ ଠିକା ସଂସ୍ଥା ଦ୍ୱାରା ଶ୍ରମିକମାନଙ୍କୁ ଶୋଷଣ କରିବା, ଇଏସଆଇ ସୁବିଧାରୁ ବଞ୍ଚିତ କରିବା, ଇପିଏଫରେ ଅନିୟମିତତା, ଠିକ ସମୟରେ ସଠିକ ଦରମା ନ ଦେବା, ବିନା କାରଣରେ ଛଟେଇ କରିବା ଅଭିଯୋଗ ହୋଇଆସୁଛି। ଏହି ଶୋଷଣ ବିରୋଧରେ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜୀତ ମହାନ୍ତି, ହିନ୍ଦ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗାମ୍ବର ମହାନ୍ତି, ଛାତ୍ର ବିଜେଡ଼ି ଜିଲା ଉପସଭାପତି ସୁମିତ ପଟେଲ, ସୁନ୍ଦରଗଡ଼ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ଉପସଭାପତି ମହେଶ୍ୱର ମହାପାତ୍ର, ସମ୍ପାଦକ ଉମେଶ ଚନ୍ଦ୍ର ମଲ୍ଲିକ, ବିଦ୍ୟାଧର ସାସମଲ, ମାନବିକ ଅଧିକାର କର୍ମୀ ସୁନିଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ନେତୃବୃନ୍ଦ ଶ୍ରମିକ ଶୋଷଣର ପ୍ରତିବାଦ କରିବା ସହ ଛଟେଇ ହୋଇଥିବା ଶ୍ରମିକଙ୍କୁ ନିଯୁକ୍ତି, ସମସ୍ତଙ୍କୁ ୨୬ ଦିନ କର୍ଯ୍ୟ ଦିବସ, ଠିକ୍ ସମୟରେ ଦରମା ପ୍ରଦାନ, ଇଏସଆଇ ଏବଂ ଇପିଏଫ୍‌ରେ ଥିବା ଅନିୟମିତତା ଦୂର କରିବା ପାଇଁ ପଦକ୍ଷେପ ନ ନେଲେ ଆଇନଗତ ପଦକ୍ଷେପ ନେବା ପାଇଁ ଚେତାବନୀ ଦିଆଯାଇଛି।




ଆଦାନୀ ଗ୍ରୁପ୍ ଅନିୟମିତତାର ଜେପିସି ତଦନ୍ତ ଦାବିରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କର୍ମୀମାନେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ନୂଆଦିଲ୍ଲୀସ୍ଥିତ ଦଳୀୟ ମୁଖ୍ୟାଳୟ ନିକଟରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ବିଜେଡି ବିରୋଧରେ ରାସ୍ତାକୁ ଓହ୍ଲାଇବ ଭାଜପା

**ଭୁବନେଶ୍ୱର, ୧୨।୨(ବ୍ୟୁରୋ)**

■ ଆସନ୍ତା ୧୪ରୁ ୧୬ ଯାଏ ଭାଜପାର ହରତାଳ, ବିକ୍ଷୋଭ

■ ପଞ୍ଚାୟତ, ବ୍ଲକ ଅଫିସ ଆଗରେ କେନ୍ଦ୍ର ବିରୋଧରେ ବିଜେଡିର ପ୍ରତିବାଦ

■ ୧୯ରେ ପଦମ୍ପୁର ଯିବେ ମୁଖ୍ୟମନ୍ତ୍ରୀ, ମାର୍ଚ୍ଚରେ ଓଡ଼ିଶା ଆସିବେ ଶାହା

୨୦୨୪ ସାଧାରଣ ନିର୍ବାଚନକୁ ଆଉ ମାତ୍ର ଗୋଟିଏ ବର୍ଷ ସମୟ ଥିବାବେଳେ ଏହା ପୂର୍ବରୁ ରାଜ୍ୟ ରାଜନୀତି ଚଳଚଞ୍ଚଳ ହେବା ଆରମ୍ଭ ହେଲାଣି। ବିଭିନ୍ନ ପ୍ରସଙ୍ଗରେ ପରସ୍ପର ବିରୋଧରେ ଆନ୍ଦୋଳନ କରିବା ଲାଗି ଉଭୟ ବିଜେଡି ଏବଂ ଭାଜପା ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କେନ୍ଦ୍ର ଅବହେଳା ପ୍ରସଙ୍ଗ ଉଠାଇ ବିଜେଡି ରାସ୍ତାକୁ ଓହ୍ଲାଇବା ଲାଗି ଶାସକ ଦଳ ନିଜର ପ୍ରସ୍ତୁତି କରୁଥିବା ବେଳେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଭାଜପା ଆନ୍ଦୋଳନ କରିବ। ଆସନ୍ତା ୧୪, ୧୫ ଏବଂ ୧୬ ଏହି ୩ ଦିନ ଧରି ଭାଜପା, ବିଜେଡି ପରସ୍ପର ବିରୋଧରେ ଆନ୍ଦୋଳନ କରିବାକୁ ସଜବାଜ ଆରମ୍ଭ କରିଦେଇଛନ୍ତି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଆସନ୍ତା ୧୪ରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ହରତାଳ, ୧୫ରେ ସବୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏବଂ ୧୬ରେ ରାଜଭବନ ଆଗରେ ବିକ୍ଷୋଭ ଓ ହରତାଳ କରିବାକୁ ଭାଜପା ପକ୍ଷରୁ ଯୋଜନା କରାଯାଇଛି। ତେବେ ଭାଜପାର ଏହି ଆନ୍ଦୋଳନକୁ କାଉଣ୍ଟର କରିବା ଲାଗି ବିଜେଡି ପକ୍ଷରୁ ଆସନ୍ତା ୧୫ରେ ସବୁ ପଞ୍ଚାୟତ ଅଫିସ୍ ଆଗରେ ଆନ୍ଦୋଳନ ଏବଂ ୧୬ରେ ସବୁ ବ୍ଲକ ଅଫିସ୍ ଘେରାଉ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।

ତେବେ ଭାଜପା ନବ ଦାସ ହତ୍ୟାକାଣ୍ଡ, ବାଲି ମାଫିଆଙ୍କ ଦୌରାତ୍ମ୍ୟ, ତିର୍ତ୍ତୋଲ ବିଜେଡି ବିଧାୟକଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ପ୍ରସଙ୍ଗକୁ ନେଇ ସବୁ ଜିଲାରେ ହରତାଳ କରିବ। କେନ୍ଦ୍ର ସରକାର ହିତାଧିକାରୀଙ୍କ ୫ କେଜି ଲେଖା ଚାଉଳ କାଟି ଦେଉଥିବା ଅଭିଯୋଗ ଆଣି ବିଜେଡିର ସବୁ ବିଧାୟକ ଏବଂ ଜିଲା ସଭାପତିମାନଙ୍କୁ ପ୍ରତିବାଦ କରିବା ଲାଗି କୁହାଯାଇଛି। ତେବେ ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦୁଇ ରାଜନୈତିକ ଦଳ ବିଭିନ୍ନ ପ୍ରସଙ୍ଗରେ ଆନ୍ଦୋଳନ କରିବାକୁ ଅଣ୍ଟା ଭିଡ଼ିଥିବା ବେଳେ ଆସନ୍ତା ୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦମ୍ପୁର ଯିବାର କାର୍ଯ୍ୟକ୍ରମ ରହିଛି। ପଦମ୍ପୁର ଉପନିର୍ବାଚନ ସମୟରେ ଶାସକ ଦଳ ଦେଇ ଆସିଥିବା ପ୍ରତିଶ୍ରୁତି ପୂରଣ ଲାଗି ଦଳ ଯୋଜନା ରଖିଛି। ଅନ୍ୟପଟେ ମାର୍ଚ୍ଚ ପ୍ରଥମ ସପ୍ତାହରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସି ଢେଙ୍କାନାଳ ଏବଂ ଭଦ୍ରକ ଯିବାର କାର୍ଯ୍ୟକ୍ରମ ରହିଛି।

# ବଜେଟକୁ ନେଇ ଜିଲା, ମଣ୍ଡଳ, ଶକ୍ତିକେନ୍ଦ୍ରସ୍ତରରେ ଆଲୋଚନାଚକ୍ର କରିବ ଭାଜପା

**ଭୁବନେଶ୍ୱର, ୧୨।୨(ବ୍ୟୁରୋ)**

୨୦୨୩-୨୪ ବର୍ଷ ପାଇଁ କେନ୍ଦ୍ରରେ ଆଗତ ହୋଇଥିବା ସାଧାରଣ ବଜେଟରେ କୃଷି, ଜଳସେଚନ, ଖାଦ୍ୟ ପ୍ରକ୍ରିୟାକରଣ, କୃଷକ ରୋଜଗାରକୁ ପ୍ରାଧାନ୍ୟ ଦିଆଯାଇଛି। ୨୦୧୩-୧୪ରେ କୃଷି ମନ୍ତ୍ରଣାଳୟକୁ ୩୦ ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିବା ବେଳେ ବର୍ତ୍ତମାନ ଏହା ୧ଲକ୍ଷ ୨୫ ହଜାର କୋଟିରେ ପହଞ୍ଚିଛି। ସେହିଭଳି ଜଳସେଚନ, ଫୁଡ୍ ସବ୍‌ସିଡି, ଖାଦ୍ୟ ପ୍ରକ୍ରିୟାକରଣରେ ହୋଇଥିବା ବଜେଟ ରାଶିକୁ ମିଶାଇଲେ କୃଷି କ୍ଷେତ୍ରକୁ ମୋଟ୍ ୪ ଲକ୍ଷ ୫୦ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଛି, ଯାହା ଏକ ସର୍ବକାଳୀନ ରେକର୍ଡ। ୨୦୧୩-୧୪ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ମାତ୍ର ୧୩୧୦ ଟଙ୍କା ଥିବାବେଳେ ଏବେ କେନ୍ଦ୍ର ସରକାର ଏହାକୁ ୨୦୪୦ ଟଙ୍କାରେ ପହଞ୍ଚାଇଲେଣି। ଚଳିତ ବଜେଟରେ କୃଷି ଭିତ୍ତିଭୂମି, କୃଷି ଉଦ୍ୟମିତାକୁ ଯଥେଷ୍ଟ ପ୍ରାଧାନ୍ୟ ଦିଆଯାଇଛି। ସେହିଭଳି ଜୈବିକ କୃଷି ଓ ସାରର ବ୍ୟବହାର ବଢ଼ାଇବା ପାଇଁ ସରକାର ମିଶନ ମୋଡ୍‌ରେ କାମ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ମିଲେଟ୍ ମିଶନରେ କ୍ଷୁଦ୍ରଚାଷୀଙ୍କ ରୋଜଗାର ବଢ଼ାଇବା ପାଇଁ ସରକାର ବ୍ୟୟବରାଦ କରିଛନ୍ତି। ପିଏମ୍ କିଷାନ ଯୋଜନାରେ ବର୍ତ୍ତମାନ ଦେଶର ୧୧ କୋଟି ଚାଷୀ ବାର୍ଷିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପାଉଛନ୍ତି, ଯାହା ୪ ବର୍ଷ ତଳେ ମାତ୍ର ୩ ହଜାର ଚାଷୀ ପାଉଥିଲେ। ଏସବୁକୁ ଦେଖିଲେ ଏହି ଅମୃତକାଳର ପ୍ରଥମ ବଜେଟ ଚାଷୀଙ୍କ ପାଇଁ ଅମୃତ ସଦୃଶ ବୋଲି ଭାଜପା କୃଷକ ମୋର୍ଚ୍ଚାର ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଛି। ଏହି ବଜେଟକୁ ନେଇ ଆସନ୍ତା ଦିନରେ କୃଷକ ମୋର୍ଚ୍ଚା ପକ୍ଷରୁ ଜିଲା, ମଣ୍ଡଳ ଓ ଶକ୍ତିକେନ୍ଦ୍ର ସ୍ତରରେ ଆଲୋଚନାଚକ୍ରମାନ ଆୟୋଜନ କରାଯାଇ ଜନସାଧାରଣଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ଅମୃତକାଳର ବଜେଟ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା।

# ୬୮ କି.ମି. ଜଙ୍ଗଲ ଜମିକୁ ଅନୁମୋଦନ

**ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳପ୍ରକଳ୍ପ**

**ମୋଦିଙ୍କୁ ଧନ୍ୟବାଦ ଦେଲେ ବୈଷ୍ଣବ**

**ଭୁବନେଶ୍ୱର(ବ୍ୟୁରୋ)/ ନୟାଗଡ଼ ଅଫିସ୍, ୧୨।୨**




ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ୧୧୨ କିଲୋମିଟରରୁ ୧୮୦ କିଲୋମିଟର ମଧ୍ୟରେ ୬୮ କିମି ରେଳ ଲାଇନ ପାଇଁ ଜଙ୍ଗଲ ଅନୁମୋଦନ ମିଳିଛି। ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରକଳ୍ପ ବଲାଙ୍ଗୀର, ସୋନପୁର, ଫୁଲବାଣୀ, ବୌଦ୍ଧ, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାକୁ ସଂଯୋଗ କରିବ। ଏହାସହ ପଶ୍ଚିମ ଏବଂ ଉପକୂଳ ଓଡ଼ିଶା ମଧ୍ୟରେ ଆଉ ଏକ ରେଳ ସଂଯୋଗ ସ୍ଥାପନ କରିବ। ୧୯୯୪-୯୫ରେ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଥିଲା। ଜଙ୍ଗଲ ମଞ୍ଜୁରୀ ସହିତ ଅନେକ ସମସ୍ୟା ପାଇଁ ଏହି ପ୍ରକଳ୍ପ ବିଳମ୍ବ ହେଉଥିଲା। ୨୦୧୪-୧୫ରୁ ଏହି ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯାଇଛି। ଅଦ୍ୟାବଧି ୩୦୧ କିମି ମଧ୍ୟରୁ ୧୧୫ କିମି (ଖୋର୍ଦ୍ଧା ରୋଡରୁ ନୂଆଗାଁ ପର୍ଯ୍ୟନ୍ତ ୯୦ କିଲୋମିଟର) ଏବଂ (ବଲାଙ୍ଗୀରରୁ ଝରତରଭା ପର୍ଯ୍ୟନ୍ତ ୨୫ କିମି) ରେଳ ଲାଇନ କାର୍ଯ୍ୟକ୍ଷମ ହୋଇଛି। ଖୋର୍ଦ୍ଧା ରୋଡ୍ ପାର୍ଶ୍ୱରୁ ନୂଆଗାଁଠାରୁ ଦଶପଲ୍ଲା ଏବଂ ବଲାଙ୍ଗୀର ପାର୍ଶ୍ୱରୁ ଝରତରଭାଠାରୁ ଖମ୍ଭେଶ୍ୱରପାଲି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଚଳିତ ଆର୍ଥିକ ବର୍ଷ ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆବଶ୍ୟକ ଜମି ଏବଂ ଜଙ୍ଗଲ ମଞ୍ଜୁର ହସ୍ତାନ୍ତର କରିବାରେ ବିଳମ୍ବ ହେତୁ ପ୍ରକଳ୍ପର ମନ୍ଥର ଅଗ୍ରଗତି ହୋଇଥିଲା। ଜଙ୍ଗଲ ମଞ୍ଜୁର ଏବଂ କାର୍ଯ୍ୟ ଅନୁମତି ଦଶପଲ୍ଲା ଏବଂ ପୁରୁଣାକଟକ (କିମି ୧୧୨ - କିମି ୧୮୦) ମଧ୍ୟରେ ଥିବା ୧୪୬୯ ଏକର ଜଙ୍ଗଲ ଜମି ପାଇଁ ବିଚାରାଧୀନ ଥିଲା। ୨୦୨୩ ମାର୍ଚ୍ଚ ସୁଦ୍ଧା ନୂଆଗାଁ ଏବଂ ଦଶପଲ୍ଲା ମଧ୍ୟରେ ୧୫.୫ କିମି ଦୈର୍ଘ୍ୟ ରେଳ ସେକ୍ସନ ମଧ୍ୟରେ ୫୭ଟି ମାଇନର୍ ଏବଂ ୩ଟି ମେଜର ବ୍ରିଜ୍ ସହିତ ୧୫ ରୋଡ୍ ଅଣ୍ଡର ବ୍ରିଜ୍ (ଆର୍‌ୟୁବିଏସ୍) ଏବଂ ୦୪ଟି ରୋଡ୍ ଓଭର ବ୍ରିଜ୍ (ଆର୍‌ଓବି) ସହିତ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ୨୦୨୩ ମାର୍ଚ୍ଚ ସୁଦ୍ଧା ଝରତରଭା-ଖମ୍ଭେଶ୍ୱରପାଲି-ସୋନପୁର (୧୧.୪୦ + ୧୦.୩୦ = ୨୧.୭୦ କିମି) ଦୈର୍ଘ୍ୟ ରେଳ ସେକ୍ସନ ସମାପ୍ତ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ୧୧୨-୧୮୦ କିମି ମଧ୍ୟରେ ୯୭.୫୯ ଏକର ଘରୋଇ ଜମି, ୨୬୨.୭୫ ଏକର ସରକାରୀ ଜମି ଉପଲବ୍ଧତା ସହିତ ଜଙ୍ଗଲ ଅନୁମୋଦନ ଠିକ ସମୟରେ ମିଳିଥିଲେ ଡିସେମ୍ବର ୨୦୨୫ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଜନସାଧାରଣ କୈନ୍ଦ୍ରିକ ରେଳ ପ୍ରକଳ୍ପ ନିର୍ମାଣ ସମୟରେ ଉପୁଜୁଥିବା ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ପ୍ରସଙ୍ଗଗୁଡ଼ିକୁ ଶୀଘ୍ର ସମାଧାନ ପାଇଁ ତୃଣମୂଳ ସ୍ତରରେ ବିଭିନ୍ନ ସରକାରୀ ଓ ଅନ୍ୟାନ୍ୟ ସଂସ୍ଥା ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟକରିବାକୁ ବୈଷ୍ଣବ ରେଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ଶେଷ ହେବା ପାଇଁ ତୃଣମୂଳ ସ୍ତରର ସମନ୍ୱୟ ଫଳପ୍ରଦ ହେବ ବୋଲି ସେ କହିଛନ୍ତି।

# ବିବେକକୁ ବାଧିବାରୁ ଇସ୍ତଫା: ରଘୁବୀର

**ଓଏଚ୍‌ଆର୍‌ସିରୁ ଜଷ୍ଟିସ ରଘୁବୀର ଦାଶଙ୍କ ଇସ୍ତଫା ନେଇ ବଢୁଛି ଚର୍ଚ୍ଚା**

**ଏ ସରକାରରେ କିଛି ନୀତି ଓ ନୈତିକତା ନାହିଁ: ବିରୋଧୀ**

**ଭୁବନେଶ୍ୱର, ୧୨।୨(ବ୍ୟୁରୋ)**

ଓଡ଼ିଶା ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି) ସଦସ୍ୟ ପଦରୁ ଜଷ୍ଟିସ ରଘୁବୀର ଦାଶ ଇସ୍ତଫା ଦେଇଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ସେ ଗତ ୯ ତାରିଖରେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ଓଡ଼ିଶା ମାନବ ଅଧିକାର କମିଶନ ଅଧ୍ୟକ୍ଷଙ୍କ ନିଯୁକ୍ତି ପ୍ରସଙ୍ଗ ନେଇ ଜଷ୍ଟିସ୍ ରଘୁବୀର ଦାଶ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ନିକଟରେ ଓଡ଼ିଶା ମାନବ ଅଧିକାର କମିଶନର ଅଧ୍ୟକ୍ଷ ଭାବେ ରାଜ୍ୟ ସରକାର ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ଜଷ୍ଟିସ୍ ରଘୁବୀର ଦାଶଙ୍କ କହିବା କଥା ଓଏଚ୍‌ଆର୍‌ସିର ନୂଆ ଅଧ୍ୟକ୍ଷ ଭାବେ ଯିଏ ନିଯୁକ୍ତି ପାଇଛନ୍ତି ସେ ଓଡ଼ିଶା ହାଇକୋର୍ଟରେ ତାଙ୍କ ଜୁନିୟର ଥିଲେ। ତେଣୁ ନବନିଯୁକ୍ତ ଅଧ୍ୟକ୍ଷଙ୍କ ଅଧୀନରେ କାର୍ଯ୍ୟ କରିବା ପାଇଁ ତାଙ୍କ ବିବେକ ବାଧା ଦେଇଛି। ଆତ୍ମସମ୍ମାନ ଦୃଷ୍ଟିରୁ ସେ ଆଉ ଓଏଚ୍‌ଆର୍‌ସିର ସଦସ୍ୟ ଭାବେ କାର୍ଯ୍ୟ କରିପାରିବେ ନାହିଁ ବୋଲି ଜଷ୍ଟିସ୍ ଦାଶ ରାଜ୍ୟପାଳଙ୍କୁ ପଠାଇଥିବା ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କହିଛନ୍ତି। ଜଷ୍ଟିସ୍ ଦାଶ ତାଙ୍କ ଇସ୍ତଫାପତ୍ରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଓଏଚ୍‌ଆର୍‌ସିର ନବନିଯୁକ୍ତ ଅଧ୍ୟକ୍ଷ ନିହାତି ଭାବେ ଜଣେ ଯୋଗ୍ୟ ବ୍ୟକ୍ତି। ଏହି ଅନୁଷ୍ଠାନର ପ୍ରତିଷ୍ଠାକୁ ଆହୁରି ଉପରକୁ ନେବାକୁ ତାଙ୍କ ପାଖରେ ସମସ୍ତ ଦକ୍ଷତା ଥିବା ସେ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।



ଜଷ୍ଟିସ ରଘୁବୀର ଦାଶ

ଭାଜପା ନେତା ସୁଦର୍ଶନ ନାୟକ କହିଛନ୍ତି, ଏହା ହେଉଛି କୁଶାସନର ଏକ ନମୁନା। ଜଣେ ବରିଷ୍ଠ ଜଜ୍ ସଦସ୍ୟ ଥିବାବେଳେ ଅନ୍ୟ ଜଣେ କନିଷ୍ଠ ଜଜ୍‌ଙ୍କୁ ଯେତେବେଳେ ଅଧ୍ୟକ୍ଷ ପଦରେ ବସାଯାଉଛି ନୈତିକତା ଦୃଷ୍ଟିରୁ ସେ ଠିକ୍ ନିଷ୍ପତ୍ତି ନେଉଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଏ ସରକାରର କିଛି ନୀତି ନିୟମ ନାହିଁ। ଏଠି ବରିଷ୍ଠ ଏବଂ କନିଷ୍ଠ ଭିତରେ ଯେମିତି ନିଷ୍ପତ୍ତି ନେବା କଥା ନିଆଯାଉନି। ଆଇଏଏସ୍, ଆଇପିଏସ୍ ଏବଂ ବିଧାୟକମାନଙ୍କ କ୍ଷେତ୍ରରେ ହେଉ ବରିଷ୍ଠ ଓ କନିଷ୍ଠ କିଛି ମାନୁନାହାନ୍ତି। ଯାହାକୁ ଚାହିଁଲେ ମନ୍ତ୍ରୀ କରିଦେଉଛନ୍ତି, କେତେବେଳେ କନିଷ୍ଠ ଅଫିସରଙ୍କୁ ବରିଷ୍ଠଙ୍କ ଦାୟିତ୍ୱ ଦେଇଦେଉଛନ୍ତି। ତେଣୁ ଏ ସରକାର ସମୟରେ କାହାରି କିଛି ଆତ୍ମସମ୍ମାନ ନାହିଁ ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ପର୍ଶୁରାମ ଧଡା କହିଛନ୍ତି, ସବୁକିଛି ବିଧି ବ୍ୟବସ୍ଥା ଭିତରେ ହୋଇଛି। ସରକାର ଯେତେବେଳେ କିଛି ଗୋଟିଏ ନିଯୁକ୍ତି କରନ୍ତି ସେତେବେଳେ କେତେଗୁଡ଼ିଏ ନିୟମକାନୁନ ଦେଇ ଯାଆନ୍ତି। ଏହାସହ କିଛି ନିର୍ଦ୍ଦିଷ୍ଟ ପଦ୍ଧତିରେ ସବୁକିଛି କରାଯାଏ। ଏ କ୍ଷେତ୍ରରେ ମଧ୍ୟ ନିୟମ ଭିତରେ ସବୁ କିଛି ହୋଇଛି, ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜଷ୍ଟିସ ଦାଶଙ୍କ ଇସ୍ତଫା ଦେବା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ସେ କହିଛନ୍ତି। ଓଏଚ୍‌ଆରସି ଅଧ୍ୟକ୍ଷ ପଦରେ ନିଯୁକ୍ତି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ବାଚସ୍ପତି ପ୍ରମୁଖ ଦେଇଥାଆନ୍ତି। ସେମାନଙ୍କ କାର୍ଯ୍ୟକାଳ ୩ ବର୍ଷ ହୋଇଥିବା ବେଳେ ବୟସସୀମା ୭୦ ବର୍ଷ ଭିତରେ ହୋଇଥିବା ଆବଶ୍ୟକ।

## ଟାୱାର ଉପରେ ଚଢ଼ି ଯୁବକଙ୍କ ଉନ୍ମତ୍ତକାଣ୍ଡ

**ଦେଢ଼ ଘଣ୍ଟା ପରେ ଯୁବକଙ୍କୁ ଉଦ୍ଧାର କରାଗଲା**



**କୁଆଁରମୁଣ୍ଡା, ୧୨।୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ରିଡ଼ଁ ଗ୍ରାମ ନିକଟସ୍ଥ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟାୱାର ଉପରେ ଚଢ଼ି ଶନିବାର ଜଣେ ଯୁବକ ଉନ୍ମତ୍ତକାଣ୍ଡ ଘଟାଇଥିଲେ। ସେ ଆତ୍ମହତ୍ୟା ପାଇଁ ଚିତ୍କାର କରିଥିଲେ। ପାଟିଶୁଣି ଗାଁ ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟାକରି ବିଫଳ ହେବା ପରେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ, ଅଗ୍ନିଶମ, ବିଦ୍ୟୁତ୍ ବିଭାଗ କର୍ମଚାରୀ ସେଠାରେ ପହଞ୍ଚିଥିଲେ। ଦେଢଘଣ୍ଟା ଚେଷ୍ଟା କରିବା ପରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ଯୁବକ ଜଣଙ୍କ ହେଉଛନ୍ତି କିରଣ ମୁଣ୍ଡା (୨୩)। ତାଙ୍କର ପୂର୍ବରୁ ମାନସିକ ବିକୃତି ଥିଲା ବୋଲି ପୋଲିସ ଗାଁ ଲୋକଙ୍କଠାରୁ ଜାଣିବାକୁ ପାଇଛି ବୋଲି ସୂଚନା ଦେଇଛି।

**କୋଣାର୍କରେ ମନ୍ଦିର ନିର୍ମାଣ**

# ଆରମ୍ଭରୁ ଗୋଲରାଗଡ଼ର ଅବଦାନ ଅବିସ୍ମରଣୀୟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**

■ ନିର୍ମାଣବେଳେ ଓଡ଼ିଶାର ଓଝା ଓ କୁମ୍ଭାରମାନଙ୍କର ସହଯୋଗ ସ୍ମରଣୀୟ

■ ଦର୍ଶନୀବନ୍ତ ଉପରୁ ଶ୍ରୀନୀଳଚକ୍ର ଦୃଶ୍ୟ ହେଉଥିଲା

ଓଡ଼ିଶାର ପଥରଶିଳ୍ପୀ ବଂଶାନୁକ୍ରମିକ ଭାବରେ କାମ ଶିକ୍ଷା କରିଥାଏ। କେଉଁ ପଥର ବ୍ୟବହାର ପାଇଁ କେଉଁ ଅଞ୍ଚଳର ଶିଳ୍ପୀ ଦକ୍ଷ, ତାହା ନିର୍ଦ୍ଦିଷ୍ଟ। ଗଞ୍ଜାମ ଅଞ୍ଚଳର ଶିଳ୍ପୀ ଯେଉଁ କାର୍ଯ୍ୟ କୁଶଳରେ କରିପାରିବେ, ଝିଟିଂ ଅଞ୍ଚଳ ଶିଳ୍ପୀ ତାହା ସେପରି କରି ନ ପାରନ୍ତି। ସେଥିପାଇଁ ପଥର ଅନୁଯାୟୀ ଶିଳ୍ପୀଙ୍କୁ କୋଣାର୍କକୁ ଆମନ୍ତ୍ରଣ କରାଯାଉଥିଲା। ମାଙ୍କଡ଼ା ପଥର ବ୍ୟବହାର ଲାଗି ଖୋର୍ଦ୍ଧାରୁ ଆସିଥିଲେ ଶିଳ୍ପୀ।

କୋଣାର୍କରେ କୁମ୍ଭାରମାନଙ୍କ ଅବଦାନ ଥିଲା ଠିକ୍ ପଥର ଶିଳ୍ପୀଙ୍କ ପରି। ମାଟିପାତ୍ର ସବୁ କାଦୁଅ ମାଟିରେ ଗଢ଼ିବା ସହିତ ମାଟିର ବଡ଼ ବଡ଼ ନଳ ବି ନିର୍ମାଣ ହେଉଥିଲା। ଡିହସାହିର ଦାମ ମୁଦୁଲିଙ୍କ ନେତୃତ୍ୱରେ କୁମ୍ଭାରମାନେ ଏକ ଶିବିରରେ ରହୁଥିଲେ। ପାଖ ଶିବିରରେ ରହୁଥିଲେ କାଶୀ ଓଝା। ଓଝା ସାଙ୍ଗିଆ କମାରମାନଙ୍କ ପାଇଁ ପୋଥିରେ ବ୍ୟବହାର ହୋଇଛି। ଓଝାମାନେ ଦିନରାତି ପରିଶ୍ରମ କରି ବାଗିଆ (କ୍ରାମ୍ପ) ତିଆରି କରୁଥିଲେ। ତାଙ୍କରି ଶିବିର ପାଖରେ ଗୋବିନ୍ଦ ବଢ଼େଇ 'କଳଶଗଡ଼ି' ନିର୍ମାଣ କରୁଥିଲେ। କଳଶଗଡ଼ିରେ ଚକ ଲାଗୁଥିଲା। ଏହାକୁ କଳଚକ କୁହାଯାଉଥିଲା। ଓଜନିଆ ଜିନିଷ ଉପରକୁ ଉଠାଇବା ପାଇଁ 'କଳଚକ' ବ୍ୟବହାର ହୁଏ। ଏଥିଲାଗି ଶହେ ହାତର ଦଉଡ଼ି ବ୍ୟବହାର ହୋଇଥିଲା। ମୁଗୁନିପଥରର ଖମ୍ବ ସବୁ 'କଳଗୟଳ'ରେ ବ୍ୟବହାର ହୋଇଥିଲା। କଳଶଗଡ଼ିରେ ୩୪ ହାତ ଲମ୍ବର ମୁଗୁନିପଥର କୁଣ୍ଟି ସବୁ 'କଳଗୟଳ' ନିକଟକୁ ଅଣାଯାଇଥିଲା।

ଶହେ ହାତର ଦଉଡ଼ି ଯେତେ ବ୍ୟବହାର ହୋଇଥିଲା, ତାହା ଗୋଲରାଗଡ଼ ବିଶୋଇ ଯୋଗାଇଥିଲେ। କୋଣାର୍କରୁ କାକଟପୁର ରାସ୍ତାରେ ଗଲେ ବାଲି ଦୋକାନର ଦକ୍ଷିଣ ପାର୍ଶ୍ୱରେ ଏହି ପ୍ରାଚୀନ ଗଡ଼ ଅବସ୍ଥିତ। ଗଙ୍ଗବଂଶ ରାଜତ୍ୱରେ ପ୍ରତିଷ୍ଠିତ ୧୬ଗଡ଼ ମଧ୍ୟରୁ ଏହି ଗଡ଼ ସବୁଠାରୁ ପ୍ରାଚୀନ। ଚିତ୍ରୋତ୍ପଳା ନଦୀ ଉପତ୍ୟକାରେ ପ୍ରତିଷ୍ଠିତ ଏହି ଗଡ଼କୁ ଲାଗି ବିଶାଳ ଜଙ୍ଗଲ ଅଛି। ଏହା ଗୋଲରା ଜଙ୍ଗଲ ଭାବରେ ପ୍ରସିଦ୍ଧ।

ମନ୍ଦିର ନିର୍ମାଣ ପାଇଁ ଅନ୍ୟତମ ମୁଖ୍ୟ ଆଧାର ଥିଲା ସେତେବେଳେ ଦଉଡ଼ି। ଗୋଲରାଗଡ଼ ବିଶୋଇ ଆବଶ୍ୟକ ଅନୁଯାୟୀ ସମସ୍ତ ଦଉଡ଼ି ଯୋଗାଇଥିଲେ। ଏହି ଦଉଡ଼ି ନଡ଼ିଆକତା କିମ୍ବା ସୁତୁଲି ଦଉଡ଼ି ନୁହେଁ। ବେତ ଗଛ ପାକଳ ହୋଇ ଆସିଲେ କଟାଯାଇ ପାଣିରେ ପଡ଼େ। ପାଣିରୁ ଛଣା ହୋଇ ବାଡ଼ିଆଯାଏ। ସରୁ ସରୁ କାଣ୍ଡଗୁଡ଼ିକୁ ନେଇ ଦଉଡ଼ି ବୋଳା ଆରମ୍ଭ ହୁଏ। ବର୍ତ୍ତମାନ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ବ୍ୟବହୃତ ହେଉଥିବା ଦଉଡ଼ିଠାରୁ ସାମାନ୍ୟ ମୋଟା ହୁଏ। ଶହେହାତିଆ ଦଉଡ଼ି ଖୁଣ୍ଟି ପୋତାଯାଇ ଦି' ମୁଣ୍ଡ ଜୋର୍‌ରେ ଭିଡ଼ାହୋଇ ବନ୍ଧାଯାଏ। ଘିକୁଆଁରୀ ରସ ହଣ୍ଡାରେ ସଂଗ୍ରହ ହୋଇ ରହିଥାଏ। ସେଇ ରସକୁ ଦଉଡ଼ିରେ ପ୍ରଥମ ପରସ୍ତ ବୋଳାଯାଏ। ଶୁଖିଗଲେ ପୁଣି ବୋଳାଯାଏ। ଏହିପରି ପାଞ୍ଚ ପରସ୍ତ ବୋଳା ହୋଇ ଖରାରେ ଶୁଖେ। ସେଇ ଟାଣ ଦଉଡ଼ି କପିକଳରେ ଲାଗି ମହଣ ସଦୃଶ ଓଜନର ପଥର ଉପରକୁ ଯାଏ। ଘିକୁଆଁରୀ ରସ ଯୋଗୁ ଦଉଡ଼ି ଯିବା ଆସିବାରେ ଅସୁବିଧା ହୁଏ ନାହିଁ।

ଆମେ ୨୦୨୧ ଫେବୃୟାରୀ ୨୪ ତାରିଖରେ ଗୋଲରାଗଡ଼ ଯାଇ ପୋଥି ବର୍ଣ୍ଣିତ ଘଟଣାର ଅନୁସନ୍ଧାନ କରିଥିଲୁ। ଦିନସାରା ଗଡ଼ରେ ରହିଥିଲୁ। ଆମ ସହିତ ଓଡ଼ିଶା ଐତିହ୍ୟ ପରିଷଦ ଏବଂ କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ଯଥାକ୍ରମେ ଦେବୀ ପ୍ରସନ୍ନ ନନ୍ଦ ଓ ସଞ୍ଜୟ ବରାଳ ଥିଲେ। ଗୋଲରାଗଡ଼, ସାନ୍ତ ପ୍ରତାପ ଚନ୍ଦ୍ର ବୀରବର ମର୍ଦ୍ଦରାଜଙ୍କ ସଭାପତିତ୍ୱରେ ସଭା ମଧ୍ୟ କରିଥିଲୁ।




ଗୋଲରାଗଡ଼ର ମୁଖିଆ ପୂର୍ବେ 'ଦଳବେହେରା' ଭାବରେ ପରିଚିତ ଥିଲେ। ବାସ୍ତରି ଖଣ୍ଡ ଗାଁକୁ ନେଇ ଗୋଲରାଗଡ଼ ସମୃଦ୍ଧ ଥିଲା। ଗଡ଼ର ପୂର୍ବ ଦିଗରେ ତିନି କି.ମି. ଜଙ୍ଗଲରେ ଗଲେ 'କେଲୁଣୀ' ମୁହାଣ। ଚିତ୍ରୋତ୍ପଳା ନଦୀ, ପ୍ରାଚୀନଦୀର ଗୋଟିଏ ଧାର ଓ ଚନ୍ଦ୍ରଭାଗା ନଦୀ ମିଶି ଏଇଠି ମହୋଦଧିରେ ମିଶିଥିଲେ। ଏଇଠି ଥିଲା ଆମର ପ୍ରାଚୀନ ବନ୍ଦର।

ଗଡ଼ର ଉତ୍ତର-ପଶ୍ଚିମ ଦିଗ ହୋଇ ବହିଯାଇଛି ଚିତ୍ରୋତ୍ପଳା ନଦୀ। ନଦୀଘାଟରେ ରହିଛି ଗଡ଼ଦେବୀ ମା' ଚିତ୍ରେଶ୍ୱରୀଙ୍କ ମନ୍ଦିର। ଏଇଠି ପୂଜା ପାଉଥିଲେ ଦେବୀ ସିଦ୍ଧେଶ୍ୱରୀ। ଗଡ଼ସାନ୍ତଙ୍କ ଉପାସ୍ୟା ହେଉଛନ୍ତି ଦେବୀ କନକ ଦୁର୍ଗା। ସେଇଠି ରହିଛି ବାରବାଟୀ ପଡ଼ିଆ। ସାମରିକ କୌଶଳର ଶିକ୍ଷାଘର ଓ ପାଇକଆଖଡ଼ା ଏହି ପଡ଼ିଆରେ ହେଉଥିଲା। ନଦୀକୂଳରେ ଆଜି ବି ଘଞ୍ଚ ବେତ ଜଙ୍ଗଲ ରହିଛି। ଗୋଲରା ଜଙ୍ଗଲର ପ୍ରତି ମୋଡ଼ରେ ଘିକୁଆଁରୀ ବଣ। ଏହି ଗଡ଼ କାଞ୍ଚି ଅଭିଯାନବେଳେ ମୁଖ୍ୟ ଭୂମିକା ନେଇଥିବାର ପ୍ରମାଣ ଆଜି ବି ଅଛି। ଗଡ଼ର ଗଡ଼ଖାଇ ଆଜି ଖଣ୍ଡିଆ ନଈ ଭାବରେ ପରିଚିତ ହେଉଛି।



ଗୋଲରା ଗଡ଼ର ଭଗ୍ନ ଦେବୀ ଚିତ୍ରେଶ୍ୱରୀଙ୍କ ଆସ୍ଥାନସ୍ଥଳ।

ଗଡ଼ର ଶେଷ ସୀମାରେ ଦର୍ଶନୀବନ୍ତ ରହିଛି। ଏହି ବାଲିବନ୍ତର ଶୀର୍ଷକୁ ଗଲେ ଶ୍ରୀନୀଳଚକ୍ର ଦର୍ଶନ ହୁଏ ଶ୍ରୀମନ୍ଦିରରେ।

ଗୋଲରାଗଡ଼ ବିନା ପାରିଶ୍ରମିକରେ କୋଣାର୍କରେ ମନ୍ଦିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯେଉଁ ତ୍ୟାଗ କରିଛି, ତାହା ଇତିହାସରେ ସ୍ଥାନ ପାଇଲା ପରି ମନେହୁଏ ନାହିଁ। ପ୍ରଥମେ ଶିଳ୍ପୀମାନେ କୋଣାର୍କରେ ପହଞ୍ଚିବା ବେଳେ ୮୦ଜଣ ପାଇକଙ୍କୁ ନେଇ ନିଜେ ଗଡ଼ସାନ୍ତ ଠିଆ ହୋଇ କୁଟୀର ନିର୍ମାଣ କରାଇଥିଲେ। ପ୍ରଥମେ ଏହି ଗଡ଼ ଖାଦ୍ୟଶସ୍ୟ ଯୋଗାଇ ଦେଇଥିଲା। ଗୋଲରା ଜଙ୍ଗଲରୁ ସାନ୍ତ ଯୋଗାଇ ଦେଇଥିଲେ ୧୯୦୦ ଟିଣିଆ କଡ଼ି, ୨୩୦ ବନ୍ଧନ ପଟା, ୨୦୦ ପଣଶକାଠ ପଟା ଓ ୩୦୦ ଆମ୍ବକାଠର କଡ଼ି। ଧନ୍ୟ କହିବା ଗୋଲରାଗଡ଼ର ସାନ୍ତ ବିଶୋଇ ଓ ବୀର ପାଇକମାନଙ୍କୁ।



୬ ବର୍ଷର ଶାସନ କାଳରେ ଭାଜପା ଗୋଟିଏ ବି ନୂଆ ପ୍ରକଳ୍ପ ନିର୍ମାଣ କରିପାରିନାହିଁ। ଏଥିପାଇଁ ଗ୍ଲୋବାଲ୍ ଇନ୍‌ଭେଷ୍ଟର୍ସ ସମିଟ୍‌ରେ ସମାଜବାଦୀ ପାର୍ଟି ସରକାର ଅମଳର ପ୍ରୋଜେକ୍ଟଗୁଡ଼ିକୁ ଦେଖାଇ ପୁଞ୍ଜିନିବେଶ ଆଶା କରୁଛି।

-ଅଖିଳେଶ ଯାଦବ, ଏସ୍‌ପି ଅଧକ୍ଷ



## ସଂକ୍ଷେପରେ

### ଆସାମରେ ଭୂକମ୍ପ

**ନୂଆଦିଲ୍ଲୀ,୧୨।୨:** ଆସାମର ନାଗାଁଓ ଅଞ୍ଚଳରେ ରବିବାର ଅପରାହ୍ନରେ ୪.୦ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଅପରାହ୍ନ ୪ଟା ୧୮ ମିନିଟରେ ଅନୁଭୂତ ଭୂମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ବୋଲି ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶନିବାର ଗୁଜରାଟର ସୁରଟ ଜିଲାରେ ୩.୮ ତୀବ୍ରତାର ଭୂକମ୍ପ ରେକର୍ଡ କରାଯାଇଥିଲା।

### ମହମ୍ମଦ ସହାବୁଦ୍ଦିନ ଚୁପ୍ପୁ ହେବେ ବାଂଲାଦେଶ ରାଷ୍ଟ୍ରପତି



**ଢାକା,୧୨।୨(ଆଇଏଏନ୍ଏସ୍):** ପୂର୍ବତନ ବିଚାରପତି ତଥା ଦୁର୍ନୀତି ନିରୋଧୀ କମିଶନର ମହମ୍ମଦ ସହାବୁଦ୍ଦିନ ଚୁପ୍ପୁ ବାଂଲାଦେଶର ୨୨ତମ ରାଷ୍ଟ୍ରପତି ନିର୍ବାଚିତ ହେବାକୁ ଯାଉଛନ୍ତି। ପାର୍ଲାମେଣ୍ଟରେ ନିରଙ୍କୁଶ ସଂଖ୍ୟାଗରିଷ୍ଠ ଥିବା ଶାସକ ଦଳ ଆୱାମି ଲିଗ୍ ଚୁପ୍ପୁଙ୍କୁ ଦେଶର ଏହି ସର୍ବୋଚ୍ଚ ପଦବୀ ଲାଗି ମନୋନୀତ କରିଛି। ସାଧାରଣ ସମ୍ପାଦକ ଓବୈଦୁଲ କ୍ୱାଦେରଙ୍କ ନେତୃତ୍ୱରେ ଆୱାମି ଲିଗ୍‌ର ପ୍ରତିନିଧି ଦଳ ରବିବାର ନିର୍ବାଚନ କମିଶନଙ୍କ ନିକଟରେ ଚୁପ୍ପୁଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ଆୱାମୀ ଲିଗ୍‌ର ମୁଖ୍ୟ ଶେଖ୍ ହାସିନା ଚୁପ୍ପୁଙ୍କୁ ଦଳର ପ୍ରଚାର ଏବଂ ପ୍ରକାଶନ ସବ୍‌କମିଟିର ଅଧକ୍ଷ ପଦ ପାଇଁ ମନୋନୀତ କରିଥିଲେ। ୩୫୦ ସଦସ୍ୟ ବିଶିଷ୍ଟ ବାଂଲାଦେଶ ପାର୍ଲାମେଣ୍ଟରେ ଆୱାମି ଲିଗ୍‌ର ୩୦୨ ଜଣ ସଦସ୍ୟ ଅଛନ୍ତି। ମୁଖ୍ୟ ବିରୋଧୀ ଦଳ ଜାତୀୟ ପାର୍ଟିର ସଦସ୍ୟ ସଂଖ୍ୟା ୨୬ ହୋଇଥିବାବେଳେ ୱାର୍କର୍ସ ପାର୍ଟିର ୪, ଜାତୀୟ ସମାଜତାନ୍ତ୍ରିକ ଦଳ, ବିକଳ୍ପ ଧାରା ବାଂଲାଦେଶ ଏବଂ ଗୋନୋ ଫୋରମ୍‌ର ୨ ଜଣ ଲେଖାଏ ସଦସ୍ୟ ରହିଛନ୍ତି। ଏହା ବ୍ୟତୀତ ବାଂଲାଦେଶ ତାରିକତ ଫେଡେରେଶନ ଏବଂ ଜାତୀୟ ପାର୍ଟି (ମଞ୍ଜୁ)ର ଜଣେ ଲେଖାଏ ସଦସ୍ୟ ଥିବାବେଳେ ୩ ଆସନରେ ସ୍ୱାଧୀନ ପ୍ରାର୍ଥୀ ରହିଛନ୍ତି। ତେଣୁ ଆୱାମି ଲିଗ୍ ପାର୍ଟି ମନୋନୀତ କରିଥିବା ପ୍ରାର୍ଥୀ ପରବର୍ତ୍ତୀ ରାଷ୍ଟ୍ରପତି ନିର୍ବାଚିତ ହେବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି।

### ୨ ମାସର ଶିଶୁକୁ ତତଲା ଚେଙ୍କ

**ପୋରବନ୍ଦର,୧୨।୨:** ଗୁଜରାଟର ପୋରବନ୍ଦର ଜିଲାରେ ୨ ମାସର ଶିଶୁକନ୍ୟାର କାଶ ଭଲ କରିବାକୁ ଯାଇ ଜଣେ କ୍ୱାକ୍ ତାଙ୍କୁ ତତଲା ଲୁହାରଡ୍ ଚେଙ୍କ ଦେଇଛନ୍ତି। ଗୁରୁତର ଅବସ୍ଥାରେ ଶିଶୁକୁ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଥିବାବେଳେ କ୍ୱାକ୍‌ଙ୍କୁ ଗିରଫ କରାଯାଇଛି। ଏହି ନକଲି ଚିକିତ୍ସକଙ୍କ ବିରୋଧରେ ଶିଶୁର ମାଆ ଥାନାରେ ଏତଲା ଦେଇଥିଲେ। ଖବର ଅନୁଯାୟୀ ଶିଶୁଟି ସପ୍ତାହେ ହେଲା କାଶ ଏବଂ କଫରେ ପୀଡ଼ିତ ଥିବାବେଳେ ମାଆବାପା ତା'ର ଦେଶୀ ଚିକିତ୍ସା କରାଉଥିଲେ। ଏଥିରେ ସୁସ୍ଥ ନ ହେବାରୁ ସେମାନେ ଦେବରାଜଭାଇ କଟାରା ନାମକ କ୍ୱାକ୍‌ଙ୍କ ପାଖକୁ ନେଇଥିଲେ। କଟାରା ଶିଶୁକନ୍ୟାର ଛାତି ଓ ପେଟରେ ତତଲା ଲୁହାରଡ୍ ଚେଙ୍କ ଦେଇଥିଲେ। ସେଥିରେ ଭଲ ନ ହେବାରୁ ଶିଶୁଟିକୁ ପୋରବନ୍ଦରର ଭାବସିଂଜୀ ଜେନେରାଲ ହସ୍ପିଟାଲକୁ ନିଆଯିବା ପରେ ଚେଙ୍କ ସମ୍ପର୍କରେ ଜଣାପଡ଼ିଥିଲା।

### କାନାଡ଼ାରେ ଉଡ଼ୁଥିବା ଅଜଣା ବସ୍ତୁକୁ ଖସାଇଲା ଆମେରିକା

**ଓଟାୱା (କାନାଡ଼ା),୧୨।୨:** କାନାଡ଼ା ଉପରେ ଉଡ଼ୁଥିବା ଏକ ଅଜଣା ବସ୍ତୁକୁ ଶନିବାର ଆମେରିକାର ଲଢ଼ୁଆ ବିମାନ ଗୁଳିକରି ଖସାଇଦେଇଛି। ଆମେରିକା କ୍ଷେପଣାସ୍ତ୍ର ସହାୟତାରେ ଏହା ଉପରେ ଉଡ଼ୁଥିବା ଚାଇନା ଗୁପ୍ତଚର ବେଲୁନ୍‌କୁ ଧ୍ୱଂସ କରିବାର ସପ୍ତାହେ ପରେ ଦୁଇଦିନରେ ଦୁଇଟି ଉଡ଼ନ୍ତା ଅଜଣା ବସ୍ତୁକୁ ଖସାଇଲାଣି। କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁଙ୍କ ନିର୍ଦ୍ଦେଶକ୍ରମେ କାନାଡ଼ା ଓ ଆମେରିକାର ଯୁଦ୍ଧବିମାନ ଉକ୍ତ ଅଜଣା ବସ୍ତୁକୁ ପିଛା କରିଥିଲେ। ଆମେରିକାର ଏଫ୍-୨୨ ଯୁଦ୍ଧବିମାନ ଉକ୍ତ ବସ୍ତୁକୁ ସଫଳତାର ସହ ଗୁଳି କରିଥିଲା ବୋଲି ଟ୍ରୁଡୁ ଟୁଇଟ୍ କରିଛନ୍ତି।



ତୁର୍କୀର ହୟତ ପ୍ରଦେଶସ୍ଥିତ ଅନ୍ତାକ୍ୟା ସହରରେ ଭଗ୍ନାବଶେଷ ତଳୁ ଜୀବନ ସନ୍ଧାନରେ ଉଦ୍ଧାରକାରୀ ଦଳ।

# ଭୂକମ୍ପ ମୃତ୍ୟୁ ୫୦,୦୦୦ ଟପିପାରେ

ଆଙ୍କାରା,୧୨।୨

ତୁର୍କୀ ଓ ସିରିଆ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ରବିବାର ୩୩,୦୦୦ ଟପିଛି। ତୁର୍କୀରେ ୨୯,୬୦୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସିରିଆରେ ୩,୫୭୪ଜଣଙ୍କ ମୃତଦେହ ଠାବ ହୋଇଛି। ଭଗ୍ନାବଶେଷ ତଳେ ରହିଯାଇଥିବା ଲୋକଙ୍କୁ ଖୋଜି ବାହାର କରିବା ପାଇଁ ଉଦ୍ଧାରକାରୀମାନେ ଖୋଳିବା ଅବ୍ୟାହତ ରଖିଛନ୍ତି। ପ୍ରତିଦିନ କେତେଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଉଥିବାବେଳେ ଆହୁରି ଅନେକ ଭଗ୍ନାବଶେଷ ତଳେ ରହିଥିବାରୁ ମୃତ୍ୟୁସଂଖ୍ୟା ୫୦ ହଜାର ଟପିବା ନେଇ ଜାତିସଂଘ ଆଶଙ୍କା ବ୍ୟକ୍ତ କରିଛି। ଭୂକମ୍ପ ମୃତ୍ୟୁସଂଖ୍ୟା ୫୦ ହଜାରରୁ ଯଥେଷ୍ଟ ଅଧିକ ହେବ ବୋଲି ତୁର୍କୀ ଗସ୍ତରେ ଥିବା ଜାତିସଂଘ ରିଲିଫ ମୁଖ୍ୟ ମାର୍ଟିନ ଗ୍ରିଫିଥ୍‌ସ କହିଛନ୍ତି। ବହୁସଂଖ୍ୟାରେ ବହୁତଳ ପ୍ରାସାଦ ଭୁଶୁଡ଼ିଥିବାରୁ ନିର୍ମାଣରେ ଅନିୟମିତତା କରିଥିବା ଅଭିଯୋଗରେ ୧୧୩ ଜଣ ଠିକାଦାରଙ୍କୁ ଗିରଫ କରିବା ଲାଗି ତୁର୍କୀ ନିର୍ଦ୍ଦେଶ ଦେଇଛି। ବିଲ୍ଡିଂଗୁଡ଼ିକର ତଦନ୍ତକୁ ତୁର୍କୀ ସରକାର ଜୋର୍‌ଦାର କରିଛନ୍ତି। ଏହା ବ୍ୟତୀତ ଭାଙ୍ଗିଯାଇଥିବା ଘରୁ ଲୁଟ୍‌ପାଟ ଘଟଣାରେ ୪୮ ଜଣଙ୍କୁ ଗିରଫ କରାଗଲାଣି।

ତୁର୍କୀ ଭୂକମ୍ପ ଶରଣାର୍ଥୀମାନଙ୍କ ପାଇଁ ଦୁଃଖ ଆଣିଦେଇଛି। ୟୁକ୍ରେନରେ ଯୁଦ୍ଧ ଆରମ୍ଭ ବେଳେ ବହୁସଂଖ୍ୟାରେ ଲୋକେ ତୁର୍କୀର ଦକ୍ଷିଣପୂର୍ବରେ ଅବସ୍ଥିତ ଆଣ୍ଟାକ୍ୟା ସହରକୁ ଚାଲିଯାଇଥିଲେ। ସେମାନେ ଗୋଟିଏ ବିପର୍ଯ୍ୟୟରୁ ବର୍ତ୍ତିଥିବାବେଳେ ଏବେ ଭୂକମ୍ପରେ ସେମାନଙ୍କ ନୂଆ ଆଶ୍ରୟସ୍ଥଳ ଧ୍ୱଂସ ସ୍ତୂପରେ ପରିଣତ ହୋଇଛି। ଭୂକମ୍ପରେ ହଜାର ହଜାର ଘର ମାଟିରେ ମିଶିଥିବାବେଳେ ପାହାଡ଼ ଭଳି ଭଗ୍ନାବଶେଷ ଚାରିଆଡ଼େ ଜମାହୋଇ ରହିଛି। ସେହିପରି ସିରିଆରେ ଗୃହଯୁଦ୍ଧ ଯୋଗୁ ୨୦୧୧ରୁ ଅନ୍ୟୂନ ୩୬ ଲକ୍ଷ ଲୋକ ନିଜ ଭିଟାମାଟି ଛାଡ଼ି ତୁର୍କୀ ପଳାଇଆସିଥିଲେ। ଭୂକମ୍ପ ସେମାନଙ୍କ ଉପରେ ଦାଉ ସାଧିଛି। ଜାତିସଂଘ ସୂଚନା ଅନୁଯାୟୀ ନିଜ ଦେଶରେ ବିବାଦ ଓ ଅସୁବିଧାରୁ ବର୍ତ୍ତିବା ପାଇଁ ୩ ଲକ୍ଷରୁ ଊର୍ଦ୍ଧ୍ୱ ତୁର୍କୀକୁ ପଳାଇ ଆସିଥିଲେ। ସେମାନଙ୍କ ପାଇଁ ଭୂକମ୍ପ ସଦ୍ୟତମ ଦୁଃଖ ବୋଲି କୁହାଯାଉଛି।

## ପୁଣି ସହାୟତା ପଠାଇଲା ଭାରତ

**ନୂଆଦିଲ୍ଲୀ,୧୨।୨ :** ଭୂକମ୍ପ ବିଧ୍ୱସ୍ତ ତୁର୍କୀରେ ଭାରତୀୟ ସେନାର ଫିଲ୍ଡ ହସ୍ପିଟାଲରେ ବହୁସଂଖ୍ୟାରେ ଆହତ ଚିକିତ୍ସିତ ହେଉଛନ୍ତି। ଅପରେଶନ ଦୋସ୍ତରେ ନୂଆଦିଲ୍ଲୀ ତୁର୍କୀ ଓ ସିରିଆକୁ ଉଦ୍ଧାରକାରୀ ଟିମ୍, ଡାକ୍ତରୀ ଦଳ, ଜରୁରୀ ଔଷଧ ଓ ଚିକିତ୍ସା ସରଞ୍ଜାମ ସମେତ ରିଲିଫ୍ ସାମଗ୍ରୀ ଯୋଗାଇ ଦେଇଛି। ଏହା ବ୍ୟତୀତ ଭୂକମ୍ପ କ୍ଷତିଗ୍ରସ୍ତ ସିରିଆକୁ ରବିବାର ସପ୍ତମ ଫ୍ଲାଇଟ୍‌ରେ ୨୩ ଟନ୍ ରିଲିଫ୍ ସାମଗ୍ରୀ ପଠାଯାଇଛି। ଏଥିରେ ସ୍ଲିପିଂ ମ୍ୟାଟ୍, ସୋଲାର ଲ୍ୟାମ୍ପ, ତାର୍ପୋଲିନ୍, କମ୍ବଳ, ଜରୁରୀ ତଥା କ୍ରିଟିକାଲ କେୟାର ମେଡିସିନ୍, ବିପର୍ଯ୍ୟୟ ସହାୟତା ସାମଗ୍ରୀ ଓ ଜେନେରେଟର ପଠାଯାଇଛି। ଡମାସକସ୍ ବିମାନବନ୍ଦରରେ ସେଠାର ଉପମନ୍ତ୍ରୀ ମୌତାଜ ଦୌଆଜି ଉକ୍ତ ସହାୟତାକୁ ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ବାୟୁସେନାର ସି-୧୭ ବିମାନରେ ତୁର୍କୀର ଇସ୍କେନ୍ଦେରନ୍‌ରେ ଖୋଲିଥିବା ଆର୍ମି ଫିଲ୍ଡ ହସ୍ପିଟାଲ ପାଇଁ ଆବଶ୍ୟକ ସାମଗ୍ରୀ ପଠାଯାଇଛି। ହାତାୟ ଅଞ୍ଚଳରେ ୯୬ ସଦସ୍ୟ ବିଶିଷ୍ଟ ସେନା ହସ୍ପିଟାଲ ଖୋଲାଯାଇଛି।

# ୪ ହାଇକୋର୍ଟ ପାଇଁ ମୁଖ୍ୟ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ,୧୨।୨(ପି.ଟି.)

- ଚଳିତ ମାସରେ ଅବସର ନେବେ ୨ଜଣ
- ଓଡ଼ିଶା ହାଇକୋର୍ଟର ଜଷ୍ଟିସ୍ ସିଂ ହେଲେ ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି

କେନ୍ଦ୍ର ସରକାର ରବିବାର ୪ ହାଇକୋର୍ଟରେ ମୁଖ୍ୟ ବିଚାରପତିଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଚଳିତ ମାସରେ ଅବସର ନେବାକୁ ଯାଉଛନ୍ତି। ଗୁଜରାଟ ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ ସୋନିଆ ଗିରିଧର ଗୋକନିଙ୍କୁ ସେହି ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି। ସେ ନିଯୁକ୍ତି ନେବା ପରେ ବର୍ତ୍ତମାନ କୌଣସି ହାଇକୋର୍ଟର ଏକମାତ୍ର ମହିଳା ମୁଖ୍ୟ ବିଚାରପତି ହେବେ। ତେବେ ସେ ଆସନ୍ତା ୨୫ରେ ୬୨ ବର୍ଷରେ ପଦାର୍ପଣ କରୁଥିବାରୁ ଅବସର ଗ୍ରହଣ କରିବେ। ସେହିପରି ଓଡ଼ିଶା ହାଇକୋର୍ଟର ସର୍ବବରିଷ୍ଠ ବିଚାରପତି ଜଶୱନ୍ତ ସିଂ ତ୍ରିପୁରା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଛନ୍ତି। ସେ ମଧ ଆସନ୍ତା ୨୨ ତାରିଖରେ ଅବସର ନେବେ। ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତିଙ୍କ ଅବସର ପରେ ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି ପଦ ଖାଲି ପଡ଼ିଥିଲା। ଜଷ୍ଟିସ୍ ସିଂଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ଦେବା ଲାଗି ସୁପ୍ରିମକୋର୍ଟ କଲେଜିୟମ ଜାନୁୟାରୀ ୨୫ରେ ସୁପାରିସ କରିଥିଲେ। ପୂର୍ବରୁ ଜଷ୍ଟିସ୍ ସିଂଙ୍କୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ କରିବା ଲାଗି ସୁପାରିସ କରାଯାଇଥିଲା। ପରେ କଲେଜିୟମ ଉକ୍ତ ସୁପାରିସକୁ ପ୍ରତ୍ୟାହାର କରିନେଇ ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ଥାନ ହାଇକୋର୍ଟ ବିଚାରପତି ସନ୍ଦିପ ମେହେଟାଙ୍କୁ ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଥିବାବେଳେ ଗୁଆହାଟୀ ହାଇକୋର୍ଟର ବିଚାରପତି ଏନ୍. କୋଟିଶ୍ୱର ସିଂଙ୍କୁ ଜମ୍ମୁ-କଶ୍ମୀର ଓ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ କରାଯାଇଛି। କେନ୍ଦ୍ର ଆଇନମନ୍ତ୍ରୀ ଟୁଇଟ କରି ଉପରୋକ୍ତ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଛନ୍ତି।

# ହ୍ୱାଟ୍ସଆପ୍ ସହାୟତାରେ ସନ୍ତାନ ପ୍ରସବ କରାଇଲେ ଡାକ୍ତର

ଶ୍ରୀନଗର,୧୨।୨

ଜମ୍ମୁ-କଶ୍ମୀରର ଉପାନ୍ତ ଅଞ୍ଚଳ କେରନରେ ଜଣେ ଆସନ୍ନପ୍ରସବା ଗର୍ଭବେଦନାରେ ଛଟପଟ ହେଉଥିବାବେଳେ ତୁଷାରପାତ ଯୋଗୁ ତାଙ୍କୁ ଏୟାରଲିଫ୍ଟ କରାଇ ହସ୍ପିଟାଲ ନେବା ସମ୍ଭବ ହୋଇ ନ ଥିଲା। ତେବେ ଡାକ୍ତରମାନେ ହ୍ୱାଟ୍ସଆପ୍ କଲ୍ କରି ସୁସ୍ଥ ସନ୍ତାନ ପ୍ରସବ କରାଇବାରେ ସହାୟତା କରିଛନ୍ତି। କ୍ରାଲପୋରା ବ୍ଲକ୍ ମେଡିକାଲ ଅଫିସର ଡା. ମୀର୍ ମହମ୍ମଦ ଶାଫିଙ୍କ କହିବା ଅନୁଯାୟୀ ଶୁକ୍ରବାର ରାତିରେ ଜଣେ ରୋଗୀ କେରନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଲେବର ପେନ୍‌ରେ ଥିବା ଖବର ପାଇଥିଲୁ। ଏକ୍ଲାମ୍ପସିଆ ଯୋଗୁ ଉକ୍ତ ମହିଳାଙ୍କ ପାଇଁ ସନ୍ତାନ ପ୍ରସବ ଜଟିଳ ସମସ୍ୟା ଥିଲା। ତେଣୁ ତାଙ୍କୁ ଉନ୍ନତ ପ୍ରସବ ସୁବିଧା ଥିବା ହସ୍ପିଟାଲକୁ ନେବା ଜରୁରୀ ହୋଇଥିଲା। ତେବେ ତୁଷାରପାତ ଯୋଗୁ କୁପୱାରା ଜିଲାର ଅନ୍ୟ ଅଞ୍ଚଳରୁ କେରନ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିବାରୁ ଏବଂ ପାଗ ଖରାପ ଯୋଗୁ ବିମାନରେ ତାଙ୍କୁ ନେବା ସମ୍ଭବ ହୋଇ ନ ଥିଲା। ଅନ୍ୟ ଉପାୟ ନ ପାଇ କ୍ରାଲପୋରା ଉପଜିଲା ହସ୍ପିଟାଲର ବିଶେଷଜ୍ଞ ଡାକ୍ତର ପରଭେଜ୍ ଏବଂ ଡ. ଅର୍ଶାଦ କେରନ ସ୍ୱାସ୍ଥ୍ୟକେନ୍ଦ୍ରକୁ ହ୍ୱାଟ୍ସଆପ୍‌ରେ କଲ୍ କରି ସନ୍ତାନ ପ୍ରସବ ପ୍ରଣାଳୀ ସମ୍ପର୍କରେ ବତାଇଥିଲେ। ୬ ଘଣ୍ଟାର ପ୍ରଚେଷ୍ଟା ପରେ ଏକ ସୁସ୍ଥ ଶିଶୁ ଜନ୍ମ ହୋଇଥିଲା। ଏବେ ମାଆ ଓ ଶିଶୁ ସୁସ୍ଥ ଥିବା ଡ. ଶାଫି କହିଛନ୍ତି।

# ମେଗା ଏକ୍ସପ୍ରେସ୍‌ୱେ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ,୧୨।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜସ୍ଥାନର ଦଉସାଠାରେ ଦେଶର ଦୀର୍ଘତମ ରାଜପଥ ୧,୪୦୦ କିଲୋମିଟର ଦୀର୍ଘ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେର ପ୍ରଥମ ପର୍ଯ୍ୟାୟକୁ ରବିବାର ଉଦ୍‌ଘାଟନ କରିଛନ୍ତି। ଦିଲ୍ଲୀ-ଦଉସା-ଲାଲ୍‌ସଟ୍ ୨୪୬ କିଲୋମିଟର ଏକ୍ସପ୍ରେସ୍ ୱେ ଉଦ୍‌ଘାଟିତ ହେବା ଫଳରେ ଦିଲ୍ଲୀରୁ ଜୟପୁର ମଧ୍ୟରେ ଯାତ୍ରା ସମୟ ୫ ଘଣ୍ଟାରୁ ୩.୫ ଘଣ୍ଟାକୁ ହ୍ରାସ ପାଇଛି। ଏହି ଏକ୍ସପ୍ରେସ୍‌ୱେ ନିର୍ମାଣ ଫଳରେ ଉକ୍ତ ଅଞ୍ଚଳରେ ଆର୍ଥିକ ସୁଯୋଗ ବଢ଼ାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦେଶ ପାଇଁ ସବ୍‌କା ସାଥ୍ ସବ୍‌କା ବିକାଶ ତାଙ୍କ ସରକାରର ମନ୍ତ୍ର ଏବଂ ଏହାକୁ ଅନୁସରଣ କରି ଆମେ ସମର୍ଥ ଭାରତ ଗଢ଼ିବୁ। ଏକ୍ସପ୍ରେସ୍ ୱେ ଭାରତ ବିକାଶର ଏକ ଆକର୍ଷଣୀୟ ଚିତ୍ର ବୋଲି ମୋଦି କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରି, ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂ, କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟାର ଭିଡିଓ ଲିଙ୍କ୍ ଜରିଆରେ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେଇଥିଲେ। ଆଗକୁ ରାଜସ୍ଥାନ ବିଧାନସଭା ନିର୍ବାଚନ ଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ଏହି ରାଜ୍ୟରେ ବିଶେଷ ପ୍ରଭାବ ପକାଇଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଏବଂ ବୃହତ୍ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ ଉକ୍ତ ଅଞ୍ଚଳରେ ଭାଜପାର ରେଟିଂ ବଢ଼ାଇବ ବୋଲି ଦଳ ପକ୍ଷରୁ ଆଶା କରାଯାଇଥିବା କୁହାଯାଉଛି।





# ୧୩ ରାଜ୍ୟରେ ନୂଆ ରାଜ୍ୟପାଳ

- ବିଶ୍ୱଭୂଷଣଙ୍କୁ ଛତିଶଗଡ଼ ବଦଳି
- କୋଶିୟାରୀଙ୍କ ଇସ୍ତଫା ଗୃହୀତ
- ୪ ଭାଜପା ନେତାଙ୍କୁ ଥଇଥାନ

ନୂଆଦିଲ୍ଲୀ,୧୨।୨

୧୦ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ରବିବାର ୧୩ ରାଜ୍ୟପାଳଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ନୂଆକରି ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଓ ଲଦାଖ ଉପରାଜ୍ୟପାଳ ଆର୍.କେ. ମାଥୁରଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। ଝାଡ଼ଖଣ୍ଡ ରାଜ୍ୟପାଳ ଥିବା ରମେଶ ବୈଶଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ଓଡ଼ିଶାର ପୂର୍ବତନ ଆଇନମନ୍ତ୍ରୀ ତଥା ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଛତିଶଗଡ଼କୁ ବଦଳି କରାଯାଇଛି। ବଦଳି ହୋଇଥିବା ଅନ୍ୟ ରାଜ୍ୟପାଳମାନେ ହେଲେ ଅନସୂୟା ଉଇକେ (ଛତିଶଗଡ଼ରୁ ମଣିପୁର), ଲା. ଗଣେଶନ୍ (ମଣିପୁରରୁ ନାଗାଲାଣ୍ଡ), ଫଗୁ ଚୌହାନ୍ (ବିହାରରୁ ମେଘାଳୟ) ଓ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର (ହିମାଚଳ ପ୍ରଦେଶରୁ ବିହାର)।

ଛତ୍ରପତି ଶିବାଜୀଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ବିରୋଧୀଙ୍କ ଦ୍ୱାରା ସମାଲୋଚିତ ହୋଇଥିବା କୋଶିୟାରୀ ଗତମାସରେ ରାଜ୍ୟପାଳ ପଦ ଛାଡ଼ିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଇଥିଲେ। ଏହା ସହ ନିଜ ଅବଶିଷ୍ଟ ଜୀବନ ଲେଖାପଢ଼ାରେ ବିତାଇବେ ବୋଲି କହିଥିଲେ। ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ୮୦ ବର୍ଷୀୟ କୋଶିୟାରୀ ୨୦୧୯ ସେପ୍ଟେମ୍ବରରେ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ନିଯୁକ୍ତ ହେବା ପରଠାରୁ ସାମ୍ବିଧାନିକ ଦୃଷ୍ଟିରୁ ଏକାଧିକ ଅନୁଚିତ ପଦକ୍ଷେପ ନେଇ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ପୂର୍ବର ଶାସକ ଶିବସେନା ସହ ମୁହାଁମୁହିଁ ହୋଇଥିଲେ। ଏପରି କି ରାଜ୍ୟରେ ମହାବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ଗଠନ ହେବା ପୂର୍ବରୁ ଥରେ ଭୋର ସମୟରେ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସଙ୍କୁ ମୁଖ୍ୟମନ୍ତ୍ରୀ ଓ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଅଜିତ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇଥିଲେ। ସଂଖ୍ୟାବଳ ନ ଥିବାରୁ ଭାଜପା-ଏନ୍‌ସିପି ସରକାର ୩ ଦିନ ମଧ ତିଷ୍ଠିପାରି ନ ଥିଲା। ଏପରି କି ରାଜ୍ୟ ବିଧାନ ପରିଷଦ ପାଇଁ ୧୨ ସଦସ୍ୟଙ୍କ ନିଯୁକ୍ତି ନେଇ ଉଦ୍ଧବଙ୍କ ସୁପାରିସକୁ ମଧ କୋଶିୟାରୀ ଗ୍ରହଣ କରି ନ ଥିଲେ। ତେଣୁ କୋଶିୟାରୀଙ୍କୁ ବିଦା କରିବା ପାଇଁ ଏମ୍‌ଭିଏ ଦାବି କରିଆସୁଥିଲା।

ଅନ୍ୟପକ୍ଷେ ଆର୍.କେ. ମାଥୁରଙ୍କ ଇସ୍ତଫାର କାରଣ ଜଣାପଡ଼ିନାହିଁ। କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ବିଶିଷ୍ଟ ଶିକ୍ଷାବିତ୍ ସୋନମ ୱାଙ୍ଗଚୁକ୍ ତାଙ୍କୁ କଡ଼ା ବିରୋଧ କରୁଥିଲେ। ମାଥୁରଙ୍କ ସ୍ଥାନରେ ଅରୁଣାଚଳ ପ୍ରଦେଶ ରାଜ୍ୟପାଳ ଅବସରପ୍ରାପ୍ତ ବ୍ରିଗେଡିୟର ବି.ଡି ମିଶ୍ରଙ୍କୁ ଅବସ୍ଥାପିତ କରାଯାଇଛି। ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ କୈବଲ୍ୟ ତ୍ରିବିକ୍ରମ ପରନାୟକଙ୍କୁ ଅରୁଣାଚଳ ପ୍ରଦେଶ ରାଜ୍ୟପାଳ ନିଯୁକ୍ତ କରାଯାଇଛି। ସେ ଭାରତୀୟ ସେନାର ନର୍ଦ୍ଦର୍ନ କମାଣ୍ଡ୍‌ରେ କମାଣ୍ଡର ଥିଲେ। ଏହାବାଦ୍ ୪ ଜଣ ଭାଜପା ନେତାଙ୍କୁ ମଧ ରାଜ୍ୟପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ଉତ୍ତର ପ୍ରଦେଶର। ୟୁପି ବିଧାନ ପରିଷଦ ସଦସ୍ୟ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ସିକିମ, ପୂର୍ବତନ ଏମ୍‌ପି ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ଝାଡ଼ଖଣ୍ଡ, କେନ୍ଦ୍ରର ପୂର୍ବତନ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଲାଙ୍କୁ ହିମାଚଳ ପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭାର ବିରୋଧୀ ଦଳ ନେତା ଗୁଲାବଚନ୍ଦ କାଟାରିଆଙ୍କୁ ଆସାମ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି।



ସି.ପି. ରାଧାକ୍ରିଷ୍ଣନ୍



ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ



ଶିବ ପ୍ରତାପ ଶୁକ୍ଲା



ଗୁଲାବ ଚନ୍ଦ କାଟାରିଆ



ବିଶ୍ୱଭୂଷଣ ହରିଚନ୍ଦନ



ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର



ଲା. ଗଣେଶନ



ଫଗୁ ଚୌହାନ



ଅନସୂୟା ଉଇକେ



ରମେଶ ବୈଶ



ବ୍ରିଗେଡିୟର ବି.ଡି. ମିଶ୍ର



ଏଲ୍‌ଜି କୈବଲ୍ୟ ତ୍ରିବିକ୍ରମ ପାରନାଏକ

| ନୂଆ ରାଜ୍ୟପାଳ | | ରାଜ୍ୟ |
|---|---|---|
| ୧-ଜଷ୍ଟିସ ଏସ୍ ଅବଦୁଲ ନଜିର | | ଆନ୍ଧ୍ରପ୍ରଦେଶ |
| ୨-ସି.ପି. ରାଧାକ୍ରିଷ୍ଣନ୍ | | ଝାଡ଼ଖଣ୍ଡ |
| ୩-ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ | | ସିକିମ୍ |
| ୪-ଶିବ ପ୍ରତାପ ଶୁକ୍ଲା | | ହିମାଚଳ ପ୍ରଦେଶ |
| ୫-ଗୁଲାବ ଚନ୍ଦ କାଟାରିଆ | | ଆସାମ |
| ୬-ଏଲ୍‌ଜି କୈବଲ୍ୟ ତ୍ରିବିକ୍ରମ ପାରନାଏକ | | ଅରୁଣାଚଳ ପ୍ରଦେଶ |
| **ନୂଆ ଦାୟିତ୍ୱ** | **ପୂର୍ବରୁ** | **ଏବେ** |
| ୭-ବିଶ୍ୱଭୂଷଣ ହରିଚନ୍ଦନ | ଆନ୍ଧ୍ରପ୍ରଦେଶ | ଛତିଶଗଡ଼ |
| ୮-ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର | ହିମାଚଳ ପ୍ରଦେଶ | ବିହାର |
| ୯-ଲା. ଗଣେଶନ | ମଣିପୁର | ନାଗାଲାଣ୍ଡ |
| ୧୦-ଫଗୁ ଚୌହାନ | ବିହାର | ମେଘାଳୟ |
| ୧୧-ଅନସୂୟା ଉଇକେ | ଛତିଶଗଡ଼ | ମଣିପୁର |
| ୧୨-ରମେଶ ବୈଶ | ଝାଡ଼ଖଣ୍ଡ | ମହାରାଷ୍ଟ୍ର |
| ୧୩-ବ୍ରିଗେଡିୟର ବି.ଡି. ମିଶ୍ର | ଅରୁଣାଚଳ ପ୍ରଦେଶ | ଲଦାଖ (ଉପ ରାଜ୍ୟପାଳ) |

## ସଂକ୍ଷେପରେ

### ଟ୍ରାକ୍ଟରରୁ ପଡ଼ି ଶ୍ରମିକ ମୃତ

**କୋକସରା,୧୨।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ଚିତାମୁଣ୍ଡା ସ୍କୁଲ ବୁଲାଣି ନିକଟରେ ଶନିବାର ରାତିରେ ଟ୍ରାକ୍ଟରରୁ ପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଡୁଗାଁ ପଞ୍ଚାୟତ ମୁଣ୍ଡରାବାହିଲି ଗ୍ରାମର ଦୈତାରି ହଂସ (୩୨)। ଖବର ପାଇ କୋକସରା ପୋଲିସ ରାତିରେ ପହଞ୍ଚି ମୃତଦେହ ଜବତ କରିଛି। କୋକସରା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ରବିବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଟ୍ରାକ୍ଟର (ନଂ.ଓଡି୦୮ଡି-୧୬୧୧) ଥାନାରେ ଅଟକ ରଖିଛି। ସେମାନେ ଶନିବାର ରାତିରେ ଡାଲଗୁମା ଗ୍ରାମରୁ ମୁଣ୍ଡରା ବାହେଲି ଗାଁକୁ ଫେରୁଥିବା ସମୟରେ ଟ୍ରାକ୍ଟରରୁ ପଡି ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୪୯/୨୩) ରୁଜୁ କରି ତଦନ୍ତ ଜାରି ରହିଥିବା ଏସଆଇ ହେମନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

### ତେଲଙ୍ଗାନାକୁ କାମ କରିବାକୁ ଯାଇ ଶ୍ରମିକ ନିଖୋଜ


ଲକ୍ଷ୍ମୀଙ୍କ ଫାଇଲ ଫଟୋ।

**ନୂଆପଡ଼ା ଅଫିସ,୧୨।୨:** ନୂଆପଡା ଜିଲା କୋମନା ଥାନା ଦର୍ଲିପଡା ଗାଁର ଜଣେ ଦାଦନ ଶ୍ରମିକ ତେଲଙ୍ଗାନାକୁ ଇଟା ତିଆରି କରିବାକୁ ଯାଇ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଦର୍ଲିପଡା ଗାଁର ଲକ୍ଷ୍ମୀ ଧରୁଆ (୪୫)। ପ୍ରାପ୍ତ ସୂଚନାନୁଯାୟୀ ୨୦୨୨ ଡିସେମ୍ବରରେ ସ୍ଥାନୀୟ ଦାଦନ ସର୍ଦ୍ଦାର ଦୁର୍ଯ୍ୟନ ମାଝିଙ୍କ ସାହାର୍ଯ୍ୟରେ ଦର୍ଲିପଡା ଅଞ୍ଚଳର କିଛି ଦାଦନ ଶ୍ରମିକ ତେଲଙ୍ଗାନାର ପଠାନଚୋର ଇଟାଭାଟିକୁ କାମ କରିବାକୁ ଯାଇଥିଲେ। ସେଠାରେ ଗୋଟିଏ ମାସ କାମ ପରେ ଲକ୍ଷ୍ମୀ କେଉଁ ଆଡେ ଚାଲି ଚାଲିଗଲେ। ସାଙ୍ଗରେ ଯାଇଥିବା ଅନ୍ୟ ଶ୍ରମିକମାନେ ବହୁତ ଖୋଜାଖୋଜି ପରେ ମଧ୍ୟ କୌଣସି ଖବର ମିଳିନାହିଁ। ଲକ୍ଷ୍ମୀଙ୍କ ସବୁ ଜିନିଷପତ୍ର ଇଟା ଭାଟିରେ ରହିଛି। ହେଲେ ଲକ୍ଷ୍ମୀଙ୍କ ଖବର ମିଳୁନାହିଁ। ପରିବାର ଲୋକେ ଖବର ପାଇ ଶ୍ରମିକ ଦଲାଲକୁ ଫୋନ କରି କହିଲେ ମୁଁ ଓ ମାଲିକ ଖୋଜା ଖୋଜି କରୁଛୁ ବୋଲି କହୁଥିଲେ। ବର୍ତ୍ତମାନ ପରିବାର ଲୋକେ ଫୋନ କଲେ ଆଉ ଶ୍ରମିକ ଦଲାଲ ଫୋନ ରିସିଭ କରୁ ନ ଥିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ହେଉଛି। ଶ୍ରମିକ ଦଲାଲ ଲକ୍ଷ୍ମୀଙ୍କୁ କିଛି କରି ଦେଇଥିବ ବୋଲି ତରବୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତରବୋଡ ଫାଣ୍ଡି ଅଧିକାରୀ ସହଦେବ ଯୋଶୀଙ୍କୁ ପଚାରିବାରୁ ମୁଁ ଇଟାଭାଟି ମାଲିକ ସାଙ୍ଗରେ ଫୋନ ଯୋଗେ କଥା ହୋଇଛି। ମାଲିକ କହିଲେ। ଲକ୍ଷ୍ମୀ ହଠାତ କେଉଁଆଡେ ଚାଲିଗଲେ ଆମେ ଜାଣି ପାରିଲୁନାହିଁ। ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିବା ସହ ଆମେ ଖୋଜାଖୋଜି କରୁଛୁ ବୋଲି କହିଥିବା ବୋଲି ପ୍ରକାଶ କରିଥିଲେ।


ଖଟିଆରେ ରୋଗୀଙ୍କୁ ନିଆଯାଉଛି (ଫାଇଲ ଫଟୋ)।


ପଥର କଡ଼ରୁ ପାଣି ସଂଗ୍ରହ କରୁଛନ୍ତି ମହିଳା।

# ରାସ୍ତା ନାହିଁ, ଖଟିଆରେ ବୁହା ହୁଅନ୍ତି ରୋଗୀ

**ଭବାନୀପାଟଣା,୧୨।୨(ସ୍ୱ.ପ୍ର.)**

**ସୀମାନ୍ତରେ ଅଭିଶପ୍ତ ଜୀବନ**
- ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ନାହିଁ, ଅନ୍ଧାରରେ ଗ୍ରାମବାସୀ
- ୫ କି.ମି. ଗଲେ ମିଳେ ପିଡିଏସ ସାମଗ୍ରୀ

ଉପାନ୍ତ ଇଲାକାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିଲାଗି ବିଭିନ୍ନ ଯୋଜନା କରାଯାଇଥିବା ବେଳେ ଆଜି ବି ଉପାନ୍ତ ଇଲାକାରରେ ସରକାରୀ ଯୋଜନା ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଲୋକେ। କଳାହାଣ୍ଡି ଓ ରାୟଗଡ ଜିଲା ସୀମାନ୍ତ ପାହାଡ଼ ଶିଖରରେ ରହିଛି ଏମିତି କିଛି ଗାଁ। ଯେଉଁଠି ଆଜି ବି ପହଞ୍ଚି ପାରିନାହିଁ ସରକାରଙ୍କ ବିକାଶ। ଯେଉଁଥି ପାଇଁ ଅଭିଶପ୍ତ ଜୀବନ ଜିଇଁବାକୁ ବାଧ ହେଉଛନ୍ତି ଏଠିକାର ଅଧିବାସୀ।

କଳାହାଣ୍ଡି ଓ ରାୟଗଡା ଜିଲା ସୀମାନ୍ତ ଅଧୁଷିତ ଥୁଆମୂଳ ରାମପୁର ବ୍ଲକ ଉପାନ୍ତ ଇଲାକା ବିଲାମାଲ ଗାଁ। ଗାଁରେ ବାସ କରନ୍ତି ୨୫୦ ପରିବାର। ହେଲେ ଆଜିବି ମୌଳିକ ସୁବିଧାରୁ ବଞ୍ଚିତ ଏଠାକାର ଲୋକେ। ବିଲାମାଲ ଗାଁକୁ ସଂଯୋଗ କରୁଥିବା ରାସ୍ତା ମାଓବାଦୀ ଅଧୁଷିତ ଦୁର୍ଗମ ସିଲେଟ ପଞ୍ଚାୟତଠାରୁ ପାହାଡିଆ ରାସ୍ତା ଦେଇ ପାଦରେ ଚାଲିକି ହେଉ ଅବା ବାଇକରେ ୫ କି.ମି. ଗଲେ ପଡିଥାଏ। ଗାଁକୁ ରାସ୍ତା ନ ଥିବା ବେଳେ ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିପାରେ ନାହିଁ। ଫଳରେ ଗର୍ଭବତୀ ହେଉ ଅବା ସାଧାରଣ ରୋଗୀଙ୍କୁ ଖଟିଆରେ ବୋହି ୧୨ କି.ମି. ରାୟଗଡ଼ା ଜିଲା କଲ୍ୟାଣିସିଂପୁର ମେଡିକାଲକୁ ନେଲେ ଚିକିତ୍ସା ସେବା ପାଇଥାନ୍ତି ଗ୍ରାମବାସୀ। କେବଳ ଯେ ରାସ୍ତାର ସମସ୍ୟା ତାହା ନୁହେଁ ଗାଁରେ ଆଜି ପର୍ଯ୍ୟନ୍ତ ନଳକୂପଟିଏ ମଧ୍ୟ ନାହିଁ। ଫଳରେ ଦୂଷିତ ପାଣି ପିଇ ନାହିଁ ନ ଥିବା ରୋଗ ଏବଂ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଗାଁଠାରୁ ୨ କି.ମି. ଦୂରରେ ପଥର କଡ଼ରୁ ପାଣି ସଂଗ୍ରହ କରିବା ପାଇଁ ମହିଳାଙ୍କ ଲମ୍ବା ଲାଇନ ଲାଗିଥାଏ। ଗାଁ ମୁଣ୍ଡରେ ଥିବା ଚାଷ ଜମି କଡ଼ରେ ଥିବା ପଥର କଡ଼ରୁ ବ ବାହାରୁଛି ଦୂଷିତ ପାଣି, ଆଉ ଏହି ପାଣି ବ୍ୟବହାର କରିଥାନ୍ତି ଗ୍ରାମବାସୀ। ବ୍ଲକ ପ୍ରଶାସନ ପକ୍ଷରୁ ସୋଲାର ପମ୍ପର ବ୍ୟବସ୍ଥା ଗତ ୩ ବର୍ଷ ତଳେ କରାଯାଇଥିଲା। ହେଲେ କିଛି ଦିନ ପରେ ଖରାପ ହେବା ପରେ ଆଉ ସଜାଡା ହୋଇନାହିଁ। କେବଳ ଯେ ରାସ୍ତା କିମ୍ବା ପାନୀୟଜଳର ସମସ୍ୟା ତାହା ନୁହେଁ ଆଜି ପର୍ଯ୍ୟନ୍ତ ଗାଁରେ ବିଦ୍ୟୁତ୍ ଦେଖାନାହିଁ। ଫଳରେ ଦୀପ ଆଲୁଆରେ ଅନ୍ଧାର ସହ ଲଢ଼େଇ କରନ୍ତି ଗ୍ରାମବାସୀ। ଗାଁ ଥୁଆମୂଳ ରାମପୁର ବ୍ଲକରେ ଆସୁଥିଲେ ମଧ୍ୟ ଗ୍ରାମବାସୀ ନିଜର ଦୈନନ୍ଦିନ ଜୀବନଯାପନ ପାଇଁ ରାୟଗଡା ଜିଲା କଲ୍ୟାଣିସିଂପୁର ସହର ଉପରେ ନିର୍ଭର କରନ୍ତି। ଗାଁଠାରୁ ହାତ ପାହାନ୍ତାରେ କଲ୍ୟାଣିସିଂପୁର ସହର ଆଉ ନିଜ ବ୍ଲକକୁ ଯିବାକୁ ହେଲେ ପ୍ରାୟ ୯୦ କି.ମି. ଯିବାକୁ ପଡେ। ପଡିଏସ ସାମଗ୍ରୀ ପାଇଁ ପାହାଡିଆ ରାସ୍ତାରେ ୫ କି.ମି. ସିଲେଟ ଗାଁକୁ ଗଲେ ମିଳେ ପିଡ଼ିଏସ ସାମଗ୍ରୀ। ସରକାରଙ୍କ ବିକାଶ ମୂଳକ ସ୍ଲୋଗାନ ଗାଁକୁ ଚାଲ–ଗାଁକୁ ଗଢ ସତେ ଯେମିତି ଏଠିକାର ବାସ୍ତବ ଚିତ୍ରକୁ ଦେଖିଲେ ସ୍ଲୋଗାନ ଫିକା ଲାଗୁଛି। ଗାଁର ଗୋଟିଏ ହେଲେ ପିଲା ଆଜି ପର୍ଯ୍ୟନ୍ତ ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ରହିଛନ୍ତି। କଳାହାଣ୍ଡିର ଏହି ଗୋଟିଏ ଗାଁ ନୁହେଁ ଏତ ମାତ୍ର ଭାତ ହାଣ୍ଡିରୁ ଗୋଟିଏ ଚାଉଳ ମାତ୍ର। ଲାଞ୍ଜିଗଡ ଓ ଥୁଆମୂଳ ରାମପୁର ବ୍ଲକ ଭଳି ଦୁର୍ଗମ ଇଲାକାରେ ଏଭଳି ଅନେକ ଗାଁର ଚିତ୍ର ଦେଖିବାକୁ ମିଳେ।

### ଫେଲେରିଆ ମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୧୨।୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ହେନା ଆଶ୍ରମ ବିଦ୍ୟାଳୟଠାରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଫାଲେରିଆ ଯୋଜନ ଅନୁଯାଇ କିପରି ଫାଲେରିଆ ମୁକ୍ତ ହୋଇ ପାରିବ ସେ ନେଇ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସଚେତନତା କରି ଆଶ୍ରମ ବିଦ୍ୟାଳୟର ଦୁଇ ଶହ ଛାତ୍ରୀଛାତ୍ରଙ୍କୁ ଔଷଧ ଖୁଆଇଥିଲେ। ମୁଖ୍ୟଅତିଥି ଭାବେ ନେହେନା ସରପଞ୍ଚ ଅଶୋକା ଦଣ୍ଡସେନା, ସମ୍ମାନିତ ଅତିଥି ସମିତି ସଭ୍ୟା ଲୀଳା ରାଉତରାୟ, ମୁଖ୍ୟବକ୍ତା ଭାବେ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼ା ରଞ୍ଜିତ କୁମାର ରାଉତ ଯୋଗଦେଇ ଫାଲେରିଆ ନିରାକାର ତଥା ବାତଜର, କୃମି ନାଶକ, ଔଷଧ ସେବନ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ନିଜଠାରୁ ଆରମ୍ଭ କରି ପରିବାର ଗ୍ରାମ ସମସ୍ତଙ୍କୁ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିପି ଏମ ସରିତା ବାରିକ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ପରିମଳ ନିରୀକ୍ଷକ ନିରଞ୍ଜନ ମାଝି, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡା, ସ୍ୱାସ୍ଥ୍ୟ ପରିଦର୍ଶକ, ପରିଦର୍ଶିକା, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀଙ୍କ ସମେତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ହାକାଥନ, ଆନୁଷଙ୍ଗିକ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀମାନେ।

**ଭବାନୀପାଟଣା,୧୨।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଭବାନୀପାଟଣା ସରକାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜିଲାସ୍ତରୀୟ ହାକାଥନ, ଆନୁଷଙ୍ଗିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଡିଇଓ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ନର୍ଲା ବିଇଓ ତପିମଣି ଜାନି, ଗୋଲାମୁଣ୍ଡା ବିଇଓ ନବକିଶୋର ସାହୁ, ଥୁ. ରାମପୁର ବିଇଓ ଲୋକନାଥ ବେହେରା, କାର୍ଯ୍ୟକ୍ରମ ସମ୍ପାଦକ ଡ. ତ୍ରିଲୋଚନ ଜେନା, ଟ୍ରିପଲ ଆଇଟିର ଡ. କ୍ଷୀରୋଦ ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଏଡିଇଓ ଟେମଲାଲ ଦୁବେ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ। ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଶିକ୍ଷକ ନିଳାଞ୍ଚଳ ପାନ। ଧନ୍ୟବାଦ ଦେଇଥିଲେ ଶିକ୍ଷକ ପ୍ରକାଶ ମିଶ୍ର। ଅପରାହ୍ନରେ ଆୟୋଜିତ ଉଦଯାପନୀରେ ଡିଇଓ ସୁଶାନ୍ତ ଚୋପଦାରଙ୍କ ଅଧ୍ୟକ୍ଷତାରେ ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦୁଲୁ ପଟ୍ଟନାୟକ ମୁଖ୍ୟଅତିଥି, ସିଆଇଏସଏସଡି ପ୍ରକଳ୍ପ ପରିଚାଳକ ଡ. ଜ୍ୟୋତିପ୍ରକାଶ ରଥ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଏଡିଇଓ ଟେମଲାଲ ଦୁବେ, ଆଇପିଇ ମହେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ମଞ୍ଚ ପରିଚାଳନା କରିଥିଲେ। ଧନ୍ୟବାଦ ଦେଇଥିଲେ ଶିକ୍ଷକ ବିରେନ୍ଦ୍ର ଆଚାର୍ଯ୍ୟ। ଇଂଲିଶ ପ୍ରବନ୍ଧରେ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୁସୁମାଞ୍ଜଳି ସାହୁ, ଇଂଲିଶ ତର୍କରେ ଓଏଭି ଲାଞ୍ଜିଗଡ଼ର ସୋହନ ଡୁଳ, ଓଡ଼ିଆ ତର୍କରେ ଓଏଭି ନର୍ଲାର ସିଦ୍ଧାର୍ଥ ଜେନା, ଓଡ଼ିଆ ପ୍ରବନ୍ଧରେ ଓଏଭି ରେଗଡା ଯଶୋବନ୍ତ ଗହୀର, କୁଇଜରେ ଓଏଭି ରେଗଡା ଲଳିତ ସାହୁ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପାଇଁ ମନୋନୀତ ହୋଇଛନ୍ତି। ହେକାଥନ ପ୍ରକଳ୍ପରେ ଯଥାକ୍ରମେ ପ୍ରଥମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ଓଏଭି ଲାଞ୍ଜିଗଡ଼ର ଚୈତନ୍ୟ ବାଣୁଆ, ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜୟପାଟଣାର ଦୌପଦି ସାହୁ, ଓଏଭି ଥୁ. ରାମପୁରର ଅନୁଭବ ନାଏକଙ୍କୁ ପୁରସ୍କୃତ କରାଯାଇଥିଲା। ଏମାନଙ୍କ ବ୍ୟତୀତ ଓଏଭି କେସିଙ୍ଗାର ନିହାରିକା ଜେନା ଓ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମଧୁସ୍ମିତା ବାଗ ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର ସହ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି।

### ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ସାମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର

**ଖଡ଼ିଆଳ,୧୨।୨(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶରୀୟ ବିଦ୍ୟାଳୟରେ ଶନିବାର ସ୍ୱର୍ଣ୍ଣିମ ଭାରତ ନିର୍ମାଣରେ ସମ୍ବାଦିକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଖଡ଼ିଆଳ ପ୍ରଜାପିତା ବ୍ରହ୍ମକୁମାରୀ ବିଦ୍ୟାଳୟର ରାଜଯୋଗିନୀ ବ୍ରହ୍ମ କୁମାରୀ ସୂର୍ଯ୍ୟକାନ୍ତି ଭଉଣୀ ଯୋଗଦେଇ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା କରିବା ସହ ରାଜଯୋଗ ଏବଂ ନିଜକୁ ନିଜେ ଚିହ୍ନିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଆଲୋଚନାରେ ଅନୁଷ୍ଠାନର ବ୍ରହ୍ମକୁମାର କୃଷ୍ଣ ଭାଇ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ କରିଥିଲେ। ଏଥିରେ ଜାନ ପକ୍ଷରୁ ରଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁନୁ କରୁଆଁ, ପ୍ରେସ କ୍ଲବ ସଭାପତି ପରମେଶ୍ୱର ବାରିକ ଓ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବିଜୟ କୁମାର ସହିସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବର୍ତ୍ତମାନର ବ୍ୟସ୍ତବହୁଳ ଦୁନିଆରେ ମଣିଷ ଶାନ୍ତି ପାଇବା ପାଇଁ ପରମଆତ୍ମାଙ୍କ ନିକଟରେ ନିଜକୁ ସମର୍ପଣ ଭାବନାରେ ଯୋଡିହେଲେ ନିଜର ବ୍ୟକ୍ତିକୁ ପ୍ରଥମେ ସ୍ୱର୍ଣୀମ କରିବାର ଆବଶ୍ୟକତା ରହିଛି। ସେଥିପାଇଁ ରାଜଯୋଗ ଆଧାରରେ ଶାନ୍ତି ଓ ପବିତ୍ରତା ମଣିଷକୁ ମିଳିପାରିବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ବ୍ରହ୍ମ କୁମାର ସୁଶାନ୍ତ ଭାଇ ମଞ୍ଚ ପରିଚାଳନା କରିଥିଲେ।

## କେସିଙ୍ଗା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କେସିଙ୍ଗା,୧୨।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ୪୨ତମ ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନ ଧରି କଲେଜ ପରିସରରେ ଚାଲିଥିବା ବେଳେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ପୂର୍ବତନ କଲେଜ ଅଧ୍ୟକ୍ଷ କୈଳାଶ ଚନ୍ଦ୍ର ସାହା। କେସିଙ୍ଗା ମହାବିଦ୍ୟାଳୟ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ୨୦୨୩ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଆନ୍ତ ମହାବିଦ୍ୟାଳୟ କ୍ରୀଡା ପ୍ରତି ଯୋଗୀତାରେ କୃତିତ୍ୱ ହାସଲ କରିଥିବାରୁ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ ଗର୍ବ ଅନୁଭବ କରିଥିଲେ। ଏହି ଉଦ୍‌ଯାପନୀ ଦିବସରେ ଉଭୟ ବାଳକ ଓ ବାଳିକା ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର ଦୌଡ, ଲମ୍ଫଡିଆଁ, ସଟପୁଟ ଅନ୍ୟାନ୍ୟ ଖେଳ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନଶିପ ଓ କୃତିତ୍ୱ ହାସଲ କରିଥିବା ୧୨୦ଜଣ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ନଳିନୀ ସଢଙ୍ଗୀ ବିଜ୍ଞାନ ଲେକ୍ଚର ପ୍ରଥମେ ମଞ୍ଚ ପରିଚାଳନା କରିଥିଲେ।


ପ୍ରତିଯୋଗିତାରେ ସାମିଲ ଛାତ୍ରଛାତ୍ରୀମାନେ।

## ପହଞ୍ଚିଲା ମୃତଦେହ, ଗାଁରେ ଶୋକାକୁଳ ପରିବେଶ

**କୋକସରା,୧୨।୨(ଡି.ଏନ.ଏ.)**

**ବିଜୟୱାଡାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ସାନପୋଡାଗୁଡା ପଞ୍ଚାୟତ ଅଧୀନ କଲୋନୀପଡାର ଦାଦନ ଶ୍ରମିକ କୃତିକ ମାଝି (୩୫)ଙ୍କ ଶନିବାର ବିଜୟୱାଡାରେ ମୃତ୍ୟୁ ଘଟିଥିବା ବେଳେ ରବିବାର ଗାଁରେ ମୃତଦେହ ପହଞ୍ଚିଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଦେଖାଦେଇଛି। ସୂଚନା ଅନୁସାରେ ଆମପାଣି ଥାନା ସାନପୋଡାଗୁଡା ପଞ୍ଚାୟତ କଲୋନିପଡାର କୃତିକ ଗତବର୍ଷ ଅକ୍ଟୋବରରେ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଦାଦନ ସର୍ଦ୍ଦାରର ପ୍ରଲୋଭନରେ ପଡି ବିଜୟୱାଡାକୁ କାମ କରିବାକର ଯାଇଥିଲେ। ବିଜୟୱାଡା ନିକଟ ମଲ୍ଲାବରମର ଏକ ଇଟାଭାଟିରେ ଶ୍ରମିକ ଭାବେ କାମ କରୁଥିଲେ। ଶନିବାର ମଧ୍ୟାହ୍ନରେ ହଠାତ ସ୍ୱାସ୍ଥ୍ୟ ହେବାରୁ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୃତିକଙ୍କ ମୃତ୍ୟୁ ଘଟିଥିଲା। ସାଙ୍ଗରେ ଥିବା ମୃତକଙ୍କ ସାନଭାଇ ରାଜ ମାଝି ଏକ ଆମ୍ବୁଲାନ୍ସରେ ମୃତଦେହ ଓ ଭାଉଜ ଦୁଇ ପୁତୁରାଙ୍କୁ ନେଇ ଗାଁକୁ ବାହରିଥିଲେ। ରବିବାର ସକାଳେ ଗାଁରେ ପହଞ୍ଚି ଥିବା ବେଳେ ସାନଭାଇର ପରିବାରକୁ ଇଟାଭାଟି ମାଲିକ ବନ୍ଧକ ରଖିଥିବା ମଧ୍ଯ ସୂଚନା ମିଳିଛି। ଘର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଭାଙ୍ଗି ପଡିଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଆମ୍ବୁଲାନ୍ସରେ ଶ୍ରମିକଙ୍କ ମୃତଦେହ ଗାଁରେ ପହଞ୍ଚିଛି।

# ଘାସ ଫାର୍ମରେ ଲାଗିଲା ନିଆଁ

**ନୂଆପଡ଼ା ଅଫିସ,୧୨।୨**

**୧୦ ଏକରରୁ ଊର୍ଦ୍ଧ୍ୱ ଝୁଡ଼ଙ୍ଗ ଚାଷ ନଷ୍ଟ**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ତୃଣ ବିହନ ଉତ୍ପାଦନ କେନ୍ଦ୍ରରେ ରବିବାର ନିଆଁ ଲାଗି ୧୦ ଏକରରୁ ଊର୍ଦ୍ଧ୍ୱ ବରଗୁଡି ଚାଷ ନଷ୍ଟ ହୋଇଛି। ଜିଲା ସଦର ମହକୁମାଠାରୁ ଦକ୍ଷିଣକୁ ୨୦ କି.ମି. ଦୂର ଜାତୀୟ ରାଜପଥ ୩୫୩ ନମ୍ବର ପାର୍ଶ୍ୱ ତରବୋଡଠାରେ ୯୬.୨୨ ଏକର ପରିଧିରେ ରାଜ୍ୟ ସରକାରଙ୍କ ଏକ ଘାସ ଫାର୍ମ ବା ତୃଣ ବିହନ ଉତ୍ପାଦନ କେନ୍ଦ୍ର ରହିଛି। ସେହି ଫାର୍ମରେ ପଶୁ ଖାଦ୍ୟ ଉତ୍ପାଦନ କରି ଜିଲା ତଥା ଅନ୍ୟ ଜିଲାକୁ ପଠାଯାଇଥାଏ। ଚଳିତ ରବିଋତୁରେ ୧୫ ଏକର ଜମିରେ ବରଗୁଡି (ଝୁଡଙ୍ଗ), ଗୋଟିଏ ଏକର ଜମିରେ ଏମ୍‌ପିଚୂଡି ଓ ବାକି ଜମିରେ ସିଏଏସ୍‌ଏଫ୍–୨୯ ଘାସ ଚାଷ କରିଥିଲେ। ପୂର୍ବାହ୍ନରେ ହଠାତ ନିଆଁ ଲାଗିବାରୁ ଫାର୍ମର ଚାରିଆଡେ ବ୍ୟାପି ଯାଇଥିଲା। ଫାର୍ମ କର୍ମଚାରୀ ରାକେଶ ଚନ୍ଦ୍ରକାର, ଶ୍ରୀବତ୍ସ ନାଏକ, ଶ୍ରମିକ ଦୟାସାଗର କାଣ୍ଡ, ଦିନବନ୍ଧୁ ସେଠୀ, ଦିନ ବାଗ, ବ୍ରିଜଲାଲ କାଣ୍ଡ, ସୁକଦେବ ନାଗ, ଗୋହିରାପଦର, ତରବୋଡ ଗାଁର ଲୋକେ ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ତୃଣ ବିହନ ଉତ୍ପାଦନ କେନ୍ଦ୍ର ସହକାରୀ ଅଧିକାରୀ ଗୋପୀନାଥ ବିଶ୍ୱାଳ କୋମନା ଓ ନୂଆପଡା ଅଗ୍ନିଶମ ବିଭାଗ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଦମକଳ କେନ୍ଦ୍ର ଓ ବନ ବିଭାଗ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। ଫାର୍ମରେ ନିଆଁ ଲାଗିବା ଦ୍ୱାରା ୧୫ ଏକର ବରଗୁଡି ଚାଷରୁ ୧୦ ଏକରରୁ ଊର୍ଦ୍ଧ୍ୱ ନଷ୍ଟ ହୋଇଥିବା ବେଳେ ଏମପିଚୂଡି, ସିଏଏସଏଫ–୨୯ ଘାସ ଚାଷ ପୋଡି ନଷ୍ଟ ହୋଇଯାଇଛି। ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ନିଆଁ ଲାଗିଥିବା ସ୍ଥାନକୁ ଯାଇ ପାରି ନ ଥିଲା। ହେଲେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ବନ ବିଭାଗ କର୍ମଚାରୀ ଫ୍ଲୋର ସାହାର୍ଯରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିମଶମ ବିଭାଗ ନୂଆପଡା ଓ କୋମନା କର୍ମଚାରୀ ରୋହିତ ମାଝି, କୈଳାଶ ଚନ୍ଦ୍ର ସାହୁ, ସରୋଜ କୁମାର ପାତ୍ର, ରମାକାନ୍ତ ତୁମ୍ପିନିଆ, ତରଣୀ ନାଏକ, ଶ୍ରୀକାନ୍ତ ସେଠୀ, ଗୌତମ କିଷାନ, ସୌମ୍ୟରଞ୍ଜନ ଭୋଇ, ପ୍ରମାନନ୍ଦ ନାଏକ, ନକୁଳ ଥନାପତି, ଡାକ୍ତର ନାଗ ଓ ବନ ବିଭାଗର ବିଜୁଳ କୁମାର ରାଉତରାୟ, ଲମ୍ବୋଦର ଶଗରୀଆ ପ୍ରମୁଖ ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ।


ଫାର୍ମରେ ନିଆଁ ଲାଗି ଜଳୁଛି।

## ସଂକ୍ଷେପରେ

### ଗାୟତ୍ରୀ ଯଜ୍ଞ, ସାମୂହିକ ବ୍ରତୋପନୟନ

ପଦ୍ମପୁର,୧୨।୨(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ କନସିଂହା ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ତ୍ରିଦିବସୀୟ ଗାୟତ୍ରୀ ଯଜ୍ଞ ଓ ସାମୂହିକ ବ୍ରତୋପନୟନ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ହେମନ୍ତ ଶତପଥି ଓ ତାଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଶତପଥି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ୧୧ ଜଣ ବଟୁଙ୍କ ବ୍ରତୋପନୟନ କରାଯାଇଥିଲା। ମୁଖ୍ୟ ପଣ୍ଡିତ ଗୋକୁଳାନନ୍ଦ ହୋତା ଓ ଅନ୍ୟ ପଣ୍ଡିତମାନେ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସାମୂହିକ ବ୍ରତ ସହିତ ଗାୟତ୍ରୀ ପୂର୍ଣ୍ଣାହୂତି ହୋମ କରାଯାଇଥିଲା। ସମ୍ପାଦକ ରତ୍ନାକର ଶତପଥି, ଛାୟାକାନ୍ତ ଦାସ, ବୃନ୍ଦାବନ ଦାସ, ଲୋକନାଥ ଶତପଥି, ରବିନାରାୟଣ ନାୟକ, ରାମଚନ୍ଦ୍ର ନାୟକ, ନାରାୟଣ ଶତପଥି, ଅସିତ ଶତପଥି, ସୁବଳ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ଜାମଟିକ୍ରା, ୧୨।୨(ଡି.ଏନ.ଏ.): ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷକ ଧର୍ମରାଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ଜନନୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା ଏବଂ କୁନ୍ତି ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ପରିଚାଳନା କମିଟି ଉପସଭାପତି ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁଗ୍ଧ ସମବାୟ ସମିତିର ବାର୍ଷିକ ସଭା, କର୍ମକର୍ତ୍ତା ଚୟନ

ପଦ୍ମପୁର/ପାଇକମାଳ, ୧୨।୨ (ଡି.ଏନ.ଏ.): ବରଗଡ ଜିଲା ବରିକେଲ ଠାରେ ରବିବାର ଦୁଗ୍ଧ ସମବାୟ ସମିତିର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଗଣ୍ଡରାମ ଚୌହାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ଦୁଗ୍ଧ ମାର୍ଗ ପରିଦର୍ଶକ ପଦ୍ମଲୋଚନ ପ୍ରଧାନ ମୁଖ୍ୟ ଅତିଥି ଯୋଗ ଦେଇଥିଲେ। ଦୁଗ୍ଧ ସମବାୟ ସମିତିର ନିୟମ ଅନୁସାରେ ୨୦୨୩-୨୪ ବର୍ଷ ପାଇଁ ସଭାପତି, ଉପସଭାପତି, ସମ୍ପାଦକ ଓ ଅନ୍ୟ ସଭ୍ୟମାନଙ୍କର ଚୟନ କରାଯାଇଥିଲା। ସଭାପତି ଭାବେ ଗଣ୍ଡରାମ ଚୌହାନ, ଉପ ସଭାପତି କୁନ୍ତୀ ବିଶାଳ, ସମ୍ପାଦକ ଭାବେ ଡମ୍ବରୁଧର ସାହାଙ୍କୁ ଚୟନ କରାଯାଇଥିଲା। ସେହିପରି ଅନନ୍ତ ସାହୁ, ମିନି ସାହୁ, ଦିବ୍ୟକିଶୋର ସିଂ ବରିହା, ସୁବାଷ ଚନ୍ଦ୍ର ପଟେଲ, ମକର୍ଧ୍ୱଜ ସାହୁ, କୃଷ୍ଣ ବେହେରା, ରାମ ଖମାରୀ, ରୁଦ୍ର ସାହା, ଭଲ ଚୌହାନ, ଏକାମ୍ର ସାହୁ, ନରସିଂହ ସାହୁଙ୍କୁ ସଭ୍ୟ ଭାବେ ଚୟନ କରାଯାଇଥିଲା। ମୁଖ୍ୟ ଅତିଥି ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ। ଦୁଗ୍ଧ ମାନବୃଦ୍ଧି, ଖରାଦିନେ ଗାଈମାନଙ୍କ ଯତ୍ନ, ଘାସଚାଷକୁ ଗୁରୁତ୍ୱ ଦିଆଯାଇଥିଲା। ସମବାୟ ସମିତିର ସମ୍ପାଦକ ଡମ୍ବରୁଧର ସାହା ଧନ୍ୟବାଦ ଅର୍ପଣ କରିଥିଲେ।

# ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ସମ୍ମିଳନୀ

ବରଗଡ଼ ଅଫିସ୍,୧୨।୨


ଅତିଥି, ଆୟୋଜକଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାବୃନ୍ଦ ।

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ରବିବାର ଆକାଶବାଣୀ ଶ୍ରୋତା ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆକାଶବାଣୀ, ସମ୍ବଲପୁରର କାର୍ଯ୍ୟକ୍ରମ ନିଷ୍ପାଦକ କୈବର୍ତ୍ତ ସାହୁ ମୁଖ୍ୟ ଅତିଥି, ଉଦ୍‌ଘୋଷକ ମାନସ ରଞ୍ଜନ ମିଶ୍ର ସମ୍ମାନିତ ଅତିଥି, ଆକାଶବାଣୀ, ସମ୍ବଲପୁରର ପୂର୍ବତନ କାର୍ଯ୍ୟକ୍ରମ ନିଷ୍ପାଦକ କୃଷ୍ଣଚନ୍ଦ୍ର କନ୍ଧେର ମୁଖ୍ୟବକ୍ତା, ଚିଚିଣ୍ଡା ପଲ୍ଲିଶ୍ରୀ କଲେଜର ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦାନ କରିଥିଲେ ।

ପ୍ରଜ୍ଞାଶ୍ରୀ ଅଦାବର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଂଘର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ବିବରଣୀ ପାଠ କରିଥିଲେ। ସୁଦାମ ସାହୁ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବିତା ପାଠ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଝାରବନ୍ଧ କଲେଜର ଅଧ୍ୟକ୍ଷ ରଶ୍ମିରଞ୍ଜନ ମହାନ୍ତି, କବୟିତ୍ରୀ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତପସ୍ୱିନୀ ଗୁରୁ ମଞ୍ଚାସୀନ ଅତିଥି ଥିଲେ। ସୁଦାମ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂଘର ସଦସ୍ୟମାନେ ସ୍ୱରଚିତ କବିତା ପାଠ କରିଥିଲେ ।

ସଭାରେ ସଂଘର ସଦସ୍ୟମାନେ ଆକାଶବାଣୀ, ସମ୍ବଲପୁର ଉପରେ ନିଜ ମତ ରଖିଥିଲେ। ଆକାଶବାଣୀରେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥଗିତ କରିବା ପାଇଁ ଶ୍ରୋତାମାନେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ୩ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିୟମିତ ଶ୍ରୋତା ଭାବେ ଶରତ ସାହୁଙ୍କୁ ସ୍ୱର୍ଗତ ବିଷ୍ଣୁ ସାହୁ ଶ୍ରେଷ୍ଠ ଶ୍ରୋତା ସମ୍ମାନ, ସବିତା ଭୋଇଙ୍କୁ ସ୍ୱର୍ଗତ ବିପିନ ବିହାରୀ ପ୍ରଧାନ ସ୍ମୃତି ସମ୍ମାନ, ଦୟାନିଧି ପ୍ରଧାନଙ୍କୁ ସ୍ୱର୍ଗତ ହରେକୃଷ୍ଣ ପୂଜାରୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଞ୍ଚଳ କଲେଜରେ ଶିକ୍ଷକ ଅଭିଭାବକ ସମାବେଶ

ପଦ୍ମପୁର,୧୨।୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଭାରପ୍ରାପ୍ତ ଅଧକ୍ଷ ପ୍ରାଧ୍ୟାପକ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ରବିବାର ଅଭିଭାବକ ଶିକ୍ଷକ ସମାବେଶ ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ମନୋଜ ପ୍ରଧାନ, ଡ. ବିରଞ୍ଚି ସାହୁ, ପ୍ରାଧ୍ୟାପକ ବିଦ୍ୟାଧର ଦାଶ, ଅଧ୍ୟାପିକା ଶର୍ମିଳା ପଣ୍ଡା, ବିଶ୍ୱରାଜ ପାତ୍ର, ସଦାନନ୍ଦ ଭୋଇ, ଜୟକୁମାର ଭୁଏ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟର ଐତିହ୍ୟ, ଶୈକ୍ଷିକ ପରିବେଶ, ଶିକ୍ଷାଦାନ, କ୍ୟାରିୟର କାଉନସେଲିଂ, ଧନ୍ଦାମୂଳକ ଶିକ୍ଷା, ରେଡକ୍ରସ ଓ ଏନ୍‌ସିସିର ସମ୍ପ୍ରସାରଣ, ଛାତ୍ରବୃତ୍ତି, ର୍ୟାଗିଂ ବିରୋଧୀ ନିୟମ, ଶୃଙ୍ଖଳା ସମ୍ପର୍କରେ ଆଲୋକପାତ କରିଥିଲେ। ଅଭିଭାବକ ସସ୍ମିତା ଯୋଷୀ, ମେହେଯାବିନ ବାନୁ, ରତ୍ନାବତୀ ମେହେର ସୁଚିନ୍ତିତ ମତ ଦେଇଥିଲେ। ଅଶୋକ ବେହେରା, ମିଥୁନ ମେହେର, ଟିକାରାମ ପଟେଲ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ପ୍ରଧ୍ୟାପକ ପ୍ରଭାତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନିସର୍ଗ ନିବାସରେ ସର୍ବୋଦୟ ଦିବସ ପାଳିତ

ପାଇକମାଳ,୧୨।୨(ଡି.ଏନ.ଏ.)

ବରଗଡ ଜିଲା ନୃସିଂହନାଥ ନିକଟରେ ଥିବା ନିସର୍ଗ ନିବାସ ପରିସରରେ ସର୍ବୋଦୟ ଦିବସ ପାଳିତ ହୋଇଯାଇଛି। ସଂଗ୍ରାମୀ ପୀଠ ପାଣିମୋରାରୁ ୩୬ଜଣ ସଂଗ୍ରାମୀ ଦାୟାଦ ଆସି ନୃସିଂହନାଥରେ ରବିବାର ଭୋର୍ ସମୟରେ ପହଞ୍ଚିଲେ। ପରେ ସେମାନେ ମହାତ୍ମା ଗାନ୍ଧୀଙ୍କ ୭୬ ବର୍ଷ ନିଧନ ଦିବସ ଉପଲକ୍ଷେ ଚାଲଧାରଠାରେ ତିଳତର୍ପଣ କରିଥିଲେ। ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପାଖରେ ରାମଧୂନ ଗାନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ନିସର୍ଗ ନିବାସରେ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ କର୍ମୀ ଅଲେଖ ପାତ୍ରଙ୍କ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ନିସର୍ଗ ନିବାସ ପଣସ ବଗିଚାରେ ଅନୁଷ୍ଠିତ ସଭାରେ ମୁକ୍ତେଶ୍ୱର ପ୍ରଧାନ ସଭାପତିତ୍ୱ କରିଥିଲେ। ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ ଦେୱାନ, ଦ୍ୱିତୀୟଚାନ୍ଦ ବାରିକ, ଦିନବନ୍ଧୁ ପ୍ରଧାନ, ବଡ ଶତପଥୀ ପ୍ରମୁଖ ଅଲେଖ ପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ନୀଳମଣି ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ରବି ପ୍ରଧାନ ପରିଚୟ ପ୍ରଦାନ କରିଥିଲେ। ଟେକଚାନ୍ଦ ପ୍ରଧାନ ସହଯୋଗ କରିଥିବା ବେଳେ ଚୂଡାମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ହକ୍ ପାଇଁ ଲଢ଼େଇ ଆହ୍ୱାନ


ଅମଲା ସଂଘର ସାଧାରଣ ସଭାରେ ମଞ୍ଚାସୀନ କର୍ମକର୍ତ୍ତାବୃନ୍ଦ ।

ବରଗଡ଼ ଅଫିସ୍,୧୨।୨

ବରଗଡ଼ ସହର ଉପକଣ୍ଠ ଡୁରୁଙ୍ଗାସ୍ଥିତ ବୈଷ୍ଣୋଦେବୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଓଡ଼ିଶା ଅମଲା ସଂଘ ବରଗଡ଼ ଜିଲା ଶାଖାର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ରମେଶ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ପ୍ରମୁଖ ଦାବି ସମୂହ ଉପରେ ଆଲୋଚନା ହୋଇଥିଲା। ଶିକ୍ଷାଗତ ଯୋଗ୍ୟତା ଅନୁସାରେ ୪୨୦୦ ଗ୍ରେଡ୍ ପେ ପ୍ରଦାନ କରିବାକୁ ସଂଘ ବାରମ୍ବାର ଦାବି ଉପସ୍ଥାପନ କରିଆସୁଛି। ମାତ୍ର ସରକାର ତାକୁ ଗ୍ରହଣ କରୁ ନ ଥିବା ଯୋଗୁ ସଭାରେ କ୍ଷୋଭପ୍ରକାଶ ପାଇଥିଲା।

ଏହି ପ୍ରସଙ୍ଗରେ ସଂଘର ସମ୍ପାଦକ ଜ୍ଞାନପ୍ରକାଶ ସାହୁ ଆଲୋଚନା କରି ଆଗାମୀ ଦିନରେ ରାଜ୍ୟ ଅମଲା ସଂଘର ନିଷ୍ପତ୍ତି କ୍ରମେ ଆନ୍ଦୋଳନ ତୀବ୍ର କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ସଂଘର କୋଷାଧ୍ୟକ୍ଷ ପ୍ରଭାକର ଗଡ଼ତିଆ, ପୃଥ୍ୱୀରାଜ ସାହୁ, ପରମାନନ୍ଦ ରଣା, ସନ୍ତୋଷ ଭୋଇ, ମନୋଜ ମହାପାତ୍ର, ଦେବକୁମାର ମହାନ୍ତି ପ୍ରମୁଖ ନିଜ ମତ ରଖି ହକ୍ ପାଇଁ ଲଢ଼େଇ ଆହ୍ୱାନ ଦେଇଥିଲେ। ସାଧାରଣ ସଭାରେ ଜିଲାର ସମସ୍ତ ବ୍ଲକରେ ଥିବା ଅମଲା ସଂଘର ସଭ୍ୟବୃନ୍ଦ ଯୋଗଦାନ କରିଥିଲେ।

# ୧୪ରେ ବେସରକାରୀ କଲେଜ ଶିକ୍ଷକ ସଂଘ ଜିଲା ସମ୍ମିଳନୀ

ପଦ୍ମପୁର,୧୨।୧(ଡି.ଏନ.ଏ.)

ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘ ବରଗଡ଼ ଜିଲା ଶାଖା ସମ୍ମିଳନୀ ଆସନ୍ତା ୧୪ତାରିଖରେ ମେଲଛାମୁଣ୍ଡା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ସମସ୍ତ ବର୍ଗର ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ଆଲୋଚନା କରାଯିବ। ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଅଶିନୀ ସୁପକାର ଓ ସଙ୍ଗଠନ ସମ୍ପାଦକ ପ୍ରଣୟାନନ୍ଦ ତ୍ରିପାଠୀ ସମ୍ମିଳନୀରେ ଯୋଗଦାନ କରିବେ। ସେହିପରି ଜିଲାର ସମସ୍ତ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ରହିବେ ବୋଲି ଜିଲା ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ମିଶ୍ର, କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ଦାଶ, ସଙ୍ଗଠନ ସମ୍ପାଦକ ସୁଦୀପ୍ତ ଦାଶ ଏବଂ ମେଲାଛାମୁଣ୍ଡା କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ବିନୋଦ ବିହାରୀ ମିଶ୍ର କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବର୍ଷା

ପଦ୍ମପୁର,୧୨।୨(ଡି.ଏନ.ଏ.)

ରାଜ୍ୟ ସରକାର ପାଇକମାଳ ପିଏଚ୍‌ସିକୁ ସିଏଚ୍‌ସି ଭାବେ ଘୋଷଣା କରିଛନ୍ତି। ଏଥିପାଇଁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ରବିବାର ପଦ୍ମପୁରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସ ଏବଂ ବର୍ତ୍ତମାନର ସ୍ୱାସ୍ଥ୍ୟ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ବର୍ଷା କହିଥିଲେ, ଆସନ୍ତା ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ପଦ୍ମପୁର ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସୁଛନ୍ତି। ଏହି ସମୟରେ ନିର୍ବାଚନ ମଣ୍ଡଳୀର ୩ଟି ସ୍ଥାନରେ ସଭା ହେବା କାର୍ଯ୍ୟକ୍ରମ ରହିଛି। ଏଠାରେ ମୁଖ୍ୟମନ୍ତ୍ରୀ କିଛି ଘୋଷଣା କରିପାରନ୍ତି ବୋଲି ବିଧାୟିକା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ବିଜେଡି ସମ୍ପାଦକ ରାଜୁ ଘିବେଲା ଉପସ୍ଥିତ ଥିଲେ।

# କ୍ରିକେଟ : ସରଣ୍ଡାପାଲି ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିବୃନ୍ଦ ।

ବରଗଡ଼ ଅଫିସ୍,୧୨।୨

ବରଗଡ଼ ବ୍ଲକ ଅନ୍ତର୍ଗତ ନୁନିଆଁ ଜାମପାଲିରେ ରବିବାର ରବୀନ୍ଦ୍ର ଓ ଚୈତନ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ସରଣ୍ଡାପାଲି ଏବଂ ଜାଲପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ସରଣ୍ଡାପାଲି ଚାମ୍ପିୟନ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଯକ୍ଷ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସମାରୋହରେ ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଆର୍ଥିକ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

# କଳାର ବିକାଶକୁ ଗୁରୁତ୍ୱ

ବରଗଡ଼ ଅଫିସ୍/ବରପାଲି,୧୨।୨


କଳାଭୂମିର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଜିଲା ବରପାଲି ସ୍ଥିତ କଳାଭୂମି ଅନୁଷ୍ଠାନର ବାର୍ଷିକୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। କୈଳାସ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସୁରେନ୍ଦ୍ର ମେହେର ମୁଖ୍ୟଅତିଥି, ନେପାଳ ପ୍ରଧାନ, କିଶୋର ଚନ୍ଦ୍ର ଗଡ଼ତିଆ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ କଳାର ଉନ୍ନତି ଏବଂ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଧ୍ରୁବ ବେହେରା ଅନୁଷ୍ଠାନ ଉପରେ ବକ୍ତବ୍ୟ ରଖିଥିଲେ। ରମାକାନ୍ତ ତ୍ରିପାଠୀ ବିବରଣୀ ପାଠ କରିଥିଲେ। ଅତିଥିବୃନ୍ଦ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସରୋଜ ରାଉତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୨ଦିନ ଧରି ଚିତ୍ରକଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ହୋଇଥିଲା। ସମ୍ପାଦକ ଆନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ ପୋଲି କ୍ଲିନିକ୍‌କୁ ସେବାରତ୍ନ ସମ୍ମାନ


ରାଜ୍ ପୋଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟର ମୁଖ୍ୟ ସେବାରତ୍ନ ସମ୍ମାନ ଗ୍ରହଣ କରୁଛନ୍ତି।

ବରଗଡ଼ ଅଫିସ୍,୧୨।୨

ବରଗଡ଼ର ରାଜ୍ ପୋଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ସେବାରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। କଟକ ବକ୍ସିବଜାର ସ୍ଥିତ ଓଟିଡିସି ପାନ୍ଥ ନିବାସରେ ଅନୁଷ୍ଠିତ ବଦାନ୍ୟ ବନ୍ଧୁ ସଙ୍ଗଠନର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଉତ୍ତମ ସେବା ଯୋଗାଇବା ସକାଶେ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ ପୋଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟରର ମୁଖ୍ୟ ରାଜକିଶୋର ପାଣିଗ୍ରାହୀ ଏହି ସମ୍ମାନ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିଶୁରୋଗ ବିଶେଷଜ୍ଞ ଡା. ମାନସ ରଞ୍ଜନ ପାଣି, ଖବରଦାତା ପ୍ରଶମିତା ମହାନ୍ତି, ସମାଜସେବୀ ପ୍ରବୀଣା ତ୍ରିପାଠୀ, ଲିଲି ଜେନାମଣି ଅତିଥି ଭାବେ ଯୋଗଦାନ କରିଥିଲେ। ଜନସାଧାରଣଙ୍କୁ ଆଗକୁ ଆହୁରି ଉନ୍ନତ ସେବା ଯୋଗାଇବାରେ ଏହି ସମ୍ମାନ ଉତ୍ସାହିତ କରିବ ବୋଲି ରାଜ୍ ପୋଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟରର ମୁଖ୍ୟ ପାଣିଗ୍ରାହୀ କହିଛନ୍ତି ।

# ପାଇକମାଳକୁ ହରାଇ ବଲାଙ୍ଗୀର ଚାମ୍ପିୟନ

ପାଇକମାଳ, ୧୨।୨(ଡି.ଏନ.ଏ.)

## ହଡିଗୁଡି ଫୁଟବଲ ଟୁର୍ଣ୍ଣାମେଣ୍ଟ

ପାଇକମାଳ ଏମ୍‌ଇ ସ୍କୁଲ ଖେଳ ପଡିଆରେ ୨୮ତମ ହଡିଗୁଡି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପାଇକମାଳକୁ ହରାଇ ବଲାଙ୍ଗୀର ଚମ୍ପିୟନ ହୋଇଛି। ଦୁଇ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ପାଇକମାଳ, ଘେଁସ, ନକ୍ସାସଲ, କୁଟେଲା,(ଛତିଶଗଡ) ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି ଓ ବରଗଡ ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ପାଇକମାଳ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇ ଟାଇବ୍ରେକର ଜରିଆରେ ବଲାଙ୍ଗୀର ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଫୁଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ହୃଦାନନ୍ଦ ବାରିକ, ଗୌତମ ସିଂ, ସୁଧାଂଶୁ ମାଝି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁସୁମ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାନ୍ତ ବେହେରା, ଅଶ୍ୱିନୀ ବେରିଆ, ଭବାନୀ ମାଝି, ମଣ୍ଟୁ ବାଗ, ପଞ୍ଚାନନ୍ଦ ପାତ୍ର, ଅଶ୍ୱିନୀ ମେହେର ଖେଳ ପରିଚାଳନା କରିଥିଲେ। ଅଜିତ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସୁକାନ୍ତ ବାରିକ, ଗୋବିନ୍ଦ ସାହୁ, ବୁଲୁ ନାୟକ, ଶତ୍ରୁଘ୍ନ ସୁପକାର, ଦୀପକ ପ୍ରଧାନ, ଇସୁ ଭୋଇ, ଉତ୍ତର ସତନାମୀ, ସୁମିତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।


ଚାମ୍ପିୟନ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

# ବ୍ରାହ୍ମଣ ମହାସଭା ବୈଠକ

ବରଗଡ଼ ଅଫିସ୍,୧୨।୨

ବରଗଡ଼ ଜିଲା ବ୍ରାହ୍ମଣ ମହାସଭାର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ବ୍ରାହ୍ମଣ ସମାଜର ଇଷ୍ଟଦେବ ପ୍ରଭୁ ପର୍ଶୁରାମ ଏବଂ ମାତା ଗାୟତ୍ରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମହାସଭା ସଭାପତି ଗୋପବନ୍ଧୁ ଦାଶଙ୍କ ସଭାପତିତ୍ୱ ଏବଂ ସାଧାରଣ ସମ୍ପାଦକ ରବି ନାରାୟଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଜିଲା ସଂଘର ସାଙ୍ଗଠନିକ ସ୍ଥିତି, ପରବର୍ତ୍ତୀ କାର୍ଯ୍ୟକ୍ରମ, ସାମୂହିକ ବ୍ରତୋପନୟନ, ସାମାଜିକ ସଂସ୍କାର ହାତକୁ ନେବା, ପର୍ଶୁରାମ ଜୟନ୍ତୀକୁ ଜିଲାସ୍ତରରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି କୁଳମଣି ମହାପାତ୍ର, ବରିଷ୍ଠ ସଦସ୍ୟ ସରୋଜ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ସଭାରେ ଉପସଭାପତି ରାମଚନ୍ଦ୍ର ଷଡ଼ଙ୍ଗୀ, ଗୌରଚନ୍ଦ୍ର ରଥ, ଗିରିଶ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ଦେବତା, ସାଧାରଣ ସମ୍ପାଦକ ଗିରିଜେଶ ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବରଗଡ଼ ଅଫିସ୍,/ସୋହେଲା,୧୨।୨

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଘେଁସ୍ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଶଶିଭୂଷଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପ୍ରଧାନ ମୁଖ୍ୟଅତିଥି, ଶିକ୍ଷାବିତ୍ ଅଶୋକ କୁମାର ପୂଜାହାରୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରସିଂହ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ଶହୀଦ ଦେବତା ବିବରଣୀ ପାଠ ଏବଂ ଆଚାର୍ଯ୍ୟ ଗୌରହରି ମିଶ୍ର ସଭା ସଂଯୋଜନା କରିଥିଲେ। ମୀନକେତନ ବାରିକ ପୁରସ୍କାର ବିତରଣୀ ସମାରୋହ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ। ପରିଚାଳନା କମିଟି ସମ୍ପାଦକ ଡୋଲାମଣି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### କମ୍ପାନୀକୁ ବିରୋଧ କରିବା ନେଇ ବରିଷ୍ଠ ନେତା ନୀରବ

କୁତ୍ରା, ୧୨।୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କନ୍ଧେଇମୁଣ୍ଡା ପଞ୍ଚାୟତ ତେଲିଘନାଠାରେ ରହିଛି ଏକ କାରଖାନା। ଏହାର ଖଣି ରହିଛି ଖତକୁରବାହାଲଠାରେ। ଏହି କାରଖାନାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବା ପରେ ତେଲିଘନା, କନ୍ଧେଇମୁଣ୍ଡା, ଖତକୁରବାହାଲ, କୁତ୍ରା ଏବଂ ଏହାର ଆଖପାଖ ଅଞ୍ଚଳର ନିରୀହ ଆଦିବାସୀ ବିରୋଧ କରିଆସୁଛନ୍ତି। ତେବେ ଏହାକୁ ନେଇ କୁତ୍ରା ଅଞ୍ଚଳର ବରିଷ୍ଠ ନେତା ବିରୋଧ କରୁଥିବା ଲୋକଙ୍କ ସହିତ ହାତରେ ହାତ ମିଳାଇ କମ୍ପାନୀକୁ ବିରୋଧ କରିଥିଲେ। ଅନେକ ଥର ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ସହିତ ମୁହାଁମୁହିଁ ମଧ ହୋଇଛନ୍ତି। ଏଥିପାଇଁ ତାଙ୍କର ଅନେକ ସହଯୋଗୀ ପୋଲିସ ଦ୍ୱାରା ଗିରଫ ମଧ ହୋଇଛନ୍ତି। କିନ୍ତୁ କମ୍ପାନୀ ପ୍ରତି ଉଠାଇଥିବା ବିରୋଧର ସ୍ୱର ବେଶୀ ଦିନ ରହିଲା ନାହିଁ। କିଛି ଦିନ ବିରୋଧ କରିବା ପରେ ନୀରବ ହୋଇଯାଇଛନ୍ତି ବରିଷ୍ଠ ନେତା ଏବଂ ତାଙ୍କ ସହଯୋଗୀ। କମ୍ପାନୀ ପକ୍ଷରୁ ତାଙ୍କ ସହଯୋଗୀମାନଙ୍କୁ ବଡ଼ଧରଣର ସହଯୋଗ ମିଳିଯିବାରୁ ବରିଷ୍ଠ ନେତା ନରମିଯାଇଥିବା ଲୋକେ କହୁଛନ୍ତି। ତାଙ୍କର ସ୍ୱାର୍ଥ ହାସଲ ହେବା ପରେ ନିରୀହ ସାଧାରଣ ଜନତାଙ୍କ ସାର୍ଥକୁ ଭୁଲି ଯାଇଥିବା ଲୋକେ କହୁଛନ୍ତି। ଲୋକଙ୍କୁ ଆଗରେ ଛିଡା କରି ଭୁଆଁବୁଲାଇ ତାଙ୍କର ସ୍ୱାର୍ଥ ହାସଲ କରି ନେଇଥିବା ଶୁଣିବାକୁ ମିଳୁଛି।

### ସିପିଆଇ ସୁନ୍ଦରଗଡ଼ ଜିଲା କମିଟିର ବୈଠକ

ସୁନ୍ଦରଗଡ଼,୧୨।୨(ଡି.ଏନ.ଏ.)- ସିପିଆଇ ସୁନ୍ଦରଗଡ଼ ଜିଲା କାର୍ଯ୍ୟକାରିଣୀ କମିଟିର ଏକ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ କୁମାର ଦାଶ ଯୋଗଦେଇ ଚଳିତ ଫେବୃଆରୀ ମାସ ଶେଷ ସୁଦ୍ଧା ସଭ୍ୟପଦ ନବୀକରଣ କାର୍ଯ୍ୟ ଶେଷ କରିବାକୁ ସମସ୍ତ ଜୋନ ସମ୍ପାଦକମାନଙ୍କୁ ଜଣାଇଥିଲେ। ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି ନିକଟ ଅତୀତରେ ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଅବଗତ କରିଥିଲେ। ରାଜନୈତିକ ପରିବେଶ ଉଭୟ କେନ୍ଦ୍ର ଓ ରାଜ୍ୟରେ ଗମ୍ଭୀର ଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା ପରେ ରାଜ୍ୟରେ ଆଇନ ପରିସ୍ଥିତିର ଅବନତି ଘଟିଥିବା ଏହାର ଏକ ପ୍ରମାଣ ବୋଲି କହିଥିଲେ। ରାଜେନ୍ଦ୍ର ନାଏକ ସଭା ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧରେ ସନ୍ତୋଷ କୁମାର ଆଚାର୍ଯ୍ୟ, କମଳ ଷଣ୍ଢ, ଦେବାନନ୍ଦ ବାଦଲ ,ନରେଶ ମେହେର ପ୍ରମୁଖ ବକ୍ତବ୍ୟ ରଖିଥିଲେ।ପରିବାର ତାଙ୍କର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ତାଙ୍କ ଘରେ ତାଙ୍କ ସ୍ତ୍ରୀ, ଗୋଟିଏ ଦେଢ ବର୍ଷ ଝିଅ, ବୁଢା ବାପା ମାଆ ଓ ଭାଇ ରହିଛନ୍ତି ।

# ଗୁଣାତ୍ମକ ଶିକ୍ଷା ସହ କୃଷି ପରମ୍ପରାକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ



ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ**

ଦେବଗଡ଼, ୧୨।୨(ଡି.ଏନ୍.ଏ.)

ଦେବଗଡ଼ ହେଉଛି ଶିକ୍ଷା ଜଗତର ଅନ୍ୟତମ ପୁରାତନ ପେଣ୍ଠସ୍ଥଳୀ। ଏହି ଅଞ୍ଚଳକୁ ଆଗକୁ ନେବାକୁ ହେଲେ ଗୁଣାତ୍ମକ ଶିକ୍ଷା,ସଂସ୍କୃତ ଶିକ୍ଷା ସହ କୃଷି ପରମ୍ପରାକୁ ପ୍ରାଧାନ୍ୟ ଦେବାକୁ ପଡିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଦେବଗଡ଼ ଜିଲା ନୂଆଁପଡ଼ାସ୍ଥିତ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ପ୍ରଧାନ ଏକଥା କହିବା ସହ ଦେବଗଡ଼ବାସୀଙ୍କର ରକ୍ତରେ ପାଠପଢା ଓ ଚାଷ କାର୍ଯ୍ୟ ଭରି ରହିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ସେ ଓଡିଶା ଭାଷା ଭିତ୍ତିକ ରାଜ୍ୟ ଗଠନରେ ବାମଣ୍ଡା ରାଜା ସାର ବାସୁଦେବ ସୁଢଳଦେବଙ୍କର ଅବଦାନ ଚିରସ୍ମରଣୀୟ ବୋଲି ପ୍ରକାଶ କରିଥିଲେ। ଏଥିସହ ସଂସ୍କୃତ ନ ପଢିଲେ ଭାରତର ଜ୍ଞାନ ପରମ୍ପରାକୁ ବୁଝିବା ଅସମ୍ଭବ ବୋଲି ମନ୍ତ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପଣ୍ଡିତ ରୋହିତ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଅନୁଷ୍ଠାନର ଶୈକ୍ଷିକ ପରିବେଶର ପ୍ରଶଂସା କରିବା ସହ ମନ୍ଦିର ପରିବେଷ୍ଟିତ ଏହି ମହାବିଦ୍ୟାଳୟ ଏକ ସାମାଜିକ ପରିବେଶଭଳି ଅନୁଭବ ହେଉଥିବା ପ୍ରକାଶ କରିଥିଲେ। ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ନିମନ୍ତେ ବିଭାଗୀୟ ସ୍ତରରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ, ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ରବୀନ୍ଦ୍ର କୁମାର ପଣ୍ଡା ମଞ୍ଚାସୀନ ରହି ରାଜ୍ୟରେ ସଂସ୍କୃତ ଶିକ୍ଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ମହାବିଦ୍ୟାଳୟର ଭୂମିକା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ଅନୁଷ୍ଠାନର ଉନ୍ନୟନ ନିମନ୍ତେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୫ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ମହାବିଦ୍ୟାଳୟର ବାଳକ ବର୍ଗରେ ଚାମ୍ପିୟନ ହୋଇଥିବା ଶୁଭମ ସାହୁ ଓ ବାଳକ ବର୍ଗରେ ଚାମ୍ପିୟନ ହୋଇଥିବା ଟିଂକି ପେଂଠେଇଙ୍କ ସମେତ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ରୌପ୍ୟ ଜୟନ୍ତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭା ପ୍ରାରମ୍ଭରେ ବେଦ ଅଧାପକ ତନୋଜ କୁମାର ମହାପାତ୍ର ବେଦପାଠ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ଓଡ଼ିଆ ଅଧାପକ ବୁଦ୍ଧଦେବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଗାଙ୍ଗପୁରରେ ତିନି ଅପମୃତ୍ୟୁ

ରାଜଗାଙ୍ଗପୁର, ୧୨।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ବିଭିନ୍ନ ଅଞ୍ଚଳରେ ତିନୋଟି ଅପମୃତ୍ୟୁ ଘଟଣା ଘଟିଛି। ଏନେଇ ପୋଲିସ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ପ୍ରଥମଟି ରାଜଗାଙ୍ଗପୁରର ଲାଞ୍ଜିବେରନା ପାହାଡଟୋଲିରେ ପାରିବାରିକ କଳହକୁ କେନ୍ଦ୍ର କରି ଦିନ ୧ଟାବେଳେ ଘରେ କେହି ନ ଥିବା ଅବସ୍ଥାରେ ଟୁଲୁ ବାର୍ଲା (୪୦) ବେକରେ ରଶିଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ଏସଆଇ ପ୍ରୀତିରଞ୍ଜନ ପରିଡା ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ଦ୍ୱିତୀୟଟି ଚିନିମହୁଲ ଗ୍ରାମର ନାଳରୁ ପୋଲିସ ସେହି ଗ୍ରାମର ସୁଲେମାନ ଜୋଜୋ (୫୩)ଙ୍କ ମୃତଶରୀର ଜବତ କରିଛି। ପ୍ରକାଶ ଯୋଗ୍ୟ ଯେ ସୁଲେମାନ ଜୋଜୋ ଗତ ୯ ତାରିଖରୁ ଘରୁ ନିଖୋଜ ଥିଲେ। ତୃତୀୟଟି କୁକୁଡାମୁଣ୍ଡା ପଞ୍ଚାୟତର ସାରୁମହୁଲ ଗ୍ରାମର ଜଣେ ଯୁବକ କୁନାଲ ଏକ୍କା ନିଜ ଘରେ ଏକ କୋଠରୀରେ ଗଳାରେ ରଶିଲଗାଇ ଆତ୍ମହତ୍ୟା କରିଛନ୍ତି।

# ଜିଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରୀ


ସ୍କାଉଟ୍ସ ଗାଇଡ୍ସର କ୍ୟାମ୍ପୋରି ଉଦ୍‌ଯାପନୀରେ ଅତିଥି ଓ ଅନ୍ୟମାନେ।

ବଡ଼ଗାଁ, ୧୨।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଗାଁକଛାର ସରକାରୀ ଉଚ୍ଚ ବିଦ୍ୟାଳୟରେ ୮ ତାରିଖ ଆରମ୍ଭ ହୋଇଥିବା ଜିଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରି ୨୦୨୩ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ତଥା ସ୍କାଉଟ୍ସ ଗାଇଡ୍ସର ଜିଲା ମୁଖ୍ୟ କମିଶନର ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ବଡ଼ଗାଁ ବିଡ଼ିଓ କ୍ଷମାନିଧି ଭୋଇ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଗଣେଶ ବାରିକ, ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ୟାମ୍ପୋରୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍କାଉଟ୍ସ ଗାଇଡ୍ସ ଶିକ୍ଷକ ବିଭୀଷଣ ବାରିକ ଓ ଜନସନ ଖାଖା ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ବଦ୍ରିଚନ୍ଦ୍ର ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ର ଦେଶାତ୍ମକବୋଧ ସଙ୍ଗୀତ, ଲୋକନୃତ୍ୟ, ଶାରୀରିକ, ମାର୍ଚ୍ଚ ପାଷ୍ଟ, କୁଇଜ, ଫାର୍ଷ୍ଟ ଏଡ, ରଙ୍ଗୋଲି, କ୍ୟାମ୍ପ କ୍ରାଫ୍ଟ ଉପରେ କଳାକୌଶଳ ଓ ଦକ୍ଷତା ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସ୍କାଉଟ୍ସ ଗାଇଡ୍ସର ମୁଖ୍ୟ କମିଶନର କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କାଉଟ୍ସ ଗାଇଡ୍ସର ପତାକା ଅବତରଣ କରିଥିଲେ। ଜିଲା ସହକାରୀ ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କମିଶନର ଡକ୍ଟର ଅରୁଣ କୁମାର ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଅଜୟ କୁମାର ନାଏକ ଯୋଗ ଦେଇଥିଲେ।

# ଟାଉନ କ୍ରିକେଟ କ୍ଲବ ଦେବଗଡ଼ ବିଜୟୀ



ଶୁଭମ ବିଶାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

**ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ଦେବଗଡ଼, ୧୨।୨(ଡି.ଏନ.ଏ.)

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଆଇଜି ଷ୍ଟାଡିୟମରେ ଚାଲିଥିବା ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଥିଲା ଅଷ୍ଟମ ଦିନ। ଏହି ଦିବସର ମ୍ୟାଚ ଫ୍ରେଣ୍ଡସ କ୍ଲବ ବୁଢ଼ାପାଳ ଓ ଟାଉନ କ୍ରିକେଟ କ୍ଲବ ଦେବଗଡ଼ ମଧରେ ହୋଇଥିଲା। ଏଥିରେ ଟାଉନ କ୍ରିକେଟ କ୍ଲବ ବୁଢ଼ାପାଳକୁ ୭ ଉଇକେଟରେ ପରାସ୍ତ କରି ବିଜୟୀ ହୋଇଥିଲା। ବୁଢ଼ାପାଳ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୩.୧ଓଭରର ସମସ୍ତ ଉଇକେଟ ହରାଇ ୨୪୮ରନ କରିଥିଲା। ଜବାବରେ ଟାଉନ କ୍ରିକେଟ କ୍ଲବ ଦେବଗଡ଼ ୨୧.୪ ଓଭରରେ ୩ଟି ଉଇକେଟ ହରାଇ ୨୫୧ ରନ କରି ବିଜୟୀ ହୋଇଥିଲା। ଟାଉନ କ୍ରିକେଟ କ୍ଲବ ଦେବଗଡ଼ର ଶୁଭମ ବିଶାଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଖେଳରେ କିରନ ନାଏକ ଓ ଗୁରୁଦୀପ ସିଂହ ଅମ୍ପେୟାର ଏବଂ ରୋମି ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ ପ୍ରଧାନ, ଅଜିତ ମୋଦି, ବେଣୁଧର ଗଡନାଏକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

# କାର୍ଯ୍ୟରତ ଅବସ୍ଥାରେ ଶ୍ରମିକଙ୍କ ହୃଦ୍‌ଘାତରେ ମୃତ୍ୟୁ

ହେମଗିର,୧୨।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଆଯ୍ୟନ କୋଲୱାସେରି କମ୍ପାନୀଠାରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ହୃଦଘାତରେ ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁସାରେ ରବିବାର କନିକା ଗ୍ରାମର କୈଳାସ ଭୋଇଙ୍କ ଆଯ୍ୟନ କୋଲୱାସେରି ଠାରେ ହୃଦ୍‌ଘାତ ହୋଇଥିଲା। ଫଳରେ ସେ ମୃତ୍ୟୁବରଣ କରିଥିଲେ। ଘଟଣାସ୍ଥଳରେ ହେମଗିର ପୋଲସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ କାର୍ଯ୍ୟରତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବାରୁ ଅନ୍ୟ ଶ୍ରମିକମାନେ କ୍ଷତିପୂରଣ ପ୍ରଦାନ କରିବା ଦାବି ନେଇ କମ୍ପାନୀ ସମ୍ମୁଖରେ ଧାରଣା ଦେଇଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ୭ ଲକ୍ଷ କ୍ଷତିପୂରଣ ପ୍ରଦାନ କରିବାର ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନରୁ ଶ୍ରମିକମାନେ ଓହରିଥିଲେ ।

# କୁରଡ଼ା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲହୁଣୀପଡ଼ା, ୧୨।୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦୋଳଗୋବିନ୍ଦ ମାହାନ୍ତ, ମୁଖ୍ୟବକ୍ତା ଭାବେ ଗମଲୋଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସସ୍ମିତା କିଷାନ, ଗୋକୁଳ ଚନ୍ଦ୍ର ମାହାନ୍ତ, ପ୍ରସନ୍ନ କୁମାର ମାହାନ୍ତ, ଏସ୍‌ଏମ୍‌ସି ସଭାପତି ରାଜେନ୍ଦ୍ର ମାଝି ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବ୍ରତ ମିଶ୍ର ଅଧକ୍ଷତା କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ।

# ପୌରପରିଷଦରେ ନିଆଁ ଲାଗି ପୋଡ଼ିଗଲା ଅଡିଟ କାଗଜପତ୍ର

**ଆର୍‌ଟିଆଇ ରିପୋର୍ଟ ଦେବା ଭୟରେ ଜାଳି ଦେଇଥିବା ଚର୍ଚ୍ଚା, ସନ୍ଦେହ**

ଦେବଗଡ଼,୧୨।୨(ଡି.ଏନ.ଏ.)

ଦେବଗଡ଼ ପୌରପରିଷଦର କାଉନସିଲ ହଲରେ ରବିବାର ପ୍ରତ୍ୟୁଷରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଛି। ନିଆଁ ଲାଗି ଅଡିଟ ଚାଲିଥିବା କାଗଜପତ୍ର ପୋଡ଼ି ଛାରଖାର ହେବା ସହ ୨ଟି ଏସି ମଧ ପୋଡ଼ିଯାଇଛି। ଗତ ଡିସେମ୍ବରରୁ ଲୋକାଲ ଅଡିଟ ଫଣ୍ଡ ଅଡିଟ ଚାଲିଥିବାବେଳେ ରବିବାର ପ୍ରତ୍ୟୁଷରେ ଲାଗିଥିଲା ନିଆଁ। ସେଠାରେ ଥିବା ନାଇଟ ୱାଚମେନ ପାଖ ଲୋକଙ୍କ ସହାୟତାରେ ନିଆଁ ଲିଭାଇବା ସହ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ସୂଚନାପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ନିଆଁ ଆୟତ୍ତ ହୋଇସାରିଥିଲା। ପୌର ପରିଷଦରେ ଦୁର୍ନୀତିକୁ ଲୁଚାଇବା ଓ ଆର୍‌ଟିଆଇ ରିପୋର୍ଟ ନ ଦେବା ପାଇଁ ଜାଳି ଦେଇଥିବା ଚର୍ଚ୍ଚା, ସନ୍ଦେହ କରୁଛନ୍ତି ସହରବାସୀ। ଏହି ଘଟଣାକୁ ନେଇ ନାନା ଆଲୋଚନା ହେଉଥିବା ଦେଖିବାକୁ ମିଳିଛି। ଠିକ ଭାବେ ତଦନ୍ତ କରିଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଆଲୋଚନା ହେଉଛି।

# ବାଇକ୍ ଦୁର୍ଘଟଣାରେ ଖବରଦାତା ମୃତ

ଟେନ୍‌ସା, ୧୨।୨(ଡି.ଏନ.ଏ.)

ସୁନ୍ଦରଗଡ଼ କୋଇଡା ଅଞ୍ଚଳର ଜଣେ ଖବରଦାତା ଖଗେଶର ତରେଇଙ୍କ କେନ୍ଦୁଝରଠାରେ ଏକ ବାଇକ୍ ଦୁର୍ଘଟଣା ପରେ କେନ୍ଦୁଝର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମୃତ୍ୟୁ ଘଟିଛି। ଖଗେଶର ରବିବାର ନିଜ ବନ୍ଧୁଙ୍କ ସହ ବାଇକ୍ ଯୋଗେ କୋଇଡାରୁ ଯାଜପୁର ଏକ ବିବାହ ଭୋଜି ପାଇଁ ଯାଉଥିଲେ। ଦିନ ୧୨ଟାରେ ଯିବାବେଳେ କେନ୍ଦୁଝର ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ରାଜରାସ୍ତାରେ ଏକ ହାଇୱା ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ତାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ସ୍ଥାନୀୟ ଲୋକେ କେନ୍ଦୁଝର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

ଲହୁଣୀପଡ଼ା,୧୨।୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ରେଙ୍ଗାଲୁ ଗ୍ରାମର ଜନୈକା ଯୁବତୀଙ୍କୁ ନିକଟସ୍ଥ କୁନ୍ଦୁରୁବୁରୁ ଗ୍ରାମର ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକ ସୁରତ କାଣ୍ଡୁଲାନା(୨୩)ଙ୍କୁ ଗିରଫ କରିଛି। ରେଙ୍ଗାଲୁ ଗ୍ରାମର ଯୁବତୀ (୨୧)ଙ୍କ ସହିତ ସୁରତ କୌଣସି ମତେ ସମ୍ପର୍କ ସ୍ଥାପନ କରିଥିଲା। ପ୍ରଥମେ ସମ୍ପର୍କ ତାପରେ ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖିଥିଲା। ଦୀର୍ଘ ଏକ ବର୍ଷରୁ ଏହି ସମ୍ପର୍କ ଗଢି ଉଠିଥିବାରୁ ଯୁବତୀ ବିବାହ କରିବା ପାଇଁ ଜିଦି ଧରିଥିଲେ। ସୁରତ ବିଭିନ୍ନ ଆଳଦେଖାଇ ସମୟ ଗଡାଇବା ଦ୍ୱାରା ଯୁବତୀ ନିରାଶ ହୋଇ କେ.ବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଶନିବାର ସୁରତ କାଣ୍ଡୁଲାନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ବ୍ୟବସାୟୀଙ୍କୁ ଧମକ ଦେଇ ୫୦ଲକ୍ଷ ଟଙ୍କା ଦାବି: ଯୁବକ ଗିରଫ

ସୁନ୍ଦରଗଡ଼,୧୨।୨(ଡି.ଏନ.ଏ.)

ସୁନ୍ଦରଗଡ଼ ସହରର ଜଣାଶୁଣା ପ୍ରତିଷ୍ଠିତ କୋଇଲା ପରିବହନ ଓ ଟ୍ରକ ବ୍ୟବସାୟୀ ସଞ୍ଜୟ ନନ୍ଦ (ପିଲୁ)ଙ୍କୁ ଫୋନ ଯୋଗେ ମେସେଜ କରି ୫୦ଲକ୍ଷ ଟଙ୍କା ଦାବି କରି ହତ୍ୟା ଧମକ ଦେବା ଘଟଣାରେ ଟାଉନଥାନା ପୋଲିସ ରବିବାର ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକଙ୍କ ନାମ ଅମନ ଶର୍ମା (୨୩)। ତାଙ୍କ ଘର ଟାଙ୍ଗରପାଲି ବ୍ଲକ ଉଜ୍ୱଳପୁର ଗ୍ରାମରେ। ପୋଲିସ ସୂଚନା ଅନୁଯାୟୀ ଗତ ଜାନୁୟାରୀ ୨୪ରେ ବ୍ୟବସାୟୀ ସଞ୍ଜୟ ନନ୍ଦଙ୍କୁ ଅଜଣା ଫୋନ ନମ୍ବରରେ ୪୦ରୁ ୫୦ଟି ମିସଡ କଲ ଆସିବା ସହ ୫୦/୬୦ଟି ଧମକପୂର୍ଣ୍ଣ ମେସେଜ ଆସିଥିଲା। ଏଥିରେ ତାଙ୍କୁ ୫୦ଲକ୍ଷ ଟଙ୍କା ଦାବି କରାଯିବା ସହ ନ ହେଲେ ତାଙ୍କ ପୁଅଙ୍କୁ ଅପହରଣ ସହ ତାଙ୍କୁ ଓ ତାଙ୍କ ପରିବାରକୁ ହତ୍ୟା ଧମକ ଦିଆଯାଇଥିଲା। ଏ ସମ୍ପର୍କରେ ନନ୍ଦ ଟାଉନଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଅଜଣା ଫୋନ ନମ୍ବରକୁ ଯାଞ୍ଚ କରି ପରିଶେଷରେ ଏହି ଯୁବକଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଛି। ଏହି ବ୍ୟବସାୟୀ ଜଣକ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଘନିଷ୍ଠ ବ୍ୟବସାୟୀକ ସହଯୋଗୀ ଥିଲେ। ସଞ୍ଜୟଙ୍କୁ ଏହି ଧମକପୂର୍ଣ୍ଣ ଫୋନ କଲର ୪ଦିନ ପରେ ଗୁଳି ମାଡ଼ରେ ନବ ଦାସଙ୍କ ମୃତ୍ୟୁ ହେବା ଘଟଣାକୁ ନେଇ ନାନା ଆଲୋଚନା ଚାଲିଥିଲା। ଏଣୁ ପୋଲିସ ଏହି ମାମଲାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରିଥିଲା। ହେଲେ ଅଭିଯୁକ୍ତ ଶର୍ମା ୨୦୨୦ରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କ ସ୍ୱାମୀ ଅଜୟ ପଟେଲ, ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କ ନାମରେ ଫେକ୍ ଫେସବୁକ ଆକାଉଣ୍ଟ ଖୋଲି ଚାନ୍ଦା ମାଗି ସେତେବେଳେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ।


ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନେଉଛି।

# ଲକ୍ଷ୍ୟ ହାସଲ ପାଇଁ ସ୍ୱପ୍ନ ଦେଖିବାକୁ ପଡ଼ିବ

ହେମଗିର,୧୨।୨(ଡି.ଏନ୍.ଏ.)



ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଭେସଜ ପଟେଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ**

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଡୁଡୁକାଠାରେ ଥିବା ଭେସଜ ପଟେଲ ମହାବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ନାଏକ ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖି କାର୍ଯ୍ୟକାରୀ କରିବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଅଧାପକ ନୂତନ ଖମାରି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ସିଏଲ ବସୁନ୍ଧରାର ମହାପ୍ରବନ୍ଧକ ପି.ବି ରେଡ୍ଡି, ସୁନ୍ଦରଗଡ଼ ଉପଜିଲାପାଳ ଦାଶରଥୀ ସରଭୁ, ଡୁଡୁକା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସୁଶିଲ କୁମାର ଚୌଧୁରୀ, ଜିଲା ପରିଷଦ ସଭ୍ୟା ମହିମା ସେଠ, ହେମଗିର ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ଓଡ଼ିଆ ଅଧାପିକା ମିନତି ମିଶ୍ର ଓ ସୌଦାମିନି ତ୍ରିପାଠି ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଟାଟା ଷ୍ଟିଲ ସହ ମିଶ୍ରଣ ହେବ ଗ୍ରୁପର ୭ସହାୟକ କମ୍ପାନୀ

ନୂଆଦିଲ୍ଲୀ,୧୨।୨

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ଟାଟା ଗ୍ରୁପର ପ୍ରମୁଖ କମ୍ପାନୀ ଟାଟା ଷ୍ଟିଲ ସହ ଗ୍ରୁପର ଆଉ ୭ ସହାୟକ କମ୍ପାନୀର ମିଶ୍ରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରି କି ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ଟାଟା ଷ୍ଟିଲ ସହ ଗ୍ରୁପର ଅନ୍ୟ ୭ ସହାୟକ କମ୍ପାନୀ ମିଶ୍ରଣ ହେବା ନେଇ ଆକଳନ କରାଯାଉଛି। ବିଶେଷ କରି ଟାଟା ଗ୍ରୁପର ଅନୁଗୋଳ ଏନର୍ଜୀ ବ୍ୟତୀତ ଟାଟା ଷ୍ଟିଲରେ ମିଶ୍ରଣ ହେଉଥିବା ବଳକା ୬ ସହାୟକ କମ୍ପାନୀ ଯଥା- ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ (ଟିଏସ୍‌ପିଏଲ), ଦ ଟିନପ୍ଲେଟ୍ କମ୍ପାନୀ ଅଫ୍ ଇଣ୍ଡିଆ, ଟାଟା


ଟି.ଭି.ନରେନ୍ଦ୍ରନ

ମେଟାଲିକ୍ସ, ଟିଆରଏଫ୍, ଇଣ୍ଡିଆନ୍ ଷ୍ଟିଲ୍ ଆଣ୍ଡ୍ ୱାୟାର ପ୍ରଡକ୍ଟସ ଏବଂ ଟାଟା ଷ୍ଟିଲ୍ ମାଇନିଙ୍ଗ୍, ଏସ୍ ଆଣ୍ଡ୍ ଟି ମାଇନିଙ୍ଗ୍ କମ୍ପାନୀ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ପରିଚାଳନା

## ୨୦୨୪ ସୁଦ୍ଧା ଶେଷ ହେବ ସମସ୍ତ ପ୍ରକ୍ରିୟା- ନରେନ୍ଦ୍ରନ

ନିର୍ଦ୍ଦେଶକ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଟି.ଭି. ନରେନ୍ଦ୍ରନ କହିଛନ୍ତି, ୨୦୨୨ ସେପ୍ଟେମ୍ବରରେ ଟାଟା ଷ୍ଟିଲ୍ ବୋର୍ଡ ତା'ର ୬ ସହାୟକଙ୍କ କମ୍ପାନୀଙ୍କୁ ଟାଟା ଷ୍ଟିଲ ସହ ମିଶ୍ରଣ କରିବାକୁ ନିଷ୍ପତ୍ତି ନେଇଥିଲା। କାରଣ ଏ ସମ୍ପର୍କିତ ଏକ ପ୍ରସ୍ତାବକୁ ସେ ସମୟରେ ମଞ୍ଜୁରୀ ଦେଇଥିଲେ। ଏହାଦ୍ୱାରା ସମସ୍ତ କମ୍ପାନୀଙ୍କ ମଧ୍ୟରେ ଉତ୍ତମ ତାଳମେଳ, କାର୍ଯ୍ୟଦକ୍ଷତା ଏବଂ ଖର୍ଚ୍ଚ କମ୍ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ସେହିଭଳି ଉପରୋକ୍ତ କମ୍ପାନୀଙ୍କ ମିଶ୍ରଣ ନେଇ ଏକ ପ୍ରଶ୍ନର ଉତ୍ତରରେ ଟି.ଭି.ନରେନ୍ଦ୍ରନ କହିଛନ୍ତି, ଆମେ ୬ କମ୍ପାନୀଙ୍କ ମିଶ୍ରଣ ନେଇ ଘୋଷଣା କରିସାରିଛୁ। ବିଶେଷ କରି ଟାଟା ଷ୍ଟିଲରେ ଅନୁଗୋଳ ଏନର୍ଜୀର ମିଶ୍ରଣ ନେଇ ନିକଟରେ ଘୋଷଣା କରାଯାଇଛି। ତେବେ ଉପରୋକ୍ତ ସମସ୍ତ କମ୍ପାନୀର ମିଶ୍ରଣ ନିୟାମକ ପ୍ରକ୍ରିୟା ଉପରେ ନିର୍ଭର କରୁଛି, ଯେଉଁଥିରେ ଏନ୍‌ସିଏଲ୍‌ଟିର ମଞ୍ଜୁରୀ ମଧ୍ୟ ସାମିଲ୍ ରହିଛି। ତେଣୁ ଉପରୋକ୍ତ କମ୍ପାନୀଗୁଡିକର ମିଶ୍ରଣ ଆସନ୍ତା ଆର୍ଥିକ ବର୍ଷରେ ସମାପ୍ତ ହେବା ନେଇ ଆକଳନ କରାଯାଉଛି ବୋଲି ନରେନ୍ଦ୍ରନ ମତପ୍ରକାଶ କରିଛନ୍ତି।

# ଅଏଲ୍ ଇଣ୍ଡିଆ ଲିମିଟେଡ୍‌ର ୩ୟ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୧୨।୨

ଦେଶର ପ୍ରମୁଖ କମ୍ପାନୀ ଅଏଲ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଏଥିରେ କୁହାଯାଇଛି, କମ୍ପାନୀ ଅକ୍ଟୋବର ରୁ ଡିସେମ୍ବର ଅବଧି ମଧ୍ୟରେ ୧,୭୪୬.୧୦ କୋଟି ଟଙ୍କା ନେଟ୍ ଲାଭ କରିଛି। ବିଶେଷ କରି ଚଳିତ ଆର୍ଥିକ ବର୍ଷରେ ୩ୟ ତ୍ରୈମାସିକରେ ତେଲ ଉତ୍ପାଦନ ଏବଂ ବିକ୍ରୟ ହେଉଥିବା ପ୍ରତ୍ୟେକ ବ୍ୟାରେଲ ଅଶୋଧିତ ତେଲ ପାଇଁ ୮୮.୩୩ ଡଲାର ଆୟ ହୋଇଛି। ଯାହାକି ପୂର୍ବବର୍ଷ ସମାନ ଅବଧି ତୁଳନାରେ ୭୮.୫୯ ଡଲାରକୁ ବୃଦ୍ଧି ପାଇଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ୦.୮୧ ମିଲିୟନ୍ ଟନ୍ ଅଶୋଧିତ ତେଲ ଉତ୍ପାଦନ ହୋଇଥିଲା। ଯାହାକି ବର୍ଷ ମଧ୍ୟରେ ୦.୭୫ ମିଲିୟନ୍ ଟନ୍ ରହିଥିଲା।

# ପାହାଳରେ ଉତ୍କଳ ବିଲ୍ଡର୍ସର 'ଉତ୍କଳ ଲେଭେଲ୍ସ' ଉନ୍ମୋଚିତ

ଭୁବନେଶ୍ୱର,୧୨।୨

ରାଜ୍ୟର ପ୍ରମୁଖ ରିୟଲ ଇଷ୍ଟେଟ୍ କମ୍ପାନୀ ଉତ୍କଳ ବିଲ୍ଡର୍ସର ନୂତନ ପ୍ରକଳ୍ପ 'ଉତ୍କଳ ଲେଭେଲ୍ସ' ରବିବାର ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଧ୍ୟକ୍ଷ ସୁବାସ ଭୁରା ଏବଂ ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ ପ୍ରମୁଖ ଉପସ୍ଥିତ ରହି ଉକ୍ତ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ମାଷ୍ଟରପିସ୍ ପ୍ରକଳ୍ପ ସ୍ଥାନୀୟ ପାହାଳ ଜଗନ୍ନାଥ ମନ୍ଦିର ବିପରୀତ ପାର୍ଶ୍ୱରେ ଅବସ୍ଥିତ । ଏଥିରେ ୨୧ମହଲା ବିଶିଷ୍ଟ ୩ଟି ଟାୱାର ଯଥା କ୍ରେଷ୍ଟ, କ୍ରାଉନ ଏବଂ ପିନାକଲ୍ ନାମରେ ନାମିତ ହୋଇଛି। ସେହିଭଳି ୧୧ଫୁଟର ଫ୍ଲୋର ଟୁ ଫ୍ଲୋର ହାଇଟ୍, ଆକର୍ଷକ ଡେକ୍, ଲାମିନେଟେଡ ଗ୍ଲାସ ରେଲିଂ ଦ୍ୱାରା ରାଜପଥ ଏବଂ ପ୍ରାକୃତିକ ପରିବେଶର ମଜା ନେବାରେ ବେଶ୍ ସହାୟକ ହେବ ବୋଲି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କହିଛନ୍ତି। ଉକ୍ତ ପ୍ରକଳ୍ପଟି ଏନ୍‌ଏଚ୍-୧୬



ଭୁବନେଶ୍ୱର-କଟକ ମଧ୍ୟ ପାହାଳ ଛକର ସର୍ଭିସ ରୋଡ ନିକଟରେ ଅବସ୍ଥିତ। ସେହିପରି ଉକ୍ତ ଆପାର୍ଟମେଣ୍ଟର ୩ପାର୍ଶ୍ୱ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ଏବଂ ପବନ ଚଳାଚଳର ଉନ୍ନତ ସୁବିଧା ଉପଲବ୍ଧ। ଅପରପକ୍ଷରେ ୨୦୫ ପରିବାର ବିଶିଷ୍ଟ ଏକ କମ୍ୟୁନିଟି ଏଠାରେ ବସବାସ କରିବେ। ଏପରିକି ୫୦ରୁ ଊର୍ଦ୍ଧ୍ୱ ଆକର୍ଷଣୀୟ ସୁବିଧା ଲୋକଙ୍କୁ ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଉକ୍ତ ପ୍ରକଳ୍ପ ଉନ୍ମୋଚନ କାର୍ଯ୍ୟକ୍ରମରେ ଉତ୍କଳ ଗ୍ରୁପର ପ୍ରତିଷ୍ଠାତା ଭଁୱରଲାଲ ବୈଦ ଏବଂ ପ୍ରକାଶ ଚନ୍ଦ୍ର ଭୁରା, ନିର୍ଦ୍ଦେଶକ ଅମିତ୍ ବୈଦ ଓ ରାକେଶ ଭୁରା ପ୍ରମୁଖ ଉପସ୍ଥିତ ଥିଲେ।

# ଫେବୃୟାରୀରେ ୯୭୦୦ କୋଟି ଶେୟାର ବିକ୍ରି

ନୂଆଦିଲ୍ଲୀ,୧୨।୨

ବିଗତ କିଛିଦିନ ହେବ ଭୌଗୋଳିକ କାରଣରୁ ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଲାଗି ରହିଛି, ଏପରି କି ଶେୟାର ବଜାରରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ଫଳରେ ଭାରତୀୟ ଶେୟାର ବଜାରରୁ କ୍ରମାଗତ ଭାବେ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସେହିଭଳି ଚଳିତବର୍ଷ ଫେବୃୟାରୀ ୨ୟ ସପ୍ତାହ ମଧ୍ୟରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ପ୍ରାୟ ୯୭୦୦ କୋଟି ଟଙ୍କାର ଶେୟାର ପ୍ରତ୍ୟାହାର କରିସାରିଛନ୍ତି। ଶେୟାର ବଜାରର ତଥ୍ୟ ଅନୁଯାୟୀ ୨୦୨୩ ଜାନୁୟାରୀରେ ମୋଟ ୨୮,୮୫୨ କୋଟିର ଏଫପିଆଇ ପ୍ରତ୍ୟାହାର ହୋଇଥିଲା। ଏପରି କି ଉକ୍ତ ପରିମାଣ ଗତ ୭ମାସରେ ସବୁଠୁ ଅଧିକ ପ୍ରତ୍ୟାହାର ଥିଲା। ସେହିଭଳି ୨୦୨୩ ଫେବୃୟାରୀ ୧ ରୁ ୧୦ ମଧ୍ୟରେ ଭାରତୀୟ ଶେୟାର ବଜାରରୁ ପ୍ରାୟ ୯,୬୭୨ କୋଟି ଟଙ୍କା ପ୍ରତ୍ୟାହାର ହୋଇଛି। ଯେତେବେଳେ କି ବିଦେଶୀ ନିବେଶକ ୨୦୨୨ ଡିସେମ୍ବରରେ ୧୧,୧୧୯ କୋଟି ଟଙ୍କା ଏବଂ ୨୦୨୨ ନଭେମ୍ବରରେ ୩୬, ୨୩୮ କୋଟି ଟଙ୍କାର ନିବେଶ ଭାରତୀୟ ବଜାର କରିଥିଲେ। ଏ ସମ୍ପର୍କରେ କୋଟକ୍ ସିକ୍ୟୁରିଟିଜ୍‌ର ମୁଖ୍ୟ ଶ୍ରୀକାନ୍ତ ଚୌହାନ କହିଛନ୍ତି, କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ସୁଧ ହାରରେ ବୃଦ୍ଧି ଜାରି ରଖିବା ଦ୍ୱାରା ଏଭଳି ହେଉଛି। ଏପରି କି ଆଗକୁ ମଧ୍ୟ ଏଫ୍‌ପିଆଇ ପ୍ରତ୍ୟାହାର ଜାରି ରହିବାର ଆଶଙ୍କା ରହିଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଭାରତୀୟ ବଜାରରୁ କଢ଼ାଯାଇଥିବା ପୁଞ୍ଜି ତାଇୱାନ, ଦକ୍ଷିଣ କୋରିଆ ଏବଂ ଜାପାନ ଭଳି ବଜାରରେ ଲଗାଯାଉଛି। ଚାଇନାରେ ଲକ୍‌ଡାଉନ୍ ହଟାଇବା ପରେ ପୁଣି ଥରେ ବିଦେଶୀ ନିବେଶକ ଆକର୍ଷିତ ହୋଇଛନ୍ତି। ଏପରି କି ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଅନ୍ୟ ବଜାର ତୁଳନାରେ ଭାରତୀୟ ଶେୟାର ମାର୍କେଟର ଉଚ୍ଚ ମୂଲ୍ୟାଙ୍କନକୁ ଦେଖି ବିଦେଶୀ ନିବେଶକମାନେ ଏହି ପ୍ରତ୍ୟାହାର କରୁଛନ୍ତି।

# 'ଡ୍ରିମ୍ ଡାଇମଣ୍ଡ୍ ଟୁର ଅଫ୍ ଓଡ଼ିଶା' ଉଦ୍‌ଯାପିତ

ଭୁବନେଶ୍ୱର,୧୨।୨

ରିଲାଏନ୍ସ ଜୁଏଲସ୍ ପକ୍ଷରୁ ନିକଟରେ ଆୟୋଜିତ ହୋଇଥିବା 'ଏଲିନାଙ୍କ ଡ୍ରିମ୍ ଡାଇମଣ୍ଡ୍ ଟୁର୍ ଅଫ୍ ଓଡ଼ିଶା' ରବିବାର ରାଉରକେଲାର ଚନ୍ଦ୍ରପୁର କଚେରି ରୋଡ୍‌ସ୍ଥିତ ଶୋ'ରୁମ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ବିଶେଷ କରି ଏହାର ପୃଷ୍ଠପୋଷାକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଏବଂ ଉତ୍ସାହକୁ ନେଇ ରିଲାଏନ୍ସ ଜୁଏଲସ୍ ଦୀର୍ଘ ୧୫ ବର୍ଷ ଧରି ତା'ର ଡିଜାଇନ ଉତ୍କର୍ଷ ଜରିଆରେ ବ୍ରାଣ୍ଡର ପୃଷ୍ଠପୋଷକମାନଙ୍କୁ ରୋମାଞ୍ଚିତ କରିବା ଜାରି ରଖିଛି। ଏହି ଟୁର୍ ଓଡ଼ିଶା ଏବଂ ଏହାର ପୃଷ୍ଠପୋଷକମାନଙ୍କ ସହ ବ୍ରାଣ୍ଡର ସମ୍ପର୍କକୁ ପାଳନ କରୁଛି। ଏପରି କି ଏଲିନାଙ୍କ ଡ୍ରିମ୍ ଡାଇମଣ୍ଡ୍ ଟୁର୍ ଅଫ୍ ଓଡ଼ିଶା ଜରିଆରେ ରିଲାଏନ୍ସ ଜୁଏଲ୍‌ସର ଆକର୍ଷଣୀୟ ହୀରା ଗହଣାକୁ ପରିଧାନ କରିବା ଏବଂ ଓଡ଼ିଶାର ଅତି ପରିଚିତ ଏଲିନା ସାମନ୍ତରାୟଙ୍କ ସହ ର୍‍ୟାମ୍ପରେ ଚାଲିବା ଓ ଓଡ଼ିଶାରେ ରିଲାଏନ୍ସ ଜୁଏଲ୍‌ସର ଥିବା ୫ ନିର୍ଦ୍ଦିଷ୍ଟ ଷ୍ଟୋରରେ




ଏଲିନାଙ୍କ ସହ ଭାବ ବିନିମୟ କରିବାର ଏକ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିଛି।

ଉଲ୍ଲେଖଯୋଗ୍ୟ, ୨୦୨୩ ଫେବୃୟାରୀ ୩ରେ ରିଲାଏନ୍ସ ଜୁଏଲସ୍‌ର ଚନ୍ଦ୍ରଶେଖରପୁର ଶୋ'ରୁମ୍‌ରେ ଏଲିନାଙ୍କ ଡ୍ରିମ୍ ଡାଇମଣ୍ଡ ଟୁର୍ ଅଫ୍ ଓଡ଼ିଶା ଆରମ୍ଭ ହୋଇଥିଲା। ଯେଉଁଠାରେ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପାଇଁ ଏଲିନା ଏବଂ ରିଲାଏନ୍ସ ଜୁଏଲ୍‌ସର ସିଇଓ ସୁନୀଲ ନାୟକ ଉପସ୍ଥିତ ଥିଲେ। ସମ୍ପର୍କରେ ରିଲାଏନ୍ସ ଜୁଏଲ୍‌ସର ସିଇଓ ସୁନୀଲ ନାୟକ କହିଛନ୍ତି, ଏକ ବଜାର ଭାବେ ଓଡ଼ିଶା ଆମର ଅତି ନିକଟତର ଏବଂ ଏଠାରେ ୧୨ସହରରେ ୧୭ଟି ଷ୍ଟୋର ରହିଛି। ଯାହା ହେଉଛି ଓଡ଼ିଶାରେ ଗହଣା ରିଟେଲରମାନଙ୍କ ମଧ୍ୟରେ ଅନ୍ୟତମ ସର୍ବବୃହତ ନେଟ୍‌ୱର୍କ। ବିପୁଳ ଭରସା, ବିଶ୍ୱସନୀୟତା ଏବଂ ପୃଷ୍ଠପୋଷକତା ଆଦି ଯାହା ଆମ ଉପରେ ବର୍ଷ ବର୍ଷ ଧରି ପ୍ରକଟ କରିଛନ୍ତି।

# 'ମେସି ଡାଇନାଷ୍ଟାର୍ ପ୍ରତିଯୋଗିତା ସିଜନ-୧'

ନୂଆଦିଲ୍ଲୀ,୧୨।୨

ଦେଶର ପ୍ରମୁଖ ଟ୍ରାକ୍ଟର ନିର୍ମାତା 'ଟାଫେ ଟ୍ରାକ୍ଟର୍ସ ଆଣ୍ଡ୍ ଫାର୍ମ ଇକ୍ୱିପ୍‌ମେଣ୍ଟ ଲିମିଟେଡ୍' ପକ୍ଷରୁ ଏକ ଅଭିନବ ପ୍ରତିଯୋଗିତା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି 'ମେସି ଡାଇନାଷ୍ଟାର୍ କଣ୍ଟେଷ୍ଟ-୨୦୨୩ ହାସଟ୍ୟାଗ ସବ୍‌ସେ ବଡ଼େ ଅଲ୍‌ରାଉଣ୍ଡର୍ କି ତଲାସ୍' ସିଜନ-୧ର ଶୁଭାରମ୍ଭ କରାଯାଇଛି। ଉକ୍ତ ପ୍ରତିଯୋଗିତାର ବିଜେତାଙ୍କୁ ୭.୫ ଲକ୍ଷ ଟଙ୍କା ମୂଲ୍ୟର ଏକ ମେସି ଫର୍‌ଗୁସନ ୨୪୧ ଡାଇନାଟ୍ରାକ୍ ଟ୍ରାକ୍ଟର ପ୍ରଦାନ କରାଯିବ। ଏହାବ୍ୟତୀତ ପ୍ରଥମ ୨ରନର୍ ଅପ୍‌ଙ୍କୁ ୮ଗ୍ରାମ୍‌ର ଗୋଲ୍ଡ କଏନ୍ ସହ ଶୀର୍ଷ ୨୦ ମନୋନୀତ ଅଂଶଗ୍ରହଣକାରୀଙ୍କୁ ୫୦୦୦ ଟଙ୍କା ମୂଲ୍ୟର ଗିଫ୍ଟ ହାମ୍ପର ପ୍ରଦାନ କରାଯିବ ବୋଲି ଟାଫେ ପକ୍ଷରୁ କୁହାଯାଇଛି। ସେହିଭଳି ପ୍ରଥମ ୧୦୦ଜଣ ବୈଧ ପ୍ରାରମ୍ଭିକ ପ୍ରତିଯୋଗୀଙ୍କୁ ୫୦୦ଟଙ୍କା ମୂଲ୍ୟର ଗିଫ୍ଟ ଭାଉଚର ଏବଂ ପ୍ରତିଯୋଗିତା ଉପରେ ୩ଟି ସର୍ବୋତ୍ତମ ସୋସିଆଲ ମିଡିଆ ପୋଷ୍ଟକୁ ୨୦୦୦ଟଙ୍କା ମୂଲ୍ୟର ଗିଫ୍ଟ ଭାଉଚର ମିଳିବ। ଉକ୍ତ ପ୍ରତିଯୋଗିତାରେ ସମସ୍ତ ଭାରତୀୟ ନାଗରିକ (୧୮ବର୍ଷରୁ ଊର୍ଦ୍ଧ୍ୱ)ଙ୍କ ପାଇଁ ବିନା କୌଣସି ପ୍ରବେଶ ଶୁଳ୍କରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ଏହାର ଅଂଶଗ୍ରହଣକାରୀମାନେ କମ୍ପାନୀର ୱେବ୍‌ସାଇଟ୍ ଭିଜିଟ୍ କରି ନିଜର କଣ୍ଟେଷ୍ଟ ଏଣ୍ଟ୍ରିକୁ ଅପ୍‌ଲୋଡ କରିପାରିବେ। ଏପରିକି ଉକ୍ତ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ୨୦୨୩ ଫେବୃୟାରୀ ୨୭ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରତିଯୋଗୀଙ୍କୁ ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରିବାକୁ ହେବ। ଅପରପକ୍ଷରେ ଏମ୍‌ଏଫ୍ ଡାଇନାଟ୍ରାକ୍ ଟ୍ରାକ୍ଟର ସମ୍ପର୍କରେ ୪ଟି ସରଳ ପ୍ରଶ୍ନ ଥିବା ଏକ ସହଜ କୁଇଜ୍‌ର ଉତ୍ତର ଦେବାକୁ ହେବ। କୁଇଜ୍‌କୁ ସଫଳତାର ସହ ଶେଷ କରିବା ପରେ ନିଜ ସମ୍ପର୍କିତ ମୌଳିକ ସୂଚନା ଓ ନିଜର କଣ୍ଟେଷ୍ଟ ଏଣ୍ଟ୍ରିକୁ ଭିଡିଓ କିମ୍ବା ଟେକ୍ସଟ୍ ଫର୍ମାଟ୍‌ରେ ଦାଖଲ କରିବାକୁ ହେବ। ପରିଶେଷରେ ଫାଇନାଲିଷ୍ଟ ଓ ବିଜେତାଙ୍କ ନାମ ଅଫିସିଆଲ ମେସି ଫର୍‌ଗୁସନ ଇଣ୍ଡିଆ ଓ ଟାଫେ ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ।

## ଫୁର୍‌ସତ୍

# ରାତିରେ ଜଳୁଥିବା ଛତୁ

ପୃଥିବୀରେ ଅନେକ ପ୍ରକାରର ଛତୁ ରହିଛି। କାହାର ରଙ୍ଗ ଧଳା କିମ୍ବା ଧୂସର ହୋଇଥିବା ବେଳେ ଆଉ କେତେକ ରଙ୍ଗିନ ଏବଂ ଖୁବ ସୁନ୍ଦର। ତା' ଭିତରୁ କେତେକ ଛତୁକୁ ଆମେ ଖାଉଥିବା ବେଳେ ଆଉ କେତେକ ବିଷାକ୍ତ ହୋଇଥିବାରୁ ଖାଦ୍ୟ ଭାବେ ଗ୍ରହଣ କରାଯାଇ ନ ଥାଏ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏମିତି କେତେକ ଛତୁ ପ୍ରଜାତି ରହିଛି ; ଯାହାକି ଅନ୍ଧାର ରାତିରେ ଜଳିଥାଏ, ଯାହାକି ଦେଖିବାକୁ ଅତ୍ୟନ୍ତ ମନୋରମ। ଗୋଆରେ ଥିବା ମାଡ଼େଇ ଅଭୟାରଣ୍ୟ ବା ମୋଲେମ ନ୍ୟାଶନାଲ ପାର୍କରେ ଦେଖାଯାଏ ରାତିରେ ଆଲୋକ ପ୍ରଦାନ କରୁଥିବା ଏହି ଦୁର୍ଲଭ ପ୍ରଜାତିର ଛତୁ। ଏହାକୁ ଜୈବ ବିଶେଷଜ୍ଞମାନେ



ମାସେନ ଜେନସ ଭାବେ ନାମକରଣ କରିଛନ୍ତି। ତେବେ ଏହା ରାତିରେ ଜଳିବାର କାରଣ ହେଉଛି ଏଥିରେ ଥିବା ବାୟୋ ଲୁମିନିସେଣ୍ଟ ନାମକ ଉପାଦାନ, ଯାହାକି ଜୁଲୁଜୁଳିଆ ପୋକ ଦେହରେ ମଧ୍ୟ ରହିଛି। ବର୍ଷାଦିନେ ହେଉଥିବା ଏହି ଛତୁ ଦିନରେ ଅନ୍ୟ ସାଧାରଣ ଛତୁ ଭଳି ଦେଖାଯାଉଥିବା ବେଳେ ଅନ୍ଧାର ରାତିରେ ସେଥିରୁ ହାଲୁକା ନୀଳ, ବାଇଗଣୀ କିମ୍ବା ହଳଦିଆ ରଙ୍ଗର ଆଲୋକ ବାହାରିଥାଏ। ବର୍ତ୍ତମାନ ସୁଦ୍ଧା ସମଗ୍ର ପୃଥିବୀରେ ପ୍ରାୟ ୮୦ ପ୍ରଜାତିର ବାୟୋ ଲୁମିନେସେଣ୍ଟ ଛତୁ ଠାବ କରାଯାଇଛି। ତେବେ ଏହା ମଧ୍ୟରୁ ଉତ୍ତର ଆମେରିକା ଏବଂ ଏସିଆର କେତେକ ସ୍ଥାନରେ ଦେଖାଦେଉଥିବା ଆର୍ମିଲାରିଆ ମିଲିଆ ନାମକ ଛତୁ ଅଧିକ ଜଣାଶୁଣା। ସେହିପରି ବ୍ରାଜିଲ୍‌ରେ ମିଳୁଥିବା ମାଇସିନା ଲକ୍ସାଏଟର୍ନା ବା ଏଟର୍ନାଲ ଲାଇଟ ମଶରୁମ୍‌ରେ ମଧ୍ୟ ରାତିରେ ଖୁବ ସୁନ୍ଦର ଆଲୋକ ଦେଖାଯାଏ।

# ଟେକ ରଖିଲେ ମାଧବନଙ୍କ ପୁଅ

**ମୁମ୍ବାଇ:** ବଲିଉଡ ଅଭିନେତା ଆର. ମାଧବନଙ୍କ ପୁଅ ବାପାଙ୍କ ଟେକ ରଖିଛନ୍ତି। ତାଙ୍କ ପୁଅ ବେଦାନ୍ତ ମଧ୍ୟପ୍ରଦେଶର ଖେଲୋ ଇଣ୍ଡିଆ ୨୦୨୨ ଅଧୀନରେ ସନ୍ତରଣରେ ୫ଟି ସ୍ୱର୍ଣ୍ଣ ପଦକ ଏବଂ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି। ଆର୍. ମାଧବନ ଏହି ସୂଚନା ଟୁଇଟର୍ ଜରିଆରେ ଦେଇଛନ୍ତି। ପ୍ରଶଂସକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କ ପୁଅ ବିଷୟରେ ଏକ ହୃଦୟସ୍ପର୍ଶୀ ନୋଟ୍ ଲେଖିଛନ୍ତି। ସେ ଲେଖିଛନ୍ତି - ୫ଟିସ୍ୱର୍ଣ୍ଣ, ୨ଟିରୌପ୍ୟ, ବେଦାନ୍ତ ମାଧବନଙ୍କ ପ୍ରଦର୍ଶନ ଦ୍ୱାରା ଅତ୍ୟଧିକ କୃତଜ୍ଞ। ବଲିଉଡ କଳାକାରଙ୍କ ସମେତ ମାଧବନଙ୍କ ପ୍ରଶଂସକମାନେ ବେଦାନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।


ଆର୍. ମାଧବନ

# ବେଆଇନ ଜମି ଦଖଲ: ବଜରଙ୍ଗବାଲୀଙ୍କୁ ନୋଟିସ୍



**ଭୋପାଳ:** ମଧ୍ୟପ୍ରଦେଶର ମୋରେନାରେ ରେଳ ବିଭାଗର ଜମି ଦଖଲକୁ ନେଇ ମନ୍ଦିରରେ ରଖାଯାଇଥିବା ପ୍ରଭୁ ବଜରଙ୍ଗବାଲୀଙ୍କୁ ବିଭାଗ ନୋଟିସ ଜାରି କରିଛି। ଏହି ବିଜ୍ଞପ୍ତିରେ ରେଳବାଇ ବଜରଙ୍ଗବାଲୀଙ୍କୁ ୭ ଦିନ ମଧ୍ୟରେ ଜବରଦଖଲ ହଟାଇବାକୁ କହିଛି। ଏହା ସହିତ ଚେତାବନୀ ଦିଆଯାଇଛି, ଯଦି ଜବର ଦଖଲ ହଟା ନ ଯାଏ, ତେବେ ରେଳବାଇ ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଏବଂ ବଜରଙ୍ଗବାଲୀଙ୍କୁ ଜେସିବି ଇତ୍ୟାଦି ଖର୍ଚ୍ଚ ପୈଠ କରିବାକୁ ପଡିବ। ଗ୍ୱାଲିୟର-ଶ୍ୟୋପୁର ବ୍ରଡ୍ ଗଜ୍ ଲାଇନର କାର୍ଯ୍ୟ ଚାଲିଛି ଏବଂ ମୋରେନା ଜିଲାର ସାବଲଗଡ ତହସିଲର ବ୍ରଡ ଗଜ୍ ଲାଇନ ମଧ୍ୟରେ ହନୁମାନଜୀଙ୍କର ଏକ ମନ୍ଦିର ଆସୁଛି। ଏହି ମନ୍ଦିର ରେଳବାଇ ଜମିରେ ନିର୍ମିତ। ସେଥିପାଇଁ ରେଳ ବିଭାଗ ପକ୍ଷରୁ ଭଗବାନ ହନୁମାନଙ୍କୁ ଏହି ଅଜବ ନୋଟିସ ଜାରି କରାଯାଇଛି। ଏହି ବିଜ୍ଞପ୍ତିରେ ରେଳ ବିଭାଗ ହନୁମାନ ଜୀଙ୍କୁ ଚିଠି ଲେଖିଛି ଯେ ଆପଣ ଘର ନିର୍ମାଣ କରି ରେଳବାଇ ଜମି ଜବର ଦଖଲ କରିଛନ୍ତି। ସୋସିଆଲ ମିଡିଆରେ ରେଳବାଇର ନୋଟିସ ଭାଇରାଲ ହେବାରେ ଲାଗିଛି। ବିଜ୍ଞପ୍ତିର ସାତ ଦିନ ମଧ୍ୟରେ ରେଳବାଇ ଜମିରେ ହୋଇଥିବା ଅତିକ୍ରମଣ ହଟାନ୍ତୁ ଏବଂ ରେଳବାଇ ଜମି ଖାଲି କରନ୍ତୁ। ବଜରଙ୍ଗବାଲୀଙ୍କୁ ଦିଆଯାଇଥିବା ଏହି ବିଜ୍ଞପ୍ତିର ଏକ ନକଲ ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର ଗ୍ୱାଲିୟର ଏବଂ ଜିଆରପି ଷ୍ଟେଶନ ଦାୟିତ୍ୱରେ ଥିବା ଥାନା ଅଧିକାରୀଙ୍କ ପାଖକୁ ମଧ୍ୟ ପଠାଯାଇଛି। ୮ ଫେବୃଆରୀରେ ସାବଲଗଡରେ ଅବସ୍ଥିତ ବଜରଙ୍ଗବାଲୀଙ୍କ ନାମରେ ଝାନି ରେଳ ବିଭାଗର ସିନିୟର ସେକ୍ସନ ଇଞ୍ଜିନିୟର ଜୌରା ଆଲାପୁରଙ୍କ ତରଫରୁ ରେଳବାଇ ନୋଟିସ ଜାରି କରାଯାଇଛି। ଝାନ୍ସୀ ରେଳ ବିଭାଗର ଜନସମ୍ପର୍କ ଅଧିକାରୀ ମନୋଜ ମାଥୁର ଏହାକୁ ପ୍ରଥମେ ରେଳବାଇର ଏକ ସାଧାରଣ ପ୍ରକ୍ରିୟା ବୋଲି କହିଥିଲେ। ଏଥି ସହିତ, ପରେ କହିଥିଲେ ଯେ ଏହି ନୋଟିସ ସମ୍ପୂର୍ଣ୍ଣ ଠିକ ଅଟେ। ଏଥି ସହ ସେ କହିଛନ୍ତି ଯେ ଭୁଲରେ ଭଗବାନ ବଜରଙ୍ଗବାଲୀଙ୍କ ନାମ ମନ୍ଦିରର ମାଲିକଙ୍କ ବଦଳରେ ନୋଟିସରେ ଲେଖାଯାଇଛି, ଏହାକୁ ସଂଶୋଧନ କରାଯାଉଛି।

# ଜାପାନରେ ଦ୍ୱୀପ କିଣିଥିବା ଦାବିକଲେ ଚାଇନା ମହିଳା



**ବେଜିଂ:** ଜାପାନ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଚାଇନାର ଜଣେ ମହିଳା ଜାପାନର ଓକିନାୱା ପ୍ରଦେଶରେ ଏକ ଦ୍ୱୀପ କିଣିଥିବା ଦାବି କରିଛନ୍ତି। ମହିଳାଙ୍କ ପରିଚୟ ପ୍ରକାଶ କରାଯାଇ ନାହିଁ । ଏହି ଦ୍ୱୀପଟି ଓକିନାୱା ପ୍ରିଫେକ୍ଚରର ଉତ୍ତରରେ ଅବସ୍ଥିତ ଏବଂ ଏହାର ଏକ ଅଂଶର ମାଲିକ ଟୋକିଓ ସ୍ଥିତ ଏକ ପରାମର୍ଶଦାତା ସଂସ୍ଥା। ମହିଳା ଦାବି କରିଛନ୍ତି ଯେ ଏହି ଫାର୍ମ ତାଙ୍କର ଜଣେ ସମ୍ପର୍କୀୟଙ୍କ କମ୍ପାନୀ । ମିଡିଆ ରିପୋର୍ଟ ଅନୁଯାୟୀ, ଚିନି ବ୍ୟବସାୟରେ ଏହି ଫାର୍ମ ବିଶେଷଜ୍ଞ। ଓକିନାୱା ଜିଲାର ଇଗେନା ଗାଁରେ ଏହି ଫାର୍ମର କାର୍ଯ୍ୟାଳୟ ଅଛି। ଫାର୍ମର କାର୍ଯ୍ୟାଳୟ ଅନୁଯାୟୀ ଏହା ଦ୍ୱୀପର ସମୁଦାୟ ଜମିର ପ୍ରାୟ ୫୦ ପ୍ରତିଶତ ମାଲିକ। ରିପୋର୍ଟରେ ଦର୍ଶାଯାଇଛି ଯେ ଏହାର ବେଳାଭୂମି ପ୍ରାୟତଃ ସ୍ଥାନୀୟ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଏହି ଦ୍ୱୀପ ବିଷୟରେ ସୋସିଆଲ ମିଡିଆରେ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଛି। ଭିଡିଓଟି ସେହି ସମାନ ମହିଳାଙ୍କ ଦ୍ୱାରା ଶେୟାର କରାଯାଇଥିଲା ଯେଉଁଥିରେ ସେ ୟାନାହା ଦ୍ୱୀପରେ ଦେଖାଯାଆନ୍ତି। ରିପୋର୍ଟରେ କୁହାଯାଇଛି ଯେ ମହିଳା ସେଠାରେ କିଛି ଘଣ୍ଟା ରହି ସ୍ଥାନୀୟ ଅଞ୍ଚଳର ଫଟୋଗ୍ରାଫ ଏବଂ ଫୁଟେଜ ନେଇଥିଲେ। ଏହି ଭିଡିଓରେ ପରାମର୍ଶଦାତା ସଂସ୍ଥାକୁ ଦିଆଯାଇଥିବା ଏକ ଡକ୍ୟୁମେଣ୍ଟ ମଧ୍ୟ ଦର୍ଶାଯାଇଛି, ଯାହା ଏହାର ୱେବସାଇଟରେ ୟାନାହା ଦ୍ୱୀପ ହାସଲ କରିଛି ବୋଲି ଦାବି କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିମରଜିତ ଜିତିଲେ ଗୋଲ୍ଡେନ ଟ୍ରାଙ୍ଗଲ ସାଇକ୍ଲିଂ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୧୨।୨**
**(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବ ଆନୁକୂଲ୍ୟରେ ଗୋଲ୍ଡେନ ଟ୍ରାଙ୍ଗ୍‌ଲ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୫ମ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପଞ୍ଜାବର ସିମରଜିତ ସିଂ ୨:୫୪:୧୯ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେହି ପଞ୍ଜାବର ସରପ୍ରୀତ ସିଂ (୩:୦୫:୫୪) ଦ୍ୱିତୀୟ ଏବଂ ରାଉରକେଲାର ରୋହିତ ହେମ୍ବ୍ରମ (୩:୦୫:୫୫) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚାମ୍ପିୟନ ସିମ୍‌ଜିତଙ୍କୁ ପୁରସ୍କାର ଆକାରରେ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସରପ୍ରୀତ ଓ ରୋହିତଙ୍କୁ ଯଥାକ୍ରମେ ୫୦,୦୦୦ ଓ ୨୫,୦୦୦ ଟଙ୍କା ପୁରସ୍କାର ଆକାରରେ ଦିଆ ଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସାକ୍ଷାତ ପାତ୍ର, ଆର. ହିତଙ୍କର ଦାସ, ଅନିଲ ମଲିକ, ମନଦୀପ କୁମାର, ରୋହିତ ସାମଲ, ସୌମିକ ପୋହି ଓ ପର୍ଶୁରାମ ଚୌଧାରୀ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହାବ୍ୟତୀତ ସମସ୍ତ ଫିନିଶରଙ୍କୁ ପଦକ ଓ ପ୍ରମାଣପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଧଉଳିସ୍ଥିତ ଅଶୋକ ସ୍ତମ୍ଭ ନିକଟରୁ ସକାଳ ୬ଟା ୩୦ରେ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସର୍କଲ ମୁଖ୍ୟ ଅନନ୍ତ ପଟ୍ଟନାୟକ ରେସ୍‌ର ଶୁଭାରମ୍ଭ କରିଥିଲେ। ଧଉଳିରୁ ପିପିଲି, ମାଳତୀପାଟପୁର, ବାଟଗାଁ, ମଙ୍ଗଳାଘାଟ ଏବଂ ପୁରୀ ମେରାଇନ୍ ଡ୍ରାଇଭ୍ ଦେଇ ସମାନ ରାସ୍ତାରେ ପୁଣି ଧଉଳି ନିକଟକୁ ଫେରିଥିଲା। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ପଞ୍ଜାବ, ହରିୟାଣା, ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ବିହାର, ମହାରାଷ୍ଟ୍ର ଆଦି ୯ ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ସାଇକ୍ଲିଷ୍ଟ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ମୋଟ ୧୧୪ କିଲୋମିଟର ବିଶିଷ୍ଟ ହୋଇଥିଲା। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପ୍ରତିଯୋଗିତାର ମୁଖ୍ୟ ପ୍ରାୟୋଜକ ରହିଥିଲା। ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସର୍କଲ ମୁଖ୍ୟ ଅନନ୍ତ ପଟ୍ଟନାୟକ ଏବଂ ଅର୍ଜୁନ ପୁରସ୍କାରପ୍ରାପ୍ତ ସାଇକ୍ଲିଷ୍ଟ ମୀନତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର କ୍ଲବର ସଦସ୍ୟ ଅଜୟ କୁମାର ନନ୍ଦ ଓ ସନ୍ତୋଷ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା।



ଗୋଲ୍ଡେନ ଟ୍ରାଙ୍ଗଲ ସାଇକ୍ଲିଂ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।


BADRIPRASAD
Institute of Medical Science
Approved by Odisha Nurses & Midwives Registration Council under DMET, Govt. of Odisha
B.Sc Nursing
Now at Sambalpur
In campus
Hostel Facility
Available
For Admission Contact-
At- Debaipali, Majhipali Chowk, PO-Sason, Dist-Sambalpur
Call:9937380097,9853435210,9238400140,8908119285

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
9178722970, 8018240892
7894447167, 9338226625

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

ଫାଇନାନ୍ସ
ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଇ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା
Mob:7653803952
WP-7656825035


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାକିସ୍ତାନକୁ ହରାଇଲା ଭାରତ

**ଆଇସିସି ମହିଳା ଟି୨୦ ବିଶ୍ୱକପ**
**ଜେମିମା ରୋଡ୍ରିଗ୍ସେଜ ପ୍ଲେୟର ଅଫ୍ ଦି ମ୍ୟାଚ**

**କେପ୍ ଟାଉନ, ୧୨।୨**

ଚଳିତ ଆଇସିସି ମହିଳା ଟି୨୦ କ୍ରିକେଟ ବିଶ୍ୱକପରେ ଭାରତ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଭାରତୀୟ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ପାକିସ୍ତାନକୁ ୭ ଉଇକେଟରେ ହରାଇ ଦେଇଛି। ପାକିସ୍ତାନ ୨୦ ଓଭରରେ ୪ ଉଇକେଟ ହରାଇ ୧୪୯ ରନ କରିଥିବାବେଳେ ଭାରତ ୧୯ ଓଭରରେ ୩ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା। ଅର୍ଦ୍ଧଶତକ ହାସଲକାରୀ ଭାରତର ଜେମିମା ରୋଡ୍ରିଗ୍ସେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଅଧିନାୟିକା ବିସ୍‌ମା ମାରୁଫଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ସମ୍ମାନଜନକ ସ୍କୋର କରି ପାରିଥିଲା। ବିସ୍‌ମା ୫୫ ବଲ୍‌ରୁ ୭ ଚୌକା ସହାୟତାରେ ୬୮ ରନକରି ଅପରାଜିତ ରହିଥିଲେ। ଆୟେଶା ନସିମ ୨୫ ବଲ୍‌ରୁ ୪୩ (୨ ଚୌକା, ୨ ଛକା) ରନରେ ଅପରାଜିତ ଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ରାଧା ଯାଦବ ୨ଟି ଏବଂ ଦୀପ୍ତି ଶର୍ମା ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୫୦ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତ ୩୮ ରନରେ ପ୍ରଥମ ଉଇକେଟ ହରାଇଥିଲେ ହେଁ ପରବର୍ତ୍ତୀ ବ୍ୟାଟରଙ୍କ ଉପଯୋଗୀ ଅବଦାନ ଯୋଗୁ ସହଜରେ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲା। ରୋଡ୍ରିଗ୍ସେଜ ୩୮ ବଲ୍‌ରୁ ୫୩ (୮ ଚୌକା) ଏବଂ ରିଚା ଘୋଷ ୨୦ ବଲ୍‌ରୁ ୩୧ (୫ ଚୌକା) ରନରେ ଅପରାଜିତ ରହି ଦଳକୁ ଗୋଟିଏ ଓଭର ପୂର୍ବରୁ ବିଜୟୀ କରିଥିଲେ। ଶେଫାଳି ବର୍ମା ୩୩ ରନ କରିଥିଲେ। ପାକିସ୍ତାନ ପକ୍ଷରୁ ନଶ୍ରା ସାନ୍ଧୁ ୨ଟି ଓ ସାଦିଆ ଇକବାଲ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୪୯/୪ (ବିସ୍‌ମା ମାରୁଫ-୬୮*, ଆୟେଶା ନସିମ-୪୩*, ରାଧା ଯାଦବ-୨/୨୧, ଦୀପ୍ତି ଶର୍ମା-୧/୩୯, ପୂଜା ବସ୍ତ୍ରକାର-୧/୩୦)। ଭାରତ ୧୯ ଓଭରରେ ୧୫୧/୩ (ଜେମିମା ରୋଡ୍ରିଗ୍ସେଜ-୫୩*, ରିଚା ଘୋଷ-୩୧*, ନଶ୍ରା ସାନ୍ଧୁ-୨/୧୫, ସାଦିଆ ଇକବାଲ-୧/୨୫)।


ବିଜୟସୂଚକ ରନ ସ୍କୋର କରିବା ପରେ ଜେମିମା ରୋଡ୍ରିଗ୍ସେଜ।


Classified Everyday
0674-2580101, 2549949


REAL ESTATE
SALE

Bhubanesware Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186. D-74638

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

Sum Hospitalରୁ 4.5 k.m. ଘଙ୍ଗାପାଟଣାରେ ଏବଂ ଖଣ୍ଡିଗିରିରୁ 14 k.m. ମଧ୍ୟରେ NH-16 ପିତାପଲ୍ଲୀଠାରେ ରୋଡ୍, ଇଲେକ୍ଟ୍ରି ସହ ସ୍ଥିତିବାନ ପ୍ଲଟ୍ ମିଳୁଛି। 9938228797. D-74811

New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73683

Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390. D-74812

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195




For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615




Asribadda Panchakarma herbal SPA, Kesarimall, Bhubaneswar. Contact: 8926173473. D-74634

Newly open health benefits SPA special offer @999 Nayapalli. 7846814019. D-73682

Newly open full body massage ladies and gents. 9861883292, 8093860513. D-74637

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Relax, Refresh your Body, Mind at Saikrupa Spa with best therapies. 8984068077. D-2744

Full body massage, refresh, relaxed by expert lady therapist. Contact: 8480939300. D-2644


BUSINESS

Solar Light / Solar Water Pumpର Contractor / Liaison Agent କାମ ପାଇଁ ବ୍ଲକ୍ / ପଞ୍ଚାୟତ ସ୍ତରରେ ଯୋଗାଯୋଗ କରନ୍ତୁ। 7328077336. D-73681

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**


ଂସ୍ୱର୍ଣ୍ଣଲତା ଦାଶ
(ଅତାମେଳା, ଜଗତ୍‌ସିଂହପୁର)
ଆବିର୍ଭାବ: ୦୩।୦୩।୧୯୩୮
ତିରୋଧାନ: ୦୨।୦୨।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆଦର୍ଶ ଓ ତ୍ୟାଗ ଆମମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା।
ଶୋକ ସନ୍ତପ୍ତ ପୁତ୍ର: ପିଉଷବିନ୍ଦୁ, ଗଗନେନ୍ଦୁ, ତୁଷାରବିନ୍ଦୁ ଓ ଲୋତୋକବିନ୍ଦୁ, ବୋହୂ: ବୈଜୟନ୍ତୀ, ସାରଦା, ଶେଫାଳି ଓ ସସ୍ମିତା, ଝିଅ: ଦୁର୍ଗେଶନନ୍ଦିନୀ ଓ ବିରଜା ନନ୍ଦିନୀ, ଜ୍ୱାଇଁ: ଚିତ୍ତରଞ୍ଜନ ଓ ଦୋଳଗୋବିନ୍ଦ ଏବଂ ନାତି ଓ ନାତୁଣୀ: ଲାଲୁ, ବବ୍‌ଲୁ, ଡୁଡ୍‌ଲୁ, ଚିକୁଲୁ, ସୋନୁ, ଲିକୁନ, ମାମୁନି, ମିତାଲି, ରିତାଲି ଓ ସୁମନା
ଧ-୨୭୪୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**


ଂବନଲତା ଦେବୀ
ଡୁମୁଡୁମା, ଭୁବନେଶ୍ୱର
ଆବିର୍ଭାବ: ୦୭।୧୨।୧୯୩୭
ତିରୋଧାନ: ୨୪।୦୨।୨୦୨୨
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ ଓ ଝିଅ: ଟିମା, ଉମା, ଭୂଷଣ, ଡଳି, ବାବୁଲା, ଲିଲି, କାବୁ, ନାତି ଓ ନାତୁଣୀ: ମାମା, ଟିଟି, ରୁବୁ, ଲାଲା, ସୋମୁ, ସୋନୁ, କାହ୍ନା ଓ ବୋହୂମାନେ।
ଧ-୨୭୪୬

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**


ସ୍ୱର୍ଗତ ବାଇଧର ସାହୁ
ଆବିର୍ଭାବ: ୨୨।୦୪।୧୯୩୬
ତିରୋଧାନ: ୧୩।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୭୩୭୪୮

**୧୯ତମ ଶ୍ରାଦ୍ଧଦିବସ ଉପଲକ୍ଷେ**


ଂଶ୍ରୀ ଗଙ୍ଗାଧର ସାମନ୍ତରାୟ
ବକୁଗ୍ରାମ, ବଳଙ୍ଗା, ପୁରୀ
ତିରୋଧାନ: ୧୩।୦୨।୨୦୦୪
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଏବଂ ସେବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୨୭୪୭


# ଶୁଆଙ୍ଗ କ୍ରିକେଟ କ୍ଲବ ଚାମ୍ପିୟନ

**ଜଗବନ୍ଧୁ ସ୍ମାରକୀ କ୍ରିକେଟ**

**ପୁରୁଣା ଭୁବନେଶ୍ୱର, ୧୨।୨ (ଡି.ଏନ.ଏ.)**

ବାଙ୍କୁଆଳ ହାଇସ୍କୁଲ ପଡିଆରେ ୮ ଦିନ ଧରି ଚାଲିଥିବା ୧୨ତମ ଜଗବନ୍ଧୁ ସ୍ୱାଇଁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଶୁଆଙ୍ଗ କ୍ରିକେଟ କ୍ଲବ, ଭୁବନେଶ୍ୱର ଓ ମା' ଭଗବତୀ କ୍ରିକେଟ କ୍ଲବ, ବାଙ୍କୁଆଳ ମଧ୍ୟରେ ହୋଇଥିଲା। ଏଥିରେ ବାଙ୍କୁଆଳ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୯ ରନ କରିଥିଲା। ଜବାବରେ ଶୁଆଙ୍ଗ ଦଳ ୧୯ ଓଭରରେ ୭ ଉଇକେଟ ବିନିମୟରେ ୧୮୦ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜଗବନ୍ଧୁ ସ୍ୱାଇଁ ୬୦ ଓ ସୂର୍ଯ୍ୟକାନ୍ତ ବଡ଼ଜେନା ୪୮ ରନ କରିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ଯାତ୍ରା ସ୍ୱର୍ଣ୍ଣମହଲ ପ୍ରଯୋଜକ କବିରାଜ ସ୍ୱାଇଁ, ଭୁବନେଶ୍ୱର ଜୋନ୍ -୪ ଏସିପି ଶୁଭ ନାରାୟଣ ମୁଦୁଲି, ବଡ଼ଗଡ଼ ଥାନା ଆଇଆଇସି ତୃପ୍ତିରଞ୍ଜନ ନାୟକ, ଭୁବନେଶ୍ୱର ବାର ଆସୋସିଏଶନ ସମ୍ପାଦକ ରାଜ କିଶୋର ଦାସ, ସମାଜିକକର୍ମୀ କ୍ଷୀରୋଦ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ପଣ୍ଡା, ସୂର୍ଯ୍ୟରଞ୍ଜନ ଜେନା, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଶୁଆଙ୍ଗ କ୍ରିକେଟ ଦଳ ଅତିଥିଙ୍କ ସହ।

# କବିର ହଂସଙ୍କୁ ଡବଲ ଟାଇଟଲ

**ଉତ୍କଳ ଓପନ ଟେନିସ**

**ଭୁବନେଶ୍ୱର, ୧୨।୨**
**(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟରେ କବିର ହଂସ ଡବଲ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ସେ ଆଦିତ୍ୟ ଶତପଥୀଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି କବିର ଓ ଶିମନ ଶାସ୍ତ୍ରୀଙ୍କ ଯୋଡ଼ି ଡବଲ୍ସ ଫାଇନାଲରେ ଆଦିତ୍ୟ ଶତପଥୀ ଓ ସତୀର୍ଥ ପଟ୍ଟନାୟକଙ୍କୁ ୬-୦, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ପ୍ରଥମଥରପାଇଁ ସାମିଲ ହୋଇଥିବା ୧୨ ବର୍ଷରୁ କମ୍ ବାଳକ ବିଭାଗ ଫାଇନାଲରେ ସୂର୍ଯ୍ୟପ୍ରତାପ ନାଏକ ୬-୦, ୬-୧ ସେଟ୍‌ରେ ସୂର୍ଯ୍ୟ ଦାସଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ସାଇ ସ୍ୱସ୍ତିକ ମହାନ୍ତି ୬-୩, ୫-୭ (୧୦/୨) ସେଟ୍‌ରେ ଆଦିତ୍ୟ ବିକ୍ରମ ଆଚାର୍ଯ୍ୟଙ୍କୁ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ବାଳିକା ଫାଇନାଲରେ ଆହାନ ୬-୨, ୬-୧ ସେଟ୍‌ରେ କ୍ରିଷ୍ଟା ରାଜଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପାଖାପାଖି ୨୫୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସିନିୟର ଆଇଏଫ୍‌ଏସ୍ ଅଫିସର ଦେବୀଦତ୍ତ ବିଶ୍ୱାଳ, ଉତ୍କଳ ବିଲ୍ଡର୍ସର ପ୍ରତିଷ୍ଠାତା ଭନୱାରଲାଲ ବୈଦ ପ୍ରମୁଖ ଉପସ୍ଥିତ ଥିଲେ।

# ଧୂମକେତୁ ଓ ଲଞ୍ଜାତାରା



ନିକୁଞ୍ଜ ବିହାରୀ ସାହୁ

''ପ୍ରଚଣ୍ଡ ସୂର୍ଯ୍ୟତାପଜନିତ ପ୍ରକ୍ରିୟାସବୁ ବହୁଗୁଣିତ ହୋଇଯାଏ। ଏ ପର୍ଯ୍ୟନ୍ତ ଶାନ୍ତ ଓ ସୁପ୍ତ ଥିବା ପିଣ୍ଡଟି ଅକସ୍ମାତ ଅଥୟ ଓ ଅସ୍ଥିର ହୋଇଉଠେ। ଏହାର ସମସ୍ତ ଦିଗରୁ ନିରବଚ୍ଛିନ ଶକ୍ତିଶାଳୀ ଉଦ୍‌ଗୀରଣମାନ ନିର୍ଗତ ହୋଇ ଚତୁଃପାର୍ଶ୍ୱରେ ଧୂଳି ଓ ଗ୍ୟାସର ପ୍ରକାଣ୍ଡକାୟ ବାଦଲ ସୃଷ୍ଟି କରେ। ଧୂମକେତୁଟିର ନିର୍ମଳ ଓ ନିର୍ମେଘ ଆକାଶ ଏବେ ବିକୃତ ଓ ବିବର୍ଣ୍ଣ ଧାରଣ କରେ।''

ସୂର୍ଯ୍ୟଠାରୁ ପୃଥିବୀ ଦୂରତାର ପ୍ରାୟ ଦେଢ଼ ଲକ୍ଷ ଗୁଣ ବ୍ୟବଧାନରେ ଏବଂ ସୌରଜଗତର ଦୂରତମ ଗ୍ରହ ନେପଚୁନ୍‌ର କକ୍ଷପଥ ବାହାରେ ବିଦ୍ୟମାନ ମହାକାଶର ଏକ ବିରାଟ ଶୂନ୍ୟସ୍ଥାନ। ଏହା ଆମଠାରୁ ନିକଟତମ ନକ୍ଷତ୍ରର ପ୍ରାୟ ଏକ ତୃତୀୟାଂଶ ଦୂରତ୍ୱ। ଚତୁଃପାର୍ଶ୍ୱରେ ପୁଞ୍ଜିଭୂତ ବହଳ ଅନ୍ଧକାର ଓ ତାପମାତ୍ରା ଶୂନ୍ୟ ଡିଗ୍ରୀରୁ ବହୁତ ତଳେ। ଆକାଶର ଅନେକ ତାରକାଙ୍କ ମଧ୍ୟରୁ ସ୍ପଷ୍ଟ ବାରି ହୋଇପଡେ ଦୂରସ୍ଥ ଏକ ତେଜୀୟାନ ପୀତ ବର୍ଣ୍ଣର ନକ୍ଷତ୍ର–ସୂର୍ଯ୍ୟ। ଏଠାରୁ ଚାହିଁଲେ ସୂର୍ଯ୍ୟ କଦାପି ଆକାଶର ଉଜ୍ଜ୍ୱଳତମ ତାରା ବୋଲି ଜଣାପଡେ ନାହିଁ। ବରଂ ଲୁବ୍ଧକ ଓ ଅଗସ୍ତ୍ୟ ତାରକା ଅଧିକ ଉଜ୍ଜ୍ୱଳ ଦେଖାଯାଆନ୍ତି। ମହାକାଶର ଏଭଳି ଏକ ବିଚିତ୍ର ଅଞ୍ଚଳରେ ସୂର୍ଯ୍ୟର କ୍ଷୀଣ ମାଧ୍ୟାକର୍ଷଣ ବନ୍ଧନରେ ଲାଖି ରହି ଧୀର ମନ୍ଥର ବେଗରେ ଘୂର୍ଣ୍ଣାୟମାନ ଲକ୍ଷ ଲକ୍ଷ ବରଫଖଣ୍ଡ। ଏଗୁଡିକ ସୌରଜଗତର ସୃଷ୍ଟି ଆରମ୍ଭରୁ ତିଷ୍ଠି ରହିଛନ୍ତି ଓ ସମୟ ପରିବର୍ତ୍ତନ କରିପାରିନି ଏଗୁଡିକରେ ଥିବା ଆଦିମ ଓ ମୌଳିକ ରୂପକୁ।

ସୌରଜଗତର ଏହି ଉପାନ୍ତ ଅଞ୍ଚଳ ଅପେକ୍ଷାକୃତ ଶାନ୍ତ ଏବଂ ଘଟଣାବିହୀନ। ମାତ୍ର କୋଟି କୋଟି ବର୍ଷରେ ଥରେ କେବେ କୌଣସି ତାରକା ଏହି ଅଞ୍ଚଳର ପାଖାପାଖି ହୋଇଗଲେ ନିଜର ମାଧ୍ୟାକର୍ଷଣ ବଳ ଦ୍ୱାରା ଉକ୍ତ ବରଫଖଣ୍ଡଗୁଡ଼ିକୁ ଠେଲି ଦିଏ। ତନ୍ମଧ୍ୟରୁ କେତେକ ସୂର୍ଯ୍ୟର କ୍ଷୀଣ ମାଧ୍ୟାକର୍ଷଣ ବନ୍ଧନରୁ ବିଚ୍ଛିନ ହୋଇ ଗଭୀର ବିଶ୍ୱକୁ ଧାବିତ ହୁଅନ୍ତି ଓ ଆଉ କେତେକ ଫେରି ନ ଥାନ୍ତି। ଅନ୍ୟ କେତେକ ଖଣ୍ଡର ଗତି କିନ୍ତୁ ଭିନ୍ନ ପ୍ରକାରର। ସେମାନେ ଆମ ସୌରଜଗତର ଅଭ୍ୟନ୍ତର ଆଡକୁ ମୁହାନ୍ତି– ପ୍ରଥମେ ମନ୍ଥର ଗତିରେ ଓ ପରେ ଦ୍ରୁତରୁ ଦ୍ରୁତ ବେଗରେ। ଏଇମାନେ ହିଁ ହେଲେ ଧୂମକେତୁ। ଏହି ଅବସ୍ଥାରେ ଧୂମକେତୁଟିର ପରିଚୟ କେବଳ ସାଧାରଣ ମୁଣ୍ଡାଟିଏ ମାତ୍ର, ଯାହା ପରବର୍ତ୍ତୀ ସମୟରେ ଏହାର ଏକ କ୍ଷୁଦ୍ର ଅଙ୍ଗ 'ନାଭି କେନ୍ଦ୍ର'ରେ ପରିଣତ ହୁଏ। ଏହା ସାଧାରଣ କ୍ଷେତ୍ରରେ ୧ରୁ ୧୦ କିଲୋମିଟର ପରିମିତ ହୋଇପାରେ।





କ୍ରମେ ଦୂରସ୍ଥ ସେହି ପୀତବର୍ଣ୍ଣର ନକ୍ଷତ୍ର ଅଧିକରୁ ଅଧିକ ଉଜ୍ଜ୍ୱଳ ହୋଇଉଠେ। ଧୂମକେତୁଟିର ନିରନ୍ଧ୍ର ଅନ୍ଧକାର ପୃଷ୍ଠଦେଶ ଏବେ ଉଜ୍ଜ୍ୱଳ ସୂର୍ଯ୍ୟାଲୋକରେ ଉଦଭାସିତ ହୁଏ। ସୂର୍ଯ୍ୟର ନିକଟବର୍ତ୍ତୀ ହେବା ସଙ୍ଗେ ସଙ୍ଗେ ପ୍ରଚଣ୍ଡ ତାପମାତ୍ରାରେ ପୃଷ୍ଠଭାଗର ବରଫଖଣ୍ଡସବୁ ବିଗଳିତ ଓ ବାଷ୍ପାୟିତ ହୁଏ। ଧୂମକେତୁର ଅଭ୍ୟନ୍ତରରୁ ହଠାତ୍ ଏକ ଶକ୍ତିଶାଳୀ ଉଦ୍‌ଗୀରଣ ନିର୍ଗତ ହୁଏ, ଯାହା ଅସଂଖ୍ୟ ଧୂଳିକଣା ଓ ବରଫ ସ୍ଫଟିକକୁ ଆକାଶର ବହୁଦୂର ପର୍ଯ୍ୟନ୍ତ କ୍ଷେପଣ କରେ। କହିବା ବାହୁଲ୍ୟ ଯେ, ଧୂମକେତୁରୁ କ୍ଷୀଣ ମାଧ୍ୟାକର୍ଷଣ କ୍ଷେତ୍ର ମଧ୍ୟରେ ଏକ ଶିଥିଳ ଫୁତ୍କାର ମଧ୍ୟ ପଦାର୍ଥକୁ ଯଥେଷ୍ଟ ଊର୍ଦ୍ଧ୍ୱକୁ କ୍ଷେପଣ କରିପାରେ।

ପ୍ରଚଣ୍ଡ ସୂର୍ଯ୍ୟତାପଜନିତ ପ୍ରକ୍ରିୟାସବୁ ବହୁଗୁଣିତ ହୋଇଯାଏ। ଏ ପର୍ଯ୍ୟନ୍ତ ଶାନ୍ତ ଓ ସୁପ୍ତ ଥିବା ପିଣ୍ଡଟି ଅକସ୍ମାତ ଅଥୟ ଓ ଅସ୍ଥିର ହୋଇଉଠେ। ଏହାର ସମସ୍ତ ଦିଗରୁ ନିରବଚ୍ଛିନ ଶକ୍ତିଶାଳୀ ଉଦଗୀରଣମାନ ନିର୍ଗତ ହୋଇ ଚତୁଃପାର୍ଶ୍ୱରେ ଧୂଳି ଓ ଗ୍ୟାସର ପ୍ରକାଣ୍ଡକାୟ ବାଦଲ ସୃଷ୍ଟି କରେ। ଧୂମକେତୁଟିର ନିର୍ମଳ ଓ ନିର୍ମେଘ ଆକାଶ ଏବେ ବିକୃତ ଓ ବିବର୍ଣ୍ଣ ଧାରଣ କରେ। ଏହି ବାଦଲରେ ଥିବା ଅସଂଖ୍ୟ ଧୂଳିକଣା ଓ ବରଫ ସ୍ଫଟିକସବୁ ସୂର୍ଯ୍ୟାଲୋକକୁ ପ୍ରତିଫଳିତ କରିବା ଦ୍ୱାରା ଏହା ଏବେ ଖାଲି ଆଖିକୁ ଏକ ଆଲୋକମେଞ୍ଚା ରୂପେ ଦୃଶ୍ୟ ହୁଏ। ଏହାକୁ 'କମା' କୁହନ୍ତି, ଯାହା ଧୂମକେତୁଟିର ଅନ୍ୟତମ ଅବୟବ। 'କମା'ର ବ୍ୟାସ ସାଧାରଣତଃ ଏକ ଲକ୍ଷ କି.ମି. ପର୍ଯ୍ୟନ୍ତ ବିସ୍ତୃତ ହୋଇପାରେ।

ପରେ ଜଣାପଡ଼େ ଯେ ଉଦଗୀରଣ ଯେଉଁ ଦିଗରୁ ନିର୍ଗତ ହେଲେ ସୁଦ୍ଧା ଯେପରି କୌଣସି ଅଦୃଶ୍ୟ ବଳ ଦ୍ୱାରା ଠେଲି ହୋଇ ଏକ ନିର୍ଦ୍ଦିଷ୍ଟ ଦିଗରେ ବଙ୍କେଇ ଯାଉଛି। ଏହା ପ୍ରକୃତରେ ସୂର୍ଯ୍ୟାଲୋକର ଚାପଜନିତ ବଳ। ଆଧୁନିକ ବିଜ୍ଞାନର ତତ୍ତ୍ୱ ଅନୁସାରେ ଆଲୋକ ଅନେକ କ୍ଷୁଦ୍ର ଓ ଶକ୍ତିମନ୍ତ କଣିକା 'ଫୋଟନ୍' ଦ୍ୱାରା ଗଠିତ। ଏହି ଫୋଟନ୍ କୌଣସି କଣିକାକୁ ପେଣ୍ଡୁ ସଦୃଶ ଆଘାତ କରିପାରେ ଓ କଣିକାଟି ଅତିଶୟ ହାଲୁକା ଥିଲେ ଉକ୍ତ ବଳ ଦ୍ୱାରା ବିସ୍ଥାପିତ ହୁଏ। ସୂର୍ଯ୍ୟ ରଶ୍ମୀର ଶକ୍ତିଶାଳୀ ଫୋଟନ୍‌ସବୁ 'କମା'ର ଧୂଳିକଣାଗୁଡିକୁ ସୂର୍ଯ୍ୟର ବିପରୀତ ପାର୍ଶ୍ୱରେ ବହୁ ଦୂର ଠେଲି ନିଅନ୍ତି, ଯାହା ସୂର୍ଯ୍ୟ ରଶ୍ମିକୁ ପ୍ରତିଫଳନ କରି ଏକ ଆଲୋକ ଗୁଚ୍ଛ ଆକାରରେ ଦୃଷ୍ଟ ହୁଏ। ଏହା ଧୂମକେତୁର ତୃତୀୟ ଓ ସବୁଠାରୁ ଦର୍ଶନୀୟ ଅବୟବ–ଲାଞ୍ଜ। ଏକ ଲାଞ୍ଜର ଆକାର ସାଧାରଣତଃ ୧୦ କୋଟି କି.ମି. ଦୂରତା ପର୍ଯ୍ୟନ୍ତ ବିସ୍ତୃତ ହୋଇପାରେ।

ଧୂମକେତୁଟି ଏବେ ଖାଲି ଆଖିକୁ ବିଚିତ୍ର ଆକୃତିଟିଏ ରୂପେ ପ୍ରକଟିତ ହୁଏ। ଏକ ପ୍ରଜ୍ୱଳିତ ଆଲୋକ ମେଞ୍ଚା ଓ ସେଥିରୁ ନିର୍ଗତ ହୋଇ ଆକାଶ ବକ୍ଷରେ ଲମ୍ବି ଯାଇଥିବା ଧୂମାୟିତ ଆଲୋକର ପଥ ଜନମନରେ ଭୟ ଓ ବିସ୍ମୟ ସୃଷ୍ଟି କରେ। ଲାଞ୍ଜ ଥିବାରୁ ଧୂମକେତୁଟି ଏବେ 'ଲଞ୍ଜାତାରା' ନାମରେ ପରିଚିତ ହୁଏ।

ଏକ ଲଞ୍ଜାତାରାର ସାଧାରଣତଃ ଦୁଇ ପ୍ରକାର ଲାଞ୍ଜ ପରିଲକ୍ଷିତ ହୁଏ। ପୂର୍ବୋକ୍ତ ଧୂଳିର ଲାଞ୍ଜଟି ସୂର୍ଯ୍ୟାଲୋକଜନିତ ବଳ ଦ୍ୱାରା ବିକ୍ଷୋପିତ ହୋଇ ବକ୍ରାକୃତ ଧାରଣ କରିଥାଏ, ଯାହା ଖାଲି ଆଖିକୁ ଏକ ପ୍ରବହମାନ ଓ ଅବିଚ୍ଛିନ ଆଲୁଅ ରୂପେ ଜଣାପଡେ। ଧୂଳିକଣା ବ୍ୟତୀତ ଧୂମକେତୁରେ ମଧ୍ୟ ଅସଂଖ୍ୟ ଗ୍ୟାସୀୟ କଣିକା ଅଛି, ଯାହା ଉଚ୍ଚ ତାପମାତ୍ରାରେ ଇଲେକ୍ଟ୍ରନ୍‌ରହିତ ହୋଇ ଆୟନ ଅବସ୍ଥାରେ ଥାଆନ୍ତି। ଏଗୁଡିକ ପ୍ରଚଣ୍ଡ ସୌର ଝଡ଼ରେ ଉଡିଯାଇ ଏକ ଦ୍ୱିତୀୟ ଲାଞ୍ଜ ସୃଷ୍ଟି କରେ। ଏହା କିନ୍ତୁ ସଳଖ ଓ ସିଗାରେଟ୍ ଧୂଆଁ ଝୁଲ ସଦୃଶ ବିକ୍ଷିପ୍ତ ହୋଇପଡେ।

ସୂର୍ଯ୍ୟକୁ ପରିକ୍ରମା କରିବା ପରେ ଲଞ୍ଜାତାରାଟି ନିଜ କକ୍ଷପଥରେ କ୍ରମଶଃ ଦୂରକୁ ଚାଲିଯାଏ ଏବଂ ଅନ୍ତର୍ଗ୍ରହୀୟ ଶୀତଳତାରେ ପୂର୍ବୋକ୍ତ ପ୍ରକ୍ରିୟାସବୁ ଶାନ୍ତ ଓ ସୀମିତ ହୋଇଯାଏ। (କ୍ରମଶଃ..)

–ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୯୧୭୬୩୭୯୭୪

## ହଜମ କ୍ରିୟାକୁ ସକ୍ରିୟ କରେ ଖଜୁରି

ଶରୀର ପାଇଁ ଖଜୁରି ବେଶ୍ ଲାଭଦାୟକ। ଏଥିରେ ଫାଇବର୍, କ୍ୟାଲ୍‌ସିୟମ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍ ବ୍ୟତୀତ ଅନ୍ୟାନ୍ୟ ଧାତୁ ପ୍ରଚୁର ପରିମାଣରେ ଭରି ରହିଛି। ହଜମ ପ୍ରକ୍ରିୟାକୁ ଆହୁରି ସକ୍ରିୟ କରେ ଖଜୁରି। ଏହା ମଧ୍ୟ ଉଭୟ ସ୍ନାୟୁ କୋଷ ଓ ମସ୍ତିଷ୍କ କୋଷକୁ ପୋଷକ ତତ୍ତ୍ୱ ଯୋଗାଏ। ଖଜୁରି ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ ଏବଂ କୋଷ୍ଠକାଠିନ୍ୟ ସମସ୍ୟା କେତେକାଂଶରେ ଦୂର ହୋଇଥାଏ। ଏହାକୁ ଖାଇବା ଫଳରେ ଏସିଡିଟି ସନ୍ତୁଳିତ ଅବସ୍ଥାରେ ରହିଥାଏ। ହାଡ଼ଗୁଡ଼ିକୁ ଶକ୍ତ କରିବା, ଓଜନ କମାଇବା ଏବଂ ଏଥିରେ ଥିବା ସଲ୍‌ଫର୍ ଅକ୍ସାଇଡ୍ ଆଲର୍ଜିର ପରିମାଣକୁ କମାଇବାରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ଖଜୁରି। ଗର୍ଭବତୀମାନଙ୍କ ପାଇଁ ଏହା ବରଦାନ ସଦୃଶ। ଏଥିରେ ଅନେକ ଉପକାରୀ ତତ୍ତ୍ୱ ରହିଛି, ଯାହା ସେମାନଙ୍କ ପାଇଁ ବେଶ୍ ଉପକାରୀ। ଏହା ମଧ୍ୟ ଗର୍ଭସ୍ଥ ଶିଶୁଟିର ଶାରୀରିକ ବିକାଶରେ ସହାୟକ ହୋଇଥାଏ।



## ପ୍ରଦୂଷଣ ବଢ଼ାଏ ଉଚ୍ଚ ରକ୍ତଚାପ



ଉଚ୍ଚ ରକ୍ତଚାପ ପାଇଁ ଯେଉଁ କେତୋଟି ପ୍ରମୁଖ କାରଣ ଦାୟୀ ତନ୍ମଧ୍ୟରୁ ମେଦବହୁଳତା, ଅସନ୍ତୁଳିତ ଖାଦ୍ୟ, ନିଶାଦ୍ରବ୍ୟ ସେବନ ଅନ୍ୟତମ। ତେବେ ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି। ତାହା ହେଲା ବାୟୁ ପ୍ରଦୂଷଣ। ଅର୍ଥାତ୍, ବାୟୁ ପ୍ରଦୂଷିତ ଅଞ୍ଚଳରେ ଯଦି ଜଣେ ବ୍ୟକ୍ତି ସବୁବେଳେ ରହନ୍ତି ତେବେ ସେ ଉଚ୍ଚ ରକ୍ତଚାପର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ଆଶଙ୍କା ବ୍ୟକ୍ତ କରିଛନ୍ତି ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ। ଏଭଳି ପରିବେଶରେ ରହୁଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପ୍ରଦୂଷିତ ବାୟୁରେ ଅନେକ ପ୍ରକାର ବିଷାକ୍ତ ତତ୍ତ୍ୱ ରହିଛି, ଯାହା ଶରୀର ଭିତରକୁ ଯିବା ପରେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି କରିଥାଏ। ସମୟକ୍ରମେ ଏହା ଉଚ୍ଚ ରକ୍ତଚାପର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ପରିବେଶଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସୁନିଦ୍ରା ପାଇଁ...



ଆମେ ଦିନତମାମ ଯେତେ ପରିଶ୍ରମ କଲେ ମଧ୍ୟ ରାତିରେ ଆବଶ୍ୟକ ମୁତାବକ ଶୋଇବା ନିହାତି ଜରୁରୀ। କାରଣ ଏହାଦ୍ୱାରା ଆମ ଶରୀରକୁ ବିଶ୍ରାମ ମିଳିଥାଏ। ଜଣେ ବ୍ୟକ୍ତି ରାତ୍ରଭୋଜନ କରିବା ପରେ ଅତିକମ୍‌ରେ ୬–୭ ଘଣ୍ଟା ଶୋଇବା ଉଚିତ। କିନ୍ତୁ ଭଲ ନିଦ ହେବା ହେଉଛି ଅସଲ କଥା। ପ୍ରଥମେ ସବୁଦିନ ଆପଣ ଶୋଇବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। କେବଳ ସେତିକି ନୁହେଁ, ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନ କଲେ ତାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିଥାଏ। ତେଣୁ ଏଭଳି ଅଭ୍ୟାସ ଶୀଘ୍ର ତ୍ୟାଗ କରନ୍ତୁ। ଅପରାହ୍ନରେ ଶୋଇବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ରାତିରେ ସହଜରେ ନିଦ ହୋଇ ନ ଥାଏ। ରାତିରେ ଶୋଇବା ପୂର୍ବରୁ ପାଦ ତଳିପାରେ ଅଲିଭ ତେଲ ମାଲିସ କରନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ। ନିଜର ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମ, ଯୋଗ, ପ୍ରାଣାୟାମ ସାମିଲ କରନ୍ତୁ, ଯାହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ସୁନିଦ୍ରାରେ ଅନେକାଂଶରେ ସାହାଯ୍ୟ କରିଥାଏ।

## ଦାନ୍ତ ଘଷୁଥିଲେ...

ଆମେ ଦିନକୁ ଦୁଇ ଥର–ସକାଳେ ଏବଂ ରାତ୍ର ଭୋଜନ ପରେ ଦାନ୍ତ ଘଷିବା ନିହାତି ଦରକାର। ଦାନ୍ତ ଏବଂ ଦାନ୍ତ ମୂଳ ଯଦି ଅପରିଷ୍କାର ରହିଲା ତେବେ ତାହା କେତେକ ରୋଗର କାରଣ ସାଜିଥାଏ। ତେଣୁ ଆମେ ନିୟମିତ ଦାନ୍ତ ଘଷିବା ଉଚିତ। କେତେକ ଦାନ୍ତ ଘଷା କାମ ଶୀଘ୍ର ଶେଷ କରିଦିଅନ୍ତି। ହେଲେ ଅତିକମ୍‌ରେ ଦୁଇ ମିନିଟ୍ ପର୍ଯ୍ୟନ୍ତ ଦାନ୍ତ ଘଷନ୍ତୁ। ଯେଉଁମାନେ ଗୁଟକା, ଖଇନି ଆଦି ଖାଉଛନ୍ତି ସେମାନେ ଦାନ୍ତକୁ ଆହୁରି ଭଲ ଭାବରେ ପରିଷ୍କାର କରିବା ଦରକାର। ନ ହେଲେ ଏଥିଯୋଗୁ ମୁଖଗହ୍ୱର କ୍ୟାନ୍‌ସର ହେବାର ଆଶଙ୍କା ରହିଛି। ଆଉ ଏକ କଥା ହେଲା ଟୁଥ୍‌ବ୍ରଶ। ଏହାକୁ ଅତିକମ୍‌ରେ ଛଅ ମାସରେ ବଦଳାନ୍ତୁ। ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥ୍‌ପେଷ୍ଟରେ ଦାନ୍ତ ଘଷନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

➢ନିଜକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି କି ? ତେବେ ପ୍ରଥମେ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।

➢ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୁଟିନ୍ ଚେକଅପ୍ ପାଇଁ ସମୟ ବାହାର କରନ୍ତୁ।

➢କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➢ଡାକ୍ତରଙ୍କ ସହ କୌଣସି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବା ସମୟରେ ଡାକ୍ତର ଯାହା ପଚାରୁଛନ୍ତି ତାହାର ଠିକ୍ ଉତ୍ତର ଦିଅନ୍ତୁ। ଏହି ସମୟରେ କୌଣସି କଥାକୁ ଲୁଚାଇବା ଠିକ୍ ନୁହେଁ।

➢ବୟସ ବଢ଼ିଲେ ପ୍ରଥମେ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ଉପରେ ଧ୍ୟାନ ଦିଅନ୍ତୁ।

➢ସବୁବେଳେ ଚିନ୍ତାଗ୍ରସ୍ତ ରହିଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ।

➢କୌଣସି ରୋଗ କିମ୍ବା ତାହାର ଉପଚାର ବିଷୟରେ ଅଭିଜ୍ଞତା ନ ଥିଲେ ଏ ନେଇ ଅନ୍ୟମାନଙ୍କୁ ପରାମର୍ଶ ଦିଅନ୍ତୁ ନାହିଁ।

➢ରାତ୍ରଭୋଜନ ପରେ କିଛି ସମୟ ଚାଲବୁଲ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ଭଲ ଭାବରେ ହଜମ ହୋଇଥାଏ।



# ଏପିଲେପ୍‌ସି



ଡା. ନିତ୍ୟାନନ୍ଦ ସ୍ୱାଇଁ

''ଏପିଲେପ୍‌ସି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର ଦିନ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ବା 'ଇଣ୍ଟରନ୍ୟାଶନାଲ୍ ଏପିଲେପ୍‌ସି ଡେ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...''



ଅପସ୍ମାର ବା ଏପିଲେପ୍‌ସି ଏକ ପ୍ରକାର ମସ୍ତିଷ୍କ ରୋଗ। ଏହାକୁ ମୃଗୀ ରୋଗ ବୋଲି ମଧ୍ୟ କହନ୍ତି। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସାଧାରଣତଃ ବାରମ୍ବାର ହଠାତ୍ ବାତ ମାରିଥାଏ। ରୋଗୀର ମାଂସପେଶୀଗୁଡ଼ିକରେ ଘନଘନ ଆକସ୍ମିକ ସଂକୋଚନ ହେବା ସଙ୍ଗେ ସଙ୍ଗେ ସେ ମୂର୍ଚ୍ଛା ଯାଇପାରେ। ମସ୍ତିଷ୍କସ୍ଥ ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଘ୍ନ ତଥା ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ରୋଗୀ ଓ ଜନସାଧାରଣଙ୍କଠାରେ ଏପିଲେପ୍‌ସି ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର ଦିନ (ଆଜି) ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ବା 'ଇଣ୍ଟରନ୍ୟାଶନାଲ୍ ଏପିଲେପ୍‌ସି ଡେ'। ଏପିଲେପ୍‌ସି ଶବ୍ଦଟି ଆସିଛି ଗ୍ରୀକ୍ ଶବ୍ଦ 'ଏପିଲେପ୍‌ସିଆ'ରୁ। ଏପିଲେପ୍‌ସିଆର ଅର୍ଥ ହଠାତ୍ କବଳିତ କରିପକାଇବା।

**ଏପିଲେପ୍‌ସି କ'ଣ ଓ କାହିଁକି ବାତ ମାରେ:** ବାତ ମାରିବାକୁ 'ଫିଟ୍ସ' ବୋଲି କହନ୍ତି। ଡାକ୍ତରୀ ଭାଷାରେ କହନ୍ତି 'ସିଜର୍' କିମ୍ବା 'କନ୍‌ଭଲ୍‌ସନ୍'। ସାଧାରଣ ଭାବରେ ଦେଖିଲେ ମସ୍ତିଷ୍କର ସ୍ନାୟୁକୋଷମାନ ସଦାସର୍ବଦା ସକ୍ରିୟ। ସେମାନେ ସେକେଣ୍ଡକୁ ଅନ୍ତତଃ ଅଶୀଥର ସ୍ନାୟୁସଙ୍କେତ ପ୍ରେରଣ କରିଥାନ୍ତି। ସେକେଣ୍ଡ ପ୍ରତି ପାଖାପାଖି ୮୦ ଥର ସ୍ନାୟୁ ସଙ୍କେତ ପ୍ରେରଣ କରିବା ମସ୍ତିଷ୍କ ପାଇଁ କୌଣସି ସମସ୍ୟା ସୃଷ୍ଟି କରି ନଥାଏ। କିନ୍ତୁ ଯେଉଁମାନଙ୍କଠାରେ ଏପିଲେପ୍‌ସି ଥାଏ, ସେମାନଙ୍କ କ୍ଷେତ୍ରରେ ଏହି ସଙ୍କେତ ପ୍ରେରଣ ସେକେଣ୍ଡ ପ୍ରତି ୮୦ ଥର ସୀମିତ ନ ରହି ହଠାତ୍ ୫୦୦ କିମ୍ବା ତତୋଽଧିକ ସ୍ତରକୁ ଉଠିଯାଏ। ସଙ୍କେତ ପ୍ରେରଣରେ ଅତି ସକ୍ରିୟତାର ଏପରି ସ୍ଥିତି ଉପୁଜିଲେ ପ୍ରକାଶ ପାଇଥାଏ ବାତ ମାରିବା ଲକ୍ଷଣ। ମସ୍ତିଷ୍କର କେଉଁ ଅଂଶରେ ଏହି ଅସ୍ୱାଭାବିକତା ଜାତ ହୋଇଛି ତା' ଉପରେ ନିର୍ଭର କରି ସୃଷ୍ଟି ହୋଇପାରେ ଅଲଗା ଅଲଗା ଲକ୍ଷଣ।

**ଲକ୍ଷଣ:** ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା'ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଅର୍ବୁଦ ବା ଟ୍ୟୁମର୍ ହୋଇଥିଲେ ଏପିଲେପ୍‌ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍‌ସିର ମଧ୍ୟ ରହିଛି ବଂଶଗତ ପ୍ରଭାବ। ଏହା ଏକାଧିକ ପ୍ରକାର। ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି ଅରାର କେତୋଟି ଉଦାହରଣ। ଅତ୍ୟଧିକ ମାନସିକ ଚାପ, କ୍ରୋଧ, ନୈରାଶ୍ୟ, ବିରକ୍ତି ଏବଂ ଟେଲିଭିଜନ୍ ପରଦାରେ ଦୃଶ୍ୟ ପରିବର୍ତ୍ତନ ଭଳି କାରକ ମସ୍ତିଷ୍କସ୍ଥ ସ୍ନାୟୁକୋଷଗୁଡ଼ିକରେ କିପରି ମାତ୍ରାଧିକ ବିଦ୍ୟୁତ୍ ଆବେଗ ଜାତ କରିଥାଏ, ତାହା ଏଯାବତ୍ ଜଣାନାହିଁ।

**ଚିକିତ୍ସା:** ଏପିଲେପ୍‌ସିର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହେବା ବିଜ୍ଞତାର କାର୍ଯ୍ୟ। ତେବେ ନିୟମିତ ଚିକିତ୍ସା ସତ୍ତ୍ୱେ ଅନ୍ତତଃ ଏକ ଚତୁର୍ଥାଂଶ ରୋଗୀଙ୍କ କ୍ଷେତ୍ରରେ ଯେତେ ଯାହା ଔଷଧ ଦେଲେ ବି ଚିକିତ୍ସା ବିଶେଷ ଫଳବତୀ ହୋଇ ନଥାଏ। ସୀମିତ କ୍ଷେତ୍ରରେ ଅପରେଶନ୍ ଚିକିତ୍ସାର ମଧ୍ୟ ସାହାଯ୍ୟ ନିଆଯାଇପାରେ।

**ସାବଧାନତା:** ବାତ ମାରିବା ସମୟରେ ହିଁ ରୋଗୀ ଉପରେ ନିଘା ରଖନ୍ତୁ। ବାତ ମାରିଲେ ରୋଗୀ ଢୁଲ୍‌କରି ପଡ଼ିଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନେବା ଉଚିତ। ବାତ ମାରିବା ସମୟରେ ରୋଗୀକୁ କଡ଼ମାଡ଼ି ଶୁଆଇ ଦେଲେ ତା'ର ଶ୍ୱାସକ୍ରିୟା ସାବଲୀଳ ରୁହେ। ତା'ର ବେକ ଓ ଅଣ୍ଟା ପାଖରୁ ବୋତାମ କି ଗଣ୍ଠି ଫିଟେଇ ହୁଗୁଳା କରିଦେବା ଆବଶ୍ୟକ। ତା'ର ପାଟିରେ କୌଣସି କାଠ, ଚାମଚ କିମ୍ବା ଆଙ୍ଗୁଠି ଭର୍ତ୍ତି କରିବା ନିରାପଦ ନୁହେଁ। କିନ୍ତୁ ବାତ ମାରିବା ବନ୍ଦ ନ ହେଲେ କି ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକାଇ ରୋଗୀକୁ ତୁରନ୍ତ ହସ୍ପିଟାଲ୍ ନେଇଯାଆନ୍ତୁ।

–'ଅଭୀପ୍ସା', ସେକ୍ଟର–୬, ପ୍ଲଟ୍ ନଂ–୧୧୩୧, ସିଡିଏ, କଟକ
ମୋ: ୯୪୩୭୭୬୬୧୧୭

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଫେବୃଆରୀ ୧୩/୨୦୨୩ Bhubaneswar, Monday, February 13/ 2023



କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଓ ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓଡ଼ିଶା ୪-୧ରେ ଗୋଆକୁ ହରାଇଲା

## ସନ୍ତୋଷ ଟ୍ରଫି ଫୁଟବଲ

ଭୁବନେଶ୍ୱର,୧୨।୨
(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୭୬ତମ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ ରାଉଣ୍ଡ ମୁକାବିଲାରେ ଓଡ଼ିଶା ପ୍ରଥମ ବିଜୟ ହାସଲ କରିଛି। ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୪-୧ ଗୋଲରେ ଗୋଆକୁ ପରାସ୍ତ କରିଛି। ମ୍ୟାଚର ୧୧ତମ ମିନିଟରେ ବିକାଶ କୁମାର ସାହୁ ଗୋଟିଏ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ୨୮ତମ ମିନିଟରେ ଚନ୍ଦ୍ର ମୋହନ ମୁର୍ମୁ ଏହି ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିବାବେଳେ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୧ ମିନିଟରେ ଗୋଆର ମହମ୍ମଦ ଫହିଜ ପେନାଲ୍ଟି ମାଧ୍ୟମରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଏହାର ଆଧିପତ୍ୟ ବଳବତ୍ତର ରଖିଥିଲା। ୭୯ତମ ମିନିଟରେ ବଦଳ ଖେଳାଳି ରାହୁଲ ମୁଖି ଓ ୯୦+୬ ମିନିଟରେ ଆନନ୍ଦ ଓରାମ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ପର୍ଯ୍ୟାୟରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ମହାରାଷ୍ଟ୍ର ସହିତ ୧-୧ ଗୋଲରେ ଡ୍ର ରଖିଥିଲା। ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କର୍ଣାଟକ ୧-୦ ଗୋଲରେ କେରଳକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅଭିଷେକ ଶଙ୍କର ପୱାର ୨୦ତମ ମିନିଟରେ ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ୨ ମ୍ୟାଚରୁ ଏହା ମଧ୍ୟ ଥିଲା କର୍ଣାଟକର ପ୍ରଥମ ବିଜୟ। ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ପଞ୍ଜାବ ୪-୩ ଗୋଲରେ ମହାରାଷ୍ଟ୍ରକୁ ହରାଇ ଦେଇଛି। ପଞ୍ଜାବ ପକ୍ଷରୁ କମଲଦୀପ ୨୧, ଜୋଗିନ୍ଦର ସିଂ ୫୩, ରୋହିତ ଶେଖ ୭୧ ଓ ପରବଜିତ ସିଂ ୯୦+୧ ମିନିଟରେ ଏବଂ ମହାରାଷ୍ଟ୍ର ଖେଳାଳିଙ୍କ ମଧ୍ୟରେ ଅର୍ମାଶ ନାସିର ଅନସାରି ୩୯, ହିମାଂଶୁ ପାଟିଲ ୬୫ ଓ ପବନ ବିଜୟ ମାଲି ୬୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ପଞ୍ଜାବକୁ ଭେଟିବ। କ୍ୟାପିଟାଲ ଫୁଟବଲ ଆରେନାରେ ଏହି ମ୍ୟାଚ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ।



ଗୋଲ ଦେବାପରେ ଖୁସି ମନାଉଛନ୍ତି ରାହୁଲ ମୁଖି।

# ବାପୁଜୀ କ୍ରିକେଟ କ୍ଲବ ଚାମ୍ପିୟନ

## ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ସ୍ମାରକୀ କ୍ରିକେଟ

ଭୁବନେଶ୍ୱର, ୧୨।୨
(କ୍ରୀଡ଼ା ପ୍ରତିନିଧି)

ଷଷ୍ଠ ନବ ଦାସ ଏବଂ ୨ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ସ୍ଥାନୀୟ ବିଜେବି କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ୭ ଉଇକେଟରେ ହରାଇ ବାପୁଜୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୨୦ ଓଭରରେ ୭ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳ ପକ୍ଷରୁ ନରେନ୍ଦ୍ର ଦାସ ସର୍ବାଧିକ ୩୪, ଆଦିତ୍ୟ ଜେନା ୨୨, ଜୟନ୍ତ ପ୍ରଧାନ ୨୦ ରନ କରିଥିଲେ। କାର୍ତ୍ତିକ ବିଶ୍ୱାଳ ରାମେଶ୍ୱର ସ୍ପୋର୍ଟିଂର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେ ଚମତ୍କାର ବୋଲିଂ କରି ୪ ଓଭରରେ ୨ଟି ମେଡେନ ନେବା ସହ ମାତ୍ର ୫ ରନ ଦେଇ ୪ ଉଇକେଟ ହାସଲ କରିଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ୧୧୦ ରନ ବିଜୟ ଲକ୍ଷ୍ୟକୁ ବାପୁଜୀ କ୍ରିକେଟ କ୍ଲବ ୧୨.୫ ଓଭରରେ ମାତ୍ର ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଓପନର ସିଦ୍ଧାନ୍ତ ଜେନା ମାତ୍ର ୨୮ ବଲ୍‌ରୁ ଦ୍ରୁତ ୬୨ (୮ ଚୌକା, ୪ ଛକା) ରନ ସଂଗ୍ରହ କରି ଦଳର ବିଜୟକୁ ସହଜ କରି ଦେଇଥିଲେ। ରାମେଶ୍ୱରର ରାକେଶ ଶର୍ମା ୩ଟି ଯାକ ଉଇକେଟ ନେଇଥିଲେ। ବିଜୟୀ ଦଳର କାର୍ତ୍ତିକ ବିଶ୍ୱାଳ ପ୍ଲେୟର ଅଫ୍ ଦି ମ୍ୟାଚ ଓ କ୍ଷମା ସାଗର ବଳ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ସ୍ମିତେଶ ମହାପାତ୍ର ଓ ଆହ୍ୱାନ ସାହାଣୀ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୫,୦୦୦ ଓ ରନରଅପ୍‌କୁ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ନିର୍ମଳ ମିଶ୍ର ଓ ପ୍ରଦୀପ ଜେନା ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ଜ୍ଞାନ ରଞ୍ଜନ ନାୟକ। ନରେନ୍ଦ୍ର ଦାଶ, ସୌଭାଗ୍ୟ ମହାନ୍ତି, ଆହ୍ୱାନ ସାହାଣୀ ଓ ସ୍ମିତେଶ ମହାପାତ୍ରଙ୍କ ସମେତ ଆୟୋଜକ ନବ ଦାସ ସ୍ମୃତି କମିଟି ଏବଂ ମୁନ୍‌ଲାଇଟ୍ କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।




ଚାମ୍ପିୟନ ବାପୁଜୀ କ୍ରିକେଟ କ୍ଲବ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# ସ୍ମୃତି, ହରମନପ୍ରୀତ, ଶେଫାଳିଙ୍କ ମୂଲ୍ୟ ୧କୋଟି ଟପିପାରେ

ମୁମ୍ବାଇ, ୧୨।୨ (ପି.ଟି.)

ଉଦ୍‌ଘାଟନୀ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ସୋମବାର ଖେଳାଳି ନିଲାମ ହେବ। ଏଥିରେ ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା, ହରମନପ୍ରୀତ କୌର ଏବଂ ସ୍ୱଳ୍ପ ବୟସ୍କା ପ୍ରତିଭା ଶେଫାଳି ବର୍ମାଙ୍କ ମୂଲ୍ୟ ୧ କୋଟି ଟଙ୍କା ଟପି ପାରେ। ବିଦେଶୀ ଖେଳାଳିଙ୍କ ମଧ୍ୟରେ ଏଲିସା ହଲି, ବେଥ୍ ମୁନି, ଏଲିସ୍ ପେରୀ, ନାଟ୍ ସ୍କିଭର, ମେଗାନ ସ୍କଟ ଓ ଡିଣ୍ଡ୍ରା ଡଟିନ୍‌ଙ୍କ ଭଳି ନାମୀ ଖେଳାଳି ବହୁ ମୂଲ୍ୟରେ ବିକ୍ରି ହୋଇପାରନ୍ତି। ପ୍ରତିଯୋଗିତାରେ ଭାଗ ନେଉଥିବା ୫ଟି ଦଳ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ଆରସିବି, ଗୁଜରାଟ ଜାଏଣ୍ଟ୍ସ ଓ ୟୁପି ୱାରିଅର୍ଜ ନିଲାମ ତାଲିକାରେ ରହିଥିବା ୪୦୯ ଖେଳାଳିଙ୍କ ମଧ୍ୟରୁ ୯୦ ଖେଳାଳିଙ୍କ ଲାଗି ବୋଲି ଲଗାଇବେ। ପ୍ରଥମ ବର୍ଷ ଖେଳାଳି କ୍ରୟ କରିବା ଲାଗି ୧୨ କୋଟି ଲେଖାଏ ମିଳିଛି। ପ୍ରତିଟି ଦଳର ଖେଳାଳି ସଂଖ୍ୟା ୧୮ରେ ସୀମିତ ରହିବ। ତନ୍ମଧ୍ୟରେ ୬ ବିଦେଶୀ ଖେଳାଳି ରହିବେ। ନିଲାମି ତାଲିକାରେ ସ୍ଥାନ ପାଇଥିବା ୬୦ ଭାରତୀୟ ମହିଳାଙ୍କ ମଧ୍ୟରୁ ଅତି କମ୍‌ରେ ୨୦ରୁ ୨୫ଜଣ ଲୋଭନୀୟ ମୂଲ୍ୟରେ ବିକ୍ରି ହେବେ।




# ରାଜ୍ୟ ଓପନ ର୍ୟାପିଡ୍ ଚେସ: ସୌମ୍ୟ ଚାମ୍ପିୟନ



ଟ୍ରଫି ସହ ସୌମ୍ୟରଞ୍ଜନ ମିଶ୍ର।

ଭୁବନେଶ୍ୱର, ୧୨।୨
(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଆୟୋଜିତ ୪ର୍ଥ ମୃତ୍ୟୁଞ୍ଜୟ ପାତ୍ର ମେମୋରିଆଲ ରାଜ୍ୟ ଓପନ ର୍ୟାପିଡ୍ ଚେସ୍‌ରେ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ ଭୁବନେଶ୍ୱରର ସୌମ୍ୟ ଓ କଟକର ସେକ୍ ସୟିଦ ୫ ପଏଣ୍ଟ ଲେଖାଏ ପାଇଥିଲେ। ତେବେ ବୁକୋଲଜରେ ସୌମ୍ୟ ପ୍ରଥମ ଏବଂ ସୟିଦ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ଅବିନାଶ ବଳିୟାରସିଂ, ଏନ. ସୁନ୍ଦର ରାଜନ, ନଟବର ଦାସ, ଶୁଭେନ୍ଦୁ କୁମାର ପାତ୍ର, ନଭନୀଥ ବେହେରା, ମାନସ ରଞ୍ଜନ ପରିଡ଼ା ଓ ବୋରହାନ ଅଲୀ ମୋଲ୍ଲା ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ୨ ଜଣ ଲେଖାଏ ଖେଳାଳିଙ୍କୁ ଏକ୍ ଗ୍ରୁପ୍ ଏବଂ ୪ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତାଟି ଟଙ୍କପାଣି ରୋଡ୍‌ସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ପାୱାରଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆର ସିନିୟର ଜେନେରାଲ ମ୍ୟାନେଜର (ଭୁବନେଶ୍ୱର ଅଫିସ) ରବି ଶଙ୍କର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୋଲାର କ୍ରିକେଟ କ୍ଲବ ବିଜେତା

## ପଞ୍ଚାନନ ଜେନା ମେମୋରିଆଲ କ୍ରିକେଟ ଉଦ୍‌ଯାପିତ

ଭୁବନେଶ୍ୱର, ୧୨।୨
(କ୍ରୀଡ଼ା ପ୍ରତିନିଧି)

ପଞ୍ଚାନନ ଜେନା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସଂସ୍କରଣ ରବିବାର ଶେଷ ହୋଇଛି। ସ୍ଥାନୀୟ କେଶୁରା ଖେଳ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂକୁ ୩ ଉଇକେଟରେ ହରାଇ କଟକର ସୋଲାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାମେଶ୍ୱର ବିଶ୍ୱଜିତ ଭୂୟାଁଙ୍କ ୬୧ ରନ ବଳରେ ୩୯.୨ ଓଭରରେ ୨୧୨ ରନ କରି ସମସ୍ତ ଉଇକେଟ ହରାଇଥିଲା। ସୋଲାର ବୋଲରଙ୍କ ମଧ୍ୟରେ ତାପସ ଦାସ ସର୍ବାଧିକ ୩ଟି ଏବଂ ପ୍ରଦୀପ୍ତ ଦାସ, ପ୍ରୟାସ ସିଂ ଓ ଜୟନ୍ତ ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋଲାର କ୍ଲବ ୩୨.୪ ଓଭରରେ ୭ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରି ନେଇଥିଲା। ଶତକ ହାସଲକାରୀ ଗିରିଜା ରାଉତ ୯୧ ବଲ୍‌ରୁ ୧୦୪ (୧୦ ଚୌକା, ୬ ଛକା)ରେ ଅପରାଜିତ ରହି ଦଳର ବିଜୟକୁ ସହଜ କରି ଦେଇଥିଲେ। ରାମେଶ୍ୱରର ଜଗଦୀଶ ମହାପାତ୍ର ୪ଟି ଓ ପ୍ରତୀକ ସ୍ୱାଇଁ ୨ଟି ଉଇକେଟ ନେଇଥିଲେ। ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନରଅପ୍‌କୁ ୨୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଆୟୋଜକ ପଞ୍ଚାନନ ଜେନା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନା, ଉପାଧ୍ୟକ୍ଷ ପ୍ରମୋଦ କୁମାର ଜେନା ଓ କେଶୁରା ଗ୍ରାମର ସଭାପତି ଶୁକଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶରତ ଚନ୍ଦ୍ର ସାହୁ ଓ ଦିଲୀପ ସାମଲ ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ସୋଲାର ଦଳର ଗିରିଜା ରାଉତ ମ୍ୟାନ୍ ଅଫ୍ ଦି ଫାଇନାଲ, ପ୍ରଦୀପ୍ତ ଦାସ ମ୍ୟାନ୍ ଅଫ୍ ଦି ସିରିଜ ଓ ଶ୍ରେଷ୍ଠ ବ୍ୟାଟର, ତପନ ଦାସ ଶ୍ରେଷ୍ଠ ବୋଲର ଏବଂ ରାମେଶ୍ୱର ସ୍ପୋର୍ଟିଂର ସମ୍ବିତ ବରାଳ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ।




ସୋଲାର କ୍ରିକେଟ କ୍ଲବର ଅଧିନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ